# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୬/୨୦୨୦ (୧୬ ପୃଷ୍ଠା) | Bhubaneswar, Friday, March 6/2020 | ★★★★★★

୪୬ଶ ଭାଗ ୧୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ରିଲାକ୍ସ ମୁଡ୍‌ରେ ନେହା

ବଲିଉଡ୍ ଗାୟିକା ନେହା କକ୍କର ଏକୁଟିଆ ଛୁଟି ମନାଇବାକୁ ଯାଇଛନ୍ତି। ଏହି ସମୟର କିଛି ଫଟୋ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି।

୧୦

୧୫

## ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ ହାରିକା

ଫିଡେ ମହିଳା ଚେସ୍ ଗ୍ରାଁ ପ୍ରିରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଦ୍ରୋଣାଭାଲି ହାରିକା ବିଶ୍ୱ ଚାମ୍ପିୟନ ଜୁ ୱେନ୍‌ଜୁନ୍‌ଙ୍କୁ ହରାଇ ଦେଇଛନ୍ତି।



# ବିଶ୍ୱସ୍ତରୀୟ ଚିକିତ୍ସା ଯୋଗାଇବା ସରକାରଙ୍କ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

**କଟକ ଅଫିସ,୫।୩**

କଟକ ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବେ ଗଢିବା ପାଇଁ କାମ ଆରମ୍ଭ ହେଲା। ଓଡ଼ିଶା ବିକାଶର ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡିହେଲା। ଏସ୍‌ସିବି ମେଡିକାଲ ସାଧାରଣ ଲୋକଙ୍କ ଆଶା ଓ ଭରସାର କେନ୍ଦ୍ର। ରାଜ୍ୟ ବାହାରୁ ବହୁ ଲୋକ ଚିକିତ୍ସା ପାଇଁ ଏଠାକୁ ଆସିଥାନ୍ତି। ତେଣୁ ଏସ୍‌ସିବି ମେଡିକାଲ ଭିତ୍ତିଭୂମିର ବିକାଶ ବର୍ତ୍ତମାନ ଜରୁରୀ ହୋଇପଡିଛି। ଏସ୍‌ସିବିକୁ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବେ ଗଢି ତୋଳିବା ସହ ସାଧାରଣ ଲୋକଙ୍କୁ ଓଡ଼ିଶାରେ ହିଁ ବିଶ୍ୱସ୍ତରୀୟ ଚିକିତ୍ସା ଯୋଗାଇଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୁରୁବାର କଟକ ବାଲିଯାତ୍ରା ପଡ଼ିଆଠାରେ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟ ଏବଂ ୬ ଲେନ୍ ରିଂରୋଡ୍ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଉପରୋକ୍ତ ବକ୍ତବ୍ୟ ରଖିଛନ୍ତି। ଏହି ଅବସରରେ ସେ ୩ହଜାର ଶଯ୍ୟା ବିଶିଷ୍ଟ ସୁପର୍ ସ୍ପେଶିଆଲିଟି ହସ୍ପିଟାଲ, ଡାକ୍ତର, ଶିକ୍ଷାର୍ଥୀ ଓ ରୋଗୀ ସମ୍ପର୍କୀୟଙ୍କ ରହିବା ବ୍ୟବସ୍ଥା, ସମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସ ବ୍ୟବସ୍ଥାର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ରାଜ୍ୟରେ ବିଜେଡି ୨୦ ବର୍ଷ ହେବ ଶାସନ କ୍ଷମତାରେ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ଆଜି ଆମ ସରକାର ଲୋକଙ୍କ ସେବାରେ ୨୦ ବର୍ଷ ପୂର୍ଣ୍ଣ କରିଛି। ଏହି ସ୍ନେହ ଓ ଭଲପାଇବା ପାଇଁ ମୁଁ ଋଣୀ। ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ ଆମର ଲକ୍ଷ୍ୟ। ଏହି ମହାନ୍ ଲକ୍ଷ୍ୟକୁ ସଫଳ କରିବା ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ତାଙ୍କୁ ମନେ ପକାଇ କଟକ ସହ ତାଙ୍କ ସମ୍ପର୍କକୁ ମୁଖ୍ୟମନ୍ତ୍ରୀ ସ୍ମୃତିଚାରଣ କରିଥିଲେ। କଟକ ସହର ସହ ବିଜୁଙ୍କ ସମ୍ପର୍କ ଥିଲା ନିବିଡ଼। କଟକ ମାଟିରେ ସେ ବଡ଼ ହୋଇଥିଲେ। ବ୍ରିଟିଶ୍ ପୋଲିସ ବିରୋଧରେ ଲଢେଇ କରିଥିଲେ। କଟକରୁ ପେଶାୱର୍‌କୁ ସାଇକେଲ୍‌ରେ ଯାଇଥିଲେ।




## ଏସ୍‌ସିବି ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ

କଟକ ବାଲିଯାତ୍ରା ପଡ଼ିଆରେ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଭିନ୍ନ ବିଭାଗର ମନ୍ତ୍ରୀ, ୫-ଟି ସଚିବ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।

- ନିର୍ମାଣ ହେବ ୩ହଜାର ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ହସ୍ପିଟାଲ
- ଡାକ୍ତର, ଶିକ୍ଷାର୍ଥୀ, ରୋଗୀ ସମ୍ପର୍କୀୟଙ୍କୁ ମିଳିବ ରହଣି ସୁବିଧା
- ବିଜୁ ଜୟନ୍ତୀରେ ପିତାଙ୍କୁ ମନେ ପକାଇଲେ ନବୀନ
- କହିଲେ, କଟକ ସହ ବିଜୁଙ୍କ ସମ୍ପର୍କ ଥିଲା ନିବିଡ

କଟକ ସହ ଆମ ପରିବାରର ସମ୍ପର୍କ ସ୍ୱତନ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ନବକିଶୋର ଦାସ, ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, ସମୀର ରଞ୍ଜନ ଦାସ, ପଦ୍ମନାଭ ବେହେରା, ଟୁକୁନି ସାହୁ ପ୍ରମୁଖ ଯୋଗଦେଇ ୨୦ବର୍ଷର ଶାସନକାଳ ଭିତରେ ଓଡ଼ିଶାରେ ହୋଇଥିବା ପରିବର୍ତ୍ତନ ☞ପୃଷ୍ଠା-୪

## ପ୍ରଣବ ପ୍ରକାଶ ଦାସ ବିଜେଡି ସାଙ୍ଗଠନିକ ସମ୍ପାଦକ



**ଭୁବନେଶ୍ୱର,୫।୩(ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ବିଜୁ ଜନତା ଦଳ (ବିଜେଡି)ର ସାଙ୍ଗଠନିକ ସମ୍ପାଦକ ଭାବେ ଗୁରୁବାର ନିଯୁକ୍ତି ଦିଆଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ମୁଖ୍ୟ କାର୍ଯ୍ୟାଳୟ ଠାରେ ଏହି ଘୋଷଣା କରିଛନ୍ତି। ପ୍ରଣବ ଯାଜପୁର ବିଧାନସଭାରୁ ଲଗାତର ୩ ଥର ବିଜୟୀ ହୋଇଛନ୍ତି। ୨୦୧୪ ଏବଂ ୨୦୧୯ରେ ସାଧାରଣ ନିର୍ବାଚନ, ବିଜେପୁର ଉପନିର୍ବାଚନ, ପାଟକୁରା ଉପ ନିର୍ବାଚନ ଆଦି କ୍ଷେତ୍ରରେ ସେ ନିଜର ସାଙ୍ଗଠନିକ ଦକ୍ଷତା ପ୍ରମାଣ କରିଛନ୍ତି। ବିଜେଡି ପଞ୍ଚମ ପାଳିରେ ତାଙ୍କୁ ମନ୍ତ୍ରୀ ପଦ ମିଳି ନ ଥିଲେ ମଧ ସେ ଦଳର ସମସ୍ତ ସାଙ୍ଗଠନିକ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସମ୍ପାଦନ କରି ଆସୁଛନ୍ତି। ପ୍ରଣବ ଦଳର ସମସ୍ତ ସଂଗଠନ ଦାୟିତ୍ୱରେ ରହିବେ। ନୂତନ ନିଯୁକ୍ତି ପାଇବା ପରେ ପ୍ରଣବ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛନ୍ତି। ବିଜେଡି ହେଉଛି ଏକ ସ୍ୱତଃ ପ୍ରବାହମାନ ଧାରା। ସବୁକିଛି ମୁଖ୍ୟମନ୍ତ୍ରୀ ପ୍ରସ୍ତୁତ କରିଛନ୍ତି। ତାଙ୍କ ନେତୃତ୍ୱରେ ସଂଗଠନ ମଜଭୁତ ହୋଇ ରହିଛି। ଦଳକୁ ଆହୁରି ମଜଭୁତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାମ କରିବେ ବୋଲି ସେ କହିଛନ୍ତି।

## ପ୍ରତିବର୍ଷ ମାର୍ଚ୍ଚ ୫ରେ ଲୋକସେବା ଦିବସ

**ଭୁବନେଶ୍ୱର,୫।୩(ବ୍ୟୁରୋ):** ବିଜେଡି ସରକାର ପଞ୍ଚମ ପାଳିରେ ଲୋକମାନଙ୍କୁ ଉତ୍ତମ ପ୍ରଶାସନିକ ସେବା ଯୋଗାଇବା ଉପରେ ଗୁରୁତ୍ୱ ଦେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କୁ ଗଣତନ୍ତ୍ରର ମାଲିକ କହିବା ସହ ନିଷ୍ଠାର ସହିତ ସେବା କରିବାକୁ ସରକାରୀ କର୍ମଚାରୀ, ମନ୍ତ୍ରୀ ଏବଂ ଦଳୀୟ ନେତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସଚିବାଳୟ ନାମକୁ ବଦଳାଯାଇ ଲୋକସେବା ଭବନ କରାଯାଇଛି। ଅନୁରୂପ ଭାବେ ଲୋକମାନଙ୍କ ସେବାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଓ ଲୋକସେବା ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଗୁରୁବାର ଲୋକସେବା ଭବନ କନଭେନଶନ ହଲ୍‌ଠାରେ ଆୟୋଜିତ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି।

(ଅଧିକ ରିପୋର୍ଟ: ପୃଷ୍ଠା-୫)

## ସୁଧହାର କମାଇଲା ଇପିଏଫ୍‌ଓ

**ନୂଆଦିଲ୍ଲୀ,୫-୩:** ଏମ୍ପ୍ଲଇଜ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେଶନ(ଇପିଏଫ୍‌ଓ) ଗୁରୁବାର ଏହାର ସୁଧହାରକୁ ହ୍ରାସ କରିଛି। ଫଳରେ ଉପଭୋକ୍ତାମାନେ ଚଳିତ ଆର୍ଥିକ ବର୍ଷ ଲାଗି ୮.୫% ହାରରେ ସୁଧ ପାଇ ପାରିବେ। ଏହାକୁ ୭ ବର୍ଷର ସର୍ବନିମ୍ନ ସ୍ତର ବୋଲି କୁହାଯାଉଛି। ୨୦୧୮-୧୯ରେ ଇପିଏଫ୍‌ଓ ୮.୬୫% ହାରରେ ସୁଧ ପ୍ରଦାନ କରିଥିଲା। ଗୁରୁବାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ପ୍ରୋତ୍ସାହନ ଲୋଡ଼ା


Taste the difference! Vencobb FRESH CHICKEN

05.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers


# ୟେସ୍ ବ୍ୟାଙ୍କକୁ ଆର୍‌ବିଆଇ ଛାଟ

## ଉଠାଣ ସୀମା ୫୦,୦୦୦ ଟଙ୍କା

**ନୂଆଦିଲ୍ଲୀ,୫-୩**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଛି। ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡି ଥିବା ଯୋଗୁ କେନ୍ଦ୍ରୀୟ ବ୍ୟାଙ୍କ ଏଭଳି ପନ୍ଥା ଗ୍ରହଣ କରିଛି। ବ୍ୟାଙ୍କ ବୋର୍ଡକୁ ଆର୍‌ବିଆଇ ବରଖାସ୍ତ କରିଛି। ଏହା ସହ ଏସ୍‌ବିଆଇର ପୂର୍ବତନ ସିଏଫ୍‌ଓ ପ୍ରଶାନ୍ତ କୁମାରଙ୍କୁ ୟେସ୍ ବ୍ୟାଙ୍କର ଆଡମିନିଷ୍ଟ୍ରେଟର ନିଯୁକ୍ତ କରାଯାଇଛି। ବ୍ୟାଙ୍କରୁ ଉଠାଣ ଉପରେ ଏପ୍ରିଲ ୩ ଯାଏ କଟକଣା ଲାଗିଛି। ମୋରାଟୋରିୟମ ସମୟ ମଧ୍ୟରେ ଗ୍ରାହକଙ୍କ ପାଇଁ ଉଠାଣ ସୀମା ୫୦ ହଜାର ଟଙ୍କା କରାଯାଇଛି। ମେଡିକାଲ ଏମର୍ଜେନ୍ସି ଏବଂ ବିବାହ କ୍ଷେତ୍ରରେ ଏହାକୁ କୋହଳ କରାଯାଇଛି। ଏକ୍ଷେତ୍ରରେ ଲୋକମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉଠାଣ କରିପାରିବେ। ଜମାକାରୀଙ୍କ ସ୍ୱାର୍ଥ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ। ଏଣୁ ଏ ନେଇ କୌଣସି ପ୍ରକାରର ଭୟଭୀତ ନ ହେବାକୁ ରିଜର୍ଭ ବ୍ୟାଙ୍କ ଗ୍ରାହକମାନଙ୍କୁ କହିଛି।

୬ ମାସ ପୂର୍ବରୁ ପଞ୍ଜାବ ମହାରାଷ୍ଟ୍ର କୋଅପରେଟିଭ୍ ବ୍ୟାଙ୍କ (ପିଏମ୍‌ସି)ରେ ବଡ ଧରଣର ଠକେଇ ସାମ୍ନାକୁ ଆସିବା ☞ପୃଷ୍ଠା-୪




- ଏପ୍ରିଲ ୩ ଯାଏ କଟକଣା ବଳବତ୍ତର ରହିବ
- ପରିଚାଳନା ବୋର୍ଡ ବରଖାସ୍ତ
- ପ୍ରଶାନ୍ତ କୁମାର ନୂଆ ଆଡ୍‌ମିନିଷ୍ଟ୍ରେଟର ନିଯୁକ୍ତ

# ୨୦ ତାରିଖ ସକାଳ ୫ଟା ୩୦

## ଜାରି ହେଲା ପୁଣି ମୃତ୍ୟୁ ପରୱାନା



**ନୂଆଦିଲ୍ଲୀ,୫।୩**

ମୁକେଶ କୁମାର ସିଂ (୩୨), ପବନ ଗୁପ୍ତା (୨୫), ବିନୟ ଶର୍ମା (୨୬) ଓ ଅକ୍ଷୟ କୁମାର ସିଂ (୩୧)। ମାର୍ଚ୍ଚ ୨୦ ସକାଳ ୫ଟା ୩୦ ମିନିଟରେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଏହି ୪ ଦୋଷୀଙ୍କୁ ତିହାର ଜେଲ୍‌ରେ ଏକକାଳୀନ ଫାଶୀ ଖୁଣ୍ଟରେ ଝୁଲାଯିବ। ଆଇନର ଗଳାବାଟ ଦେଇ ଏମାନଙ୍କୁ ଖସାଇ ଦେବା ପାଇଁ ଓକିଲଙ୍କ ସମସ୍ତ ପ୍ରୟାସ ଶେଷ ହେବା ପରେ ଏହି ନିର୍ଘଣ୍ଟ ସ୍ଥିର କରିଛନ୍ତି ଦିଲ୍ଲୀସ୍ଥିତ ପଟିଆଲା ହାଉସକୋର୍ଟ। ଦୋଷୀଙ୍କ ପାଖରେ ଯାହା ଆଇନଗତ ବିକଳ୍ପ ଥିଲା ସବୁ ଶେଷ ହୋଇଯାଇଛି। ଏବେ କୌଣସି କୋର୍ଟରେ ଆଉ କୌଣସି ଆବେଦନ ବିଚାରାଧୀନ ନାହିଁ ବୋଲି ଦିଲ୍ଲୀ ସରକାର ଅଦାଲତଙ୍କୁ ଅବଗତ କରାଇବା ପରେ ସେମାନଙ୍କୁ ଫାଶୀ ଦେବା ଲାଗି ଅତିରିକ୍ତ ସେସନ୍ସ ଜଜ୍ ଧର୍ମେନ୍ଦ୍ର ରାଣା ଗୁରୁବାର ଜାରି କରିଛନ୍ତି ଚୂଡ଼ାନ୍ତ ମୃତ୍ୟୁ ପରୱାନା।

**ଫାଶୀଖୁଣ୍ଟରେ ଝୁଲିବେ ନିର୍ଭୟା ଦୋଷୀ**

୨୦୧୨ ଡିସେମ୍ବର ୧୬ ରାତିରେ ଦକ୍ଷିଣ ଦିଲ୍ଲୀରେ ଏକ ଚଳନ୍ତା ବସ୍‌ରେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଗଣବଳାତ୍କାର କରାଯାଇଥିଲା। ଏପରି କି ତାଙ୍କୁ ଅକଥନୀୟ ଶାରୀରିକ ନିର୍ଯାତନା ଦେବା ପରେ ରାସ୍ତାକୁ ଫିଙ୍ଗି ଦିଆଯାଇଥିଲା। ପୀଡ଼ିତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜୀବନ ସହ ସଂଗ୍ରାମ କରି ସେ ୧୫ ଦିନ ପରେ ଆଖି ବୁଜିଦେଇଥିଲେ। ଏହି ଅଭିଯୋଗରେ ଗିରଫ ହୋଇଥିଲେ ୬ ଜଣ। ବସ୍ ଡ୍ରାଇଭର ରାମ ସିଂ ତିହାର ଜେଲରେ ଆତ୍ମହତ୍ୟା କରିଥିବାବେଳେ ନାବାଳକ ଦୋଷୀ ସୁଧାର ଗୃହରେ ☞ପୃଷ୍ଠା-୪




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୬ ମାର୍ଚ୍ଚ,୨୦୨୦

**ଏର୍ଦୋଗାନଙ୍କ ମନ୍ତବ୍ୟଙ୍କୁ ନିନ୍ଦାକଲା ଭାରତ**

ଦିଲ୍ଲୀ ହିଂସାକୁ ନେଇ ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଦୋଗାନ ଦେଇଥିବା ମନ୍ତବ୍ୟ ସମ୍ପୂର୍ଣ୍ଣ ଭାବେ ଭୁଲ୍। ଜଣେ ରାଷ୍ଟ୍ରମୁଖ୍ୟଙ୍କଠାରୁ ଆମେ ଏପରି ମନ୍ତବ୍ୟ ଆଶା କରୁନାହୁଁ ବୋଲି ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି। ସିଏଏକୁ ନେଇ ଗତ ସପ୍ତାହରେ ଦିଲ୍ଲୀରେ ସାମ୍ପ୍ରଦାୟିକ ହିଂସା ଘଟିଥିଲା। ଏହାକୁ ଏର୍ଦୋଗାନ ମୁସଲମାନମାନଙ୍କ ବିରୋଧରେ ଗଣହତ୍ୟା ବୋଲି ଗତ ୨୭ରେ କହିଥିଲେ। ରବୀଶ କୁମାର ଏହାକୁ ନିନ୍ଦା କରିଛନ୍ତି।



**ସଂକ୍ଷେପରେ**

## ଆମେରିକାରେ ମୃତ୍ୟୁସଂଖ୍ୟା ୧୧

**ସିଟଲ,୫।୩:** ଆମେରିକାରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ୧୧ରେ ପହଞ୍ଚିଲାଣି। କେବଳ ୱାଶିଂଟନରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସିଟଲ ଅଞ୍ଚଳର ଏକ ନର୍ସିଂ ହୋମ୍‌ରେ ପ୍ରଥମ କରୋନା ରୋଗୀଙ୍କ ମୃତ୍ୟୁ ଘଟିଛି। ଫେଡେରାଲ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବେ ବୋଲି ଘୋଷଣା କରିଛନ୍ତି। ସାନ୍ ଫ୍ରାନ୍ସିସ୍କୋରୁ ମେକ୍ସିକୋ ଯାଇଥିବା ଉକ୍ତ ବ୍ୟକ୍ତିଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। କରୋନା ଭୂତାଣୁକୁ ନେଇ କାଲିଫର୍ନିଆ ଗଭର୍ନର ଗାଭିନ ନ୍ୟୁସମ୍ ବୁଧବାର ରାଜ୍ୟସ୍ତରୀୟ ଜରୁରୀ ସ୍ଥିତି ଘୋଷଣା କରିଛନ୍ତି। ପୂର୍ବରୁ ୱାଶିଂଟନ ଓ ଫ୍ଲୋରିଡ଼ାରେ ଜରୁରୀ ସ୍ଥିତି ଜାରି ହୋଇଥିଲା।

## ମୁଦ୍ରା ବ୍ୟବହାର କମାଇଲା ଇରାନ

**ଦୁବାଇ,୫।୩:** ଇରାନରେ କରୋନା ସଂକ୍ରମଣ ବୃଦ୍ଧି ପାଇଥିବାରୁ ସେଠାରେ କାଗଜ ମୁଦ୍ରା ବ୍ୟବହାର ଯଥା ସମ୍ଭବ କମାଇବା ପାଇଁ ସରକାର ଦେଶବାସୀଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଇରାନରେ ବିଭିନ୍ନ ସ୍ଥାନକୁ ଲୋକଙ୍କ ଯାତାୟାତ ହ୍ରାସ ଲାଗି ବିଭିନ୍ନ ଚେକ୍ ପଏଣ୍ଟରେ କର୍ମଚାରୀ ମୁତୟନ ହେବେ। ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଇରାନରେ ସ୍କୁଲ ଓ ବିଶ୍ୱବିଦ୍ୟାଳୟକୁ ବନ୍ଦ ରଖାଯାଇଛି। ଇରାନରେ କରୋନା ରୋଗୀସଂଖ୍ୟା ୩୧୫୦ରେ ପହଞ୍ଚିଥିବାବେଳେ ୧୦୭ ଜଣଙ୍କ ମୃତ୍ୟୁ ହେଲାଣି। ସଂକ୍ରମଣ ରୋକିବା ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି।

## ଦୁବାଇରେ ଭାରତୀୟ ଛାତ୍ରୀଙ୍କୁ କରୋନା

**ଦୁବାଇ,୫।୩(ପି.ଟି.):** ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ କରୋନା ରୋଗୀସଂଖ୍ୟା ୨୮କୁ ବୃଦ୍ଧି ପାଇଥିବାବେଳେ ସେମାନଙ୍କ ମଧ୍ୟରେ ଜଣେ ଭାରତୀୟ ଛାତ୍ରୀ ରହିଛନ୍ତି। ଦୁବାଇର ଭାରତୀୟ ସ୍କୁଲରେ ପଢୁଥିବା ୧୬ ବର୍ଷୀୟା ଛାତ୍ରୀ କରୋନା ସଂକ୍ରମିତା। ବିଦେଶ ଯାଇଥିବା ତାଙ୍କ ବାପାଙ୍କ ଠାରୁ ଛାତ୍ରୀ ଜଣକୁ ଏହି ଭୂତାଣୁ ସଂକ୍ରମିତ ହୋଇଥିବା ରିପୋର୍ଟରେ କୁହାଯାଇଛି। ପ୍ରତିକାର ବ୍ୟବସ୍ଥା ସ୍ୱରୂପ ଦୁବାଇରେ ଥିବା ଉକ୍ତ ଭାରତୀୟ ସ୍କୁଲ୍‌କୁ ବନ୍ଦ କରିଦିଆଯାଇଛି।

# ଦେଶକୁ ଘାରିଛି କରୋନା ଚିନ୍ତା

## ଘୁଞ୍ଚିଲା ଭାରତ-ଇୟୁ ସମିଟ୍

ନୂଆଦିଲ୍ଲୀ,୫।୩(ପି.ଟି.)

**ସଂକ୍ରମଣ ଭୟ**
- ପ୍ରଧାନମନ୍ତ୍ରୀଙ୍କ ବ୍ରସେଲ୍ସ ଗସ୍ତ ବାତିଲ
- ଦିଲ୍ଲୀରେ ୩୧ ଯାଏ ସ୍କୁଲ ଛୁଟି
- ଦେଶରେ ୩୦ କରୋନା ରୋଗୀ

ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଚଳିତ ମାସରେ ହେବାକୁ ଥିବା ଭାରତ-ୟୁରୋପୀୟ ସଂଘ (ଇୟୁ) ସମିଟ୍‌କୁ ଘୁଞ୍ଚାଇ ଦିଆଯାଇଛି। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରସେଲ୍ସ ଗସ୍ତକୁ ବାତିଲ କରିଦିଆଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଭିନ୍ନ ଦେଶରେ ଥିବା ଭାରତୀୟ ଦୂତାବାସଗୁଡ଼ିକ ଭାରତୀୟମାନଙ୍କୁ ସହାୟତା କରିବା ଦିଗରେ କାର୍ଯ୍ୟ କରୁଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି।

ଗୁରୁବାର ଗାଜିଆବାଦର ଜଣେ ବ୍ୟକ୍ତିଙ୍କ ଠାରେ କରୋନା ଭୂତାଣୁ ଥିବା ଚିହ୍ନଟ ହେବା ପରେ ଦେଶରେ କରୋନା ରୋଗୀ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ନିକଟରେ ଇରାନରୁ ଫେରିଥିବା ଜଣେ ବ୍ୟକ୍ତିଙ୍କୁ କରୋନା ସଂକ୍ରମଣ ହୋଇଥିବା ପରୀକ୍ଷାରୁ ଜଣାପଡିବା ପରେ ତାଙ୍କୁ ଆଇସୋଲେଶନରେ ରଖାଯାଇ ଚିକିତ୍ସା କରାଯାଉଛି। ଜିଲା, ବ୍ଲକ ଓ ଗ୍ରାମାଞ୍ଚଳ ସ୍ତରରେ ରାପିଡ୍ ରେସ୍ପନ୍ସ ଟିମ୍ ଗଠନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟକୁ ପରାମର୍ଶ ଦିଆଯାଇଛି। ଚିହ୍ନଟ ହୋଇଥିବା ୩୦ ରୋଗୀଙ୍କ ମଧ୍ୟରୁ ୧୬ ଜଣ ଇଟାଲୀୟ ପର୍ଯ୍ୟଟକ।

କରୋନା ସଂକ୍ରମଣ ରୋକିବା ଲାଗି ଦିଲ୍ଲୀ ସରକାର ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ୩୧ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ଦିଲ୍ଲୀର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ, ଘରୋଇ ସ୍କୁଲ ସମେତ ମ୍ୟୁନିସିପାଲ କର୍ପୋରେଶନ ଦ୍ୱାରା ପରିଚାଳିତ ସ୍କୁଲଗୁଡ଼ିକୁ ବନ୍ଦ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିବା ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କହିଛନ୍ତି।


ଆଗ୍ରାସ୍ଥିତ ଏକ ସ୍କୁଲରେ ପରୀକ୍ଷା ଦେବାପାଇଁ ପିଲାମାନେ ମାସ୍କ ପିନ୍ଧି ଯାଉଛନ୍ତି।

## ମୁକାବିଲା ପାଇଁ ନିଆଯାଉଛି ପଦକ୍ଷେପ


ଡ. ହର୍ଷବର୍ଦ୍ଧନ

**ପାର୍ଲାମେଣ୍ଟକୁ ଜଣାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ**

**ନୂଆଦିଲ୍ଲୀ,୫।୩(ପି.ଟି.):** ଦେଶରେ କରୋନା ସଂକ୍ରମଣ ରୋକିବା ଲାଗି ସବୁ ପଦକ୍ଷେପ ନିଆଯାଉଛି। ଅଦ୍ୟାବଧି ୨୮,୫୨୯ ଜଣଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଗୁରୁବାର ପାର୍ଲାମେଣ୍ଟର ଉଭୟ ଗୃହରେ କହିଛନ୍ତି। ବୁଧବାର ସୁଦ୍ଧା ଦେଶରେ ୨୯ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଇରାନରେ ଥିବା ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ସେହିଦେଶର କର୍ତ୍ତୃପକ୍ଷଙ୍କ ସହ କଥାବର୍ତ୍ତା ଚାଲିଛି। କେରଳରେ ପ୍ରଥମେ ଚିହ୍ନଟ ହୋଇଥିବା ୩ ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ନିକଟରେ ଇଟାଲୀରୁ ଫେରିଥିବା ଦିଲ୍ଲୀର ଜଣେ ବ୍ୟକ୍ତି, ଦୁବାଇରୁ ସିଙ୍ଗାପୁର ଦେଇ ଆସିଥିବା ତେଲଙ୍ଗାନାର ଅନ୍ୟ ଜଣକଠାରେ କରୋନା ପଜିଟିଭ୍ ଥିବା ଜଣାପଡିଥିଲା। ଆଗ୍ରାରେ ୬ ରୋଗୀ ଚିହ୍ନଟ ହୋଇଥିବାବେଳେ ରାଜସ୍ଥାନରେ ଇଟାଲୀୟ ପର୍ଯ୍ୟଟକ ଦମ୍ପତିଙ୍କଠାରେ କରୋନା ଭୂତାଣୁ ଥିବା ଜଣାପଡିଛି। ଏହାବ୍ୟତୀତ ଇଟାଲୀରୁ ଆସିଥିବା ୧୪ ପର୍ଯ୍ୟଟକ ଓ ସେମାନଙ୍କ ଭାରତୀୟ ଡ୍ରାଇଭରଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି।

କରୋନା ସଂକ୍ରମଣ ବଢୁଥିବାରୁ ସାନିଟାଇଜର, ମାସ୍କ ଆଦି କଳାବଜାର ହେବା ଆଶଙ୍କା ରହିଛି। ବଜାରରେ ସେଗୁଡ଼ିକ ଯେପରି ପର୍ଯ୍ୟାପ୍ତ ଉପଲବ୍ଧ ହେବ ସେ ଦିଗରେ ଦୃଷ୍ଟି ଦେବାକୁ ଲୋକ ସଭାରେ ବିରୋଧୀ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ସାନିଟାଇଜର ଓ ମାସ୍କ ଦାମ୍ ବଢ଼ିଥିବା କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଥିଲେ।

## ଚାଇନା ଜାହାଜକୁ ମିଳୁନି ଅନୁମତି

ନୂଆଦିଲ୍ଲୀ,୫।୩(ପି.ଟି.)

୧୬,୦୭୬ ଯାତ୍ରୀ ଓ କର୍ମଚାରୀଙ୍କୁ ନେଇ ଆସିଥିବା ଚାଇନାର କେତେକ ଜାହାଜ ତଥା ପୂର୍ବରୁ ଚାଇନା ଯାଇଥିବା ଜାହାଜଗୁଡ଼ିକୁ ଭାରତୀୟ ବନ୍ଦର ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇନାହିଁ। ତେବେ ଉକ୍ତ ଜାହାଜରେ ଥିବା ଯାତ୍ରୀ ଓ କର୍ମଚାରୀମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯାଉଥିବା ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗାଇଡଲାଇନ୍ସ ଅନୁଯାୟୀ ୪୫୨ ଜାହାଜକୁ ନିର୍ଦ୍ଦିଷ୍ଟ ଦୂରତାରେ ରଖାଯାଇଛି। ଉକ୍ତ ଜାହାଜରୁ ଅତି ସତର୍କତାର ସହ ମାଲ୍ ଖଲାସ କରାଯାଇଛି। ଜାହାଜ କର୍ମଚାରୀ ଓ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ସମେତ ଅନ୍ୟ ସତର୍କତା ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣେ ଅଧିକାରୀ କହିଛନ୍ତି।

## ଓଡ଼ିଶାରେ ହେଉ କରୋନା ପରୀକ୍ଷା କେନ୍ଦ୍ର

ନୂଆଦିଲ୍ଲୀ,୫।୩

**ପାର୍ଲାମେଣ୍ଟରେ ବିଜେଡିର ଦାବି**

ପାର୍ଲାମେଣ୍ଟରେ ଗୁରୁବାର କରୋନା ସମ୍ପର୍କିତ ଆଲୋଚନା ବେଳେ ଓଡ଼ିଶା ଓ ଦେଶର ଅନ୍ୟ ଭାଗରେ ତୁରନ୍ତ ପରୀକ୍ଷା କେନ୍ଦ୍ର ଖୋଲିବା ଲାଗି ବିଜେଡି ଏମ୍‌ପି ଦାବି କରିଥିଲେ। ଏଥିସହିତ ଭୁବନେଶ୍ୱର ବିମାନବନ୍ଦରରେ ଏକ ଯାଞ୍ଚ ଓ କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲିବା ପାଇଁ ଦାବି ହୋଇଛି। ଓଡ଼ିଶାରେ ୪ କରୋନା ସନ୍ଦିଗ୍ଧ ଚିହ୍ନଟ ହୋଇଛନ୍ତି ଓ ସେମାନଙ୍କ ନମୁନା ପରୀକ୍ଷା ପାଇଁ ପୁଣେ ପଠାଯାଇଥିବା ରାଜ୍ୟ ସଭାରେ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ। ରାଜ୍ୟରେ ପରୀକ୍ଷା କେନ୍ଦ୍ର ସ୍ଥାପନ ପାଇଁ ଓଡ଼ିଶା ସରକାର କେନ୍ଦ୍ରକୁ ଅନୁରୋଧ କରିଥିବା ସେ କହିଥିଲେ। ସେହିପରି ଲୋକ ସଭାରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଥିଲେ, ଭୁବନେଶ୍ୱର ସମେତ ସମସ୍ତ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାଞ୍ଚ ଓ କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲାଯାଉ। କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ପାଣ୍ଠି ଯୋଗାଇଦେବାକୁ ମଧ୍ୟ ସେ ଅନୁରୋଧ କରିଥିଲେ।

## ଭାରତରେ ପ୍ରବେଶ ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ପ୍ରମାଣପତ୍ର




**କେନ୍ଦ୍ର ଜାରିକଲା କଟକଣା**

**ନୂଆଦିଲ୍ଲୀ,୫।୩(ପି.ଟି.):** ଭାରତ ସରକାର ଭିଜା ଉପରେ ଅତିରିକ୍ତ କଟକଣା ଜାରି କରିଛନ୍ତି। କରୋନା ସଂକ୍ରମିତ ଇଟାଲୀ ଏବଂ ଦକ୍ଷିଣ କୋରିଆରୁ ଆସିଥିବା କିମ୍ବା ସେଠାକୁ ଯାଇଥିବା ବ୍ୟକ୍ତି ଭାରତରେ ପ୍ରବେଶ କରିବାକୁ ହେଲେ ସେମାନଙ୍କୁ କରୋନା ନେଗେଟିଭ୍ ପ୍ରମାଣପତ୍ର ଦେଖାଇବାକୁ ହେବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏହି ଘୋଷଣା କରାଯାଇଛି। ମାର୍ଚ୍ଚ ୧୦ ତାରିଖଠାରୁ କରୋନା ସଂକ୍ରମଣ ହ୍ରାସ ପାଇବା ପର୍ଯ୍ୟନ୍ତ ଏହି କଟକଣା ସାମୟିକ ଭାବେ ଲାଗୁ ହେବ। ସରକାର ଦୁଇଦିନ ପୂର୍ବରୁ ଇଟାଲୀ, ଇରାନ ଓ ଦକ୍ଷିଣ କୋରିଆ ଏବଂ ଜାପାନ ନାଗରିକଙ୍କ ପାଇଁ ସମସ୍ତ ନିୟମିତ ଓ ଇ-ଭିଜାକୁ ସ୍ଥଗିତ ରଖିଥିଲେ। ଗତମାସଠାରୁ ଚାଇନା ନାଗରିକଙ୍କ କ୍ଷେତ୍ରରେ ଏହି କଟକଣା ଲାଗୁ ହୋଇଥିଲା।

# ତାହିର ହୁସେନ ଗିରଫ ୭ କଂଗ୍ରେସ ଏମ୍‌ପି ସସ୍‌ପେଣ୍ଡ


**ଅଙ୍କିତ ଶର୍ମା ହତ୍ୟା ମାମଲା**

**ଦିଲ୍ଲୀ ଦଙ୍ଗା ମୃତ୍ୟୁସଂଖ୍ୟା ୫୩**

**ନୂଆଦିଲ୍ଲୀ,୫।୩:** ଦିଲ୍ଲୀ ଦଙ୍ଗା ବେଳେ ଆଇବି କର୍ମଚାରୀ ଅଙ୍କିତ ଶର୍ମାଙ୍କୁ ହତ୍ୟା କରିବା ଅଭିଯୋଗରେ ଗୁରୁବାର ଗିରଫ ହୋଇଛନ୍ତି ତାହିର ହୁସେନ। ଏଏପିରୁ ନିଲମ୍ବିତ କାଉନ୍‌ସିଲର ତାହିର ଆତ୍ମସମର୍ପଣ ପାଇଁ ଦିଲ୍ଲୀର ଏକ କୋର୍ଟରେ ପିଟିଶନ ଦାଏର କରି ଅଗ୍ରିମ ଜାମିନ ପାଇଁ ଆବେଦନ କରିଥିଲେ। କରକରଡୁମାସ୍ଥିତ ରାଉଜ୍ ଆଭିନ୍ୟୁ କୋର୍ଟରେ ତାଙ୍କ ପିଟିଶନ ଖାରଜ ହେବାର କିଛି ସମୟ ପୂର୍ବରୁ ବାଟରେ ତାଙ୍କୁ ଗିରଫ କରାଯାଇଛି।

ସିଏଏକୁ ନେଇ ଗତ ସପ୍ତାହରେ ଉତ୍ତର-ପୂର୍ବ ଦିଲ୍ଲୀରେ ହିଂସା ଘଟି ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେଇଥିଲା। ଦଙ୍ଗା ବେଳେ ନିଖୋଜ ହୋଇଯାଇଥିବା ଅଙ୍କିତଙ୍କ ମୃତଦେହ ଚାନ୍ଦବାଗର ଏକ ଡ୍ରେନ୍‌ରୁ ମିଳିଥିଲା। ଏଥିରେ ତାହିରଙ୍କ ହାତ ଥିବା ୨୬ ବର୍ଷୀୟ ଅଙ୍କିତଙ୍କ ପରିବାର ଲୋକେ ଏଫ୍‌ଆଇଆର୍ ଦେଇଥିଲେ। ପ୍ରକାଶ ଯେ, ତାହିରଙ୍କ ବିରୋଧରେ ପୋଲିସ ୪ଟି ମାମଲା ରୁଜୁ କରି ତାଙ୍କ ଘରେ ତନାଘନା ଚଳାଇଥିଲା। ସେଠାରୁ ଦଙ୍ଗାରେ ବ୍ୟବହୃତ ମାରଣାସ୍ତ୍ର ଓ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଥିଲା। ଅନ୍ୟପକ୍ଷରେ ଦିଲ୍ଲୀ ଦଙ୍ଗାରେ ମୃତକଙ୍କ ସଂଖ୍ୟା ଗୁରୁବାର ୫୩ରେ ପହଞ୍ଚିଛି। ଜିଟିବି ହସ୍ପିଟାଲରେ ୪୪, ଆର୍‌ଏମ୍‌ଏଲ୍ ହସ୍ପିଟାଲରେ ୫, ଏଲ୍‌ଏଲ୍‌ଜେପି ହସ୍ପିଟାଲରେ ୩ ଏବଂ ଜଗ୍ ପ୍ରବେଶ ଚନ୍ଦ୍ର ହସ୍ପିଟାଲରେ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ନୂଆଦିଲ୍ଲୀ,୫।୩

**ବିଲ୍ ଚିରି ବାଚସ୍ପତିଙ୍କ ଚେୟାରକୁ ଫିଙ୍ଗିଲେ**

**ବଜେଟ ଅଧିବେଶନରେ ଗୃହକୁ ଆସିବା ମନା**


ଗୌରବ ଗୋଗୋଇ

ଲୋକ ସଭାରେ ବିଶୃଙ୍ଖଳା ଓ ଦୁର୍ବ୍ୟବହାର ଯୋଗୁ କଂଗ୍ରେସର ୭ ଏମ୍‌ପିଙ୍କୁ ଗୁରୁବାର ଗୃହରୁ ସସ୍‌ପେଣ୍ଡ କରାଯାଇଛି। ଏନେଇ ପ୍ରସ୍ତାବ ପାସ୍ କରାଯିବା ସହ ବଜେଟ ଅଧିବେଶନର ବାକିଥିବା କାର୍ଯ୍ୟଦିବସରୁ ସେମାନଙ୍କୁ ବାଦ୍ ଦିଆଯାଇଛି। ବାଚସ୍ପତିଙ୍କ ଟେବୁଲରୁ କାଗଜପତ୍ର ଛିଡ଼ିଆଣି ଚିରିଦେବା, ଗୃହର ନୀତିନିୟମ ଉଲ୍ଲଂଘନ କରି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଯୋଗୁ ସେମାନଙ୍କ ବିରୋଧରେ ଏଭଳି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଅପରାହ୍ଣ ୩ଟାରେ ଲୋକ ସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଗୃହରେ ଅଧ୍ୟକ୍ଷତା କରୁଥିବା ମୀନାକ୍ଷୀ ଲେଖି କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇ, ଟି.ଏନ୍. ପ୍ରଥପନ, ଡିନ୍ କୁରିଆକୋସେ, ମନିକା ଟାଗୋର, ରାଜ୍‌ମୋହନ ଉନ୍ନିଥାନ, ବେନି ବେହାନାନ୍ ଓ ଗୁର୍‌ଜିତ୍ ସିଂ ଆଉଜ୍‌ଲାଙ୍କ ନାଁ ଡାକି ସେମାନଙ୍କୁ ଗୃହରୁ ଗୋଟିଏ ଦିନ ଲାଗି ସସ୍‌ପେଣ୍ଡ କରାଗଲା ବୋଲି କହିଥିଲେ। ଏହା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ସଦସ୍ୟଙ୍କୁ ବଜେଟ ଅଧିବେଶନର ବାକିଥିବା ଦିବସଗୁଡ଼ିକରୁ ବାଦ୍‌ଦେବା ଲାଗି ଗୃହରେ ପ୍ରସ୍ତାବ ଆଣିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ସତ୍ତ୍ୱେ ବାଚନିକ ଭୋଟରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ପରେ ଲେଖି ଏହି ୭ ସଦସ୍ୟଙ୍କୁ ତୁରନ୍ତ ଚାଲିଯିବାକୁ ନିର୍ଦ୍ଦେଶ ଦେବା ସହ ଗୃହକୁ ଦିନକ ଲାଗି ମୁଲତବୀ ଘୋଷଣା କରିଥିଲେ।

ଏଭଳି ପଦକ୍ଷେପକୁ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି। ଏକଛତ୍ରବାଦୀ ନିଷ୍ପତ୍ତି ବିରୋଧୀ ଦଳର ସ୍ୱରକୁ ଚପାଇପାରିବ ନାହିଁ ବୋଲି ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ପ୍ରକାଶ କରିଛନ୍ତି। ଦିଲ୍ଲୀ ହିଂସା ନେଇ ବିସ୍ତୃତ ଆଲୋଚନା ଗୃହରେ କରାଯିବାର ଆବଶ୍ୟକତା ଥିବାବେଳେ ସରକାର ଏହାକୁ ଏଡ଼ାଇଯିବା ଅନୁଚିତ। ସେମାନଙ୍କ ବିରୋଧରେ ନିଆଯାଇଥିବା କଡ଼ା ନିଷ୍ପତ୍ତି ବାଚସ୍ପତିଙ୍କର ନୁହେଁ, ବରଂ ସରକାରଙ୍କ ପ୍ରତିଶୋଧମୂଳକ ମନୋବୃତ୍ତିର ନିଦର୍ଶନ ବୋଲି ସେ କହିଛନ୍ତି।

**[ଇତିହାସର ଆଇନାରେ]**

**ମାର୍ଚ୍ଚ ୬ର ପ୍ରମୁଖ ଘଟଣା**

## ଜାହାଜ ବୁଡ଼ି ୧୯୦ ମୃତ

୧୯୮୭ ମାର୍ଚ୍ଚ ୬ରେ ବ୍ରିଟେନର ଏକ ଜାହାଜ ବୁଡ଼ିଯିବାରୁ ସେଥିରେ ଥିବା ପ୍ରାୟ ୧୯୦ ଯାତ୍ରୀ ପ୍ରାଣ ହରାଇଥିଲେ। ଜିବ୍ରୁଜ୍‌ର ବେଲ୍‌ଜିଆନ ବନ୍ଦରରୁ ରାତିରେ ଏହି ଜାହାଜ ଯିବାର କିଛି ସମୟ ମଧ୍ୟରେ ବୁଡ଼ିଯାଇଥିଲା। ଜାହାଜ କ୍ୟାପ୍‌ଟେନର ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ହୋଇଥିଲା।

## ଆତ୍ମଘାତୀ ବିସ୍ଫୋରଣ

୨୦୦୮ ମାର୍ଚ୍ଚ ୬ରେ ଇରାକର ବାଗ୍‌ଦାଦ ସହରରେ ଆତ୍ମଘାତୀ ବିସ୍ଫୋରଣ ହେବା ଫଳରେ ପ୍ରାୟ ୭୦ ଜଣଙ୍କ ପ୍ରାଣହାନି ଘଟିଥିଲା। ୧୨୫ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ। ଜେରୁଜେଲମ୍‌ରେ ସେହିଦିନ ଜଣେ ବନ୍ଧୁକଧାରୀ ୮ ଜଣ ଛାତ୍ରଙ୍କୁ ଗୁଳିକରି ହତ୍ୟା କରିଥିଲେ।



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ମେଘୁଆ ରହିବା ସହ ସାମାନ୍ୟ ବର୍ଷା ହେବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୦ | ୧୯.୩ |
| ଚାନ୍ଦବାଲି | ୨୯.୨ | ୨୦.୫ |
| କଟକ | ୩୦.୦ | ୧୯.୪ |
| ପାରାଦ୍ୱୀପ | ୨୯.୮ | ୨୨.୪ |
| ଭୁବନେଶ୍ୱର | ୩୧.୬ | ୧୯.୦ |
| ଗୋପାଳପୁର | ୩୨.୦ | ୨୦.୨ |
| ପୁରୀ | ୩୦.୮ | ୨୨.୦ |
| ଅନୁଗୋଳ | ୨୭.୧ | ୧୪.୬ |
| ବାରିପଦା | -- | ୨୦.୪ |
| ଝାରସୁଗୁଡ଼ା | ୨୯.୪ | ୧୯.୨ |
| କେନ୍ଦୁଝର | ୨୬.୦ | ୧୭.୪ |
| ସମ୍ବଲପୁର | ୨୯.୬ | ୧୬.୩ |
| ସୁନ୍ଦରଗଡ଼ | ୨୯.୦ | ୧୨.୦ |
| ହୀରାକୁଦ | ୨୯.୫ | ୧୮.୧ |
| ତାଳଚେର | ୨୯.୧ | ୧୭.୪ |
| ଭବାନୀପାଟଣା | ୩୪.୫ | ୨୧.୦ |
| ବଲାଙ୍ଗୀର | ୩୧.୬ | ୧୯.୪ |
| କୋରାପୁଟ | ୩୨.୬ | ୧୭.୬ |
| ଫୁଲବାଣୀ | -- | ୧୭.୩ |
| ଟିଟିଲାଗଡ଼ | ୩୩.୦ | ୧୫.୧ |
| ମାଲକାନଗିରି | ୩୫.୨ | ୨୦.୪ |
| ସୋନପୁର | ୨୯.୬ | ୧୫.୨ |
| ଦାରିଙ୍ଗିବାଡ଼ି | ୨୭.୦ | ୧୩.୦ |

ଡିଗ୍ରୀ ସେଲ୍‌ସିୟସ୍

## ଘନେଇଲା କମଲନାଥଙ୍କ ସଙ୍କଟ

ଭୋପାଳ, ୫।୩(ପି.ଟି.)


କମଲନାଥ

**ଇସ୍ତଫା ଦେଲେ ବିଧାୟକ**

**ଶିବରାଜଙ୍କ ବିରୋଧରେ ଘୋଡ଼ାବେପାର ଅଭିଯୋଗ ଆଣିଲେ ଦିଗ୍‌ବିଜୟ**


ହରଦୀପ ସିଂ ଡଙ୍ଗ୍

ମଧ୍ୟପ୍ରଦେଶର କମଲନାଥ ସରକାରଙ୍କ ସଙ୍କଟ ଘନେଇବାରେ ଲାଗିଛି। ଗୁରୁବାର କଂଗ୍ରେସ ବିଧାୟକ ହରଦୀପ ସିଂ ଡଙ୍ଗ୍ ନିଜର ଇସ୍ତଫାପତ୍ର ବାଚସ୍ପତି ଏନ୍.ପି. ପ୍ରଜାପତିଙ୍କ ନିକଟକୁ ପଠାଇଛନ୍ତି। ଦ୍ୱିତୀୟ ଥର ସେ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ବି ଦଳ ତାଙ୍କୁ କୋଣଠେସା କରିଆସୁଛି ବୋଲି ସେ ପତ୍ର ମାଧ୍ୟମରେ ଦର୍ଶାଇଛନ୍ତି। ସରକାର ଦୁର୍ନୀତିରେ ବୁଡ଼ି ରହିଥିବାବେଳେ କୌଣସି ମନ୍ତ୍ରୀ କାମ କରିବାକୁ ଆଗ୍ରହୀ ନ ଥିବା ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ମଙ୍ଗଳବାର ଭାଜପା ୧୦ ବିଧାୟକଙ୍କୁ ଅପହରଣ କରି ନେଇଥିବା ଅଭିଯୋଗ କରାଯାଇଥିବା ବେଳେ ହରଦୀପ ସେମାନଙ୍କ ମଧ୍ୟରୁ ଅନ୍ୟତମ। ଦିଲ୍ଲୀ ନିକଟସ୍ଥ ଗୁରଗାଁଓସ୍ଥିତ ହୋଟେଲରୁ ୬ ବିଧାୟକଙ୍କୁ କଂଗ୍ରେସ ଫେରାଇ ଆଣିବାରେ ସଫଳ ହୋଇଥିବା ବେଳେ ଭାଜପା କମଲନାଥ ସରକାରକୁ ଭାଙ୍ଗିବାକୁ ପ୍ରୟାସ କରୁଥିବା ଅଭିଯୋଗ କରାଯାଇଛି। ଏବେ ବି ବିଧାୟକ ରଘୁରାଜ କଂସନା, ବିସାହୁଲାଲ୍ ସିଂ ଓ ସ୍ୱାଧୀନ ବିଧାୟକ ଶେରା ଭୈୟା ନିଖୋଜ ଅଛନ୍ତି। ୧୪ ବିଧାୟକଙ୍କୁ କରାୟତ କରିବା ଲାଗି ଭାଜପା ଘୋଡ଼ାବେପାର ଆରମ୍ଭ କରିଥିବା କଂଗ୍ରେସ ନେତା ରଣଦୀପ ସୁର୍‌ଜେୱାଲା ଅଭିଯୋଗ କରିଥିବାବେଳେ ଭାଜପା ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। କଂଗ୍ରେସ ଉପରେ ଖପ୍ପା ହୋଇ ବିଧାୟକମାନେ ଦଳ ଛାଡୁଥିବା ଭାଜପା ନେତା ନରୋତ୍ତମ ମିଶ୍ର ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ମଧ୍ୟପ୍ରଦେଶରେ ମୋଟ ୨୩୦ ଆସନ ମଧ୍ୟରୁ କଂଗ୍ରେସକୁ ୧୧୪, ଭାଜପାକୁ ୧୦୭ ଆସନ ମିଳିଥିଲା। ବିଏସ୍‌ପି, ଏସ୍‌ପି ଓ ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ କଂଗ୍ରେସ ସରକାର ଗଠନ କରିଥିଲା। ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଘୋଡ଼ାବେପାର ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସମେତ ଭାଜପା ନେତା ନରୋତ୍ତମ ମିଶ୍ର, ସଞ୍ଜୟ ପାଠକ, ବିଶ୍ୱାସ ସାରଙ୍ଗ, ଭୁପେନ୍ଦ୍ର ସିଂଙ୍କୁ ଘୋଡ଼ାବେପାର ପାଇଁ ଦାୟୀ କରିଛନ୍ତି।



ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ପଡ଼ିଥିବା ବ୍ରହ୍ମପୁର ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ (ଦକ୍ଷିଣାଞ୍ଚଳ ମଣ୍ଡଳ) ବିନୋଦ କୁମାର ପାଢ଼ୀଙ୍କୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ରାତିରେ ମାମଲା ନମ୍ବର ୫/୨୦ରେ ଗିରଫ କରାଯାଇ ରାତାରାତି କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ତାଙ୍କ ଓକିଲ ନରସିଂହ ପଟ୍ଟନାୟକ, ପାଢ଼ୀଙ୍କ ଜାମିନ ପାଇଁ ଭିଜିଲାନ୍ସ କୋର୍ଟରେ ଆବେଦନ କରିଥିଲେ। ସ୍ୱତନ୍ତ୍ର ସରକାର ପିପି ତପନ ଦାସ ଅଭିଯୁକ୍ତ ପାଢ଼ୀଙ୍କ ଜାମିନ ଆବେଦନର ଦୃଢ଼ ବିରୋଧ କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୁବ୍ରତ ମହାନ୍ତି ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ସହ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅନ୍ୟପଟେ ଅଭିଯୁକ୍ତଙ୍କ ଓକିଲ ନରସିଂହ ପଟ୍ଟନାୟକ କହିଛନ୍ତି କୋର୍ଟରୁ ଏକ ନକଲ ବାହାର କରି ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିବୁ।

## ସଂକ୍ଷେପରେ

### ଏସ୍‌ସିବିରେ କରୋନା ଭୂତାଣୁ ପରୀକ୍ଷା ସୁବିଧା କରିବାକୁ ଦାବି

**ଭୁବନେଶ୍ୱର,୫।୩(ବ୍ୟୁରୋ):** ରାଜ୍ୟରେ ସମ୍ଭାବ୍ୟ କରୋନା ଭୂତାଣୁ ସଂକ୍ରମଣ ପ୍ରତିରୋଧ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ଓ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଉଥିବାବେଳେ ଏବେ ସନ୍ଦିଗ୍ଧ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କରୋନା ଭୂତାଣୁ ପରୀକ୍ଷା ପାଇଁ ରାଜ୍ୟରେ କୌଣସି ସୁବିଧା ନ ଥିବାବେଳେ ଏବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସିଠାରେ ଏଭଳି ସୁବିଧା ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ମିଳିଛି । ପୂର୍ବରୁ ରକ୍ତ ପରୀକ୍ଷା କରିବା ପାଇଁ ପୁଣେସ୍ଥିତ ଜାତୀୟ ଭାଇରୋଲୋଜି ପ୍ରତିଷ୍ଠାନକୁ ପଠାଯାଉଥିଲା । ଅନ୍ୟପକ୍ଷରେ ଆଗାମୀ ଦିନରେ ସନ୍ଦିଗ୍ଧ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ସମ୍ଭାବନା ରହିଥିବାରୁ ରକ୍ତ ନମୁନା ପରୀକ୍ଷା ପାଇଁ ଭିଡ଼ ବଢ଼ିପାରେ । ଏହି ସମସ୍ୟା ଏଡ଼ାଇବା ପାଇଁ ଆଜି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷ ବର୍ଦ୍ଧନଙ୍କୁ ଏକ ଚିଠି ଲେଖି ଏସ୍‌ସିବି ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ୍‌ଠାରେ କରୋନା ଭୂତାଣୁ ପରୀକ୍ଷଣ ପାଇଁ ଆବଶ୍ୟକ ଟେଷ୍ଟିଂ ଲ୍ୟାବ୍ ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରିଛନ୍ତି। ଫଳରେ ଆଗାମୀ ଦିନରେ କରୋନା ସଂକ୍ରମଣ ମୁକାବିଲା ଦିଗରେ ଏହା ସହାୟକ ହୋଇପାରିବ ।

### ବିଜେଡି ସଂସଦୀୟ କାର୍ଯ୍ୟାଳୟରେ ବିଜୁ ଜୟନ୍ତୀ

**ଭୁବନେଶ୍ୱର,୫।୩(ବ୍ୟୁରୋ):** ନୂଆଦିଲ୍ଲୀସ୍ଥିତ ପାର୍ଲାମେଣ୍ଟ ପରିସରରେ ବିଜୁ ଜନତା ଦଳର ସଂସଦୀୟ କାର୍ଯ୍ୟାଳୟ ମଧରେ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ପାଳନ ହୋଇଯାଇଛି। ଏହି ଅବସରରେ ଦିଲ୍ଲୀରେ ଉପସ୍ଥିତ ଥିବା ସମସ୍ତ ବିଜେଡି ଏମ୍‌ପି, ପାର୍ଲାମେଣ୍ଟର କେତେକ କର୍ମକର୍ତ୍ତା ଏବଂ ଅନ୍ୟ ଦଳର ଏମ୍‌ପିମାନେ ବିଜୁ ବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦଳୀୟ ଏମ୍‌ପି ପିନାକୀ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ସସ୍ମିତ ପାତ୍ର, ମହେଶ ସାହୁ, ଭର୍ତ୍ତୃହରି ମହତାବ, ଅନୁଭବ ମହାନ୍ତି ଏବଂ ଭାଜପା ଏମ୍‌ପି ସଂଗୀତା ସିଂଦେଓ ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା।




# ବିଜୁଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିଆରା ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୫।୩(ବ୍ୟୁରୋ)

### ଲୋହିଆଙ୍କୁ ଦିଲ୍ଲୀରୁ କଲିକତା ଉଡ଼ାଇ ନେଇଥିଲେ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜୟନ୍ତୀ ଉପଲକ୍ଷେ ଟୁଇଟ୍ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଟୁଇଟ୍‌ରେ ବିଜୁଙ୍କ ଗୌରବମୟ ଇତିହାସ ଏବଂ ସାହସିକତା ସମ୍ପର୍କିତ ଏକ ପୃଷ୍ଠା ମଧ ମୋଦିଙ୍କ ଟୁଇଟର ଆକାଉଣ୍ଟରୁ ଛଡ଼ା ଯାଇଛି। ୧୯୪୫ ଅଗଷ୍ଟ ୨୯ରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ଗୁଇନ୍ଦା ବ୍ୟୁରୋର ଏହି ଚିଠି ବୋଲି ଜଣାପଡିଛି।

ବିଜୁ ପଟ୍ଟନାୟକ ଥିଲେ ଜଣେ ଦୁଃସାହସିକ ପାଇଲଟ। ତେଣୁ ନିଜକୁ ବୈମାନିକ ଦକ୍ଷତାରେ ସ୍ୱାଧୀନତା ସଂଗ୍ରାମ ସମୟରେ ଯଥାସମ୍ଭବ ଯୋଗଦାନ କରିଥିଲେ। ଏହି ସମୟରେ ଗୁପ୍ତରେ ରହୁଥିବା ପ୍ରଖ୍ୟାତ ସମାଜବାଦୀ ନେତା ରାମ ମନୋହର ଲୋହିଆଙ୍କୁ ବିଜୁ ପଟ୍ଟନାୟକ ଦିଲ୍ଲୀରୁ କଲିକତାକୁ ନେଇଥିଲେ। ଏହି କାର୍ଯ୍ୟ ପାଇଁ ଇଂରେଜ ସରକାର ତାଙ୍କୁ ବିପଦ ବୋଲି ମନେ କରୁଥିଲେ। ସୁରକ୍ଷା ଦୃଷ୍ଟିରୁ ବିଜୁଙ୍କ ଉଡ଼ାଣକୁ ରୋକାଯାଇ ପାରେନା। ହେଲେ ବିଜୁଙ୍କୁ ଯଦି ଇଣ୍ଡିଆନ୍ ଏୟାରୱେଜ୍ ପୁନଃ ନିଯୁକ୍ତି କରା ନ ଯାଏ, ତେବେ ତାଙ୍କ ବିଚକ୍ଷଣତା ପାଇଁ ଟାଟା ନିଯୁକ୍ତି ଦେଇପାରେ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ବିଜୁଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏପରି ଶ୍ରଦ୍ଧାଞ୍ଜଳି ସାମାଜିକ ଗଣମାଧ୍ୟମରେ ବହୁଳଭାବେ ଆଦର କରାଯାଇଛି। ଏହାକୁ ହଜାର ହଜାର ସଂଖ୍ୟାରେ ଲାଇକ୍, ଶେୟାର ଏବଂ ରି-ଟୁଇଟ୍ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଟୁଇଟ୍ ଟିକୁ ମଧ ରିଟୁଇଟ୍ କରିଛନ୍ତି। ସେହିପରି ନିଜ ପିତାଙ୍କ ଜନ୍ମ ଦିବସରେ ମୁଖ୍ୟମନ୍ତ୍ରୀ ମଧ ଟୁଇଟ୍ କରି ବିଜୁବାବୁଙ୍କ ସ୍ମୃତି ଚାରଣ କରିଛନ୍ତି। ବିଜୁବାବୁଙ୍କ ଜନ୍ମଦିନ ଅବସରରେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମର ଫଟୋ ମଧ ମୁଖ୍ୟମନ୍ତ୍ରୀଙ୍କ ଆକାଉଣ୍ଟରୁ ଅପଲୋଡ୍ କରାଯାଇଛି।

# ଲୋକ ସଭା ଉପବାଚସ୍ପତି ପଦ ବିଜେଡିକୁ ମିଳିବା ନେଇ ଚର୍ଚ୍ଚା

ଭୁବନେଶ୍ୱର,୫।୩(ବ୍ୟୁରୋ)

ପାର୍ଲାମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବଜେଟ ଅଧିବେଶନ ଜାରି ରହିଛି। ଓମ୍ ବିର୍ଲା ବାଚସ୍ପତି ଭାବେ ନିଜ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କୁ ସହାୟତା କରିବା ପାଇଁ ଉଦ୍ଦିଷ୍ଟ ଉପବାଚସ୍ପତି ପଦ ଖାଲିପଡ଼ିଛି। କିଛିମାସର ବ୍ୟବଧାନ ପରେ ଏହି ପଦବୀ ପୂରଣ ନେଇ କେନ୍ଦ୍ର ସରକାର ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ତେଣୁ ଓଡ଼ିଶାରୁ ୧୨ ଆସନ ସହ ପ୍ରତିନିଧିତ୍ୱ କରୁଥିବା ବିଜେଡିକୁ ଭାଜପା ଏହି ପଦ ଛାଡ଼ିପାରେ ବୋଲି କୁହାଯାଉଛି।

ସାଧାରଣ ନିର୍ବାଚନ ସରିବା ପରେ ମହାରାଷ୍ଟ୍ରର ଶିବସେନା ଲୋକ ସଭା ବାଚସ୍ପତି ପଦ ପାଇଁ ଦୃଢ଼ ଦାବିଦାର ଥିଲା। ହେଲେ ଗତବର୍ଷ ହୋଇଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ନୂଆ ସମୀକରଣ ଆଣିଛି। ଦୀର୍ଘଦିନର ସହଯୋଗୀ ଶିବସେନା ଭାଜପାଠୁ ଅଲଗା ହୋଇଛି। ଅପରପକ୍ଷରେ ବିଜେଡି ବିଭିନ୍ନ ଜାତୀୟ ପ୍ରସଙ୍ଗରେ ଭାଜପାକୁ ପାର୍ଲାମେଣ୍ଟରେ ସମର୍ଥନ ଦେଇଆସିଛି। ତେଣୁ ବିଜେଡି ଏହି ପଦକୁ ହାତେଇବାର ଯଥେଷ୍ଟ ସମ୍ଭାବନା ଥିବା କୁହାଯାଉଛି। କଟକରୁ ପ୍ରତିନିଧିତ୍ୱ କରୁଥିବା ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ନାଁକୁ ନେଇ ମଧ ଚର୍ଚ୍ଚା ହେଉଛି। ଦଳର ସବୁଠୁ ସଂସଦୀୟ ଅଭିଜ୍ଞତା ଥିବା ସଦସ୍ୟ ହୋଇଥିବାରୁ ଭର୍ତ୍ତୃହରିଙ୍କୁ ଉପବାଚସ୍ପତି କରାଯିବା ନେଇ ଆଲୋଚନା ହେଉଛି। ବର୍ତ୍ତମାନ ବାଚସ୍ପତି ବିର୍ଲାଙ୍କ ସମେତ ଭର୍ତ୍ତୃହରି, ଏନ୍.କେ ପ୍ରେମଚନ୍ଦ୍ରନ୍, ରମା ଦେବୀ, କିରିଟ୍ ପି ସୋଲାଙ୍କୀ, ରାଜେନ୍ଦ୍ର ଆଗ୍ରୱାଲ, କୋଡିକୁନ୍ନିଲ ସୁରେଶ, ଏ.ରାଜା, ପିଭି ମିଧୁନ ରେଡ୍ଡୀ, କାକୋଳି ଘୋଷ ଦସ୍ତିଦାର ଏବଂ ମୀନାକ୍ଷୀ ଲେଖି ଲୋକ ସଭା ପରିଚାଳନା ପ୍ୟାନେଲର ସଦସ୍ୟ ରହିଛନ୍ତି।

# ଘାରିଲା କରୋନା ଭୟ, ବଢ଼ିଲା ମାସ୍କ ଡିମାଣ୍ଡ

ଭୁବନେଶ୍ୱର, ୫।୩(ବ୍ୟୁରୋ)

- ଦୋକାନରୁ ଦୋକାନ ବୁଲି ନିରାଶ ହେଉଛନ୍ତି ଲୋକେ
- କଳାବଜାର ନୁହେଁ, ଅର୍ଡର ଅନୁଯାୟୀ ଆସୁନି ମାଲ୍: ବ୍ୟବସାୟୀ



ଚାଇନାରୁ ଏବେ ସାରା ବିଶ୍ୱକୁ ବ୍ୟାପିଚାଲିଥିବା ମାରାତ୍ମକ କରୋନାକୁ ନେଇ ଏବେ ଭାଳେଣି ପଡ଼ିଛି। ଭାରତରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଓଡ଼ିଶାରେ ମଧ ଏକାଧିକ ସନ୍ଦିଗ୍ଧ ରହିଛନ୍ତି। ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିବା ରାଜ୍ୟ ସରକାର ଏବେ ଆହୁରି ତତ୍ପରତା ପ୍ରକାଶ କରିଛି। ରାଜ୍ୟ ସରକାର ଓ ବିଭିନ୍ନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯିବା ପରେ ଲୋକଙ୍କ ମନରେ ଭୟ ବଢ଼ିଯାଇଛି। ଗାଁଠୁ ସହର ଆତଙ୍କ, ଆଶଙ୍କା ଭିତରେ ଘାରି ହେଉଛନ୍ତି ଲୋକେ। ବିଶେଷକରି ସରକାରଙ୍କ ସତର୍କତା ଓ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶନାମାକୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି ଲୋକେ। ଫଳରେ ମାସ୍କ, ସାନିଟାଇଜର ଆଦିର ଡିମାଣ୍ଡ ବଢ଼ିଛି। ଏପରିସ୍ଥିତିରେ ଔଷଧ ଦୋକାନରେ ଏସବୁ ସାମଗ୍ରୀ ପାଇଁ ଭିଡ଼ ଆରମ୍ଭ ହୋଇଥିଲେ ମଧ ଆବଶ୍ୟକ ପରିମାଣର ମହଜୁଦ ନ ଥିବାରୁ ଲୋକେ ନିରାଶ ହେଉଛନ୍ତି। ବିଶେଷକରି ମାସ୍କ ପାଇଁ ଦୋକାନରୁ ଦୋକାନ ବୁଲୁଥିଲେ ମଧ ମାସ୍କ ମିଳୁ ନ ଥିବା ଜଣାପଡିଛି। ଯେଉଁ ଦୋକାନରେ ଅଳ୍ପକିଛି ମହଜୁଦ ରହିଛି ତାହାକୁ ଅଧିକ ଦାମ୍‌ରେ ବିକ୍ରି କରାଯାଉଥିବା ମଧ ଅଭିଯୋଗ ହେଉଛି। ସେହିଭଳି ଆଗୁଆ ସାନିଟାଇଜର କିଣି ଘରେ ମହଜୁଦ ରଖିବାକୁ ମଧ ଲୋକେ ଲାଗିପଡ଼ିଛନ୍ତି। ଫଳରେ ଏହାର ବିକ୍ରି ବଢ଼ିଯାଇଥିବା ଔଷଧ ଦୋକାନୀମାନେ କହିଛନ୍ତି।

ଏ ନେଇ ବାପୁଜୀନଗରସ୍ଥିତ ରବୀନ୍ଦ୍ର ମେଡିସିନ ଷ୍ଟୋର କର୍ତ୍ତୃପକ୍ଷ କହିଛନ୍ତି, ଦୋକାନରେ ମାସ୍କ ଯାହା ଥିଲା ସବୁ ବିକ୍ରି ହୋଇସାରିଛି। ଅର୍ଡର ଦିଆଯାଇଥିଲେ ମଧ ମାସ୍କ ଆସିବାରେ ବିଳମ୍ବ ହେବ ବୋଲି ଡିଲର ଜଣାଇଛନ୍ତି। କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ସେବା ଓ ଆଶୀର୍ବାଦ ମେଡିକାଲ ଷ୍ଟୋର୍‌ର ମିଥୁନ ଓ ସଞ୍ଜୟ କହିଛନ୍ତି, ହଠାତ୍ ଲୋକଙ୍କ ଡିମାଣ୍ଡ ବଢ଼ିବାରୁ ମାସ୍କ ଅଭାବ ଦେଖାଦେଇଛି। ଅଧିକ ମାସ୍କ ରଖି ନ ଥିବାରୁ ଲୋକେ ଫେରୁଛନ୍ତି। ମାସ୍କ ଅର୍ଡର କରିବାରୁ ଡିଲର ଦର ବଢ଼ିଥିବା କହୁଛନ୍ତି। ଯେଉଁମାନେ ଅଧିକ ଦାମ୍ ଦେଇ କିଣୁଛନ୍ତି, ସେମାନେ ତ ଗ୍ରାହକଙ୍କଠାରୁ ଅଧିକ ଦର ହିଁ ନେବେ। ସେହିପରି ବମିଖାଲ କେନାଲ ରୋଡ୍‌ରେ ଥିବା ଆପୋଲୋ ଫାର୍ମାସୀ କର୍ତ୍ତୃପକ୍ଷ କହିଛନ୍ତି, ମାଷ୍ଟର କ୍ୟାଣ୍ଟିନ୍‌ରେ ଥିବା ଡିପୋରୁ ନିୟମିତ ଭାବେ ମାସ୍କ ଆସେ ଓ ବିକ୍ରି ହୁଏ। ହେଲେ ଡିପୋରେ ମାସ୍କ ଷ୍ଟକ୍ ନାହିଁ।

### ଯାଞ୍ଚ ପାଇଁ ବିମାନବନ୍ଦରରେ ସ୍ୱତନ୍ତ୍ର କ୍ୟାମ୍ପ

କରୋନା ସଂକ୍ରମଣ ରୋକିବାକୁ ଭୁବନେଶ୍ୱର ବିମାନ ବନ୍ଦରରେ 'ମେଡିକାଲ ସ୍କ୍ରିନିଂ ସେଣ୍ଟର' ଖୋଲାଯାଇଛି। ଏହି ସ୍ୱତନ୍ତ୍ର କ୍ୟାମ୍ପରେ ବିଶେଷଜ୍ଞଙ୍କ ସହ ଡାକ୍ତରୀ ଟିମ୍ ସଜାଗ ରହିଛନ୍ତି। ସେମାନେ ବିଦେଶରୁ ଆସୁଥିବା ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଚିହ୍ନିକି ଯାଞ୍ଚ କରୁଛନ୍ତି। ପ୍ରଥମେ ଦିଲ୍ଲୀରେ ଓ ପରେ ଭୁବନେଶ୍ୱରରେ ଯାତ୍ରୀମାନେ ଦ୍ୱିତୀୟ ଯାଞ୍ଚର ସମ୍ମୁଖୀନ ହେଉଛନ୍ତି। ପୂରା ଯାଞ୍ଚ ପ୍ରକ୍ରିୟା କ୍ୟାପିଟାଲ ହସ୍ପିଟାଲ ଦ୍ୱାରା ପରିଚାଳିତ ହେଉଛି। ଏନେଇ ହସ୍ପିଟାଲ ନିର୍ଦ୍ଦେଶକ ଅଶୋକ ପଟ୍ଟନାୟକ କହିଛନ୍ତି, ବିଦେଶରୁ ସପ୍ତାହକୁ ୪ ବିମାନ ରାତିରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ଯାତ୍ରୀଙ୍କ ଡାକ୍ତରୀ ପରୀକ୍ଷା କରାଯାଉଛି। ଏବେ ଏୟାର ଇଣ୍ଡିଆର ଦୁଇଟି ବିମାନ ନୂଆଦିଲ୍ଲୀରୁ ଆସୁଥିବାରୁ ଦିନରେ ଆସୁଥିବା ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଅନ୍ୟାନ୍ୟ ଯାଞ୍ଚ ଆରମ୍ଭ ହୋଇଛି।





Regd. Office: Hero MotoCorp Ltd. The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Cash Bonus of ₹5000/- on all BS IV Scooter models and on select Motorcycle models in Central, East & North Zones till 31st Mar'20 or till stock lasts, whichever is earlier. Hero MotoCorp reserves the right to modify / alter / withdraw offers without any prior intimation. #Finance scheme is at the sole discretion for the Financier & subject to its respective T&Cs. Finance schemes cannot be clubbed together.For details, please contact your nearest Authorized Hero outlet.

HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

For Institutional and Bulk Sales please write to bhubaneshwar@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ – 7799766422. ଭାରତ ହୀରୋ – 7799766378. ଡିଡି ହୀରୋ – 7799766329. ବାଲେଶ୍ୱର: ନୀଲମ ହୀରୋ – 7799766393. ବାରିପଦା : ଆଦିତ୍ୟ ହୀରୋ – 7799766370. ଭଦ୍ରକ : ସଞ୍ଜୀବ ହୀରୋ – 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ – 7799766362. କଟକ: ଜେଏମଜି ହୀରୋ – 7799766366. ସନୀ ହୀରୋ – 7799766401. ଏସେନ୍ ହୀରୋ – 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ – 7799766383. ଯାଜପୁର ରୋଡ: ସୌମିକ ହୀରୋ – 7799766410. କଳେଶ୍ୱର: ସାଇ ହୀରୋ – 7799766407. କଟଣୀ: ବିଶାଳ ହୀରୋ – 7799766398. କେନ୍ଦୁଝର: ସୁପ୍ରିମ ହୀରୋ – 7799766360. ନୟାଗଡ଼: ଭଗବତୀ ହୀରୋ – 7799766417. ପୁରୀ: ସଞ୍ଜୀବ ହୀରୋ – 8448389695. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ – 9238551897. ବାଲୁଗାଁ: ମହାମୟୀ ମୋଟର୍ସ – 8327793865. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ – 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ – 9853471301. ଖୋର୍ଦ୍ଧା: ବିନେଶ ଟ୍ରେଡିଂ କମ୍ପାନୀ – 9861242100. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ – 9437185858. ପାରାଦୀପ: ପ୍ରଦୀପ ମୋଟର୍ସ – 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ – 9438139116. ପିପିଲି: ଶ୍ରୀରାମ ମୋଟର୍ସ – 9437110789. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ – 9437055552. ରାହାମା: ଶରଧା ଅଟୋମୋବାଇଲ୍ସ – 9937018532. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ – 7978560171. ସୋରୋ: ଟ୍ରଇଙ୍କିଲ ମୋଟର୍ସ – 9861594852. ଉଦଳା: ମହାବୀର ମୋଟର୍ସ – 9853290346.

**କିଛି ତଥ୍ୟ**

୨୦୧୯ରେ ଭାରତରେ ୫,୯୮୬ ଅଲ୍ଟ୍ରା ହାଇନେଟ୍‌ୱର୍ଥ ଇଣ୍ଡିଭିଜୁଆଲ ବା ଅତିଧନୀ ବ୍ୟକ୍ତି ବସବାସ କରୁଛନ୍ତି। ଆଗାମୀ ୫ ବର୍ଷରେ ଏଥିରେ ୭୩% ବୃଦ୍ଧି ଘଟିବା ନେଇ ଆକଳନ କରାଯାଇଛି।
– ନାଇଟ ଫ୍ରାଙ୍କ୍ସ ୱେଲ୍‌ଥ ରିପୋର୍ଟ–୨୦୨୦

**ଆଜିର ମନ୍ତବ୍ୟ**

ଆଇନ ପ୍ରବର୍ତ୍ତନରେ ପୋଲିସ ଫେଲ ହେଲେ ଗଣତନ୍ତ୍ର ବିଫଳ ହୋଇଯାଏ।
– ଅଜିତ ଡୋଭାଲ, ଜାତୀୟ ସୁରକ୍ଷା ପରାମର୍ଶଦାତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ୨୦ ତାରିଖ...

୩ ବର୍ଷ ରହିବା ପରେ ୨୦୧୫ରେ ମୁକୁଳିଥିଲେ। ଅନ୍ୟ ୪ ଦୋଷୀ ମୁକେଶ, ପବନ, ବିନୟ ଓ ଅକ୍ଷୟଙ୍କୁ ଫାଶୀ ଦେବା ପାଇଁ ତଳ କୋର୍ଟରୁ ସୁପ୍ରିମକୋର୍ଟ ଯାଏ ରାୟ ଦେଇଥିଲେ। ହେଲେ ଦୋଷୀଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡାଦେଶରେ ପରିବର୍ତ୍ତିତ କରିବା ଲାଗି ସେମାନଙ୍କ ଓକିଲମାନେ ଯଥାସମ୍ଭବ ଉଦ୍ୟମ ଜାରି ରଖିଥିଲେ। ରାଜକ୍ଷମା ପାଇଁ ମଧ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରିଥିଲେ ଜଣ ଜଣ କରି ସମସ୍ତଙ୍କ ମର୍ସି ପିଟିଶନ। ପବନଙ୍କ ପିଟିଶନ ଥିଲା ମୃତ୍ୟୁରୁ ବର୍ତ୍ତିଯିବା ପାଇଁ ଶେଷ ଆବେଦନ, ଯାହାକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ଖାରଜ କରିଦେଇଥିଲେ। ଏହା ପୂର୍ବରୁ ଜାନୁୟାରୀ ୨୨, ଫେବୃୟାରୀ ୧ ଓ ମାର୍ଚ୍ଚ ୩ ଏହିପରି ଭାବେ ତିନିଥର ଜାରି ହୋଇଥିଲା ଡେଥ୍ ୱାରେଣ୍ଟ। ଆଇନଗତ ବିକଳ୍ପ ବାକି ଥିବା ଦର୍ଶାଇ ଦୋଷୀମାନେ ଥର ଥର କରି ଫାଶୀ ରୋକିବାକୁ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ମଧ ସେମାନଙ୍କ କଥା ଶୁଣି କହିଥିଲେ, ଯାହା ବାଟ ବାକି ଅଛି ଆପଣାଇ ନିଅ। ପରେ କିନ୍ତୁ ଆଉ କିଛି ବାହାନା ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇଦେଇଥିଲେ। ପବନଙ୍କ ରାଜକ୍ଷମା ଆବେଦନ ବୁଧବାର ଖାରଜ ହୋଇଯିବା ପରେ ଦିଲ୍ଲୀ ସରକାର ତତ୍ପରତା ଦେଖାଇ କୋର୍ଟକୁ ଗଲେ। ସବୁ ବିକଳ୍ପ ଶେଷ ହୋଇଯାଇଛି। ତେଣୁ ସେମାନଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ଡେଥ୍ ୱାରେଣ୍ଟ ଜାରି କରାଯାଉ ବୋଲି ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏଥର ସେମାନଙ୍କ ଓକିଲ ମଧ ଅଦାଲତରେ ହାତ ଟେକି ଦେଇଥିଲେ। ତେଣୁ ଡେଥ୍ ୱାରେଣ୍ଟ ପାଇଁ ଆଉ କିଛି ପ୍ରତିବନ୍ଧକ ନ ଥିଲା। ଶେଷରେ ବିଚାରପତି ଧର୍ମେନ୍ଦ୍ର ରାଣା ମାର୍ଚ୍ଚ ୨୦ ତାରିଖ ସକାଳ ୫ଟା ୩୦ ମିନିଟରେ ଫାଶୀ ପାଇଁ ଇସ୍ୟୁ କରିଛନ୍ତି ସମ୍ଭବତଃ ଶେଷ ୱାରେଣ୍ଟ।

### ୟେସ୍ ବ୍ୟାଙ୍କ...

ପରେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ସେଠାରେ ଉଠାଣ ସୀମା ଉପରେ କଟକଣା ଜାରି ହୋଇଥିଲା। ୟେସ୍ ବ୍ୟାଙ୍କ ପ୍ରଦାନ କରିଥିବା ଋଣ ସବୁ ଏନ୍‌ପିଏ ହେବା ଯୋଗୁ ଏହା ଗତ କିଛି ବର୍ଷ ହେବ ବିଭିନ୍ନ ସମସ୍ୟାର ସାମ୍ନା କରୁଛି। ଏହି ବ୍ୟାଙ୍କକୁ ସମସ୍ୟାରୁ ବାହାର କରିବା ଲାଗି ଏସ୍‌ବିଆଇ ସମେତ ଅନ୍ୟ କିଛି ସଂସ୍ଥାକୁ ସରକାର ଅନୁମତି ଦେଇଥିଲେ। ଅପରପକ୍ଷରେ ୟେସ ବ୍ୟାଙ୍କକୁ ଏସ୍‌ବିଆଇ ନେତୃତ୍ୱାଧୀନ କନର୍ସୋଟିୟମ ଅଧିଗ୍ରହଣ କରିବା ନେଇ ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ଶୀଘ୍ର ଘୋଷଣା ହେବ ବୋଲି ଶୁଣାଯାଉଛି।

ମୁମ୍ବାଇରେ ମୁଖ୍ୟ କାର୍ଯ୍ୟାଳୟ ଥିବା ୟେସ୍ ବ୍ୟାଙ୍କ ୨୦୧୮ ଅଗଷ୍ଟ ପରଠାରୁ ସମସ୍ୟାରେ ବୁଡି ରହିଛି। ବ୍ୟାଙ୍କର ପରିଚାଳନା ଏବଂ ଋଣ ସମସ୍ୟା ଯୋଗୁ ରିଜର୍ଭ ବ୍ୟାଙ୍କ ସେହି ସମୟରେ ତତ୍କାଳୀନ ମୁଖ୍ୟ ଥିବା ରାଣା କପୁରଙ୍କୁ ୨୦୧୯ରେ ପଦ ଛାଡିବାକୁ କହିଥିଲେ। ତାଙ୍କ ପରେ ବ୍ୟାଙ୍କର ନେତୃତ୍ୱ ନେଇଥିବା ରବନୀତ ଗିଲ୍ ଏନ୍‌ପିଏ ସମସ୍ୟା ଏବଂ ବ୍ୟାଙ୍କର ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ୨୦୧୯ ମାର୍ଚ୍ଚ ତ୍ରୈମାସରେ ବ୍ୟାଙ୍କକୁ ପ୍ରଥମ ଥର ଲାଗି ବୃହତ୍ ପରିମାଣର କ୍ଷତି ସହିବାକୁ ପଡିଥିଲା। ପ୍ରାଥମିକ ପର୍ଯ୍ୟାୟରେ ବ୍ୟାଙ୍କ ୨ ବିଲିୟନ ଡଲାରର ପୁଞ୍ଜି ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିଲା। ଏହି ପ୍ରସ୍ତାବ ଉପରେ ମଧ ବିଭିନ୍ନ ବିଚାର ବିମର୍ଶ ହୋଇଥିଲା। ମାତ୍ର କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ୟେସ ବ୍ୟାଙ୍କ ଦେଶର ଘରୋଇ ବ୍ୟାଙ୍କଗୁଡିକ ମଧରେ ୪ର୍ଥ ବଡ ବ୍ୟାଙ୍କ। ୨୮ ରାଜ୍ୟ ଏବଂ ୯ କେନ୍ଦ୍ର ଶାସିତ ଅଞ୍ଚଳରେ ଏହାର ଶାଖା ରହିଛି। ସାରା ଦେଶରେ ୧୦୦୦ରୁ ଅଧିକ ଶାଖା ଏବଂ ୧୮୦୦ ଏଟିଏମ୍ ଦ୍ୱାରା ସେବା ଯୋଗାଇ ଦେଉଛି।

### ସୁଧହାର କମାଇଲା...

ବସିଥିବା ଇପିଏଫ୍‌ଓର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ସେଣ୍ଟ୍ରାଲ ବୋର୍ଡ ଅଫ୍ ଟ୍ରଷ୍ଟି (ସିବିଟି) ବୈଠକରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଶ୍ରମ ମନ୍ତ୍ରୀ ସନ୍ତୋଷ ଗଙ୍ଗୱାର କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ପ୍ରଦାନ କରାଯିବାକୁ ଥିବା ସୁଧହାର ୨୦୧୨-୧୩ ପରଠାରୁ ସର୍ବନିମ୍ନ। ୨୦୧୬-୧୭ରେ ଇପିଏଫଓ ୮.୬୫%, ୨୦୧୭-୧୮ରେ ୮.୫୫% ହାରରେ ସୁଧହାର ଦେଇଥିବା ବେଳେ ୨୦୧୫-୧୬ରେ ସୁଧହାର ୮.୮% ରହିଥିଲା। ଏହାବାଦ୍ ୨୦୧୩-୧୪ ଏବଂ ୨୦୧୪-୧୫ରେ ସୁଧହାର ୮.୭୫% ରହିଥିଲା, ଯାହା ଚଳିତ ଆର୍ଥିକ ବର୍ଷ ଠାରୁ ଅଧିକ।



କଟକ ବାଲିଯାତ୍ରା ପଡ଼ିଆରେ ଗୁରୁବାର ଅନୁଷ୍ଠିତ ସମାବେଶରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱସ୍ତରୀୟ ଚିକିତ୍ସା...

ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ, ପାନୀୟ ଜଳ, ସହରାଞ୍ଚଳ ବିକାଶ ସହ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଅନେକ ଜନକଲ୍ୟାଣକାରୀ ଯୋଜନା ଆଜି ସଫଳ ହୋଇଛି। ଏହାର ଲାଭ ସାଢେ ୪କୋଟି ଓଡ଼ିଶାବାସୀ ପାଉଛନ୍ତି ବୋଲି ମନ୍ତ୍ରୀମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ୫–ଟି ସଚିବ ଭି.କେ. ପାଣ୍ଡିଆନ, ଆରଡିସି ଅନିଲ ସାମଲ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ବହୁ ଏମ୍‌ପି, ବିଧାୟକ ଏବଂ ବିଭିନ୍ନ ନିଗମର ଅଧ୍ୟକ୍ଷ ଉପସ୍ଥିତ ଥିଲେ। କୁନା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମନ୍ତ୍ରୀ ନବକିଶୋର ଦାସ ସ୍ୱାଗତ ଭାଷଣ ଓ ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୫।୩(ବ୍ୟୁରୋ)

**କରୋନା ନେଇ ଆଡ୍‌ଭାଇଜରି ଜାରି କଲା ଓସେପା**

ଘାରିଲାଣି କରୋନା ସଂକ୍ରମଣ ଭୟ। ଓଡ଼ିଶାରେ ସେପରି ସ୍ଥିତି ଉପୁଜି ନ ଥିଲେ ମଧ ଶିକ୍ଷା ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଗୁରୁବାର ଓଡ଼ିଶା ସ୍କୁଲ୍ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା) ପକ୍ଷରୁ ଏକ ଆଡ୍‌ଭାଇଜରି ଜାରି କରାଯାଇଛି। କରୋନାକୁ ନେଇ ସତର୍କ ରହିବା ସହ ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ), ଜିଲା ପ୍ରକଳ୍ପ ଅଧିକାରୀ (ଡିପିସି) ଓ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ପତ୍ର ସଂଖ୍ୟା ୨୯୬୪/ସିଏମ୍‌ରେ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ 'ନୋଭେଲ୍ କରୋନା ଭାଇରସ' ବିଷୟରେ ଶିକ୍ଷକମାନେ ନିୟମିତ ଅବଗତ ସହ ସଚେତନ କରିବେ। କାହାସହ ହାତ ନ ମିଳାଇବା, ଖାଇବା ପୂର୍ବରୁ ଭଲ ଭାବେ ହାତ ଧୋଇବା, କାଶ ଓ ଛିଙ୍କ ହେଉଥିଲେ ରୁମାଲ ବ୍ୟବହାର କରିବା ସହ ବିଦ୍ୟାଳୟରେ ଏକତ୍ରିତ କିମ୍ବା ରୁଣ୍ଡ ହୋଇ କିଛି କାର୍ଯ୍ୟ କରିବାକୁ ବାରଣ କରାଯାଇଛି। କୌଣସି ଛାତ୍ରୀଛାତ୍ର ଅସୁସ୍ଥତା ଅନୁଭବ କରୁଥିଲେ ତାଙ୍କୁ ବିଦ୍ୟାଳୟ ନ ଆସିବାକୁ ପରାମର୍ଶ ଦିଆଯାଇଛି।

# କରୋନା ସନ୍ଦିଗ୍ଧ ଦମ୍ପତିଙ୍କ ରିପୋର୍ଟ ନେଗେଟିଭ୍

**କଟକ ଅଫିସ,୫।୩:** ଚାଇନାରୁ ଭାୟା ସିଙ୍ଗାପୁର ଦେଇ ପାରାଦୀପରେ ପହଞ୍ଚିଥିବା ଏକ ଦମ୍ପତିଙ୍କୁ କରୋନା ଆକ୍ରାନ୍ତରେ ସନ୍ଦେହ କରାଯାଇ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ରକ୍ତ ଏବଂ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପୁଣେ ସ୍ଥିତ ଏନ୍‌ଆଇଭିକୁ ପଠାଯାଇଥିଲା। ଗୁରୁବାର ଉଭୟଙ୍କ ନମୁନା ପରୀକ୍ଷା ରିପୋର୍ଟ ଆସିଯାଇଛି। ରିପୋର୍ଟରେ ନେଗେଟିଭ୍ ଥିବା ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଏମ୍.ଟି. କେମଷ୍ଟାର୍ ଷ୍ଟେଲାର୍ ନାମକ ଏକ ସଲ୍‌ଫ୍ୟୁରିକ ଏସିଡ୍ ବୋଝେଇ ଜାହାଜ କିଛିଦିନ ତଳେ ପାରାଦୀପରେ ପହଞ୍ଚିଥିଲା। ଏଥିରେ ଥିବା ଏକ ଦମ୍ପତି ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ଥିଲେ। ବନ୍ଦର ହେଲ୍‌ଥ ୟୁନିଟ୍‌ର ଏକ ସ୍ୱତନ୍ତ୍ର ଦଳ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ମଙ୍ଗଳବାର କଟକ ଏସ୍‌ସିବି ମେଡିକାଲକୁ ପଠାଇଥିଲା। ସେଠାରେ ଉଭୟଙ୍କୁ ଆଇସୋଲେସନ୍ ୱାର୍ଡରେ ରଖାଯାଇଥିଲା। ବୁଧବାର ସେମାନଙ୍କ ରକ୍ତ ଏବଂ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ରାହୁଯୁକ୍ତ ଚନ୍ଦ୍ରଜନିତ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହି ନ ପାରେ। ଦ୍ୱିଜା ନକ୍ଷତ୍ର ସକାଶେ ଅର୍ଥ ଲାଭ, ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମନ ଖୁସି ରହିବ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟରେ ଉପକୃତ ହେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** – ଶନି ଓ ରବିଙ୍କ ପାରସ୍ପରିକ ଶତ୍ରୁତାଜନିତ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡି ଦେଇପାରେ। ଆଶା କରୁଥିବା ଦିଗରୁ ଅର୍ଥ ପାଇବା ସହ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** – ସପ୍ତମସ୍ଥ କେତୁ ଯୁକ୍ତ ବୃହସ୍ପତି ହେତୁ ଯାତ୍ରାରେ ଲକ୍ଷ୍ୟ ହାସଲ କରିବା କଷ୍ଟକର ହୋଇପାରେ। ଇଚ୍ଛାନୁଯାୟୀ କେତେକ କାମ ସକାଶେ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ** – ଦ୍ୱାଦଶସ୍ଥ ଗ୍ରହଜନିତ ଆଜି ଆର୍ଥିକ ସ୍ଥିତି ବହୁତ ଭଲ ରହିବ କିନ୍ତୁ ଦୂରଯାତ୍ରା ସହ ଖଚ୍ଚାନ୍ତ ମଧ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ବନ୍ଧୁ ଜରିଆରେ ଆକସ୍ମିକ ଭାବରେ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହୋଇପାରନ୍ତି।

**ସିଂହ** – ରବି ଓ ଚନ୍ଦ୍ର ଷଡାଷ୍ଟକ ସ୍ଥିତିରେ ରହିଥିବାରୁ ସମସ୍ୟା ଆସିଲେ ମଧ ଆପଣ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। ଅବଶ୍ୟ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** – ଆଜି ଆପଣଙ୍କ କାମ ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ବୁଝାମଣା ଠିକ୍ ନ ରହିବା କାରଣରୁ କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଘର ଲୋକମାନଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡିପାରେ।

**ତୁଳା** – ନିଜର ସମସ୍ୟା ବିଷୟରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଦେଖାଦେଇପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** – ଅଷ୍ଟମାଧିପତି ଚତୁର୍ଥସ୍ଥ ହେତୁ ପରିବାରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ। ସାହିତ୍ୟ ସ୍ଥଗିତକାର୍ଯ୍ୟ ଆରମ୍ଭ କରିବା ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି।

**ଧନୁ** – କର୍ମାଧିପ ବୁଧ ସ୍ୱରାଶିରୁ ଷଷ୍ଠସ୍ଥ ଯୋଗୁ ଆଜିର କର୍ମକ୍ଷେତ୍ରରେ ଆଲୋଚନା ଅମୀମାଂସିତ ରହିପାରେ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ଶତ୍ରୁତା କାରଣରୁ ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** – ମଙ୍ଗଳଗ୍ରହ ନିଜରାଶି ମେଷରୁ ଅଷ୍ଟମରେ ଥିବାରୁ ଆଜି ସାଧାରଣ କଥାକୁ କେନ୍ଦ୍ର କରି କଳହର ସମ୍ମୁଖୀନ ହୋଇପାରନ୍ତି। ଅତ୍ୟାବଶ୍ୟକ ଜିନିଷଗୁଡିକୁ ଆଣିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ।

**କୁମ୍ଭ** – ରାଶିରେ ବୁଧ ଓ ଧନସ୍ଥାନରେ ଶୁକ୍ରଥିବାରୁ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାଖପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ଆଶଙ୍କା ରହିଛି।

**ମୀନ** – ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଥିଲେ ମଧ ବିଶେଷ ଅସୁବିଧା ହେବନାହିଁ। ଗତକାଲିଠାରୁ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାପର ବନ୍ଧୁମାନେ ନୀରବ ରହି ପଛରେ ବହୁତ କଥା କହିବେ। ପାଖପଡୋଶୀଙ୍କ ସହାୟତାରେ ଅର୍ଥାଭାବ କେତେକାଂଶରେ ଦୂରୀଭୂତ ହୋଇଯିବ।

ଆଜି ଫାଲ୍‌ଗୁନ ଶୁକ୍ଲପକ୍ଷର ସର୍ବସମ୍ମତ ପାପନାଶିନୀ ଏକାଦଶୀ ଯୁକ୍ତ ଦ୍ୱାଦଶୀ ଶୁକ୍ରବାର, ମାର୍ଚ୍ଚ ୬ ତାରିଖ, ରାଶିନକ୍ଷତ୍ର–ଦିବା ଘ୧୧।୦୪ମି. ଗତେ, ପୁଷ୍ୟା/କର୍କଟ, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଏକାଦଶୀ ଉପବାସ, ଦିବା ଘ.୭।୪୦ମି. ମଧ୍ୟେ ଘ.୮।୨୬ମି. ଗତେ, ଘ.୧୦।୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୩୪ମି. ଗତେ ଘ.୯।୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୩୦ମି. ଗତେ ଘ.୧୧।୫୮ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302



SALE

Hyundai Elantra, Volkswagen Vento, Pajero Sports, Indica, Skoda Superb, Toyota Corolla Altis. Car sale/ purchase and finance- 7077731532, 7381091234. D-68498



SALE

Bhubaneswar, Patia, Bigbazar ରୁ 3.5k.m ଘର କରିବା ପାଇଁ plot 50 x 30= 1500sqft. କୁ 8,25,000/- ରେ ମିଳୁଛି। 9937065503, 8 2 4 9 0 0 5 1 3 1 , 9337061817. D-68500

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍‌ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

ଭୁବନେଶ୍ୱର **Tamandoରେ 30'ରାସ୍ତା ଥାଇ/ C.V Raman NHକୁ** ଲାଗି ପ୍ଲଟ୍ କିଣନ୍ତୁ। **9348767829.** D-68499

**Holi Offer:- Book ready to move 2BHK/ 3BHK flats with all amenities @ "The Landmark" apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014.** D-17003

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଣୀରେ gharabari boundary Patta plot-499/-, 7077730754. D-69103

Flat sales 2bhk/ 3bhk, Patia Big Bazar, front (RERA) Approved. 7978867139. D-16925

Plots gharabari demarcated low cast ready registration and boundary wall at Balianta, Bhingarpur, Bhubaneswar, Mob: 9938466916. D-16918

**Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524.** D-69102

Ready resale 2BHK-45lakhs, Nandan Vihar, Patia and 3BHK-65 lakhs flats, Damana, 7008346486. D-69238

3BHK flat in Nirmal Plaza, Forest Park, Bhubaneswar for immediate sale. Contact: 9437062777. D-17029

**3152Sqft. store + 700sqft. common area (252sqft. staircase+ 448sqft. ground floor) available for rent @ Handidhua, Talcher. Contact/ WhatsApp- Ashutosh: 9538721212.** D-17012

**2BHK earthquake proof quality flats in Avantika Apartment near Gokul residency on GGP Pandara road touching Puri Highway for sale. Contact- 9 4 3 7 3 9 6 7 1 8 , 8763935874 during office hours immediately.** D-68072



2BHK flat with parking at Lingipur rent family. Contact: 7894381416. D-59945

**Four storied bulding on 6500sqft. Godown/ Shops, Ground Floor, Suitable for Bank/ Hospital/Collage/ Others at Hi-Tech Chhak Sunderpada, 9437926044.** D-16922



Experience full body massage by home service available, 7 3 7 7 1 9 6 6 1 8 , 9090535504. D-16990

Ayurvedic refreshment massage therapy refresh mind and body. Appointment: 7894855541. D-69301

Full body herbal massage with refreshment expert therapist. 7381239385, 06742540855. D-69232

Experience full body massage with us (expert). Call: 7377048581, 06742527822. D-69233

Herbal full body massage by smart / expert therapist. Contact: 8338067247. D-69234

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69235

Ayurvedic full body massage ladies/gents smart experts therapist:- 8480939300. D-68795

Body massage @ 1099 at mystic Unisex Salon and Spa. 9556978408. D-69237

Rejuvenate and Ayurvedic full body massage by smart therapist. 9114402304. D-69236

Ayurvedic full body massage ladies and gents. Contact- 9861064981. D-68794

Newly open full body massage by ladies, gents therapist. 8018656899 D-60878

Monalisa Massage Club: All types body massage with hiprofile smart lady rooms service available- 9708545108. D-17005

**LOST**

I Jayanta Kumar, R/o- Danipali, Dist- Sambalpur have lost my original Sale Deed No. 776/2005, ROR No.685. If found kindly contact- 9337235197. D-17033

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



**କ୍ରିଷ୍ଣା (ଗୁଡୁ)**
ଗ୍ରାମ: ଭିଲିଗ୍ରାମ, ନିମାପଡ଼ା, ପୁରୀ

ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଭବିଷ୍ୟତ ଚଲାପଥ କୁସୁମିତ ହେଉ ଏବଂ ଠାକୁର ତୋତେ ସୁସ୍ଥ, ନୀରୋଗ ରଖନ୍ତୁ। ଭଲ ମଣିଷଟିଏ ହୋଇ ସୁଖ୍ୟାତି ଅର୍ଜନ କର।

**–:ଶୁଭେଚ୍ଛା ସହ:–**

ମାଆ– ବିଜୟଲକ୍ଷ୍ମୀ, ବାପା– ଶରତ, ବଡ଼ବୋଉ– ବିଳାସ, ବଡ଼ବାପା– ଚରଣ, ବନ୍ଧୁ ଓ ପରିବାରବର୍ଗ

ଧ–୧୭୦୩୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I Parmila Das Spouse of two Biswanath Das resident of Lokanath road, Hatishal, Puri have changed my name from Parmila Das to Pramila Das as per affidavit signed by Magistrate on 02 March 2020. D-69015

By Virtue of an affidavit sworn before Executive Magistrate, Barbil, Dist. Keonjhar I Sushila Kumari Somani, W/o. Navin Somani, At- Barbil, Near-Utkal, PO/PS- Barbil, Dist- Keonjhar declared that: In my SBI life policy my name is written as Mrs. Sushila Kumari Somani, In all my School Certificates my name is recorded as Sushila Kumari, In my Aadhaar Card, Pan Card and Bank Pass Book my name is written as Baby Somani and in my Voter Id card my name is written as Bebi Somani. That "Mrs Sushila Kumari Somani" "Sushila Kumari" "Baby Somani" and "Bebi Somani" are the names of one and same woman who is the deponent. I swear this affidavit to produce before the concerned authority of SBI life Insurance company Ltd. D-17036

Email ମାଧ୍ୟମରେ କ୍ଲାସିଫାଏଡ଼ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**ବୃଦ୍ଧାଙ୍କୁ ଦଳିଦେଲା ଦନ୍ତା**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା କମରେଇ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଜଣେ ବୃଦ୍ଧାଙ୍କ ଜୀବନ ନେଇଛି। ଉକ୍ତ ହାତୀ ୩ଟି ଚାଳଘର ଭାଙ୍ଗିଦେବା ସହ ଘରେ ଶୋଇଥିବା ଦେବକୀ ବେହେରା (୭୦)ଙ୍କୁ ଟାଣିଆଣି ଦଳି ଦେଇଥିଲା। ଏହାକୁ ନେଇ ଗୁରୁବାର ସକାଳୁ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା।

**ସଂକ୍ଷେପରେ**

## ଦୁର୍ଘଟଣାରୁ ବର୍ତ୍ତିଲା ଏଲ୍‌ଟିଟି ଏକ୍ସପ୍ରେସ୍

### ରେଳ ଧାରଣାରେ ଫାଟ



**ଢେଙ୍କାନାଳ ଅଫିସ, ୫।୩:** ଭାଗ୍ୟ ସହାୟ ହେଲା। ରେଳଧାରଣାରେ ସୃଷ୍ଟି ହୋଇଥିବା ଫାଟକୁ କୌଣସି ମତେ ଅତିକ୍ରମ କରିଗଲା ଲୋକମାନ୍ୟ ତିଳକ (ଏଲ୍‌ଟିଟି) ସୁପରଫାଷ୍ଟ ଏକ୍ସପ୍ରେସ୍। ଫାଟ ଅତିକ୍ରମ କରିବା ସମୟରେ ଟ୍ରେନ୍ ଦୋହଲିଥିଲେ ମଧ୍ୟ କାହାରି କ୍ଷତି ହୋଇନାହିଁ। ଢେଙ୍କାନାଳ ଜିଲା ମହାଦିଆ ପାସେଞ୍ଜର ହଲ୍ଟ ନିକଟରେ ଗୁରୁବାର ସକାଳେ ଘଟିଥିବା ଏହି ଘଟଣା ଆଲୋଚନାର ବିଷୟ ହୋଇଛି। ଓଡ଼ାପଡା ବ୍ଲକ ସଦାଶିବପୁର-ହିନ୍ଦୋଳ ରୋଡ୍ ମଧ୍ୟରେ ରହିଛି ମହାଦିଆ ପାସେଞ୍ଜର ହଲ୍ଟ। ଏହାର ଅନତି ଦୂରରେ ରେଳ ଧାରଣା ଦୁଇଖଣ୍ଡ ହୋଇଯାଇଯାଇଥିଲା। ତେବେ କୌଣସିମତେ ସକାଳ ୬ଟାରେ ବମ୍ବେ-ଭୁବନେଶ୍ୱର ଲୋକମାନ୍ୟ ତିଳକ ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରାକ୍ ଅତିକ୍ରମ କରିଯାଇଥିଲା। ଉପସ୍ଥିତ କେତେଜଣ ଏ ନେଇ ରେଲୱେ ଫାଟକ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସୂଚନା ଦେବାପରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ଯୁଦ୍ଧକାଳୀନ ଭିତ୍ତିରେ ଟ୍ରାକ୍ ମରାମତି କରିଥିଲେ।

# 'ମାର୍ଚ୍ଚ ୫ ହେବ ଲୋକସେବା ଦିବସ'

## ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

- ଗଣତନ୍ତ୍ରରେ ସାଧାରଣ ଲୋକ ହିଁ ମାଲିକ
- ସବୁ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବାକୁ ହିତାଧିକାରୀଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ
- ଆରମ୍ଭ ହେଲା ପକ୍କାଘର ଯୋଗ୍ୟତା କାର୍ଡ କାର୍ଯ୍ୟକ୍ରମ
- ୪ ବର୍ଷରେ ୨୦ ଲକ୍ଷ ଲୋକଙ୍କୁ ପକ୍କାଘର ଯୋଗାଇବା ଲକ୍ଷ୍ୟ

ଭୁବନେଶ୍ୱର,୫।୩(ବ୍ୟୁରୋ)

ଗଣତନ୍ତ୍ରରେ ଲୋକ ହିଁ ଶ୍ରେଷ୍ଠ। ସାଧାରଣ ଲୋକ ହିଁ ମାଲିକ। ବିଜୁବାବୁ ସବୁବେଳେ ସାଧାରଣ ଲୋକଙ୍କ ହକ୍‌କୁ ଅଗ୍ରାଧିକାର ଦେଉଥିଲେ। ଏହାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୫ ତାରିଖକୁ ପଞ୍ଚାୟତିରାଜ ଓ ଲୋକସେବା ଦିବସ ଭାବେ ପାଳନ କରିବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଗୁରୁବାର ଲୋକସେବା ଭବନ କନ୍‌ଭେନଶନ ହଲଠାରେ ଆୟୋଜିତ ରାଜ୍ୟସ୍ତରୀୟ ପଞ୍ଚାୟତିରାଜଦିବସପାଳନକାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ବିଜୁ ବାବୁଙ୍କର ସ୍ୱପ୍ନ ଥିଲା 'ମୁଁ ଚାହେଁ ଯେ ମୋ ରାଜ୍ୟର ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ନାଗରିକର ମୁଣ୍ଡ ଉପରେ ଖଣ୍ଡେ ଭଲ ଛାତ ଥାଉ'। ଅର୍ଥାତ୍ ସମସ୍ତଙ୍କ ପାଇଁ ପକ୍କାଘର ହେଉ। ଖୁସିର କଥା ଏ ଦିଗରେ ଆମେ ଅନେକ ବାଟ ଆସିପାରିଛୁ। ଏ ପର୍ଯ୍ୟନ୍ତ ୨୫ ଲକ୍ଷ ଲୋକଙ୍କୁ ପକ୍କାଘର ଯୋଗାଇ ଦିଆଯାଇଛି। ଆସନ୍ତା ୪ ବର୍ଷ ମଧ୍ୟରେ ଆଉ ୨୦ ଲକ୍ଷ ଲୋକଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ୨୦ ଲକ୍ଷ ପକ୍କାଘର ପାଇଁ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରି ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୋ ସରକାର କଥା ନୁହେଁ, କାମରେ ବିଶ୍ୱାସ କରେ। ପକ୍କାଘର ଯୋଗ୍ୟତା କାର୍ଡ ପାଇଁ ଶୁଭେଚ୍ଛା ଜଣାଇବା ସହ ଠିକ୍ ସମୟରେ ଘର ତିଆରି କରି ଓଡ଼ିଶାର ସବୁ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବା ଦିଗରେ ସରକାରଙ୍କ ଉଦ୍ୟମକୁ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କୁ ଅନୁରୋଧ କରିଛନ୍ତି।



ଲୋକ ସେବା ଭବନସ୍ଥିତ କନ୍‌ଭେନଶନ ହଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳର ଯୋଗ୍ୟ ବିବେଚିତ ୨୦ ଲକ୍ଷ ପରିବାରକୁ 'ପକ୍କାଘର ଯୋଗ୍ୟତା କାର୍ଡ' ଅଧିକାର ପତ୍ର ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ୯ ଜଣ ହିତାଧିକାରୀଙ୍କୁ ପକ୍କାଘର 'ଯୋଗ୍ୟତା କାର୍ଡ ଅଧିକାର' ପତ୍ର ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ସରକାରଙ୍କ ବିଭିନ୍ନ ବିଭାଗ ମାଧ୍ୟମରେ ସମନ୍ୱୟ ରକ୍ଷା କରି ଉତ୍ତମ ସେବା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

୫-ଟିପ୍ରୟାସ ଅନ୍ତର୍ଗତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଅନ୍‌ଲାଇନ କେସ ରେକର୍ଡ ପରିଚାଳନା ଏବଂ ଆମ ଘର ମୋବାଇଲ ଆପ୍‌ର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ କରିଥିଲେ। ଏହିଅନ୍‌ଲାଇନ କେସ୍ ରେକର୍ଡପରିଚାଳନା ମାଧ୍ୟମରେ ହିତାଧିକାରୀମାନେ ବ୍ୟକ୍ତିଗତଭାବେ ଗ୍ରାମୀଣ ବାସଗୃହ ଯୋଗାଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇ ପାରିବେ। ପୁନଶ୍ଚ ଆମ ଘର ମୋବାଇଲ ଆପ୍ ମାଧ୍ୟମରେ ଗୃହ ନିର୍ମାଣ ନିମନ୍ତେ ଥିବା ବିଭିନ୍ନ କିସ୍ତିଗୁଡ଼ିକର ପ୍ରକ୍ରିୟା ଏବଂ ଫଟୋ ଅପଲୋଡ୍ କରାଯାଇ ପାରିବ।

ଏହି ଅବସରରେ ଗ୍ରାମୀଣ ବାସଗୃହ ଯୋଜନାରେ ରାଜ୍ୟରେ ଉପକୃତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କ ୨୧ଟି ସଫଳ କାହାଣୀକୁ ନେଇ ସଙ୍କଳନ ହୋଇଥିବା 'କଫି ଟେବୁଲ ବୁକ'କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାର ୪ଟି ବିଭାଗ ଯଥା ସ୍କୁଲ ଓ ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ଅଧୀନରେ ଥିବା ସରକାରୀ, ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ ଓ ରକ୍ଷଣା ବେକ୍ଷଣ କାର୍ଯ୍ୟ ଏଣିକି ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଦ୍ୱାରା କରାଯିବ। ଏଥିପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ସହ ପଞ୍ଚାୟତିରାଜ ବିଭାଗ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ପଞ୍ଚାୟତିରାଜ ବିଭାଗ ସଚିବ ଦେଓ ରଞ୍ଜନ କୁମାର ସିଂ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ମଣ୍ଡଳ ସଦସ୍ୟ, ଏମପି, ବିଧାୟକ, ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ମନ୍ତ୍ରୀଙ୍କ ଭାଷଣରେ ଚିହିଁକି ଉଠିଲା ଭାଜପା

ଭୁବନେଶ୍ୱର,୫।୩(ବ୍ୟୁରୋ)

ସରକାରୀ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମ୍ବିଧାନ ବିରୋଧୀ ମନ୍ତବ୍ୟ ରଖିଥିବା ଭାଜପା ଅଭିଯୋଗ କରିବା ସହିତ କଡା ପ୍ରତିକ୍ରିୟା ପ୍ରକାଶ କରିଛି। ସୂଚନାଯୋଗ୍ୟ ଯେ, ଗୁରୁବାର ବାଲିଯାତ୍ରା ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ସିବି ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ କରିବା ପାଇଁ ପ୍ରସ୍ତାବିତ ପ୍ରକଳ୍ପର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୩ଜଣ ମନ୍ତ୍ରୀ କହିବାକୁ ସୁଯୋଗ ପାଇଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ଭାଜପା ବୋଲି ଉଚ୍ଚାରଣ କରିନାହାନ୍ତି ସତ, ହେଲେ ମନଇଚ୍ଛା ସମାଲୋଚନା କରି ଭାଜପାର ନିଦ ହଜାଇ ଦେଇଛନ୍ତି। ଧର୍ମ ନାଁରେ ଭାଜପା ଦେଶ ବିଭାଜିତ କରିବାକୁ ଚାହୁଁଥିବା କହିଛନ୍ତି। ଏହାସହ ଦଳ ଝାଡଖଣ୍ଡ, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ଉଚିତ ଜବାବ ପାଇଥିବା ସ୍ୱାଇଁ କହିବା ପରେ ଭାଜପା ଚିହିଁକି ଉଠିଛି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପଷ୍ଟୀକରଣ ରଖନ୍ତୁ। କଟକଠାରେ ଆୟୋଜିତ କାର୍ଯ୍ୟକ୍ରମ ଦଳୀୟ ନା ସରକାରୀ ଥିଲା ତାହା ସ୍ପଷ୍ଟ କରନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭାଜପା ସାମ୍ପ୍ରଦାୟିକ ମନୋଭାବ ସୃଷ୍ଟି କରୁଥିବା ଜଣେ ମନ୍ତ୍ରୀଙ୍କ ପକ୍ଷେ ଶୋଭନୀୟ ନୁହେଁ। ଏକ ରାଜନୈତିକ ମଞ୍ଚରୁ ସମ୍ବିଧାନ ବିରୋଧୀ ମନ୍ତବ୍ୟ ଦେବା ଅତ୍ୟନ୍ତ ନିନ୍ଦନୀୟ। ଦଳ ତରଫରୁ ଏଭଳି ମନ୍ତବ୍ୟକୁ ନିନ୍ଦା କରାଯାଉଛି ବୋଲି ଗୋଲକ କହିଛନ୍ତି।

## ରାଜ୍ୟବ୍ୟାପୀ ବିଜୁ ଜୟନ୍ତୀ ପାଳିତ

### ବିଜେଡି ମୁଖ୍ୟାଳୟ, ବିଧାନସଭା ପରିସର କାର୍ଯ୍ୟକ୍ରମରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୩(ବ୍ୟୁରୋ)

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଗୁରୁବାର ରାଜ୍ୟବ୍ୟାପୀ ପାଳନ କରାଯାଇଛି। ବିଜେଡି ପକ୍ଷରୁ ଦଳୀୟ ନେତା ଓ କର୍ମକର୍ତ୍ତାମାନେ ନିର୍ବାଚନମଣ୍ଡଳୀସ୍ତରରେ ବିଜୁ ଜୟନ୍ତୀ ପାଳନ କରିଛନ୍ତି। ଆସନ୍ତା ୨୦ ତାରିଖ ଯାଏ ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳ ପକ୍ଷରୁ କଟକ ଓ ଭୁବନେଶ୍ୱରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଗୁରୁବାର ସକାଳେ ବିଜୁ ଜନତା ଦଳ ମୁଖ୍ୟ କାର୍ଯ୍ୟାଳୟରେ ବିଜୁ ବାବୁଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତା ସାମିଲ୍ ଥିଲେ। ଏହି ଅବସରରେ ସେଠାରେ ଆୟୋଜିତ ରକ୍ତଦାନ ଶିବିର 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ବିଧାନସଭା ପରିସରରେ ଆୟୋଜିକ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ମନ୍ତ୍ରୀ ଓ ବିଜେଡି ନେତାମାନେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଧାନସଭା ସଚିବ ଦାଶରଥୀ ଶତପଥୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ବିପିନ ବିହାରୀ ବାରିକ, ଉତ୍କଳ ସମ୍ମିଳନୀ କାର୍ଯ୍ୟକର୍ତ୍ତା ପ୍ରମୁଖ ବିଜୁ ବାବୁଙ୍କୁ ନିଜର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଶାସ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ବିଜୁ ପଟ୍ଟନାୟକଙ୍କ ସ୍ମୃତିରେ ଏକ ସଂଗୀତ ପରିବେଷଣ କରିଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗ ସ୍ତରରେ ଆୟୋଜିତ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ କଟକ ବାଲିଯାତ୍ରା ପଡ଼ିଆରେ ବିଜେଡି ପକ୍ଷରୁ ଆୟୋଜିତ ଏକ ବିଶାଳ ସମାବେଶରେ ଯୋଗ ଦେଇଥିଲେ।

## 'ଘର ବଣ୍ଟନରେ ଅନିୟମିତତା ଅଭିଯୋଗ ଆଣିଲା ଭାଜପା

- କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଭାଜପାର ସବୁ ଏମ୍‌ପି
- କେନ୍ଦ୍ରୀୟ ଟିମ୍ ପଠାଇ ଯାଞ୍ଚ କରିବାକୁ କଲେ ଅନୁରୋଧ

ଭୁବନେଶ୍ୱର,୫।୩(ବ୍ୟୁରୋ)

ପକ୍କାଘର ପାଇବା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ରାଜ୍ୟ ସରକାର ଯୋଗ୍ୟତା କାର୍ଡ ବାଣ୍ଟିବା ଆରମ୍ଭ କରିଛନ୍ତି। ଗୁରୁବାର ପଞ୍ଚାୟତିରାଜ ଦିବସ ଅବସରରେ ଏହା ଆରମ୍ଭ କରାଯାଇଥିବା ବେଳେ ଭାଜପା ଏହାକୁ ନିନ୍ଦା କରିଛି। ଯୋଗ୍ୟ ହିତାଧିକାରୀ ଚୟନରେ ଅନିୟମିତତା କରାଯାଉଥିବା ବେଳେ ଶାସକ ଦଳ କର୍ମୀଙ୍କୁ ସରକାରୀ ଘର ମିଳୁଥିବା ଭାଜପା ଅଭିଯୋଗ କରିଛି। ଏହାସହ ଘର ବଣ୍ଟନରେ ଅନିୟମିତତା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଭାଜପା ଏମ୍‌ପିମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅନ୍ୟପଟେ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ଖବରଦାତା ସମ୍ମିଳନୀରେ ଶାସକ ଦଳକୁ ସମାଲୋଚନା କରିବା ସହ ଫନୀକୁ ଇତିମଧ୍ୟରେ ୧୦ ମାସ ବିତିଗଲା, ହେଲେ ଚୂଡ଼ାନ୍ତ ହିତାଧିକାରୀ ତାଲିକା ପ୍ରକାଶ ହୋଇପାରିଲା ନାହିଁ ବୋଲି ସେ କହିଛନ୍ତି। ମଝିରେ ସରକାର ଦର୍ଶାଇଥିବା ତାଲିକାରେ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଅଧିକ ଥିବା ଭାଜପା ଦର୍ଶାଇଥିଲା। ଏହାପରେ ନୂଆ ତାଲିକା ପ୍ରସ୍ତୁତ କରି ଅଯୋଗ୍ୟଙ୍କୁ ବାଦ୍ ଦେବାକୁ ସରକାର ସର୍କୁଲାର ଜାରି କଲେ। ମାତ୍ର ଏ ପର୍ଯ୍ୟନ୍ତ ଉକ୍ତ ତଲିକା ସାର୍ବଜନୀନ କରାଯାଉ ନ ଥିବା ପୃଥ୍ୱୀରାଜ କହିଛନ୍ତି।

କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କୁ ଭାଜପା ଏମ୍‌ପି ଏବଂ ବିଧାୟକମାନେ ଗୁରୁବାର ସାକ୍ଷାତ କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡିଶାରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳୁଛି। ସରକାର ଯେଉଁ ତାଲିକା ପ୍ରକାଶ କରିଥିଲେ ସେଥିରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ବେଳେ ଯୋଗ୍ୟଙ୍କୁ ବଞ୍ଚିତ କରାଯାଇଛି। କେନ୍ଦ୍ର ସରକାରଙ୍କ ଗାଇଡ ଲାଇନ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହିତ ତଦନ୍ତ ପାଇଁ କେନ୍ଦ୍ରୀୟ ପ୍ରତିନିଧି ଦଳ ପଠାନ୍ତୁ ବୋଲି ପ୍ରତିନିଧି ଦଳ ଦାବି କରିଛି।

ଏନେଇ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, କୌଣସି ସ୍ଥାନରେ ଯେପରି ଅନିୟମିତତା ନ ହୁଏ ସେଥିପ୍ରତି ରାଜ୍ୟ ସରକାର ଧ୍ୟାନ ଦେଉଛନ୍ତି। ଯଦି କୌଣସି ସ୍ଥାନରେ ଅଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳିଥିବା ନେଇ ଖବର ଆସେ ତେବେ ସଙ୍ଗେସଙ୍ଗେ ସେଠାରେ ଦାୟିତ୍ୱରେ ଥିବା ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାରେ ସଫଳତାର ସହ ୨୦ବର୍ଷ ଶାସନକାଳ ପୂରଣ କରିଛନ୍ତି। ଲୋକଙ୍କୁ ଭ୍ରମିତ କରିବା ପାଇଁ ଭାଜପା ବାରମ୍ବାର ଭୁଲ ସୂଚନା ଦେବାରେ ଲାଗିଛି ବୋଲି ସସ୍ମିତ କହିଛନ୍ତି।

## '୨୦ବର୍ଷରେ କ'ଣ କରିଛନ୍ତି ଆତ୍ମସମୀକ୍ଷା ହେବା ଜରୁରୀ'

ଭୁବନେଶ୍ୱର,୫।୩(ବ୍ୟୁରୋ): ବିଜେଡି ନେତୃତ୍ୱାଧୀନ ରାଜ୍ୟ ସରକାରର ଶାସନକୁ ୨୦ବର୍ଷ ପୂରଣ ହୋଇଥିବା ବେଳେ ଏହି ଅବସରରେ ଅନେକ କାର୍ଯ୍ୟକ୍ରମ କରାଯାଇଛି। ହେଲେ ୨୦ବର୍ଷ ଶାସନରେ ରାଜ୍ୟ ସରକାର କିଛି କରି ନ ଥିବା କଂଗ୍ରେସ ଅଭିଯୋଗ କରିଛି। ଏହାସହ ଦଳ ସରକାରକୁ ଆସିବା ପରଠାରୁ କ'ଣ କରିଛି ତାର ଆତ୍ମସମୀକ୍ଷା ହେବା ଦରକାର ବୋଲି କଂଗ୍ରେସ ସମାଲୋଚନା କରି କହିଛି।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଓଡିଶାରେ ବିଜେଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୦ବର୍ଷ ପୂରଣ କରିଛି। ୨୦ବର୍ଷ ତଳେ ଗଦାଗଦା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେଡି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ କେଉଁ ସ୍ୱପ୍ନକୁ ସାକାର କରିଛି, ତାହା ବିଶ୍ଳେଷଣର ବିଷୟ। ଓଡିଶାରେ କୃଷି, ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି କ୍ଷେତ୍ରର ସ୍ଥାନ ସର୍ବଭାରତୀୟ ସ୍ତରରେ କେଉଁଠି ଅଛି। ସବୁ ବ୍ଲକର ସର୍ବନିମ୍ନ ୩୫ଭାଗ ଜମିକୁ ଜଳସେଚିତ କରିବାର ଧାର୍ଯ୍ୟ ପୂରଣ ନିମନ୍ତେ ପ୍ରତି ୫ବର୍ଷରେ ନିର୍ବାଚନ ବେଳେ ସରକାର ସଂକଳ୍ପବଦ୍ଧ ହୋଇଥିଲେ ମଧ୍ୟ ବର୍ତ୍ତମାନ ସେହି ଲକ୍ଷ୍ୟଠାରୁ ବହୁତ ପଛରେ ଅଛନ୍ତି। ଶିକ୍ଷା କ୍ଷେତ୍ରର ଉନ୍ନତି ପାଇଁ କେନ୍ଦ୍ରୀୟ ଯୋଜନାରେ ବିଶେଷକରିଉପା ୧ ଏବଂ ୨ ସମୟରେ ସର୍ବଶିକ୍ଷା ଯୋଜନାରେ ବହୁତ ଅର୍ଥ ପାଇଥିଲେ ମଧ୍ୟ ଏବେ ସୁଦ୍ଧା ଅନେକ ସ୍କୁଲରେ ପକ୍କାଘରଟିଏ ନାହିଁ। ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ୨୦୦୨ରୁ ପ୍ରତି ବର୍ଷ ହଜାର ହଜାର କୋଟି ଟଙ୍କା ଅନୁଦାନ ପାଇ ମଧ୍ୟ ଏବେ ସୁଦ୍ଧା ଅନେକ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବାର ଯେତେ ଡିଣ୍ଡିମ ପିଟୁଥିଲେ ମଧ୍ୟ ଗ୍ରାମାଞ୍ଚଳ କଥା ଦୂରେ ଥାଉ ସହରାଞ୍ଚଳରେ ମଧ୍ୟ ଠିକ୍ ସ୍ୱାସ୍ଥ୍ୟସେବା ସରକାର ଯୋଗାଇ ପାରିଲେ ନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନାଁରେ କରିଥିବା ଯୋଜନାଟି କାହାପ୍ରତି ଉଦ୍ଦିଷ୍ଟ ତାହା ପ୍ରଶ୍ନବାଚୀ ବୋଲି ନିରଞ୍ଜନ କହିଛନ୍ତି।

**ଜିଲା ଚିଠି**



**ଗଞ୍ଜାମ**

## ବିଳମ୍ବ ବ୍ୟୟ ବୃଦ୍ଧି

ଅବିଭକ୍ତ ଗଞ୍ଜାମ (ଗଜପତି ସହ) ଜିଲାର ପ୍ରାୟ ୭୦% ଜନସାଧାରଣ କେବଳ କୃଷି କାର୍ଯ୍ୟ ଉପରେ ନିର୍ଭର କରନ୍ତି। ତେବେ ଚାଷ ପାଇଁ ସେଚ ବ୍ୟବସ୍ଥାର ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ ସେମାନେ ଚିନ୍ତାରେ ଅଛନ୍ତି। ଜଳସେଚନର ଉନ୍ନତୀକରଣ ପାଇଁ ସରକାର ନୂଆ ପ୍ରକଳ୍ପ ନିର୍ମାଣ ନିମନ୍ତେ ପଦକ୍ଷେପ ନେଇଛନ୍ତି। ହେଲେ ଧାର୍ଯ୍ୟ ସମୟରେ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ବ୍ୟୟ ଅଟକଳ ବଢ଼ି ଚାଲିଛି। ସୂଚନାଯୋଗ୍ୟ, ଦୁଇ ଜିଲାର ଚାଷୀଙ୍କ ସମୂହ ସ୍ୱାର୍ଥ ପାଇଁ ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ପର୍ବତରୁ ନିର୍ଗତ ଝରଣାକୁ ଅଟକାଇ ଆଦିବାସୀ ଅଧ୍ୟୁଷିତ ଛେଳିଗଡ଼ ନିକଟରେ ଛେଳିଗଡ଼ ଜଳବିଦ୍ୟୁତ ମଧ୍ୟମ ସେଚ ଯୋଜନା ଲାଗି ୧୯୮୦ ଦଶକର ଦ୍ୱିତୀୟ ଭାଗରେ ପ୍ରସ୍ତାବ ରଖାଗଲା ଓ ସର୍ଭେ କାର୍ଯ୍ୟ ଆରମ୍ଭ ହେଲା। ତେବେ ଆଦିବାସୀମାନଙ୍କ ବିସ୍ଥାପନ ସମସ୍ୟା ସୃଷ୍ଟି ହେଲା। ବିଭିନ୍ନ ସଂଗଠନର ଆନ୍ଦୋଳନ ଯୋଗୁ ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ଦେଖା ଦେଇଥିଲା। ମୂଳ ବ୍ୟୟ ଅଟକଳ ମାତ୍ର ୨୫ରୁ ୩୦ କୋଟି ଟଙ୍କା ହୋଇଥିଲା। ୨୦୦୫ ବେଳକୁ ଏହା ୯୭ କୋଟିକୁ ବୃଦ୍ଧି ପାଇଲା। ବର୍ତ୍ତମାନ ଏହା ୭୦୬ କୋଟିରେ ପହଞ୍ଚିଲାଣି। ଛେଳିଗଡ଼ ପ୍ରକଳ୍ପ ସମ୍ପର୍କିତ ଚତୁର୍ଥ ବିସ୍ଥାପିତଙ୍କ ଥଇଥାନ ଓ ଉପାନ୍ତ ଅଞ୍ଚଳ ଉନ୍ନୟନ ପରାମର୍ଶଦାତା କମିଟି ବୈଠକର ବିବରଣୀରୁ ଏହି ତଥ୍ୟ ପ୍ରକାଶ ପାଇଛି। ଏବେ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି ଓ କେବେ ସରିବ ତାହା ମଧ୍ୟ ଅନିଶ୍ଚିତ ହୋଇଯାଇଛି। ଛେଳିଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଗଜପତି ଜିଲାର ମୋହନା ଓ ଆର.ଉଦୟଗିରି ଏବଂ ଗଞ୍ଜାମ ଜିଲାର ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ୩,୬୦୦ ହେକ୍ଟର ଜମିକୁ ସେଚ ବ୍ୟବସ୍ଥା ହେବ। ଏଥିସହ ଦୈନିକ ୩୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇପାରିବ। ସେହିପରି ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକର ଆଦିବାସୀ ଅଞ୍ଚଳ କଙ୍କିଆ ଓ ଟାମଣା ନିକଟ ଘଟକେଶ୍ୱର ମଧ୍ୟମ ଜଳସେଚନ ଯୋଜନା ପାଇଁ ୧୯୮୭ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଅନୁମତି ମିଳିବାରେ ବିଳମ୍ବ ଏବଂ ବିସ୍ଥାପିତ ହେବାକୁ ଥିବା ଆଦିବାସୀଙ୍କ ବିରୋଧ ଯୋଗୁ ସମସ୍ୟା ଦେଖାଦେଇଥିଲା। ସମାଧାନ ପାଇଁ ପଦକ୍ଷେପ ନିଆଯିବାରୁ ୨୦୧୬ରେ ପୁଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟଥର ଶୁଭ ଦେଇଥିଲେ। ବହୁ ବିଳମ୍ବରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ମୂଳ ବ୍ୟୟ ଅଟକଳ ମାତ୍ର ୧୦ କୋଟି ଟଙ୍କାରୁ ଏବେ ୧୧୯ କୋଟିକୁ ବୃଦ୍ଧି ପାଇଛି। ଯୋଜନା ସମ୍ପୂର୍ଣ୍ଣ ହେଲେ କୁକୁଡ଼ାଖଣ୍ଡି ଓ ରଙ୍ଗେଇଲୁଣ୍ଡା ବ୍ଲକରେ ୫ ଶହ ହେକ୍ଟର ଜମି ଜଳସେଚିତ ହେବ ଏବଂ ବ୍ରହ୍ମପୁର ସହରର ୭୫ ହଜାର ଲୋକଙ୍କୁ ପିଇବା ପାଣି ଯୋଗାଣ ହୋଇପାରିବାର ନକ୍ସା ପ୍ରସ୍ତୁତ ହୋଇଛି। ତେବେ ବିଳମ୍ବ ଯୋଗୁ ବ୍ୟୟ ଅଟକଳ ବହୁ ପରିମାଣ ବୃଦ୍ଧି ପାଇଛି। ଯଦି ଏହି ଦୁଇ ପ୍ରକଳ୍ପ କାମ ଆହୁରି ବିଳମ୍ବ ହୁଏ ତେବେ ଖର୍ଚ୍ଚ ବଢ଼ିବ ବୋଲି ଆଶଙ୍କା କରାଯାଉଛି।

– ନରସିଂହ ସାହୁ

**କରୋନା ଭୟ**

## ପୁରୀରେ ବିଦେଶୀଙ୍କ ଉପରେ କଡ଼ା ନଜର

ପୁରୀ ଅଫିସ, ୫।୩

କରୋନା ଭାଇରସ୍ ବ୍ୟାପିବା ସମ୍ଭାବନା ଥିବା ସହର ମଧ୍ୟରେ ପୁରୀ ଅନ୍ୟତମ। ଏଠାକୁ ଦେଶ ବିଦେଶର ପର୍ଯ୍ୟଟକ ଆସୁଥିବାରୁ ଜିଲା ପ୍ରଶାସନ ଏ ଦିଗରେ ଅଧିକ ସତର୍କ ହୋଇଛି। ବିଶେଷକରି ବିଦେଶୀ ପର୍ଯ୍ୟଟକଙ୍କ ଉପରେ କଡ଼ା ନଜର ରଖାଯିବା ସହ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଗୁରୁବାର ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଆଡ୍‌ଭାଇଜରିଂ କମିଟି ବୈଠକ ବସି ବିଭିନ୍ନ କାର୍ଯ୍ୟପନ୍ଥାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।



ବୈଠକରେ ଜିଲାପାଳ ବଲୱନ୍ତ ସିଂ ଏବଂ ଅନ୍ୟ ଅଧିକାରୀ।

କରୋନାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ନିର୍ଦ୍ଦେଶନାମା ଆସୁଛି ତାହାକୁ କଡ଼ାକଡ଼ି କରାଯିବ। ବର୍ତ୍ତମାନ ସମୟରେ ନାନା ଗୁଜବ ଶୁଣିବାକୁ ମିଳୁଛି। ତେଣୁ ଏହାକୁ ବିଶ୍ୱାସ ନ କରି ସତର୍କତା ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର। ସେହିପରି କୌଣସି ସ୍ଥାନରେ ସମାଗମ ହେବା, ହାତ ମିଳାଇବା ପାଇଁ ପ୍ରଶାସନ ବାରଣ କରିଛି। ବିଦେଶୀ ପର୍ଯ୍ୟଟକଙ୍କ ଉପରେ କଡ଼ା ନଜର ରଖାଯାଇଛି। ପୁରୀରେ ୧,୦୦୦ରୁ ଊର୍ଦ୍ଧ୍ୱ ହୋଟେଲ ଏବଂ ରେଷ୍ଟୁରାଣ୍ଟ ରହିଛି। ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ପୁରୀ ହୋଟେଲ ସଂଘକୁ ଏକ ଆଡଭାଇଜରି ଜାରି କରାଯାଇଛି। କୌଣସି ବିଦେଶୀ ପର୍ଯ୍ୟଟକ ପହଞ୍ଚିଲେ ତୁରନ୍ତ ପୋଲିସକୁ ଜଣାଇବାକୁ କୁହାଯାଇଛି। ଯଦି ଏଥିରେ କେହି ଅବହେଳା କରନ୍ତି ତେବେ ସମ୍ପୃକ୍ତ ହୋଟେଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି କୌଣସି ପର୍ଯ୍ୟଟକ ଥଣ୍ଡା କିମ୍ବା ଜ୍ୱରରେ ପୀଡ଼ିତ ଥିଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇବା ପାଇଁ ଚିଠିରେ ଉଲ୍ଲେଖ ରହିଛି। କେଉଁ ଦେଶରୁ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି ଏବଂ ତାଙ୍କ ସମ୍ପର୍କିତ ସମସ୍ତ ବିବରଣୀ ତୁରନ୍ତ ପୋଲିସକୁ ଦେବାକୁ କୁହାଯାଇଛି। ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବ। କୌଣସି ଛାତ୍ରୀଛାତ୍ର କଫରେ ଆକ୍ରାନ୍ତ ଥିଲେ ପ୍ରଶାସନକୁ ଅବଗତ କରାଇବାକୁ କୁହାଯାଇଛି। ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନକୁ ମଧ୍ୟ ଏଭଳି ସତର୍କ କରାଯାଇଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ସ୍ୱତନ୍ତ୍ର ଭାବେ ଆଇସୋଲେଶନ ୱାର୍ଡ ପ୍ରସ୍ତୁତ କରି ରଖାଯାଇଛି। ଯଦି କେହି କରୋନା ସନ୍ଦିଗ୍ଧ ଜଣାପଡ଼ନ୍ତି ତେବେ ର୍‍ୟାପିଡ୍ ରେସପନ୍ସ ଟିମ୍ (ଆର୍‌ଆର୍‌ଟି) ପହଞ୍ଚି ଅନୁଧ୍ୟାନ କରିବେ। ଆବଶ୍ୟକ ଥିଲେ ତାଙ୍କୁ ଆଇସୋଲେଶନ ୱାର୍ଡକୁ ଅଣାଯିବ। ସେହିପରି ସଚେତନତା ଲାଗି ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆବଶ୍ୟକ ସାମଗ୍ରୀ ପଠାଯାଇଛି। ଘରୋଇ ହସ୍ପିଟାଲଗୁଡ଼ିକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସତର୍କ କରାଇବାକୁ କୁହାଯାଇଛି।

### ପୁରୀରେ ଅଛନ୍ତି ୨୨ ବିଦେଶୀ ନାଗରିକ

ବର୍ତ୍ତମାନ ପୁରୀରେ ୨୨ଜଣ ବିଦେଶୀ ନାଗରିକ ଅଛନ୍ତି। ସେମାନଙ୍କ ଉପରେ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯାଇଛି। ଆର୍‌ଆର୍‌ଟି ସେମାନଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। କିନ୍ତୁ କାହା ପାଖରେ ସେମିତି କୌଣସି କରୋନା ଭାଇରସ୍‌ର ଲକ୍ଷଣ ନ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରତ୍ୟେକ ଧର୍ମ ମନୁଷ୍ୟ ଜାତିକୁ ସାହାଯ୍ୟ କରିଛି। ପ୍ରତ୍ୟେକ ଧର୍ମ ମଧ୍ୟ କେତେକ ସଂଖ୍ୟକ ଆତ୍ମାକୁ ଉଦ୍ଧାର କରିଛନ୍ତି। କିନ୍ତୁ କୌଣସି ଧର୍ମ ଏ ପର୍ଯ୍ୟନ୍ତ ମନୁଷ୍ୟ ଜାତିକୁ ସାମଗ୍ରିକ ଭାବେ ଆଧ୍ୟାତ୍ମିକ ଭାବାପନ୍ନ କରି ପାରିନାହାନ୍ତି। ସେଥିପାଇଁ ପରମ୍ପରା ବା ପ୍ରଥାର ଆବଶ୍ୟକତା ନାହିଁ। ଆଧ୍ୟାତ୍ମିକ-ବିବର୍ତ୍ତନ ପାଇଁ ଏକ ନିରନ୍ତର ଓ ସର୍ବବ୍ୟାପୀ ପ୍ରୟାସର ଆବଶ୍ୟକତା ରହିଛି। – ଶ୍ରୀଅରବିନ୍ଦ

# ପ୍ରୋତ୍ସାହନ ଲୋଡ଼ା

ଅର୍ଥନୀତି ଉପରେ କରୋନା ଭୂତାଣୁର ପ୍ରଭାବକୁ ରୋକିବା ପାଇଁ ଜରୁରିକାଳୀନ ପଦକ୍ଷେପ ସ୍ୱରୂପ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ (ୟୁଏସ୍ ଫେଡେରାଲ ରିଜର୍ଭ) ମଙ୍ଗଳବାର ସୁଧହାର ୫୦ ବେସିସ୍ ପଏଣ୍ଟ ହ୍ରାସ କରିଛି। ମାର୍ଚ୍ଚ ୧୭-୧୮ ତାରିଖରେ ଫେଡେରାଲ ବ୍ୟାଙ୍କର ପଲିସି ବୈଠକ ବସିବାକୁ ଥିବାବେଳେ ସେ ପର୍ଯ୍ୟନ୍ତ ଅପେକ୍ଷା ନ କରି ତା' ପୂର୍ବରୁ ଏ ନିଷ୍ପତ୍ତି ଘୋଷଣା କରିବା ସାରା ବିଶ୍ୱରେ ମହାମାରୀର କୁପ୍ରଭାବର ଭୟାବହତା ଦୃଷ୍ଟିରୁ ଏହା କେତେ ଜରୁରୀ ବୋଲି ସେମାନେ ଅନୁଭବ କରୁଛନ୍ତି ତାହା ସୂଚାଉଛି। ଗତ ୧୧ ବର୍ଷ ଭିତରେ ପ୍ରଥମ ଥର ପାଇଁ ଫେଡେରାଲ ବ୍ୟାଙ୍କ ୫୦ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରିଛି। ଜି୭ ଦେଶଗୁଡ଼ିକର କେନ୍ଦ୍ରୀୟ ବ୍ୟାଙ୍କ ଆର୍ଥିକ ନିମ୍ନଗତିକୁ ରୋକିବା ଏବଂ ଦୃଢ଼ ଓ ଧାରଣୀୟ ଅଭିବୃଦ୍ଧି ହାସଲ କରିବା ପାଇଁ ସମସ୍ତ ପ୍ରକାର ପଲିସି ଅସ୍ତ୍ର ବ୍ୟବହାର କରିବାକୁ ଘୋଷଣା କରିବା ପରେ ପରେ ଆମେରିକା ଫେଡେରାଲ ବ୍ୟାଙ୍କ ଏହି ନିଷ୍ପତ୍ତି ନେଇଛି। ଅଷ୍ଟ୍ରେଲିଆ ଓ ମାଲେସିଆର କେନ୍ଦ୍ରୀୟ ବ୍ୟାଙ୍କ ଅନୁରୂପ ଭାବେ ସୁଧହାର ହ୍ରାସ କରିଥିବା ବେଳେ ବ୍ୟାଙ୍କ ଅଫ୍ ଜାପାନ ବିତ୍ତ ବଜାରଗୁଡ଼ିକରେ ସ୍ଥିରତା ଆଣିବା ପାଇଁ ନଗଦ ଅର୍ଥ ଯୋଗାଣ ଲାଗି ପଦକ୍ଷେପ ନେଇଛି।

ଏହା ପୂର୍ବରୁ ଅର୍ଥନୈତିକ ସହଯୋଗ ଓ ବିକାଶ ସଂଗଠନ (ଓଇସିଡି) ଚେତାବନୀ ଦେଇଥିଲା ଯେ କରୋନା ଭୂତାଣୁର ବିଶ୍ୱବ୍ୟାପୀ ଅର୍ଥନୀତି ଉପରେ କୁପ୍ରଭାବ ପଡ଼ିବ। ଓଇସିଡି ବିଶ୍ୱ ଜିଡିପିରେ ଅଭିବୃଦ୍ଧି ୨.୯ ପ୍ରତିଶତ ରହିବ ବୋଲି ପୂର୍ବରୁ ପୂର୍ବାନୁମାନ କରିଥିବା ବେଳେ ଏବେ ତାହା ୧.୫ ପ୍ରତିଶତକୁ ଅର୍ଥାତ୍ ପ୍ରାୟ ଅଧାକୁ ଖସିଯିବ ବୋଲି ପୂର୍ବାନୁମାନ କରିଛି। ପ୍ରାୟ ଏକ ଦଶନ୍ଧି ତଳୁ ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥାରୁ ବିଶ୍ୱ ଏ ଯାବତ୍ ମୁକୁଳିବାକୁ ସଂଘର୍ଷ କରୁଥିବା ବେଳେ ବର୍ତ୍ତମାନ ଆଉ ଏକ ଗୁରୁତର ସଂକଟ ଦେଖାଦେଇଛି ବୋଲି ଏହା ଭବିଷ୍ୟବାଣୀ କରିଛି। ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ) ମଧ୍ୟ ଆକଳନ କରିଛି ଯେ, ବିଶ୍ୱ ଅର୍ଥନୀତି ଉପରେ ଉକ୍ତ ସଂକ୍ରାମକ ରୋଗର ଉଲ୍ଲେଖନୀୟ ପ୍ରଭାବ ରହିବ। ସାରା ବିଶ୍ୱରେ ଭୂତାଣୁ ସଂକ୍ରମିତ ହେବାକୁ ଲାଗିଥିବାରୁ ୨୦୨୦ରେ ଏହା ବିଶ୍ୱ ଅଭିବୃଦ୍ଧିକୁ ଗୁରୁତର ଭାବେ ପ୍ରଭାବିତ କରିବାର ସମ୍ଭାବନା ଦେଖାଦେଇଛି। ସାରା ବିଶ୍ୱରେ ଆର୍ଥିକ ବଜାରଗୁଡ଼ିକରେ ଏହା ଭୀଷଣ

## ଆଜିର ଅର୍ଥନୀତି

ଅବନତି ଘଟାଇବ, ଯାହା ୨୦ ପ୍ରତିଶତ ପର୍ଯ୍ୟନ୍ତ ହୋଇପାରେ ବୋଲି ଅର୍ଥ ବିଶ୍ଳେଷକମାନେ ପୂର୍ବାନୁମାନ କରିଛନ୍ତି। ଗତ ଜାନୁୟାରୀ ମାସରେ ଆରମ୍ଭ ହୋଇଥିବା ଏହି ସଂକ୍ରାମକ ରୋଗରେ ଏପର୍ଯ୍ୟନ୍ତ ପ୍ରାୟ ୮୫,୦୦୦ ଲୋକ ସଂକ୍ରମିତ ହୋଇସାରିଲେଣି। ଭାରତରେ ଏପର୍ଯ୍ୟନ୍ତ ପ୍ରାୟ ୩୦ ଜଣ ଏ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଶତାଧିକ ସନ୍ଦେହ ବଳୟରେ ଅଛନ୍ତି।

ସାରା ବିଶ୍ୱରେ ଷ୍ଟକ୍ ମାର୍କେଟଗୁଡ଼ିକ ପ୍ରାୟ ୧୦ ପ୍ରତିଶତରୁ ଅଧିକ ତଳକୁ ଖସିଥିବା ବେଳେ ୨୦୧୮ରେ ବିଶ୍ୱ ଆର୍ଥିକ ସଂକଟ ଦେଖାଦେବା ପରଠାରୁ ଗତ ସପ୍ତାହଟି ଥିଲା ସବୁଠୁ ଖରାପ ସମୟ। ଷ୍ଟକ୍ ମାର୍କେଟ ଭୁଶୁଡ଼ିପଡ଼ିବା ଯୋଗୁ କେବଳ ଫେବୃୟାରୀ ଶେଷ ସପ୍ତାହରେ ଭାରତରେ ନିବେଶକମାନେ ପ୍ରାୟ ୧୧.୫ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବୁଧବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସୂଚନା ଦେଇଛି ଯେ, କରୋନା ଭୂତାଣୁ ଜନିତ ପ୍ରଭାବକୁ ମୁକାବିଲା କରିବା ପାଇଁ ଏହା ପ୍ରସ୍ତୁତ ହେଉଛି। ଏହା ପରିସ୍ଥିତିକୁ ଆକଳନ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ ଅଛି ବୋଲି ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ଆର୍‌ବିଆଇ ଆମେରିକା କେନ୍ଦ୍ରୀୟ ବ୍ୟାଙ୍କର ପଦାଙ୍କ ଅନୁସରଣ କରି ସୁଧହାର କମାଇବାକୁ ଘୋଷଣା କରିପାରେ। ଏଥିପାଇଁ ବ୍ୟାଙ୍କ ଆସନ୍ତା ଏପ୍ରିଲରେ ହେବାକୁ ଥିବା ଆର୍ଥିକ ସମୀକ୍ଷା ବୈଠକ ପର୍ଯ୍ୟନ୍ତ ଅପେକ୍ଷା ନ କରି ତତ୍କାଳ ଏ ବାବଦରେ ଘୋଷଣା କରିବା ଆବଶ୍ୟକ। ବର୍ତ୍ତମାନ ଆମ ଦେଶର ଅର୍ଥନୀତି ଏକ ଅସ୍ୱାଭାବିକ ସଂକଟ ଦେଇ ଗତି କରୁଛି, ତେଣୁ ୨୫ ବେସିସ୍ ପଏଣ୍ଟ ହ୍ରାସ ଯଥେଷ୍ଟ ନ ହୋଇପାରେ। ଆମେ ଆଶା କରୁଛୁ ଆମେରିକା ଫେଡେରାଲ ବ୍ୟାଙ୍କ ପରି ଏହା ରେପୋ ରେଟ୍‌ରେ ୫୦ ବେସିସ୍ ପଏଣ୍ଟ ହ୍ରାସ କରିବ। ଆର୍‌ବିଆଇ ଦ୍ୱିତୀୟ ପର୍ଯ୍ୟାୟ ଦୀର୍ଘ ମିଆଦୀ ରେପୋ ଅପରେଶନ (ଏଲ୍‌ଟିଆର୍‌ଓ) ମାଧ୍ୟମରେ ଆର୍ଥିକ ବ୍ୟବସ୍ଥା ଭିତରେ ନଗଦ ପୁଞ୍ଜି ଅନୁପ୍ରବେଶ କରାଇବା ଆବଶ୍ୟକ। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ବର୍ତ୍ତମାନର ସୁଧହାର ତୁଳନାରେ ଯଥେଷ୍ଟ କମ୍ ୫.୧୫ ରେପୋ ହାରରେ ଆର୍‌ବିଆଇରୁ ଅର୍ଥ ପାଇପାରିବେ। ତା' ଫଳରେ ସେମାନେ ଏହି ଶସ୍ତା ସୁଧହାରରେ ପାଇଥିବା ଅର୍ଥକୁ ଖାଉଟିମାନଙ୍କୁ ଶସ୍ତା ଋଣ ଆକାରରେ ଦେଇ ବଜାର ଚାହିଦା ବଢ଼ାଇବାରେ ସାହାଯ୍ୟ କରିପାରିବେ। ନିରାପଦ ଆଭିମୁଖ୍ୟ ପୋଷଣ କରୁଥିବା ନିବେଶକମାନେ ତାଙ୍କ ଅର୍ଥକୁ ଏକ ନିରାପଦ ଠିକଣାରେ ରଖିବାକୁ ଚାହିଁବାର ସମ୍ଭାବନା ରହିଛି। ଏ ପରିପ୍ରେକ୍ଷୀରେ ଶିଳ୍ପ ଓ ଖାଉଟିମାନଙ୍କର ସ୍ୱାର୍ଥରକ୍ଷା ଲାଗି ସରକାର କିଛି ପଲିସିଗତ ପଦକ୍ଷେପ ନେବା ଦରକାର। ଏବେ ଅର୍ଥନୀତିକୁ ପ୍ରୋତ୍ସାହନ ଦେଇ ଆଗକୁ ନେବାର ଆବଶ୍ୟକତା ଅଛି। ଋଣ ନେଇଥିବା କମ୍ପାନୀଗୁଡ଼ିକୁ ସେମାନଙ୍କ ଦରକାର ମୁତାବକ ଅଧିକ ଋଣ ଦେବା ଲାଗି ସରକାର ବ୍ୟାଙ୍କଗୁଡ଼ିକୁ କହିପାରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ମାର୍ଚ୍ଚ ୧୯୯୫

- ଭାରତରୁ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଲାଗି ୩ ବିଲିୟନ ଡଲାର ଅର୍ଥ ଆବଶ୍ୟକ ବୋଲି ଶ୍ରମ ମାନ କମିଶନ୍‌ର ଅଧ୍ୟକ୍ଷ ସୁବ୍ରମଣ୍ୟମ୍ ସ୍ୱାମୀ କହିଛନ୍ତି।
- ହିନ୍ଦୀ ଚଳଚ୍ଚିତ୍ରର ବିଶିଷ୍ଟ ହାସ୍ୟ ଅଭିନେତା ଦଲାଲ ଆପାଙ୍କ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | 9 | | 1 | B | | | 2 | 5 | | C | | A |
| B | 6 | | | C | | | 8 | | | | | | | |
| | | | | | | A | 4 | 2 | | 9 | 6 | 8 | | |
| | | | 3 | | | | | | | | 4 | 5 | | |
| | 1 | | | 8 | A | | D | | | | | 4 | | |
| | | 0 | 1 | | E | | | D | | 8 | | | | |
| D | | | | 9 | 6 | C | A | 8 | 5 | | 3 | | | |
| | | | 7 | 4 | 2 | | | | | | | 0 | | |
| 3 | | | | | | 2 | | B | 9 | | D | | E | |
| | B | | | | 3 | | 5 | 7 | 4 | | 2 | | | 9 |
| | | 2 | | | | | | | | 7 | | | | C |
| 4 | | | | 1 | | 0 | | C | | | E | | | 3 |
| 9 | | A | | D | | | | 3 | C | | | 6 | | |
| | 7 | E | B | | 9 | 1 | 2 | | | | 8 | | | 0 |
| | | | | 6 | | | E | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 3 | 4 | 6 | 7 | 2 | 1 | E | A | 0 | B | 5 | 9 | C | D |
| 5 | C | 0 | E | 3 | 4 | 8 | 7 | 9 | 6 | 2 | D | A | B | 1 |
| 7 | D | 6 | B | 1 | A | 2 | 4 | 0 | C | 9 | E | 3 | 8 | 5 |
| 9 | 2 | 1 | 5 | C | 8 | B | 3 | D | 7 | A | 4 | 0 | 6 | E |
| B | E | A | 0 | 9 | D | 5 | 6 | C | 1 | 8 | 3 | 2 | 7 | 4 |
| D | 9 | 2 | 3 | 4 | 7 | A | B | 1 | 5 | C | 8 | E | 0 | 6 |
| 6 | 7 | C | 2 | A | 5 | 9 | 0 | E | D | 3 | 1 | 8 | 4 | B |
| A | 8 | E | 9 | 6 | 0 | C | D | 5 | 2 | 4 | B | 1 | 3 | 7 |
| 3 | 0 | 5 | 1 | B | C | 6 | 8 | 4 | 9 | E | 7 | D | 2 | A |
| 4 | 1 | B | 8 | D | E | 7 | 2 | 3 | A | 0 | 6 | C | 5 | 9 |
| 2 | 4 | D | A | 0 | 3 | E | 5 | B | 8 | 7 | 9 | 6 | 1 | C |
| E | 5 | 8 | 4 | 2 | 1 | D | C | 7 | 3 | 6 | A | B | 9 | 0 |
| 0 | A | 9 | C | 8 | B | 4 | 1 | 6 | E | 5 | 2 | 7 | D | 3 |
| C | 6 | 7 | D | 5 | 9 | 3 | A | 8 | B | 1 | 0 | 4 | E | 2 |
| 1 | B | 3 | 7 | E | 6 | 0 | 9 | 2 | 4 | D | C | 5 | A | 8 |

ଗତକାଲିର ଉତ୍ତର

# ଓଡ଼ିଶାରେ ଶୈକ୍ଷିକ ଅସଙ୍ଗତି



ଡ. ସୁବାସ ଚନ୍ଦ୍ର ପାତ୍ର

ଓଡ଼ିଶାରେ ଶିକ୍ଷା ଓ ଶିକ୍ଷକ ବିପରୀତ ଦିଗକୁ ଗତି କଲା ଭଳି ଜଣାପଡ଼ନ୍ତି। ବ୍ୟବସ୍ଥା ପ୍ରଣୟନକର୍ତ୍ତା ଓ ରୂପାୟନକାରୀ ମଧ୍ୟରେ ସଂଯୋଗର ଅଭାବ ଓ ବିଶ୍ୱାସହୀନତା ଯୋଗୁ ବ୍ୟବସ୍ଥାକର୍ତ୍ତାମାନେ ଯେଉଁ ସ୍ୱପ୍ନ ଦେଖାନ୍ତି ବାସ୍ତବ କ୍ଷେତ୍ରରେ ତାହା ରୂପାୟିତ ହୋଇପାରେ ନାହିଁ। ତା' ଛଡ଼ା ଓଡ଼ିଶାରେ ଶିକ୍ଷାବିତ୍, ଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ରଙ୍କର ଶିକ୍ଷାନୀତି ପ୍ରଣୟନରେ କିଛି ଭୂମିକା ନ ଥିବାରୁ ବ୍ୟବସ୍ଥା ସଜାଡ଼ିବାକୁ ବିଭାଗୀୟ ମୁଣ୍ଡିଆଳମାନଙ୍କୁ ଛାଡ଼ି ସ୍ୱତଃପ୍ରବୃତ୍ତ ଭାବେ ଅନ୍ୟ କେହି ଆଗେଇ ଆସନ୍ତି ନାହିଁ, ଯେଉଁଥିପାଇଁ ବିଭିନ୍ନ ଅବ୍ୟବସ୍ଥା ବର୍ଷ ବର୍ଷ ଚାଲେ। ତାହା ଠିକ୍ କି ଭୁଲ୍ କେହି ପାଟି ଫିଟାନ୍ତି ନାହିଁ। ଏ ପ୍ରକାର ଏକ ସାମୂହିକ ଉଦାସୀନତା ଓଡ଼ିଶାର ଶିକ୍ଷାବ୍ୟବସ୍ଥାକୁ ପଙ୍ଗୁ କରି ତୋଳିଛି। ତିନୋଟି କ୍ଷେତ୍ରକୁ ଉଦାହରଣ ହିସାବରେ ନିଆଯାଇପାରେ।

ଆମେ ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଦ୍ୱାହି ଦେଉଥିଲା ବେଳେ ଶିକ୍ଷାନୀତି ଓ ଶୈକ୍ଷିକ ସଂରଚନା ବିଷୟରେ କେନ୍ଦ୍ର ସରକାରଙ୍କୁ ଅନୁସରଣ କରୁନାହୁଁ। ନବେ ଦଶକ ପରଠୁ କେନ୍ଦ୍ର ସରକାର ଶିକ୍ଷାବିଭାଗର ନାମ ପରିବର୍ତ୍ତନ କରି ମାନବ ସମ୍ବଳ ବିଭାଗ କଲେ କିନ୍ତୁ ପ୍ରଥମରୁ ଏହି ବିଭାଗ ନିମ୍ନ ପ୍ରାଥମିକଠୁ ଉଚ୍ଚତର କାରିଗରି ଶିକ୍ଷା (ଆଇଆଇଟି ଓ ଆଇଆଇଏମ୍ ଭଳି ସଂଭ୍ରାନ୍ତ ଅନୁଷ୍ଠାନ) ପର୍ଯ୍ୟନ୍ତ ଶିକ୍ଷା ପରିଚାଳନା ଦାୟିତ୍ୱ ବହନ କରୁଥିଲା ବେଳେ ଏଠି ସେହି କାର୍ଯ୍ୟଟି ୩ଟି ବିଭାଗ ମଧ୍ୟରେ ବଣ୍ଟା ହୋଇଛି। ସବୁଠୁ କୌତୂହଳର କଥା ଆଜିର ବିଜ୍ଞାନ ଓ କାରିଗରି ଯୁଗରେ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ ଭଳି 'ବିଶେଷ କ୍ଷେତ୍ରୀୟ ଶିକ୍ଷା' ଶିଳ୍ପ ବିଭାଗର ଲାଞ୍ଜ ହୋଇ ରହିଛି। ଶିଳ୍ପ ବିଭାଗ ଶିକ୍ଷା ବିଭାଗ ନୁହେଁ। ଏହା ଶିଳ୍ପ, କଳକାରଖାନା ପ୍ରତିଷ୍ଠା, ଧୂଳି ଧୂଆଁର ସମସ୍ୟା ବୁଝିବା ପରେ ଅବଶିଷ୍ଟ ସମୟରେ କ'ଣ କାରିଗରି ଶିକ୍ଷା କଥା ବୁଝିବ? ସ୍କୁଲ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ଓ କାରିଗରି ଶିକ୍ଷା ଓଡ଼ିଶାରେ ୩ଟି ଦ୍ୱୀପ ହୋଇ ରହୁଥିବାରୁ କାହାରି ସହିତ କାହାରି ସଂଯୋଗ ନାହିଁ। ଫଳରେ ପାଠ୍ୟକ୍ରମର ପୁନରାବୃତ୍ତି ହୁଏ। ୩ ବିଭାଗରେ ଉପଲବ୍ଧ ମାନବସମ୍ବଳର ସୁବିନିଯୋଗ ହୋଇପାରେ ନାହିଁ। କେନ୍ଦ୍ର ସରକାର ଭଳି ଗୋଟିଏ ବିଭାଗ ନିୟନ୍ତ୍ରଣ କରୁ ନ ଥିବାରୁ ପଢ଼ା ଯାଉଥିବା ବିଷୟଗୁଡ଼ିକ ଆନ୍ତଃବିଷୟକ ହୋଇପାରେ ନାହିଁ। ଉଦାହରଣ ସ୍ୱରୂପ ମ୍ୟାନେଜମେଣ୍ଟ କୋର୍ସ, କମ୍ପ୍ୟୁଟର ବିଜ୍ଞାନ, ସୂଚନା ପ୍ରଯୁକ୍ତି ବିଜ୍ଞାନ ପାଠ୍ୟକ୍ରମ ଉଚ୍ଚଶିକ୍ଷା ବିଭାଗ ମଧ୍ୟ ପରିଚାଳନା କରୁଥିବାରୁ ଗୋଟିଏ ବିଭାଗ ନ ହେଲା ନାହିଁ ଆପାତତଃ ତିନୋଟି ବିଭାଗର ଜଣେ କେନ୍ଦ୍ରୀୟ ସଞ୍ଚାଳକ ଥିଲେ ସେ ସବୁର ସମନ୍ୱୟ କରିପାରନ୍ତେ। ଠିକ୍ ସେହିପରି ଗଣଶିକ୍ଷା ଓ ଉଚ୍ଚଶିକ୍ଷା ମଧ୍ୟରେ ସମନ୍ୱୟ ରହିପାରନ୍ତା। ତେଣୁ କାରିଗରି ଶିକ୍ଷାକୁ ଶିଳ୍ପ ବିଭାଗରୁ ବାହାର କରି ଏକ ସ୍ୱତନ୍ତ୍ର ବିଭାଗ କରାଯାଉ ଏବଂ ମୁଖ୍ୟ ସଚିବ ବା ଉନ୍ନୟନ କମିଶନ ସ୍ତରରେ ୩ଟି ବିଭାଗର ଜଣେ ଯୋଗସୂତ୍ରକାରୀ ଅଧିକାରୀ ରୁହନ୍ତୁ, ଯିଏ ଏ ତିନୋଟି ଶିକ୍ଷାକ୍ଷେତ୍ରର ସମନ୍ୱୟ ଦାୟିତ୍ୱରେ ରହିବେ।

ବିଭାଗ ଅଲଗା ହେଲେ କେମିତି ଚିତ୍ର ବଦଳେ, ବିଚିତ୍ର ସ୍ଥିତି ଦେଖାଯାଏ ତାହାର ଉଦାହରଣ ହେଲା ଆଦର୍ଶ ବିଦ୍ୟାଳୟ ଓ ମଡେଲ ଡିଗ୍ରୀ କଲେଜର ସ୍ଥିତି। ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଆଦର୍ଶ ବିଦ୍ୟାଳୟର ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ପରିଚୟ ସୃଷ୍ଟିକାରୀ କୋଠା ଏବଂ କ୍ୟାଡରଭୁକ୍ତ ଶିକ୍ଷକ ଥିଲାବେଳେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମଡେଲ ଡିଗ୍ରୀ କଲେଜ କେଉଁ ଦୃଷ୍ଟିରୁ 'ମଡେଲ' ବୁଝି ହୁଏନାହିଁ। କ'ଣ ପାଇଁ ସେ ଅନୁଷ୍ଠାନଗୁଡ଼ିକ ଆଦର୍ଶ କୁହାଯିବ ତା'ର ଉତ୍ତର ଉଚ୍ଚଶିକ୍ଷା ବିଭାଗ ନିକଟରେ ନାହିଁ। ନା ତା'ର ଅଛି ଢାଞ୍ଚାଗତ ସ୍ୱାତନ୍ତ୍ର୍ୟ ଯେଉଁଠି କିଛି ଆଦର୍ଶ ଶିକ୍ଷା ପ୍ରଦାନ କରାଯିବ ନା ସେଥିପାଇଁ ଅଛି ଚିହ୍ନିତ କ୍ୟାଡରଯୁକ୍ତ ଅଧ୍ୟାପକ। ବିଭିନ୍ନ କଲେଜରୁ କାର୍ଯ୍ୟରତ ଅଧ୍ୟାପକମାନଙ୍କୁ ସାଉଁଟି ତହିଁରେ ବିଞ୍ଚି ଦିଆଯାଇଛି। ପରିଣାମ ସ୍ୱରୂପ ଶିକ୍ଷକ ମରୁଡ଼ି ଯୋଗୁ ପୂର୍ବ କଲେଜଗୁଡ଼ିକ ଯାହା ଯେମିତି ଚାଲୁଥିଲେ ବି ୮ଟି ମଡେଲ କଲେଜକୁ ଶିକ୍ଷକ ବାଣ୍ଟିଦେଲା ପରେ ସେ ଅନୁଷ୍ଠାନଗୁଡ଼ିକର ଶିକ୍ଷାଦାନ କ୍ଷେତ୍ର ଆହୁରି ଦୁର୍ବଳ ହୋଇଯାଇଛି। ତେଣୁ ଗଣଶିକ୍ଷା ବିଭାଗକୁ ଅନୁକରଣ କରି ମଡେଲ ଡିଗ୍ରୀ କଲେଜଗୁଡ଼ିକ ପ୍ରକୃତରେ 'ମଡେଲ' ହିସାବରେ ଗଢ଼ାଯାଉ ଏବଂ ସେଥିପାଇଁ ନିର୍ଦ୍ଦିଷ୍ଟ କ୍ୟାଡରର ଅଧ୍ୟାପକ ଚୟନ କରାଯାଉ, ଯେଉଁମାନେ ସେହି ଅନୁଷ୍ଠାନଗୁଡ଼ିକ ମଧ୍ୟରେ ବଦଳି ହେବେ ଏବଂ 'ମଡେଲ' ଶବ୍ଦର ଯଥାର୍ଥତା ପାଇଁ ସେମାନେ ଯେତେ ଉଚ୍ଚମାନର ହେବେ ସେତେ ଭଲ।

ତିନୋଟି ବିଭାଗ ମଧ୍ୟରେ ସମନ୍ୱୟ ପାଇଁ କୌଣସି କେନ୍ଦ୍ରୀୟ ନୋଡାଲ ଅଧିକାରୀ ନ ଥିବାରୁ ପୁସ୍ତକ ପ୍ରଣୟନ ଓ ପାଠ୍ୟକ୍ରମ ଖସଡ଼ା କ୍ଷେତ୍ରରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ତାହାର ସବୁଠୁ ଜ୍ୱଳନ୍ତ ଉଦାହରଣ 'କମ୍ୟୁନିକେଟିଭ ଇଂଲିଶ'କୁ ନେଇ ୩ଟି ସ୍ତରରେ ପୁସ୍ତକ ପ୍ରଚଳନ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ, ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମହାବିଦ୍ୟାଳୟ ଓ ଶିଳ୍ପବିଭାଗ ଦ୍ୱାରା ପରିଚାଳିତ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ କଲେଜରେ ଏହି ପାଠ୍ୟକ୍ରମ ରହିଛି। ଏଥିପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ଉଚ୍ଚମାନର ପୁସ୍ତକ ଉପଲବ୍ଧ ଏବଂ ପାଠ୍ୟକ୍ରମ ମଧ୍ୟ ନିର୍ଦ୍ଧାରିତ। ଅଳ୍ପ ବହୁତେ ସେ ପ୍ରକାର ପାଠ ମଧ୍ୟ ଯୁକ୍ତ ଦୁଇ ସ୍ତରରେ ପ୍ରଚଳିତ। ଯଦି ତିନୋଟି ବିଭାଗ ମଧ୍ୟରେ ସମନ୍ୱୟ ଥାନ୍ତା ଗୋଟିଏ ବା ଦୁଇଟି ଖଣ୍ଡରେ ସେ ପୁସ୍ତକ ପ୍ରଣୟନ କରାଯାନ୍ତା। ତାହା ଯୁକ୍ତ ୨ କଲେଜ, ଉଚ୍ଚଶିକ୍ଷା ଅଧୀନ ଡିଗ୍ରୀ କଲେଜ ବା ଇଞ୍ଜିନିୟରିଂ କଲେଜଗୁଡ଼ିକରେ ପଢ଼ାଯାଇପାରନ୍ତା। ଅବା ମୂଳରୁ ପ୍ରଣୟନ ନ କରି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଭଳି ଭାରତର ପ୍ରମୁଖ ଉଚ୍ଚଶିକ୍ଷାନୁଷ୍ଠାନ ତରଫରୁ ପ୍ରକାଶିତ ପୁସ୍ତକକୁ ମଧ୍ୟ ଚୟନ କରାଯାଇପାରନ୍ତା। କିନ୍ତୁ ତା' ହେଉ ନ ଥିବାରୁ ଏଠି ଖାଲି ପୁନରାବୃତ୍ତି। ଯୁକ୍ତ ଦୁଇ ସ୍ତରରେ ସେମିତି କିଛି ପାଠ ଯୁକ୍ତ ୩ରେ ପଢ଼ାଯାଉଛି ଏବଂ ଯାହା ବି ପଢ଼ାଯାଉଛି ତାହା ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁଯାୟୀ ହେଉନାହିଁ। କୌତୂହଳର କଥା ଶିକ୍ଷାବିତ୍, ପାଠ୍ୟପୁସ୍ତକ ବିଶାରଦ, ଇଂଲିଶ ଶିକ୍ଷକମାନଙ୍କୁ ଅବାନ୍ତର ଏବଂ ଅପମାନିତ କରି ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଏହିପ୍ରକାର ଏକ ପୁସ୍ତକ ପ୍ରକାଶ କରିଛନ୍ତି ଯାହାକୁ ସମ୍ପାଦନା କରିଛନ୍ତି ସେହି ବିଭାଗର ଜଣେ କାର୍ଯ୍ୟରତ ପ୍ରଶାସକ, ଜଣେ ପରିଷଦ ଦାୟିତ୍ୱରେ ଥିବା ବିଜ୍ଞାନ ଶିକ୍ଷକ ଆଉ ଜଣେ ବାହାର ବ୍ୟକ୍ତି। ପ୍ରଶାସକ ଓ ବିଜ୍ଞାନ ଶିକ୍ଷକମାନେ ଯଦି ଇଂଲିଶ ପାଠ୍ୟପୁସ୍ତକ ରଚନା କରିବେ, ତା'ହେଲେ ପାଠ୍ୟପୁସ୍ତକ ବିଶାରଦମାନେ ରହିବେ କାହିଁକି? ଯାହା ଲେଖାଯାଇଛି ତାହା ଜାତୀୟ ତଥା ଅନ୍ତର୍ଜାତୀୟ ପାଠ୍ୟକ୍ରମକୁ ଅନୁସରଣ ନ କରି ମନଇଚ୍ଛା ଲେଖାଯାଇଛି। ଯଦି ସମ୍ପୃକ୍ତ ବ୍ୟକ୍ତିମାନେ କମ୍ୟୁନିକେଟିଭ ଇଂଲିଶରେ ପାରଦର୍ଶୀ ସେମାନେ ସରକାରୀ ଅର୍ଥରେ ପାଠ୍ୟପୁସ୍ତକ ସମ୍ପାଦନା ନ କରି ନିଜେ ଲେଖି ଘରୋଇ ପ୍ରକାଶକ ଦ୍ୱାରା ପ୍ରକାଶିତ କରି ନିଜର ତଥା ରାଜ୍ୟର ଗୌରବ ବଢ଼ାନ୍ତୁ।

ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ, ବାଲେଶ୍ୱର,
ମୋ:୯୪୩୭୩୭୬୨୧୯

# ବିବାହ ବାହନ ବିଭ୍ରାଟ



ଡ. କୁଳାଙ୍ଗାର

ବାଇଧର ବେଳେ ପଖାଳ ଖାଇ ଏଉଡି ମାରିଲା ବେଳକୁ ମୋବାଇଲି ଫୋନ୍‌ଟା କେଁ କେଁ ହୋଇ ବାଜି ଉଠିଲା। ସିଏ ହ୍ୟାଲୋ କରୁ କରୁ ସେପଟୁ ଘଡଘଡିଆ ସ୍ୱରରେ କିଏ ଗୋଟେ ପଚାରିଲା- ତମେ ଥାକୁଲୁର ବାପା କହୁଛ?

ବାଇଧର କହିଲା- ହଁ, ଥାକୁଲୁ ମୋ ପୁଅ। କ'ଣ ହେଲା କି? ତମେ କିଏ?

ସେପଟୁ ଶୁଭିଲା- ଆମେ ପୋଲିସ୍। ମାମଲା ସିରିୟସ୍। ତମେ ଯଥାଶୀଘ୍ର ଗଛପଡା ଛକରେ ପହଞ୍ଚ।

ପୋଲିସ୍‌ର କଥାଶୁଣି ବାଇଧରର ମନକୁ ପାପ ଛୁଇଁଲା। ସିଏ ମନେମନେ ଭାବିଲା- ଆଜିକାଲିକା ପିଲା। ଏଗୁଡାକ ତ ଧରା ନ ପଡିଲା ଯାଏଁ ଭଦ୍ରପିଲା, ତା' ପରେ ମଦୁଆ! ପୁଅଟା ମୋର କିଛି ଗୋଟେ ଅପରାଧ କରି ପକାଇନି ତ? ନ ହେଲେ ଦୁର୍ଘଟଣା ହୋଇନି ତ! ଏମିତି ଭାବୁଭାବୁ ବାଇଧର ଛକ ଉପରେ ପହଞ୍ଚିଗଲା।

କାହିଁକି ମୁଁ ବାହା ହେଉଥିଲିରେ... ବୋଲି କହି ରାସ୍ତା ମଝିରେ ମୁଣ୍ଡରେ ହାତ ବାଡେଇ ବାଇଧର ବିବଧ କାନ୍ଦଣା ସ୍ୱରରେ ବାହୁନି ଉଠନ୍ତେ ଆଖ ପାଖରେ ଥିବା ଦେଖଣାହାରୀଏ ମାଗଣାରେ ରିୟଲଟି ଶୋ ଦେଖିବା ପାଇଁ ସେ ସ୍ଥାନକୁ ମାଡି ଆସିଲେ।

ବାଇଧରର ସରଳରେଖା ସମ ଚେହେରା ସାମ୍ନାକୁ ବୃତ୍ତାକାର ଭାବରେ ପେଟଟି ବାହାରି ରହିଛି। ଦାନ୍ତମାନେ ବହୁଦିନ କାର୍ଯ୍ୟରତ ରହି ବିରକ୍ତି ସହିତ କାମ ପଡିଲେ ଅସହଯୋଗ ଆନ୍ଦୋଳନ କରି ହଲହଲ ହେଉଛନ୍ତି। ଚୁଟିମାନଙ୍କ ମଧ୍ୟରୁ କେତେ ଆଇନ ଅମାନ୍ୟ ଆନ୍ଦୋଳନ କରି ତା' ମୁଣ୍ଡକୁ ଛାଡି ସାରିଛନ୍ତି, ବଳକା ଯେତକ ଦୟା ପରବଶ ହୋଇ ଅଛନ୍ତି ନିଜର ଅସନ୍ତୋଷକୁ ଦର୍ଶାଇବାକୁ ଯାଇ ନିଜର ରଙ୍ଗ ବଦଳେଇ ଦେଇଛନ୍ତି। ଅର୍ଥାତ୍ ଯେ କେହି ତାକୁ ଦେଖିଲେ ଏକମତ ହେବ କି ବାଇଧର ବାହା ହେବାର ବହୁବର୍ଷ ହେଲାଣି। ତା' ବାପା ସମେତ ତାକୁ ବାହା କରାଇବା ପାଇଁ ସାଥିରେ ଯାଇଥିବା ବାପାଙ୍କ ସମେତ ବରଯାତ୍ରୀ, ବ୍ରାହ୍ମଣ, ବାରିକ ଓ ବାଜାବାଲା ଆରପୁରକୁ ଚାଲିଗଲେଣି। ତଥାପି ଏତେ ବର୍ଷ ପରେ ନିଜର ବାହା ହେବାର ନିଷ୍ପତ୍ତିକୁ ଦୋଷ ଦେବାଟା କିଛି ବୁଝା ପଡିଲାନି।

ତା' କାନ୍ଦଣାର ଆକର୍ଷଣ ଶକ୍ତି ଦେଖି ପୋଲିସ୍ ତାଜୁବ୍। ସହଜେ ତ ଆଜିକାଲି ପୋଲିସ୍‌କୁ ଶନିଦଶା ପଡିଛି। ଆଗରୁ ଥାନାକୁ ଗଲେ ଲୋକଙ୍କୁ ଡର ମାଡୁଥିଲା। ଏବେ ଲୋକେ ଥାନାକୁ ଗଲେ ପୋଲିସ୍‌କୁ ଡରମାଡୁଛି। ଯଦି ଉପର ମହଲକୁ ଫୋନ୍ କରି ଲୋକଟି ଜଣେଇଦେଲା କି ଆଜ୍ଞା ଅମୁକ ଥାନାକୁ ଯାଇଥିଲି, ସମୁକ ଥାନାବାବୁ ମୋତେ ଅପରାଧୀ ପରି ବ୍ୟବହାର କଲେ ତେବେ କିଏ କହିପାରିବ ନିଜ ହାଜତରେ ନିଜକୁ ଢୁକିବାକୁ ପଡିପାରେ।

ତେବେ ବାଇଧର ଅବଶ୍ୟ ଥାନାକୁ ଯାଇ ନ ଥିଲା। ତା' କାନ୍ଦଣାଜନିତ ଘଟଣାଟି ରାସ୍ତା ଉପରେ ଘଟିଛି। ତେବେ ଏ ଘଟଣାଟି ସହିତ ବାହାଘରର ସମ୍ପର୍କ ଆସିଲା କେଉଁଠୁ?

ପୋଲିସ୍ ସେଇକଥା ପଚାରନ୍ତେ ବାଇଧର କହିଲା- ସମ୍ପର୍କ ଅଛି ନା। ଏଇ ଯେଉଁ ବାଇକ୍ ଖଣ୍ଡିକ ଧରି ପୁତ୍ରମଣି ମୋର ଆସିଛି ସେଇଟା ପରା ମୋତେ ଯୌତୁକରେ ମିଳିଥିବା ବାଇକ୍। କେତେ ଆଉ କେତେ ପ୍ରସ୍ତାବ ଆସିଥିଲା। ହେଲେ ଏଇ ବାଇକ୍‌ଟା ଯୌତୁକ ମିଳିଲା ବୋଲି ମୁଁ ଲୋଭରେ ସେଇଠି ବାହା ହୋଇ ପଡିଲି। ଆଉ ଆଜି ତା'ର ଫଳ ଭୋଗିଲି।

ପୋଲିସ୍ କହିଲା- ଭଲ କଥା କହୁଛୁ! ହୈରେ ଏକରେ ତ ଯୌତୁକ ଦେବାନେବା ବେଆଇନ। ତା' ପରେ ଯୋଉ ଗାଡି ଖଣ୍ଡିକ ରଖିଛୁ, ତା'ର ଖଣ୍ଡେ ହେଲେ କାଗଜ ନାହିଁ। ସେଥିରେ ପୁଣି ବାହାହେବା ନିଷ୍ପତ୍ତିକୁ ନିନ୍ଦୁଛୁ?

ବାଇଧର କହିଲା- ଆଜ୍ଞା ନିନ୍ଦିବିନି? ଏ ଗାଡିର ଦାମ୍ ଆଜ୍ଞା ସେତେବେଳେ ଥିଲା ମୋଟ ଅଠର ହଜାର ସାତଶହ ବାଇଶ ଟଙ୍କା। ଆଉ କାଗଜପତ୍ର ନାହିଁ ବୋଲି ଆପଣ ଜରିମାନା କରିଛନ୍ତି ବାସ୍ତରି ହଜାର ଛ' ଶହ ପନ୍ଦର ଟଙ୍କା। ଆଜ୍ଞା, ସେତିକି ଟଙ୍କାକୁ ବ୍ୟାଙ୍କରେ ରଖିଥିଲେ ବି ଆଜି ଏତିକି ଟଙ୍କା ହୋଇ ନ ଥାନ୍ତା। କାଗଜ କଥା ପଚାରୁଛନ୍ତି। ଯା ସାଥିର ଲୋକେ ଆଜ୍ଞା ଇହଧାମରେ ନାହାନ୍ତି, ଆଉ କାଗଜ କୁଆଡୁ ଆସିବ?

ପୋଲିସ୍ କହିଲା- ତା'ହେଲେ ଏ ଗାଡିଟାକୁ କବାଡିଆକୁ ଦେଇଦେବା କଥା।

ସିଏ କହିଲା- ସେ ଚେଷ୍ଟା କରି ମୁଁ ବିଫଳ ହୋଇଛି ଆଜ୍ଞା। ମୋ ଘରଣୀ ଏ ଗାଡିଟାକୁ ଆଣିଥିଲା ବୋଲି, ମୋଠୁ ବେଶି ଗାଡିଟାକୁ ଭଲପାଏ। ତେଣୁ ମୋ କଥା ଶୁଣି କହିଲା; ତା' ହେଲେ ମୋତେ ବି ଦେଇଦେଉନ!

ବାଇଧର ପୁଣି କହିଲା- ବାହା ହେଲି ବୋଲି ସିନା ଏ ପୁତ୍ରମଣି ଜନ୍ମ ହେଲା। ବିନା ଲାଇସେନ୍ସରେ ଗାଡି ଚଳେଇ ଧରା ପଡିଲା!

ତାଆର ବିତଣ୍ଡା ଯୁକ୍ତି ଶୁଣି ସମବେତ ଲୋକମାନେ ଧୀରେ ଧୀରେ ନିଜ ପଥରେ ଚାଲିବା ଆରମ୍ଭ କଲେ। ଏବେ ବଡ ପୋଲିସ୍ ବାବୁ ତାକୁ ରାସ୍ତା କଡକୁ ଡାକିନେଇ କାନରେ କହିଲା- ପୁଅକୁ କହ ଗାଡିଟାକୁ ନ ଚଢି ଗଡେଇ ଗଡେଇ ଘରକୁ ନେଇଯିବ। ଆଉ ହଁ ସ୍ତ୍ରୀକୁ ଯେମିତି ଘରେ ରଖିଚୁ, ସାଥିରେ ଆଣିଥିବା ଗାଡିଟାକୁ ସେମିତି କେବଳ ଘରେ ରଖିବୁ। ଭୁଲ୍‌ରେ ବି ରାସ୍ତାକୁ ବାହାର କରିବୁନି।

ଏହା ଦେଖି ବଡପୋଲିସ୍ ବାବୁଙ୍କୁ ଅଧୀନ କନଷ୍ଟେବଳ ପ୍ରଶ୍ନିଳ ଦୃଷ୍ଟିରେ ଚାହାନ୍ତେ ସିଏ ବୁଝେଇଲେ; ଯେ ଯେଉଁ ରେଟ୍‌ରେ ଯୁକ୍ତି କରୁଛି, କିଛି ସମୟ ପରେ କହିଥାଆନ୍ତା- ଏ ଦେଶ ବ୍ରିଟିଶ୍ ଅଧୀନ ହେଲା କାହିଁକିରେ... ଯଦି ହେଲା ପୁଣି ସ୍ୱାଧୀନ ହେଲା କାହିଁକିରେ...?

କନଷ୍ଟେବଳ ପଚାରିଲା- ସେ କଥା ସିଏ କାହିଁକି ପଚାରିଥାଆନ୍ତା ସାହେବ୍?

ପୋଲିସ୍ ସାହେବ୍ କହିଲେ- ଆରେ ବୋକା, ବିବାହରୁ ଯେମିତି ପୁତ୍ରର ଜନ୍ମ, ଏଥିରୁ ସେମିତି ଆମର ଜନ୍ମ!

ମାର୍ଫତ୍- ଗାନ୍ଧୀ ପଣ୍ଡା, କଳାଘର-
ଲେମ୍ବୋ, ଅଲରା , ନରସିଂହପୁର,
କଟକ, ମୋ- ୯୩୩୮୫୮୧୩୦୯,
dr.kulangar@gmail.com

## ଏଇ ଭାରତରେ

କାଶ୍ମୀରର ମୁସଲମାନ ଝିଅ ଇଫରା ଓ ହରିୟାଣାର ହିନ୍ଦୁ ମହିଳା ଗୀତା ପରସ୍ପର ପରିବାରର ସଦସ୍ୟଙ୍କୁ କିଡ୍‌ନୀ ଦାନ କରି ସାମ୍ପ୍ରଦାୟିକ ସଦ୍‌ଭାବନାର ବାର୍ତ୍ତା ଦେଇଛନ୍ତି। ପୁଲ୍‌ୱାମା ନିବାସୀ ଜୁବେଦା ବାନୋଙ୍କ ଭଳି ହରିୟାଣା ପଞ୍ଚକୁଲାର ଯମୁନାନଗରରେ ବାସ କରୁଥିବା ଅଜୟ ମଧ୍ୟ କିଡ୍‌ନୀ ରୋଗରେ ପୀଡିତ ଥିଲେ । ଉଭୟଙ୍କର ଦୁଇଟିଯାକ କିଡ୍‌ନୀ ବି ନଷ୍ଟ ହୋଇଯାଇଥିଲା। ସେମାନେ ପଞ୍ଚକୁଲାର ଅଲ୍‌କେମିଷ୍ଟ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେମାନଙ୍କ ବଞ୍ଚିବାର ଆଶା ବି କ୍ଷୀଣ ହୋଇ ଆସୁଥିଲା। ଯମୁନାନଗର ନିବାସୀ ୩୩ ବର୍ଷୀୟ ଅଜୟଙ୍କୁ ତାଙ୍କ ସ୍ତ୍ରୀ ଗୀତା କିଡ୍‌ନୀ ଦେବା ଲାଗି ଚାହିଁଥିଲେ ମଧ୍ୟ ବ୍ଲଡ୍ ଗ୍ରୁପ ଭିନ୍ନ ହେବାରୁ ତାହା ସମ୍ଭବ ହୋଇ ନ ଥିଲା । ଜୁବେଦାଙ୍କ ଜୀବନ ବଞ୍ଚାଇବା ଲାଗି ତାଙ୍କ ସ୍ୱାମୀ କିଡ୍‌ନୀ ଦେବାକୁ ଚାହିଁ ଥିଲେ କିନ୍ତୁ ତାହା ଫିଟ୍ ହୋଇ ନ ଥିଲା। ଏହାପରେ ଜୁବେଦାଙ୍କ ଝିଅ ଇଫରା କିଡ୍‌ନୀ ଦେବା ଲାଗି ପ୍ରସ୍ତୁତ ହୋଇଥିଲେ ମଧ୍ୟ ବ୍ଲଡ୍‌ଗ୍ରୁପ୍ ତାଙ୍କ ମା'ଙ୍କ ସହ ମିଶି ନ ଥିଲା। ଅନ୍ୟ ପକ୍ଷରେ କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ଜୁବେଦାଙ୍କୁ ମାନବ ଅଙ୍ଗ ପ୍ରତିରୋପଣ ନିୟମ ଅନୁଯାୟୀ ସବୁ ଔପଚାରିକତା ବହୁ କଷ୍ଟରେ ପୂରଣ କରିଥିଲେ । ପରେ ଗୀତାଙ୍କ କିଡ୍‌ନୀ ଜୁବେଦା ଓ ଇଫରାଙ୍କ କିଡନୀ ଅଜୟଙ୍କ ସହ ମେଳ ଖାଉଥିବା ଜଣାପଡିଥିଲା । ଏହାପରେ ସେହି ହସ୍ପିଟାଲରେ ଗୀତାଙ୍କ କିଡ୍‌ନୀ ଜୁବେଦା ଓ ଇଫରାଙ୍କ କିଡ୍‌ନୀ ଅଜୟଙ୍କଠାରେ ପ୍ରତିରୋପଣ କରାଯାଇଛି ବୋଲି କହନ୍ତି ହସ୍ପିଟାଲର ସର୍ଜନ ନୀରଜ ଗୋୟଲ। ସାମ୍ପ୍ରତିକ ସମୟରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଝଗଡା ଲାଗୁଥିବାବେଳେ ଇଫରା ଓ ଗୀତାଙ୍କ କିଡ୍‌ନୀ ଦାନ କିଛି ଶିକ୍ଷା ଗ୍ରହଣ କରିବାକୁ ବାଟ ଦେଖାଇଛି।

## ଚିରନ୍ତନୀ

ମୋଚନ କର ବିରହ-ଶାପ
ବନ୍ଧନ ହେ ବନ୍ଧନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!
ଶୀତଳ ନିଶା ବିରହ ଖେଦ
ପାରଇ ନାହିଁ ସହି ତ
ବିକଳି ତାର ଦୟିନି ଶୁଣ
ନିଖିଳ ଜନ ଦୟିତ!
(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସୂଚନା ଦେଉ ନ ଥିବା ଅଧିକାରୀଙ୍କୁ ବିଦା କରାଯାଉ

ମହାଶୟ,

ସରକାର ପ୍ରତ୍ୟେକ ବିଭାଗର କାର୍ଯ୍ୟକ୍ରମଗୁଡିକର ଠିକ୍ ସ୍ଥିତି ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ୨୦୦୫ ମସିହାରୁ ପ୍ରଣୟନ କରିଛନ୍ତି ସୂଚନା ଅଧିକାର ଆଇନ। ଏହା ବଳରେ ସରକାରୀ କାର୍ଯ୍ୟାଳୟଗୁଡିକରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ସୂଚନା ମିଳିବାର ନିୟମ ରହିଥିଲେ ହେଁ ତାହା ଯଥାସମୟରେ ଉପଲବ୍ଧ ହୋଇପାରୁ ନାହିଁ। ଏହି କ୍ରମରେ ୨୦୧୯ ଅକ୍ଟୋବର ୧୬ ଦିନ ଯାଜପୁର ଜିଲାର ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ରାମପୁର ଗ୍ରାମର ଜନୈକ ସାମାଜିକ କର୍ମୀ ନିର୍ଦ୍ଧାରିତ ଫର୍ମରେ ୨୦୧୩ରୁ ୨୦୧୯ ମଧ୍ୟରେ ତାଙ୍କ ତାଳଜଙ୍ଗ ଗ୍ରାମପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ଇନ୍ଦିରା ଆବାସ, ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାଇବା ନିମିତ୍ତ ରେଜିଷ୍ଟର୍ଡ ଡାକ ଯୋଗେ ବ୍ଲକ୍‌ର ଜନସୂଚନା ଅଧିକାରୀଙ୍କ ନିକଟକୁ ଏକ ଚିଠି ପଠାଇଥିଲେ। ୩ ମାସରୁ ଅଧିକ ସମୟ ବିତିଯାଇଥିଲେ ବି ସେ କୌଣସି ତଥ୍ୟ ନ ପାଇବାରୁ ବାଧହୋଇ ପୁଣି ଉପରିସ୍ଥ ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟକୁ ୧୧।୧୨।୨୦୧୯ରେ ଏକ ଚିଠି ପଠାଇଥିଲେ। ତଥାପି ଏଯାଏ କୌଣସି ତଥ୍ୟ ତାଙ୍କର ହସ୍ତଗତ ହୋଇପାରିନାହିଁ। ତେଣୁ ଯେଉଁ ଅଧିକାରୀଙ୍କ ଅବହେଳା ପାଇଁ ସାଧାରଣ ଲୋକେ ଉପଯୁକ୍ତ ସୂଚନା ପାଇବାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ବାରମ୍ବାର ଅବହେଳା କଲେ ଚାକିରିରୁ ବହିଷ୍କାର କରାଯାଉ।

ସୁଶାନ୍ତ କୁମାର ଖଟୁଆ, ସାମାଜିକ କର୍ମୀ, ଜେନାପୁର, ଯାଜପୁର

### ବିବାହ ସ୍ମୃତି ପାଇଁ ଲଗାନ୍ତୁ ଗଛ

ବିବାହ ହେଉଛି ନୂଆ ଜୀବନ ସୃଷ୍ଟିକାରୀ ସାମାଜିକ ବ୍ୟବସ୍ଥାଟିଏ। ତେବେ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ଓ ପର୍ଯ୍ୟାବରଣର ସଙ୍କଟଜନକ ଅବସ୍ଥା ଦୃଷ୍ଟିରୁ ପରିବେଶର ସୁରକ୍ଷା ପାଇଁ ସମସ୍ତେ ଚିନ୍ତା କରିବା ଉଚିତ। ଏହି ପରିପ୍ରେକ୍ଷୀରେ ଝିଅ-ପୁଅମାନେ ବିବାହ ସ୍ମୃତି ପାଇଁ ବାହାଘର ଦିନ କିଛି ଗଛ ଲଗାନ୍ତୁ। ଏହାଦ୍ୱାରା ସାରା ବିଶ୍ୱ ଉପକୃତ ହେବ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ବିକାଶ ଯୋଜନା ଫେଲ୍ ମାରୁଛି କାହିଁକି

ରାଜ୍ୟ ସରକାର ବିଭିନ୍ନ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରି ପ୍ରଶଂସା ସାଉଁଟୁଥିବା ବେଳେ କେତେକ ଯୋଜନା ଫେଲ୍ ମାରୁଛି କାହିଁକି? ବମିଖାଲ ପୋଲ ହେଉ କିମ୍ବା ଏୟାର ପୋର୍ଟ ଛାତ ଅର୍ଦ୍ଧନିର୍ମିତ ଅବସ୍ଥାରେ ଖସିପଡି ଜନସାଧାରଣଙ୍କ କୋଟି କୋଟି ଟଙ୍କା ପାଣିରେ ପଡୁଛି। ଗ୍ରାମାଞ୍ଚଳଠାରୁ ଆରମ୍ଭକରି ସହରାଞ୍ଚଳରେ ଯେତେସବୁ ସରକାରୀ ନିର୍ମାଣ କାର୍ଯ୍ୟ ହେଉଛି ସେଥିରେ ପି.ସି. କାରବାର ଯୋଗୁ କାର୍ଯ୍ୟ ନିମ୍ନମାନର ହେବା ସହିତ ସରକାରଙ୍କର ଯୋଜନା କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠୁଛି। ନାଁକୁ ମାତ୍ର ତଦନ୍ତ ହେଉଛି, କିଛିଦିନ ଗଡିଗଲା ପରେ ଲୋକେ ଭୁଲିଯାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ୫ଟି ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଦେଶରେ ତିନିମାସ ପର୍ଯ୍ୟନ୍ତ ଔଷଧ ଓ ଏଥିପାଇଁ ଆବଶ୍ୟକ କଞ୍ଚାମାଲ୍‌ର ଅଭାବ ନାହିଁ ବୋଲି ଗୁରୁବାର ସରକାରଙ୍କ ପକ୍ଷରୁ କୁହାଯାଇଛି। କରୋନା ସଂକ୍ରମଣ ପ୍ରସ୍ତୁତି ଉପରେ ଏକ ମନ୍ତ୍ରୀଗୋଷ୍ଠୀ ଦୈନନ୍ଦିନ ଅନୁଧ୍ୟାନ କରୁଛନ୍ତି। ଭାରତରେ ଏହି ରୋଗର କୌଣସି ପ୍ରଭାବ ଯେପରି ନ ପଡ଼େ ସେ ଦିଗରେ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ରାସାୟନିକ ଓ ସାର ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡ଼ା କହିଛନ୍ତି। ଔଷଧ ଓ ମେଡିକାଲ ଶିଳ୍ପ ସଂଘର ୫ମ ଅନ୍ତର୍ଜାତୀୟ ପ୍ରଦର୍ଶନୀ ଓ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଗୌଡ଼ା ଉପରୋକ୍ତ ସୂଚନା ଦେଇଛନ୍ତି।

# ଭଗାମୁଣ୍ଡାର ପରିଚୟ ରେଶମ ଶିଳ୍ପ

- ରହିଛି ଚାହିଦା, ମିଳୁନି ଫାଇଦା
- ୨୦୦ଯୁବତୀ ହୋଇଛନ୍ତି ଆତ୍ମନିର୍ଭରଶୀଳ
- ଫ୍ରାନ୍ସ, ଇଟାଲୀ, କାନାଡ଼ାର ଗବେଷକ ପରିଦର୍ଶନ କରିଛନ୍ତି

ମାନସ ରଞ୍ଜନ ମହାନ୍ତି
ଯୋଡ଼ା,୫।୩

ଖଣି, ବୈତରଣୀ ଓ ମା' ତାରିଣୀଙ୍କୁ ନେଇ ସାରା ରାଜ୍ୟ ତଥା ଦେଶରେ କେନ୍ଦୁଝର ଜିଲା ପ୍ରସିଦ୍ଧି ଲାଭ କରିଥିବାବେଳେ ଏବେ ଆଉ ଏକ କୁଟୀରଶିଳ୍ପ ଏହି ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଟସର ରେଶମ ସୂତାରେ ନିର୍ମିତ ଶାଢ଼ି,ବସ୍ତ୍ର ପାଇଁ କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଭଗାମୁଣ୍ଡା ଗ୍ରାମ ଏବେ ଅର୍ନ୍ତଜାତୀୟ ବଜାରରେ ନିଜକୁ ସାମିଲ କରିପାରିଛି। ଏକଦା ମହାଜନୀ କାରବାରରେ ନିଷ୍ପେଷିତ ହେଉଥିବା ଆଦିବାସୀ ଅଧ୍ୟୁଷିତ ଭଗାମୁଣ୍ଡା ଗ୍ରାମର ଲୋକମାନେ ଏବେ ଟସର ଶିଳ୍ପ ପାଇଁ ବେଶ୍ ସ୍ୱାବଲମ୍ବୀ ହୋଇପାରିଛନ୍ତି। ପୁରୁଷଙ୍କ ସମେତ ମହିଳାମାନେ ଏହି କାର୍ଯ୍ୟରେ ସାମିଲ ହୋଇ ଟସରରୁ ବିଭିନ୍ନ ପ୍ରକାର ବସ୍ତ୍ର ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଛନ୍ତି। ଏପରି କି ଭଗାମୁଣ୍ଡା ଟସର ସମବାୟ ସମିତିକୁ ଫ୍ରାନ୍ସ, ଇଟାଲି ଓ କାନାଡ଼ାର ଟସର ଗବେଷକମାନେ ପରିଦର୍ଶନରେ ଆସି ବେଶ୍ ପ୍ରଶଂସା କରିଛନ୍ତି। ହେଲେ ପ୍ରଶାସନିକ ଉଦାସୀନତା ଏବଂ ଉପଯୁକ୍ତ ବଜାର ସୁବିଧାର ଅଭାବ ଯୋଗୁ ଯେଉଁ ମାତ୍ରାରେ ଟସର କାରୀଗରମାନେ ଲାଭବାନ ହେବା କଥା ତାହା ହୋଇପାରୁ ନାହାନ୍ତି। ଏହାସତ୍ତ୍ୱେ ଏଠାକାର ମହିଳାପୁରୁଷମାନେ ଏହି କୁଟୀର ଶିଳ୍ପର ବିକାଶ ପାଇଁ ଅହରହ ଉଦ୍ୟମ ଜାରି ରଖିଥିବା ପ୍ରକାଶ କରିଛନ୍ତି।

ଆଦିବାସୀ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ୧୯୭୮ରେ ଭଗାମୁଣ୍ଡାଠାରେ ଟସର ସମବାୟ ସମିତି ସ୍ଥାପନ କରାଯାଇଥିଲା। ପ୍ରାରମ୍ଭରୁ ଏହି ସମିତି ଦ୍ୱାରା ନିକଟସ୍ଥ ଆଦିବାସୀ ଗ୍ରାମର ଲୋକଙ୍କୁ ଉନ୍ନତମାନର ଟସର ବିହନ ଯୋଗାଇ ଦିଆଯାଇ ସେମାନଙ୍କଠାରୁ ଟସର ଖୋସାକୁ ସୁଲଭ ମୂଲ୍ୟରେ କ୍ରୟ କରାଯାଉଥିଲା। ୨୦୦୦ମସିହା ପରେ ଏହି ଟସର ସମବାୟ ସମିତିରେ ସୂତା କାଟି ଲୁଗା ବୁଣିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୧-୧୨ରେ ସ୍ଥାନୀୟ ଯୁବତୀଯୁବକ ଏବଂ ସମବାୟ ସମିତିରେ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାପାତ୍ରଙ୍କ ପ୍ରଚେଷ୍ଟାରେ ଏହାକୁ ବିକାଶ କରାଯାଇଥିଲା। ରାଜ୍ୟ ସରକାରଙ୍କ ହ୍ୟାଣ୍ଡଲୁମ୍ ଟେକ୍ସଟାଇଲ୍ ଓ ହ୍ୟାଣ୍ଡି କ୍ରାଫ୍ଟ ମନ୍ତ୍ରଣାଳୟ ପକ୍ଷରୁ ୪ କୋଟି ୭ ଲକ୍ଷ ଏବଂ ପରେ ୩ କୋଟି ୮୦ ଲକ୍ଷ ଟଙ୍କା ଅନୁଦାନରେ ଏଠାରେ ଟସର ଖୋସା ସଂଗ୍ରହ ବ୍ୟତୀତ ଟସରରୁ ରେଶମ ସୂତା କାଟି ବସ୍ତ୍ର ବୁଣା ଆରମ୍ଭ ହୋଇଥିଲା। ଏହା ହେବା ପରେ ଭଗାମୁଣ୍ଡା ନିକଟବର୍ତ୍ତୀ ଗ୍ରାମଗୁଡ଼ିକରୁ ପ୍ରାୟ ୨୦୦ଯୁବତୀ ଏଠାରେ ନିଯୁକ୍ତିର ସୁଯୋଗ ପାଇଥିଲେ। ସମବାୟ ସମିତିରୁ ଉନ୍ନତମାନର ବିହନକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ନିକଟସ୍ଥ ଜଙ୍ଗଲରେ ଥିବା ଅସନ, ଅର୍ଜୁନ ଗଛରେ ପ୍ରୟୋଗ କରି ଟସର ଖୋସା ଉତ୍ପାଦନ କରୁଛନ୍ତି। ସମିତି ପକ୍ଷରୁ ଏହି ଟସର ଖୋସାକୁ ଚାଷୀଙ୍କ ଠାରୁ କ୍ରୟ କରି ସମିତିକୁ ଅଣାଯାଉଛି। ଏହି ଟସରଖୋସାରୁ ସ୍ଥାନୀୟ ଯୁବତୀମାନେ ଉନ୍ନତ ଜ୍ଞାନକୌଶଳ ଅବଲମ୍ବନ କରି ସୂତା ବାହାର କରିବା ସହ ହସ୍ତତନ୍ତ ମାଧ୍ୟମରେ ବୁଣି ଟସର ରେସମ ଶାଢ଼ି, ଧୋତି, ଚାଦର, ସାଲ୍ ଆଦି ପ୍ରସ୍ତୁତ କରୁଛନ୍ତି। ନୂତନ ଜ୍ଞାନକୌଶଳ ଆହରଣ ପାଇଁ କାର୍ଯ୍ୟରତ ଯୁବତୀଯୁବକଙ୍କୁ ସମିତି ପକ୍ଷରୁ ରାଜ୍ୟ ବାହାରେ ଥିବା ରେଶମ ସୂତା କାଟିବା କେନ୍ଦ୍ର ଓ ବସ୍ତ୍ର ନିର୍ମାଣ କରିବା କେନ୍ଦ୍ରକୁ ପଠାଯାଇ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। ଏହି ଅଞ୍ଚଳର ଟସରରୁ କଟା ଯାଉଥିବା ରେସମ ସୂତା ରାଜ୍ୟର କେନ୍ଦୁଝର ଜିଲା ଫକୀରପୁର, କୁଆଖିଆ ଗୋପାଳପୁର, ଆଠଗଡ଼, ନୂଆପାଟଣା ପ୍ରଭୃତି ଅଞ୍ଚଳକୁ ପଠାଯିବା ସହିତ ରାଜ୍ୟ ବାହାର ଉତ୍ତରପ୍ରଦେଶର ଆଜମଗଡ଼, ବିହାରର ଭାଗଲପୁର, ଦିଲ୍ଲୀ, ବନାରସ ପ୍ରଭୃତି ଅଞ୍ଚଳକୁ ପଠାଯାଉଛି। ସମିତିର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାପାତ୍ରଙ୍କ କହିବାହେଲା, ଏଠାରୁ ଉତ୍ପାଦନ ହେଉଥିବା ଟସର ରେଶମ ସୂତାକୁ ଦେଶ ବାହାର ଦକ୍ଷିଣ ଆଫ୍ରିକାକୁ ମଧ୍ୟ ରପ୍ତାନି ହେଉଛି। ଏଠାରେ କାର୍ଯ୍ୟ କରୁଥିବା କେନ୍ଦୁଝର ଜିଲା କରଡ଼ାପାଳ ଗ୍ରାମର ସୂତାକଟାଳି ମହିଳା କୁନି ଦେହୁରିଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଲ୍ଲୀଠାରେ ପୁରସ୍କୃତ କରାଯିବା ସହିତ ତାଙ୍କୁ ୧ଲକ୍ଷ ଟଙ୍କାର ଚେକ୍ ମଧ୍ୟ ପ୍ରଦାନ କରାଯାଇଛି। ସେହିପରି ମହାରାଷ୍ଟ୍ରର ମୁମ୍ବାଇଠାରେ ଇଣ୍ଟରନ୍ୟାଶନାଲ ଟେକ୍ସଟାଇଲ ମ୍ୟାନୁଫ୍ୟାକ୍ଟରର ଆସୋସିଏଶନ ପକ୍ଷରୁ ମଧ୍ୟ ପୁରସ୍କୃତ କରାଯାଇଛି। ଏଥିସହିତ ଏହି ସମିତିକୁ ତାମିଲନାଡୁ, ଆସାମ୍ , ମଧ୍ୟପ୍ରଦେଶ ପ୍ରଭୃତି ରାଜ୍ୟର ବୟନଶିଳ୍ପ ନିର୍ଦ୍ଦେଶକ ଓ ସଚିବମାନେ ଗସ୍ତ କରି ଏହାର ପ୍ରସ୍ତୁତି ପ୍ରଣାଳୀକୁ ଅନୁଧ୍ୟାନ କରିଛନ୍ତି। ଏହି ଭଗାମୁଣ୍ଡା ଟସର ସମବାୟ ସମିତିର ପରିଦର୍ଶନ ତଥା ଅନୁଧ୍ୟାନ କରିବା ପାଇଁ ଦେଶ ତଥା ବିଦେଶର ରେଶମ ବୋର୍ଡ ପ୍ରତିନିଧିମାନେ ଆସୁଥିଲେ ହେଁ, ସ୍ଥାନୀୟ ପ୍ରଶାସନିକ ଉଦାସୀନତା ଯୋଗୁ ସମବାୟ ସମିତର ଉପଯୁକ୍ତ ଉନ୍ନତି ହୋଇ ପାରୁନାହିଁ। ବିଭିନ୍ନ ସମସ୍ୟା ମଧ୍ୟରେ ରହି ଏଠାରେ କାର୍ଯ୍ୟ କରୁଥିବା ଶତାଧିକ ମହିଳାଙ୍କ ରହିବା ପାଇଁ ହଷ୍ଟେଲ ଟିଏ ନାହିଁ। ଏପରିକି ସେମାନଙ୍କୁ ଦୁଇ ଓଳି ଖାଦ୍ୟ ମଧ୍ୟ ଭଲରେ ମିଳୁନାହିଁ ବୋଲି ସୂତାକଟାଳିମାନେ କହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏମାନଙ୍କ ପ୍ରତି ଦୃଷ୍ଟି ଦିଆଗଲେ ସେମାନଙ୍କ ସମସ୍ୟାର ସମାଧାନ ହେବା ସହିତ ସମିତିର ବିକାଶ ହୋଇପାରିବ।



ମହିଳାମାନେ ଟସର ଖୋସାରୁ ସୂତା କାଟୁଛନ୍ତି।



ଟସରରେ ପ୍ରସ୍ତୁତ ରେଶମ ଶାଢ଼ି।

## ଘରୋଇ ଯାତ୍ରୀବାହୀ ବସ୍‌କୁ ୬,୭୨,୪୪୫ ଟଙ୍କା ଜରିମାନା

ବୌଦ୍ଧ,୫।୩(ସ୍ୱ.ପ୍ର.)

ସାରା ରାଜ୍ୟରେ ଗାଡ଼ି ଯାଞ୍ଚ ଓ ଜରିମାନାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏକ ଘରୋଇ ଯାତ୍ରୀବାହୀ ବସ୍‌କୁ ୬ଲକ୍ଷ ୭୨ହଜାର ୪୪୫ ଟଙ୍କାର ଜରିମାନା କରାଯାଇଛି।

ଗତ ୩ ତାରିଖରେ ବୌଦ୍ଧ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସହର ଠାରୁ ୧୦ କିମି ଦୂର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଲାଣ୍ଡିବନ୍ଧଠାରେ ଗାଡି ମୋଟରର କାଗଜପତ୍ର ଯାଞ୍ଚ କରାଯାଉଥିଲା। ଏହି ସମୟରେ ଭୁବନେଶ୍ୱରରୁ ସକାଳୁ ପ୍ରତିଦିନ ବୌଦ୍ଧକୁ ଆସୁଥିବା ଯାତ୍ରୀବାହୀ ବସ୍ ମିନାର (ନଂ.ଓଡି୦୨ଏକେ/୬୧୯୯)କୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ବସ୍‌ର ରୋଡ୍ ପରମିଟ, ଫିଟ୍‌ନେସ, ଟ୍ୟାକ୍ସ, ଇନସ୍ୟୁରାନ୍ସ କାଗଜପତ୍ର ଠିକ୍ ନ ଥିବା ଜଣାପଡିଥିଲା। ଗାଡ଼ିଟି ୫ଟି ନିୟମ ଉଲ୍ଲଙ୍ଘନ କରିଥିବାରୁ ପରିବହନ ଅଧିକାରୀମାନେ ୬ଲକ୍ଷ ୭୨ହଜାର ୪୪୫ ଟଙ୍କାର ଫାଇନ କାଟିଥିଲେ। ଏତେ ଟଙ୍କାର ଫାଇନ ଓଡ଼ିଶାରେ ସର୍ବାଧିକ ବୋଲି ଜଣାପଡିଛି। ଉକ୍ତ ଘରୋଇ ବସ୍‌କୁ ଫାଇନ ସହ ଜବତ କରାଯାଇଛି। ବସ୍ ମାଲିକ ଭୁବନେଶ୍ୱରର ବୋଲି ବୌଦ୍ଧ ଆଞ୍ଚଳିକ ପରିବହନ ଅଧିକାରୀ ଅମରେଶ କୁମାର ପାତ୍ର ସୂଚନା ଦେଇଛନ୍ତି। ଯାଞ୍ଚ ସମୟରେ ଟ୍ରାଫିକ ଇନ୍ସପେକ୍ଟର ସୁଧୀର କୁମାର ଖାଲ୍‌କେ, ଅତିରିକ୍ତ ପରିବହନ ଅଧିକାରୀ ଫାଲକୁ ମୁର୍ମୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।



ଜବତ ବସ୍ ଓ କଟାଯାଇଥିବା ଚାଲାଣ।

## 'ଏମ୍ଏସ୍ଏମ୍ଇରେ ରହିଛି ପ୍ରଭୂତ ସମ୍ଭାବନା'

'ଏଣ୍ଟରପ୍ରେନିୟର୍ସ ୱିକ୍'ର ଶୁଭାରମ୍ଭ

ଭୁବନେଶ୍ୱର,୫।୩(ବ୍ୟୁରୋ)

ରାଜ୍ୟରେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ଓଡ଼ିଶାରେ ଯେକୌଣସି ଉତ୍ପାଦର ଉତ୍ପାଦନ ମୂଲ୍ୟ ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିଛି ବୋଲି ଗୁରୁବାର ଏମ୍ଏସ୍ଏମ୍ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି। ଭୁବନେଶ୍ୱରଠାରେ ୧୬ତମ ଏଣ୍ଟରପ୍ରେନିୟର୍ସ ସପ୍ତାହ ଉଦ୍‌ଘାଟନ କରି ମନ୍ତ୍ରୀ ଏହା କହିଛନ୍ତି।

ରିତେଶ ଅଗ୍ରୱାଲ୍ ଏବଂ ଓମ୍ ମହାନ୍ତିଙ୍କ ଉଦାହରଣ ଦେଇ ଦିବ୍ୟଶଙ୍କର କହିଲେ, ୨୦୩୦ ସୁଦ୍ଧା ରାଜ୍ୟ ଅର୍ଥନୀତିକୁ ୩ ଟ୍ରିଲିୟନ୍ ଡଲାରରେ ପହଞ୍ଚାଇବାରେ କୌଣସି ଅସୁବିଧା ନାହିଁ, ଏଥିପାଇଁ ଆମର ମାନସିକତାର ଆବଶ୍ୟକତା ରହିଛି। ବିଜୁବାବୁଙ୍କ ଜୟନ୍ତୀ ଅବସରରେ ଏମ୍ଏସ୍ଏମ୍ଇ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ବହୁ ଉଦ୍ୟୋଗୀଙ୍କ ସମେତ ଖାଦ୍ୟ ପ୍ରକ୍ରିୟାକରଣ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ, ହ୍ୟାଣ୍ଡଲୁମ୍ ଓ ଟେକ୍ସଟାଇଲ୍, କୟର ବୋର୍ଡ ପ୍ରଭୃତିର ପ୍ରତିନିଧି ଯୋଗଦେଇଥିଲେ। ଏହା ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ବକ୍ତବ୍ୟ ରଖିଥିଲେ। ଏହି କ୍ଷେତ୍ରରେ ଲୋକଙ୍କ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିଥିବାରୁ ସରକାର ଏଥିରେ ସହଯୋଗ କରିବା ପାଇଁ ଆଗେଇ ଆସିଥିବା ଶର୍ମା ଦର୍ଶାଇଥିଲେ। ନିକଟରେ ବିଭାଗ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ଯୋଗୁ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସେ ସୂଚନା ଦେଇଥିଲେ। ସେ ଏ କ୍ଷେତ୍ରରେ ନିବେଶକ ତଥା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଯେଉଁସବୁ ସମସ୍ୟା ରହିଛି ତାକୁ ସମାଧାନ କରିବା ପାଇଁ ବିଭାଗ ଯତ୍ନବାନ ଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇପିଏମ୍ ନିର୍ଦ୍ଦେଶକ ଏସ୍.କେ. ଜେନା, ଏମ୍ଏସ୍ଏମ୍ଇ ଇଣ୍ଡିଆର ନିର୍ଦ୍ଦେଶକ ଡ. ଏସ୍.କେ. ସାହୁ, ଓଡ଼ିଶା ରାଜ୍ୟ ଅର୍ଥ ନିଗମ ପରିଚାଳନା ନିର୍ଦ୍ଦେଶକ ପି.କେ. ଜେନା ଏବଂ ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଫେଡେରେଶନ୍‌ର ଅଧ୍ୟକ୍ଷ ଡ. ଶରତ କୁମାର ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ୨ନାବାଳକଙ୍କ ଗାଡ଼ି ଚାଳନା ୬୦ ହଜାର ଟଙ୍କା ଜରିମାନା

ସମ୍ବଲପୁର,୫।୩(ବ୍ୟୁରୋ): ସମ୍ବଲପୁର ଜିଲାରେ ଗାଡି ଯାଞ୍ଚ କଡ଼ାକଡି ଭାବେ କରାଯାଉଛି। ଗୁରୁବାର ଅଇଁଠାପାଲି ଥାନା ସିଟିସ୍କୁଲ ଛକ ନିକଟରେ ପୋଲିସର ଗାଡ଼ି ଯାଞ୍ଚ ବେଳେ ୨ ନାବାଳକ ଧରାପଡିଥିଲେ। ପୋଲିସ ଉଭୟ ନାବାଳକଙ୍କୁ ୩୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଛି। ନାବାଳକ ହୋଇ ଗାଡି ଚାଳନା ଅଭିଯୋଗରେ ୨୫ ହଜାର ଟଙ୍କା ଫାଇନ କରାଯାଇଥିବା ବେଳେ ବିନା ଲାଇସେନ୍ସ ପାଇଁ ୫ ହଜାର ଟଙ୍କା ଲେଖାଏଁ ଉଭୟଙ୍କଠାରୁ ମୋଟ ୬୦ ହଜାର ଟଙ୍କା ଚାଲାଣ କଟାଯାଇଛି। ନାବାଳକଦ୍ୱୟ କ୍ଷେତରାଜପୁର ଥାନା ଅଞ୍ଚଳର ବୋଲି ଜଣାପଡିଛି। ଅନ୍ୟପକ୍ଷେ ନିଶାଦ୍ରବ୍ୟ ସେବନ କରି ଗାଡି ଚଲାଇଉଥିବା ଅଭିଯୋଗରେ ପୋଲିସ ୩ ଜଣଙ୍କ ଗିରଫ କରିଛି। ଗୁରୁବାର ସହରର ଚାଆଁରପୁର ଛକ, ଜେଲଛକରେ ପୋଲିସ ପକ୍ଷରୁ ଗାଡି ଯାଞ୍ଚ କରାଯାଉଥିଲା।

# ଅଭିଯୁକ୍ତଙ୍କୁ ୧୫ ବର୍ଷ କାରାଦଣ୍ଡାଦେଶ

## ବଳାତ୍କାର ସହ ନାବାଳିକାଙ୍କୁ ଗର୍ଭବତୀ କରିବା ମାମଲା

**ଅନୁଗୋଳ ଅଫିସ, ୫।୩:** ଅନୁଗୋଳ ଜିଲା ହଣ୍ଡପା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ସହ ଗର୍ଭବତୀ କରିବା ମାମଲାର ବିଚାର କରି ଅନୁଗୋଳ ସ୍ପେଶାଲ ପୋକ୍ସୋ ଜଜ୍ ପ୍ରଭାକର ଗଣ୍ଡିଆ ଗୁରୁବାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୫ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୋଟ୍ ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜଜ୍ ଏହି ରାୟ ଶୁଣାଇଥିବା ସୂଚନା ମିଳିଛି।

ମାମଲାରୁ ପ୍ରକାଶ ଯେ, ନାବାଳିକାଙ୍କୁ ୧୪ ବର୍ଷ ହୋଇଥିବା ବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ୧୭ ବର୍ଷୀୟ ଅଭିଯୁକ୍ତ ଜଣକ ତାଙ୍କୁ ମାରଣାସ୍ତ୍ର ଦେଖାଇ ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ ନ କହିବାକୁ ଧମକ ଦେଇ ଦୀର୍ଘ ଦିନ ଧରି ତାଙ୍କୁ ବଳାତ୍କାର କରିଆସୁଥିଲେ। ତେବେ ନାବାଳିକା ଜଣଙ୍କ ଗର୍ଭବତୀ ହେବା ପରେ ୨୦୧୬ ଫେବୃୟାରୀ ୨ରେ ଘଟଣା ପଦାକୁ ଆସିଥିଲା। ନାବାଳିକା ସମସ୍ତ କଥା ପରିବାର ଲୋକଙ୍କ ଆଗରେ କହିଥିଲେ। ହେଲେ ଅଭିଯୁକ୍ତଙ୍କ ବାପା ଏହାର ଆପୋଷ ସମାଧାନ ପାଇଁ ୩ ଦିନ ସମୟ ନେଇଥିଲେ। କିନ୍ତୁ ସେ ସମାଧାନ ନ କରିବାରୁ ନାବାଳିକାଙ୍କ ମା' ୨୦୧୬ ଫେବୃୟାରୀ ୫ରେ ହଣ୍ଡପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୨୦୧୬ ମେ ୧୮ରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପ୍ରଥମେ ସିସିଆଇ କୋର୍ଟରେ ମାମଲାର ବିଚାର ହୋଇଥିଲା। ଅଭିଯୁକ୍ତ ଜଣଙ୍କ ସାବାଳକ ହେବା ପରେ ମାମଲା ଅନୁଗୋଳ କୋର୍ଟକୁ ବିଚାର ପାଇଁ ଆସିଥିଲା। ଉପରୋକ୍ତ ରାୟ ସହ ଜେଲରେ ଦୋଷୀ ଯୁବକଙ୍କ ପାଠପଢ଼ା, କାଉନସେଲିଂ, ସ୍କିଲ ଡେଭଲପମେଣ୍ଟ ଓ ଆଚାର ବ୍ୟବହାର କିପରି ରହୁଛି ସେ ନେଇ ରିପୋର୍ଟ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ସରୋଜ ପଟ୍ଟନାୟକ ପରିଚାଳନା କରୁଥିଲେ।

### ୩ ବର୍ଷୀୟ ପୁଅର ଡାକ ଶୁଣିଲେନି ଅଭିଯୁକ୍ତ ବାପା

ବଳାତ୍କାର ଯୋଗୁ ଗର୍ଭବତୀ ହୋଇଥିବା ସମ୍ପୃକ୍ତା ନାବାଳିକା ପରେ ଏକ ଶିଶୁ ସନ୍ତାନ ଜନ୍ମ ଦେଇଥିଲେ। ଏବେ ତାଙ୍କ ପୁଅକୁ ୩ ବର୍ଷ ହେଲାଣି। ଗୁରୁବାର ରାୟ ପ୍ରକାଶ ବେଳେ ଶିଶୁପୁତ୍ରଟି ମା'ଙ୍କ ସହ କୋର୍ଟକୁ ଆସିଥିଲେ। ପୋଲିସ ଦୋଷୀ ଯୁବକଙ୍କୁ ଜେଲ୍‌କୁ ନେଇ ଯାଉଥିବା ବେଳେ ଶିଶୁପୁତ୍ରଟି ପଛରେ ବାପା ବାପା ଡାକି କିଛି ବାଟ ଯାଇଥିଲେ। ଏପରି ବିରଳ ଦୃଶ୍ୟ ଅନେକଙ୍କ ଆଖିରେ ଅଶ୍ରୁ ଭରି ଦେଇଥିଲେ ବି ଦୋଷୀ ପିତାଙ୍କ ମନ ଆଦୌ ବିଚଳିତ ହୋଇ ନ ଥିଲା କି ତାଙ୍କ ପିତୃତ୍ୱ କାଣିଚାଏ ବି ଜାଗ୍ରତ ହୋଇ ନ ଥିଲା। ପିଲାଟିକୁ ଆଡ଼ ଆଖିରେ ସେ ନ ଚାହିଁ ପୋଲିସ ସହ ଚାଲିଯିବା କୋର୍ଟ ପରିସରରେ ଚର୍ଚ୍ଚାର ବିଷୟ ହୋଇଥିଲା।

# ନିରାପଦରେ ପହଞ୍ଚିଲେ ୯୭୫ ତୀର୍ଥଯାତ୍ରୀ

## ସରିଲା ୧୪ତମ ବରିଷ୍ଠ ନାଗରିକ ଯାତ୍ରା



ବରିଷ୍ଠ ନାଗରିକମାନେ ବ୍ରହ୍ମପୁର ଷ୍ଟେଶନରୁ ଗନ୍ତବ୍ୟସ୍ଥଳକୁ ଫେରୁଛନ୍ତି।

ବ୍ରହ୍ମପୁର ଅଫିସ,୫।୩

ଓଡ଼ିଶାର ଆର୍ଥିକ ଅନଗ୍ରସର ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରା ସୁଯୋଗ ନିମିତ୍ତ ୨୦୧୬ରୁ ଶୁଭାରମ୍ଭ ହୋଇଥିବା ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ୧୪ତମ ପର୍ଯ୍ୟାୟ ଶେଷ ହୋଇଛି ଫେବୃୟାରୀ ୨୮ ତାରିଖରେ। ବ୍ରହ୍ମପୁର ଷ୍ଟେଶନ୍‌ରୁ ରାମେଶ୍ୱର, ମଦୁରାଇ ଓ ତିରୁପତି ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ନେଇ ଯାଇଥିବା ସ୍ୱତନ୍ତ୍ର ଟ୍ରେନ୍ ଗୁରୁବାର ଫେରିଛି। ଦକ୍ଷିଣ ଓଡ଼ିଶାର ୮ ଜିଲାର ୯୭୬ ବରିଷ୍ଠ ନାଗରିକଙ୍କୁ ନେଇ ତୀର୍ଥଯାତ୍ରାରେ ବାହାରିଥିବା ଏହି ଟ୍ରେନ ମଧ୍ୟାହ୍ନରେ ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚିଥିଲା। କିନ୍ତୁ ଜଣେ ଯାତ୍ରୀ ନିଖୋଜ ଥିବାରୁ ୯୭୫ ଜଣ ଯାତ୍ରୀଙ୍କୁ ନେଇ ଫେରିଥିବା ଜଣାପଡ଼ିଛି। ସେଠାରେ ଜିଲା ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ପୂର୍ବତନ ଜିଲା ପର୍ଯ୍ୟଟନ ଅଧିକାରୀ ସନାତନ ନାୟକ, ପାଇକାରୀ ଭଣ୍ଡାର ସଭାପତି ସୁଧୀର ରାଉତ ଓ ପର୍ଯ୍ୟଟନ ବିଭାଗ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ବ୍ରହ୍ମପୁର ଷ୍ଟେଶନରେ ଓହ୍ଲାଇବା ପରେ ଦକ୍ଷିଣ ଓଡ଼ିଶାର ୮ ଜିଲାରୁ ଆସିଥିବା ସମସ୍ତ ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ବସ୍ ବ୍ୟବସ୍ଥା କରାଯାଇଥିଲା।

ସୂଚନାଯୋଗ୍ୟ, ଫେବୃୟାରୀ ୨୮ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ୧୪ତମ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ବ୍ରହ୍ମପୁର ରେଳଷ୍ଟେଶନରୁ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ୮ ଜିଲାର ୯୭୬ ବରିଷ୍ଠ ନାଗରିକଙ୍କ ସମେତ ୩୦ ପ୍ରଶାସନିକ ଅଧିକାରୀ ତିରୁପତି, ମଦୁରାଇ ଓ ରାମେଶ୍ୱର ଅଭିମୁଖେ ଯାଇଥିଲେ। ସେଥିମଧ୍ୟରେ କୋରାପୁଟ ୧୧୩, ନବରଙ୍ଗପୁର ୮୩, ମାଲକାନଗିରି ୫୩, କନ୍ଧମାଳ ୫୩, ବୌଦ୍ଧ ୩୦, ରାୟଗଡ଼ା ୯୭, ଗଜପତି ୫୯, ବ୍ରହ୍ମପୁର ମହାନଗର ସମେତ ଗଞ୍ଜାମରୁ ୪୮୮ଜଣ ତୀର୍ଥଯାତ୍ରୀ ରହିଥିଲେ।

### ତିରୁପତିରେ ଜଣେ ବରିଷ୍ଠ ନାଗରିକ ନିଖୋଜ

ଫେବୃୟାରୀ ୨୮ରେ ବ୍ରହ୍ମପୁରରୁ ବାହାରିଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ୍ ଗୁରୁବାର ଫେରିଛି। ଯାତ୍ରା ବେଳେ କୋରାପୁଟ ଜିଲାର ଜଣେ ବରିଷ୍ଠ ନାଗରିକ ନିଖୋଜ ହୋଇଯାଇଥିବା ସୂଚନା ମିଳିଛି। ସେ ହେଲେ ବୃଦ୍ଧ କାଳିଆ ନାୟକ। ସମସ୍ତେ ତିରୁପତି ମନ୍ଦିର ଦର୍ଶନ ସାରି ଫେରିବା ପରେ ତୀର୍ଥଯାତ୍ରୀଙ୍କ ରହିବା ଲାଗି ତିରୁପତିର ଏକ ହୋଟେଲରୁ କାଳିଆ କେଉଁଆଡ଼େ ଚାଲିଯାଇଥିଲେ। ପର୍ଯ୍ୟଟନ ବିଭାଗ, ସ୍ଥାନୀୟ ପୋଲିସ ସହାୟତାରେ ତାଙ୍କୁ ଖୋଜିବା ଲାଗି ଉଦ୍ୟମ କରାଯାଉଥିବା କୋରାପୁଟ ଜିଲା ପର୍ଯ୍ୟଟନ ଅଧିକାରୀ ଏସ୍.କେ. ଲିମା ସୂଚାଇଛନ୍ତି। ୯୭୬ ଯାତ୍ରୀଙ୍କୁ ନେଇ ଯାଇଥିଲା। କିନ୍ତୁ ଜଣେ ନିଖୋଜ ଥିବାରୁ ୯୭୫ ଜଣ ଯାତ୍ରୀ ଗୁରୁବାର ଫେରିଥିବା ଜଣାପଡ଼ିଛି।

NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR
(AN AUTONOMOUS INSTITUTION OF DEPARTMENT OF ATOMIC ENERGY, GOVT. OF INDIA)
Po-Bhimpur-Padanpur, Via-Jatni, Dist-Khurda-752050,
Phone- 0674-2494013, Fax-0674-2494004, web:- http://www.niser.ac.in

**Notice for Admission to Ph.D. Programme – 2020 (Summer Session)**

Advt.No:NISER/ACAD/Ph.D/2020-21(1)

Applications are invited from Indian citizens for admission to Ph.D Program scheduled to commence from 28th July, 2020 (Tuesday) in the following schools of basic sciences at NISER Bhubaneswar:

1. School of Biological Sciences (SBS)
2. School of Chemical Sciences (SCS)
3. School of Computer Sciences (SCPS)
4. School of Earth & Planetary Sciences (SEPS)
5. School of Humanities and Social Sciences (SHSS)
6. School of Mathematical Sciences (SMS)
7. School of Physical Sciences (SPS)

No application/entrance fee is charged to the student. To and Fro single 2nd sleeper class railway fare will be provided to candidates called for the test/interview.

**Important dates:**
Online application will be activated on : 01.03.2020 (Sunday)
Last date for filling up online application : 31.03.2020 (Tuesday)

Kindly refer to our website http://www.niser.ac.in for details regarding eligibility criteria, application procedure and selection procedure.
Sd/- Faculty-In-Charge (Academic Affairs)

**ପୂର୍ବ ତଟ ରେଳପଥ**

**ଲିଖିତ ପରୀକ୍ଷା ନିମନ୍ତେ ଅଧିସୂଚନା**
ସମ୍ବଲପୁର-ତାଳଚେର ରେଳ ଲିଙ୍କ୍ ପ୍ରକଳ୍ପରେ ଜମି ହରାଇଥିବା ବ୍ୟକ୍ତିଙ୍କୁ ନିଯୁକ୍ତି

ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କୁ ଅଧିସୂଚିତ କରାଯାଉଅଛି କି, ନିମ୍ନବର୍ଣ୍ଣିତ ସମ୍ପୂର୍ଣ୍ଣ ବିବରଣୀ ଅନୁଯାୟୀ ତା.13.03.2020 ରିଖକୁ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ କରାଯାଇଛି :

| ସ୍ଥାନ | ତାରିଖ | ସମୟ |
| --- | --- | --- |
| ବହ୍ନିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ସା-ଦେବାଇପଲି, ମାଝିପଲି ଛକ, ସମ୍ବଲପୁର-768200 | ତା.13.03.2020 ରିଖ (ଶୁକ୍ରବାର) | ଲିଖିତ ପରୀକ୍ଷା ଅପରାହ୍ନ 3.30 ଘଟିକାଠାରୁ ଅପରାହ୍ନ 5.00 ପର୍ଯ୍ୟନ୍ତ; ପ୍ରାର୍ଥୀମାନଙ୍କ ପାଇଁ ରିପୋର୍ଟିଂ ସମୟ ଅପରାହ୍ନ 2.30 |

ଯୋଗ୍ୟ ପ୍ରାର୍ଥୀମାନେ ଲିଖିତ ପରୀକ୍ଷା ନିମନ୍ତେ ତା.09.03.2020 ରିଖ ସୁଦ୍ଧା କିମ୍ବା ତା'ପରେ ରେଲୱେ ରିକ୍ରୁଟମେଣ୍ଟ ସେଲ୍, ଭୁବନେଶ୍ୱର ୱେବ୍‌ସାଇଟ୍ rrcbbs.org.in ରେ ଉପଲବ୍ଧ ଲିଙ୍କ୍‌ରୁ ସେମାନଙ୍କ ପ୍ରବେଶ ପତ୍ର (Admit Card) ଡାଉନ୍‌ଲୋଡ୍ କରିପାରିବେ। ଯଦି କୌଣସି ପ୍ରାର୍ଥୀ ୱେବ୍‌ସାଇଟ୍‌ରୁ ପ୍ରବେଶ ପତ୍ର ଡାଉନ୍‌ଲୋଡ୍ କରିବାକୁ ସକ୍ଷମ ନହୁଅନ୍ତି, ତେବେ ସେ ତା.12.03.2020 ରିଖ ଦିନ ନିଜର ପରିଚୟ ପତ୍ର ଦେଖାଇ ତାହାକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିପାରିବେ।

PR-764/K/19-20 ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ/ସମ୍ବଲପୁର

**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14/ET/SBP/ENGG/2019-20 ତା.27.02.2020ରିଖ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.39-eT-DENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼-ଥେରୁବାଲି ସେକ୍ସନରେ ଠିକାଦାରଙ୍କ ସେଲ୍ଫ ପ୍ରୋପେଲ୍ଡ (Self Propelled)ରେଲ-ସହ-ରୋଡ୍ ମୋବାଇଲ୍ FBW ପ୍ଲାଣ୍ଟଗୁଡ଼ିକର ବ୍ୟବହାର ଦ୍ୱାରା ଫ୍ଲାସ ବଟ ୱେଲ୍ଡିଙ୍ଗ୍ ନିମନ୍ତେ ଇଣ୍ଡିଆନ୍ ରେଲୱାଇ ମାନୁଆଲ ଅନୁଯାୟୀ ୱେଲ୍ଡେଡ୍ ଜଏଣ୍ଟଗୁଡ଼ିକର USFD ପରୀକ୍ଷଣ ସହିତ 60 କି.ଗ୍ରା./52 କି.ଗ୍ରା. ରେଲ୍‌ଗୁଡ଼ିକର ଫ୍ଲାସ ବଟ୍ ୱେଲ୍ଡିଙ୍ଗ୍ (FBW)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2,88,13,547.85, EMD (ଟଙ୍କାରେ): 2,94,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 12 (ବାର)ମାସ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.40-eT-DENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼-ଥେରୁବାଲି ସେକ୍ସନରେ ଟିଟିଲାଗଡ଼-କେସିଙ୍ଗା ଷ୍ଟେସନଗୁଡ଼ିକ ମଧ୍ୟରେ କି.ମି.215/2-3 ସ୍ଥିତ କଗୁଆଲି ଥିବା ଲେଭେଲ କ୍ରସିଙ୍ଗ୍ ନଂ.RV-172 ଠାରେ ସୀମିତ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 7,40,39,348.54, EMD (ଟଙ୍କାରେ): 5,20,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 06 (ଛଅ)ମାସ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.41-eT-DENW-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଲାଖୋଲି-ଟିଟିଲାଗଡ଼ ସେକ୍ସନରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକ ଠାରେ 48.49 TKm ନିମନ୍ତେ ଥ୍ରୁ ବାଲାଷ୍ଟ ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2,01,93,105.41, EMD (ଟଙ୍କାରେ): 2,51,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 12 (ବାର)ମାସ।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.46-eT-SDENE-SBP-19
କାର୍ଯ୍ୟର ନାମ: ତିନି ବର୍ଷ ସମୟାବଧି ନିମନ୍ତେ ବିଭିନ୍ନ ସ୍ଥାନଗୁଡ଼ିକ ଠାରୁ ସମ୍ବଲପୁର ମଣ୍ଡଳ ପର୍ଯ୍ୟନ୍ତ ତଥା ବିପରୀତ ଦିଗରେ ବିଭିନ୍ନ ଟ୍ରାକ୍ ମେସିନ୍ ସମ୍ପର୍କିତ ସାମଗ୍ରୀ/ ଉପକରଣଗୁଡ଼ିକର ପରିବହନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 46,07,090.97, EMD (ଟଙ୍କାରେ): 92,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 3,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 36 (ଛତିଶି)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ): ତା.23.03.2020ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର
PR-755/K/19-20

**E-Auction Notice Sale of Salvage**

E-Auction will be held for sale of damaged material metallic & non-metallic scrap belonging to M/s JINDAL STAINLESS LTD. Kalinga Nagar Industrial Complex, Duburi, Dist.: Jajpur - 755026, Orissa, India on **"AS IS WHERE IS BASIS"** condition on 17/03/2020

For accessing the details of e-auction, details of material, location for inspection, terms and conditions etc., visit **www.mjunction.in** or contact

Mjunction Mr. Kiranjit Chakraborty on telephone 8584008243

Or, M/s Jindal Stainless Ltd. Duburi-755026, Orissa Mr. Manoj Jati on telephone No. 9777450740

Or, M/s Bhatawadekar Insurance Surveyors & Loss Assessors Pvt. Ltd. Vakola, Santacruz (East), Mumbai - 400055. Phone: 022-2667 4425/26

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଫାଇଲ୍ ନଂ.DRM/Engg/KUR/19-18/E-Tender/54, ତା.28.02.2020ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-BrKUR-366-2019, ତା.24.02.2020ରିଖ
ବିବରଣୀ: 03(ତିନି) ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ବ୍ରିଜ୍ ନିମନ୍ତେ ପ୍ରସ୍ତାବିତ ଗୋଟିଏ ହାଲ୍କା ମୋଟର ଗାଡ଼ି(ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ କିମ୍ବା ଅନୁରୂପ ନନ୍-ଏସି) ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 15.31 ଲକ୍ଷ, EMD (ଟଙ୍କାରେ): 30,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି: 36 (ଛତିଶି) ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-HQKUR-372-2019, ତା.25.02.2020ରିଖ
ବିବରଣୀ: 33 ମାସ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ଼ ନିମନ୍ତେ ପ୍ରସ୍ତାବିତ 01 ଗୋଟି ଏସି ଗାଡ଼ି (ହୁଣ୍ଡାଇ କ୍ରେଟା/ ଭେନ୍ୟୁ, ମାରୁତି ଏସ୍-କ୍ରସ୍/XL6/ଏର୍ଟିଗା, ମହିନ୍ଦ୍ରା XUV 300, ରେନଲ୍ଟ ଡଷ୍ଟର, ନିଶାନ କିକ୍‌ସ, ଟାଟା ହାରିୟର କିମ୍ବା ଅନୁରୂପ ଗାଡ଼ି) ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 16.16 ଲକ୍ଷ, EMD (ଟଙ୍କାରେ): 32,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି: 33 (ତେତିଶି) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.18.03.2020 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ) ଖୋର୍ଦ୍ଧା ରୋଡ୍
PR-762/K/19-20



ଏ ମାଟିର ଶରୀର ଦିନେ ମାଟିରେ ମିଶିଯିବ, ଅର୍ଥାତ୍ ଆମକୁ ମରିବାକୁ ହେବ। ସେଥିପାଇଁ ପୂର୍ବରୁ ଅକ୍ଷୟ କୀର୍ତ୍ତି ଅର୍ଜନ, ସାଧୁସେବା ଏବଂ ଭଗବତ୍ ଭଜନ କରିବା ଉଚିତ। -**ସନ୍ଥ କବୀର**



# ଇଜ୍ଜତ ଲୁଟି ଗିରଫ ହେଲେ ହାବିଲଦାର

**ଖାକିରେ ପୁଣି ଲାଗିଲା କଳଙ୍କର ଛିଟା**

- **ନିଶା ବଟିକା ଦେଇ ବଳାତ୍କାର ଅଭିଯୋଗ**
- **୧୬ ବର୍ଷର ନାବାଳିକା ୫ ମାସର ଗର୍ଭବତୀ**

ଭୁବନେଶ୍ୱର,୫।୩(ବ୍ୟୁରୋ)

ଖାକିରେ ପୁଣି ଲାଗିଛି କଳଙ୍କର ଛିଟା। ନାବାଳିକା ଝିଅାରୀଙ୍କୁ ବଳାତ୍କାର କରି ଗର୍ଭବତୀ କରିଛନ୍ତି ଖୋଦ୍ କମିଶନରେଟ ପୋଲିସରେ କାର୍ଯ୍ୟରତ ଜଣେ ହାବିଲ୍‌ଦାର। ହସ୍ପିଟାଲରେ ଗର୍ଭପାତ ଉଦ୍ୟମ ବେଳେ ହାବିଲ୍‌ଦାରଙ୍କ କେଳେଙ୍କାରି ପଦାକୁ ଆସିଛି। ଅଭିଯୋଗ ପରେ ଅଭିଯୁକ୍ତ କ୍ୟାପିଟାଲ ଥାନାର ହାବିଲ୍‌ଦାର ବିଜୟ ସେଠୀଙ୍କୁ ପୋଲିସ ଗିରଫ କରିଛି। ଏନେଇ ଖାରବେଳନଗର ଥାନାରେ ଆଇପିସି ଦଫା ୩୭୬ ଓ ପୋକ୍‌ସୋ ଆକ୍ଟ ୬ରେ ମାମଲା (ନଂ.୬୭/୨୦) ରୁଜୁ ହୋଇଛି। ପୋଲିସ ଉଭୟଙ୍କ ଡାକ୍ତରୀମାଇନା କରିଛି। ଅଭିଯୁକ୍ତ ବିଜୟଙ୍କୁ ପଚରାଉଚରା କରାଯାଉଛି। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପୋଲିସ ସୂଚନାନୁସାରେ, ପୀଡିତା ଜଣକ ଶହୀଦନଗର ଥାନାଞ୍ଚଳରେ ପରିବାର ସହ ରୁହନ୍ତି। ତାଙ୍କ ବାପା ଏକ ବିଶ୍ୱବିଦ୍ୟାଳୟର କର୍ମଚାରୀ। ପିଉସା ତଥା ଅଭିଯୁକ୍ତ ବିଜୟ ସେଠୀ ଖାରବେଳନଗର ଥାନା ଅନ୍ତର୍ଗତ ସତ୍ୟନଗରରେ ପରିବାର ସହ ରହୁଛନ୍ତି। ବିଜୟଙ୍କ ସ୍ତ୍ରୀ କ୍ୟାନ୍‌ସରରେ ପୀଡିତ। ସେ ଡ୍ୟୁଟି ଯାଉଥିବାରୁ ସ୍ତ୍ରୀର ଦେଖାଶୁଣା କରିବାରେ ସମସ୍ୟା ହେଉଥିବା କହି ଗତ ଅକ୍ଟୋବର ମାସରେ ନାବାଳିକା ଝିଅାରୀଙ୍କୁ ଡାକି ଘରକୁ ନେଇଥିଲେ। ପିଉସୀ ଘର ହୋଇଥିବାରୁ ପରିବାର ଲୋକେ ବିଶ୍ୱାସ ରଖି ନାବାଳିକାଙ୍କୁ ସେଠାକୁ ଛାଡ଼ିଥିଲେ। ନାବାଳିକା ଜଣକ ସେଠାରେ ରହି ପିଉସୀର ସେବା କରନ୍ତି। ହେଲେ ପିଉସା ବିଜୟଙ୍କ ଥିଲା ଅନ୍ୟ କିଛି ଉଦ୍ଦେଶ୍ୟ। ଖାଦ୍ୟରେ ନିଶା ବଟିକା ଦେଇ ନିଜର ନାବାଳିକା ଝିଅାରୀଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କ ଚେତା ଫେରିବା ପରେ ବିଜୟ ତାଙ୍କୁ ନାନା ଧମକ ଦେଇଥିଲେ। ପୀଡିତା ଜଣକ ସେଠାରେ କିଛିଦିନ ରହିବା ପରେ ନିଜ ଘରକୁ ଚାଲି ଆସିଥିଲେ। ହେଲେ ଅଭିଯୁକ୍ତ ପିଉସା ବିଜୟଙ୍କ ଭୟରେ ସେ ପରିବାର ଲୋକଙ୍କ ଆଗରେ ମୁହଁ ଖୋଲି ନ ଥିଲେ।



ହାବିଲ୍‌ଦାର ବିଜୟ ସେଠୀ

## ବର୍ଷେ ତଳେ ଦୁର୍ଘଟଣାରେ ପୁଅର ମୃତ୍ୟୁ ଘଟିଥିଲା

ବିଜୟଙ୍କ ପରିବାର ଉପରେ ଦୁଃଖର ବାଦଲ ଘେରିରହିଛି। ସ୍ତ୍ରୀ ଏବେ କ୍ୟାନ୍‌ସର ପୀଡିତ ଅଛନ୍ତି। ଏପରି କି ଗତବର୍ଷ ଦୁର୍ଘଟଣାରେ ବିଜୟଙ୍କ ପୁଅର ମୃତ୍ୟୁ ଘଟିଥିଲା। ଏବେ ବିଜୟଙ୍କ ଏଭଳି କାର୍‌ନାମା ପୂରା ପରିବାରକୁ ଭସାଇ ଦେଇଛି। ଲଜ୍ଜାଜନକ ଘଟଣା ହୋଇଥିବାରୁ ସମ୍ପର୍କୀୟମାନେ ମଧ୍ୟ ତାଙ୍କ ଘରକୁ ଆସିବାକୁ ମଙ୍ଗୁନାହାନ୍ତି।

## କେମିତି ପଦାକୁ ଆସିଲା କେଳେଙ୍କାରୀ

ନାବାଳିକା ଜଣକ ପିଉସୀ ଘରୁ ଫେରି ଆସିବାର କିଛିମାସ ପରେ ତାଙ୍କର ବାନ୍ତି ହୋଇଥିଲା। ଏହାପରେ ସେ ନିଜେ ଡାକ୍ତରୀ ପରୀକ୍ଷା କରି ଗର୍ଭବତୀ ଥିବା ଜାଣିବା ପରେ ଅଭିଯୁକ୍ତ ବିଜୟଙ୍କୁ କହିଥିଲେ। ହେଲେ ବିଜୟ ଗର୍ଭପାତ ପାଇଁ ଟଙ୍କା ଯୋଗାଡ଼ କରିବାକୁ ପୀଡିତାଙ୍କୁ କହିଥିଲେ। ନାବାଳିକା ଜଣକ କେଉଁଠୁ ଟଙ୍କା ଆଣିବେ ବୋଲି କହିବାରୁ ସେ ବିଭିନ୍ନ ଧମକ ଦେଇଥିଲେ। ଫଳରେ ନାବାଳିକା ଟଙ୍କା ଯୋଗାଡ଼ କରିଥିବା ମିଛରେ କହିବାରୁ ବିଜୟ ଗତ ୨୮ ତାରିଖରେ ହରି ନାମକ ଜଣେ ସାଙ୍ଗଙ୍କ ସହଯୋଗରେ ନାବାଳିକାଙ୍କୁ ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଗର୍ଭପାତ ପାଇଁ ବ୍ୟବସ୍ଥା କରିଥିଲେ। ଏପରି କି ସମ୍ ହସ୍ପିଟାଲ ପଛପାର୍ଶ୍ୱରେ ଥିବା ଏକ ଘରୋଇ ଲାବ୍‌ରେ ଆବଶ୍ୟକ ପରୀକ୍ଷା କରାଯାଇଥିଲା। ୨୯ ତାରିଖରେ ନାବାଳିକାଙ୍କର ଗର୍ଭପାତ ହୋଇଥାନ୍ତା। କିନ୍ତୁ ନାବାଳିକା ଡର ଲାଗୁଥିବା କହି ମନା କରିବାରୁ ବିଜୟ ଓ ସାଙ୍ଗ ହରି ତାଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ନାବାଳିକା ଜଣକ ସେମାନଙ୍କ ଅଜାଣତରେ ନିଜ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହା ପରେ ପୀଡିତା ନାବାଳିକାଙ୍କ ପରିବାର ଲୋକେ ଏକ ସାମାଜିକ ସଂଗଠନ ସହାୟତାରେ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ମାମଲା ରୁଜୁ ପରେ ପୋଲିସ ଟିମ୍ ବିଜୟଙ୍କୁ ଗିରଫ ପାଇଁ ସତ୍ୟନଗରରେ ପହଞ୍ଚିଥିଲା। ସେ କ୍ୟାପିଟାଲ ଥାନା ଅଭିମୁଖେ ଡ୍ୟୁଟିକୁ ଯାଉଥିବାବେଳେ ପୋଲିସ ତାଙ୍କୁ ଉଠାଇନେଇଥିଲା। ତାଙ୍କ ଦେହରୁ ପୋଲିସ ପୋଷାକ ଖୋଲିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ମାତ୍ର ସତ୍ୟନଗରରେ ଘଟଣା ଘଟିଥିବାରୁ ଅଭିଯୁକ୍ତ ବିଜୟଙ୍କୁ ଗିରଫ ପରେ ଶହୀଦନଗର ପୋଲିସ ଖାରବେଳନଗର ଥାନାକୁ ମାମଲା ହସ୍ତାନ୍ତର କରିଛି।

## ଚାକିରିରୁ ନିଲମ୍ବିତ କଲେ ଡିସିପି

ଝିଅାରୀଙ୍କ ଇଜ୍ଜତ ଲୁଟି ଗିରଫ ହୋଇଥିବା ହାବିଲଦାର ବିଜୟ ସେଠୀଙ୍କୁ ଡିସିପି ଅନୁପ ସାହୁ ଚାକିରିରୁ ନିଲମ୍ବିତ କରିଛନ୍ତି। ୧୯୮୫ରେ ଚାକିରି ଜୀବନ ଆରମ୍ଭ କରିଥିବା ବିଜୟ ପ୍ରଥମେ ବାଣୀବିହାର ଫାଣ୍ଡି, ପରେ ଶହୀଦନଗର ଥାନା, ବାଲିପାଟଣା ଥାନା ଓ ବର୍ତ୍ତମାନ କ୍ୟାପିଟାଲ ଥାନାରେ କାର୍ଯ୍ୟ କରୁଥିଲେ।

**ରକ୍ଷକ ହୋଇ ଭକ୍ଷକ ସାଜୁଛି ପୋଲିସ**

## ଦୁଇମାସରେ ୬ ପୋଲିସ ଗିରଫ

ଭୁବନେଶ୍ୱର,୫।୩(ବ୍ୟୁରୋ)

ରକ୍ଷକ ହୋଇ ଭକ୍ଷକ ସାଜୁଛି ପୋଲିସ। କେତେଜଣଙ୍କ ପାଇଁ ପୂରା ପୋଲିସ ପ୍ରଶାସନ ବଦନାମ ମୁଣ୍ଡାଇଛି। ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଦୁଇ ମାସରେ ୬ଜଣ ପୋଲିସ ଗିରଫ ହେଲେଣି। ଡେରାଡୁନ୍‌ର ଜଣେ ଯୁବତୀଙ୍କୁ ଭୁବନେଶ୍ୱରରେ ରଖି ବଳାତ୍କାର ଘଟଣାରେ ସିଆର୍‌ପିଏଫ୍‌ର ଜଣେ ଯବାନଙ୍କୁ ନୟାପଲ୍ଲୀ ଥାନା ପୋଲିସ ଫେବୃୟାରୀ ୩ରେ ଗିରଫ କରିଥିଲା। ସେହିପରି ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରିବା ଅଭିଯୋଗରେ ମହିଳା ଥାନା ପୋଲିସ ଗତ ମାସ ୪ ତାରିଖରେ ଏସ୍‌ଏସ୍‌ବି କନ୍‌ଷ୍ଟେବଳକୁ ଗିରଫ କରିଥିଲା। ନୟାପଲ୍ଲୀ ଥାନାଞ୍ଚଳରେ ଜଣେ ମହିଳାଙ୍କ ଘରେ ପଶି ବଳାତ୍କାର କରି ଓଏସ୍‌ଏପିର ଜଣେ ସିପାହି ଗତମାସ ୮ ତାରିଖରେ ଗିରଫ ହୋଇଥିଲେ। ସେହିମାସ ୧୬ ତାରିଖରେ କ୍ୟାପିଟାଲ ଥାନା ଅନ୍ତର୍ଗତ କଳ୍ପନା ଛକ ନିକଟ ରାସ୍ତାରେ ଜଣେ ଯୁବତୀଙ୍କୁ ନିଶାଗ୍ରସ୍ତ ଅବସ୍ଥାରେ ଅସଦାଚରଣ କରିଥିବା ଏସ୍‌ଏସ୍‌ବି କନ୍‌ଷ୍ଟେବଳ ପ୍ରମୋଦ ବେହେରାଙ୍କୁ ଲୋକେ ନିସ୍ଥୁକ ମାଡ଼ ମାରିଥିଲେ। ଏପରିକି ଅସଦାଚରଣର ଶିକାର ଯୁବତୀ ଜଣକ ଚପଲରେ ପିଟିବା ସହ ବିଧା, ଗୋଇଠା ମାରି ପୋଲିସ ଜିମା ଦେଇଥିଲେ। ଶେଷରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସେହିଭଳି ଜଣେ ଯୁବତୀଙ୍କୁ ବିବାହ ଆଳରେ ଏକାଧିକଥର ବଳାତ୍କାର କରିବା ଅଭିଯୋଗରେ ଗତ ୨୩ ତାରିଖରେ ମହିଳା ଥାନା ପୋଲିସ ବିଏସ୍‌ଏଫ୍ ଡିଏସ୍‌ପି ମନୋଜ ମହାକୁଡଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଗତବର୍ଷ ନଭେମ୍ବର ୧୪ରେ ଜଣେ କନ୍‌ଷ୍ଟବଳଙ୍କୁ ବ୍ରାଉନସୁଗାର ବିକ୍ରି କରିବା ଅଭିଯୋଗରେ ନୟାପଲୀ ଥାନା ପୋଲିସ ଗିରଫ କରିଥିଲା। କର୍ମଚାରୀଙ୍କ ଉପରେ ଉପରିସ୍ଥ ଅଧିକାରୀଙ୍କ ଲଗାମ ରହୁ ନ ଥିବାରୁ ଏଭଳି ଅଘଟଣ ଘଟୁଥିବା ଆଇନଜୀବୀ ଦୁର୍ଗାମାଧବ ମିଶ୍ର କହିଛନ୍ତି।



**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମେଘ ଝଟକିଲା ବିଜୁଳି ମାଇଲା**
**ଦାଣ୍ଡଧୂଳି ନେଲା ଉଡ଼େଇ**
**ଏଇବାଟେ ଗଲୁ କଥା ନ କହିଲୁ**
**ସଙ୍ଗେ ସଙ୍ଗେ ଗଲି ଗୋଡ଼େଇ ।**

ପ୍ରେମର ମୂଲ୍ୟ ନ ବୁଝି ପ୍ରେମୀ ଯେତେବେଳେ ଉପେକ୍ଷା କରି ବସେ, ସେତେବେଳେ ତାକୁ ସହ୍ୟ କରିବା ଯେ କେତେ କଷ୍ଟକର ହୋଇଯାଏ, ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ଦେଖି ନ ଦେଖିଲା ପରି ବ୍ୟବହାର କରି କଥା ନ କହି ବାଟ ଭାଙ୍ଗି ଚାଲିଯାଉଥିବା ପ୍ରେମୀ ପ୍ରତି ମନରେ ଅଭିମାନ ଭରା କ୍ଷୋଭ ଜାତହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଣିଷ ବୁଲିଲେ ମରେ**
**ବାଉଁଶ ଫୁଲିଲେ ମରେ ।**

ମଣିଷ ବୁଲି ବୁଲି ପିତୁଆ ହୋଇଯାଏ। ଫଳସ୍ୱରୂପ ବେମାରିଆ ହୋଇଯାଏ। ବାଉଁଶ ଫୁଲିଲେ ପାକଳ ହୁଏ, କଟାଯାଏ। ତା' ଦେହରେ ଫୁଲ ହେଲେ ଆଉ ବଢ଼େ ନାହିଁ, ମରିଯାଏ। ଉପଯୁକ୍ତ ଯତ୍ନ ନ କଲେ କ୍ଷତିର ସମ୍ଭାବନା ଦେଖାଦେଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଜେଲଗଲେ ଘରୋଇ ସ୍କୁଲ ଶିକ୍ଷକ

**ସପ୍ତମଶ୍ରେଣୀ ଛାତ୍ରୀଙ୍କୁ ନିର୍ଯାତନା, ଅସଦାଚରଣ ଅଭିଯୋଗ**

ଭୁବନେଶ୍ୱର,୫।୩(ବ୍ୟୁରୋ)

ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଅସଦାଚରଣ କରୁଥିଲେ ଶିକ୍ଷକ। ଖରାପ ନଜର ରଖି ନାନା ଭାବେ ହଇରାଣ କରୁଥିଲେ। ଶେଷରେ ଧରାପଡ଼ିଯିବା ପରେ ବି ଟଙ୍କା ଦେଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ ମଧ୍ୟ କରିଥିଲେ। ଏହି ଶିକ୍ଷକଙ୍କୁ ଗୁରୁବାର ଲିଙ୍ଗରାଜ ଥାନା ପୋଲିସ ଗିରଫ କରିଛି। ସେ ହେଲେ ସାମନ୍ତରାପୁରସ୍ଥିତ ଏକ ଘରୋଇ ସ୍କୁଲ୍‌ର ମ୍ୟାଥ୍ (ଅଙ୍କ) ଶିକ୍ଷକ ସଞ୍ଜୟ ପଟ୍ଟନାୟକ। ପୋଲିସ ତାଙ୍କୁ ଘଟଣାସ୍ଥଳକୁ ନେଇ ଜେରା କରିବାସହ କେତେଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଛି। ଏଥିସହ ସେ ବ୍ୟବହାର କରୁଥିବା ପୋଷାକ ଓ ଅନ୍ୟ କେତେକ ସାମଗ୍ରୀ ଜବତ କରି ପରୀକ୍ଷା ପାଇଁ ଲାବୋରେଟୋରିକୁ ପଠାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୩୮/୨୦) ରୁଜୁ କରି ଅଭିଯୁକ୍ତ ସଞ୍ଜୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଅଭିଯୁକ୍ତ ସଞ୍ଜୟ ଉକ୍ତ ଘରୋଇ ସ୍କୁଲରେ ଦୀର୍ଘଦିନ ଧରି ଶିକ୍ଷକତା କରୁଥିଲେ। ସେ ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ଜଣେ ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ। ନିଜର କାମନାବାସନାକୁ ଚରିତାର୍ଥ କରିବାକୁ ସେ ୪ ମାସ ହେବ ଉଦ୍ୟମ ଚଳାଇଥିଲେ। ନାବାଳିକା ଛାତ୍ରୀଙ୍କୁ ସ୍କୁଲ୍‌ରେ ଏକୁଟିଆ ପାଇଲେ ବାରମ୍ବାର ଅସଦାଚରଣ କରୁଥିଲେ। ଛୋଟ ପିଲା ହୋଇଥିବାରୁ ଭୟରେ କିଛି କାହାକୁ କହିପାରୁ ନ ଥିଲେ। ଏପରି କି ମନ ବଦଳାଇବା ପାଇଁ ଗତ ମାସରେ ଭାଲେଣ୍ଟାଇନ ସପ୍ତାହର ବିଭିନ୍ନ ଦିବସରେ ଶିକ୍ଷକ ଜଣକ ଉକ୍ତ ଛାତ୍ରୀଙ୍କୁ ଉପହାର ମଧ୍ୟ ଦେଇଥିଲେ। ଶେଷରେ ସ୍କୁଲ୍ ସମୟରେ ପୁରୀ ଯାଇ ବୁଲାବୁଲି କରି ଫେରି ଆସିବାକୁ ବାରମ୍ବାର କହିବା ସହ ବାଧ କରିବାରୁ ଛାତ୍ରୀ ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ତାଙ୍କ ମା ଓ ବାପା ଥାନାରେ ଅଭିଯୋଗ କରିଥିଲେ।



# ମହିଳାଙ୍କୁ ଅସଦାଚରଣ ଅଭିଯୋଗ: ହୋମଗାର୍ଡଙ୍କ ନାମରେ ମାମଲା

ଖୋର୍ଦ୍ଧା ଅଫିସ, ୫।୩

ଖୋର୍ଦ୍ଧା ପୋଲିସ ଜିଲାର ମୁଖ୍ୟାଳୟ ଅଞ୍ଚଳରେ ଜଣେ ହୋମଗାର୍ଡ ୧୯ ବର୍ଷୀୟା ବିବାହିତା ମହିଳାଙ୍କୁ ବୁଧବାର ଅସଦାଚରଣ ଉଦ୍ୟମ କରିଥିଲେ। ଏ ନେଇ ଆଦର୍ଶ ଥାନାରେ ଅସଦାଚରଣ ମାମଲା ନଂ. ୭୩/୨୦ ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁସାରେ, ଶିଳ୍ପାଞ୍ଚଳ ଫାଣ୍ଡି ଇଲାକାରେ ବୁଧବାର ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରେ ମହିଳା ଜଣକ ଦର୍ଶକ ଭାବେ କାର୍ଯ୍ୟକ୍ରମକୁ ଉପଭୋଗ କରୁଥିଲେ। ସେହି ସମୟରେ ଶିଳ୍ପାଞ୍ଚଳ ଫାଣ୍ଡିର ହୋମଗାର୍ଡ ତଥା ପୋଲିସ୍ ଭ୍ୟାନ ଚାଳକ ସୀତାକାନ୍ତ ସାମନ୍ତରାୟ ମହିଳାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ପୀଡିତା ଜଣକ ତାଙ୍କ ସ୍ୱାମୀଙ୍କୁ ଜଣାଇବା ପରେ ଥାନାରେ ସେ ଅଭିଯୋଗ କରିଥିଲେ।

# କୁନି ଶିଳ୍ପୀଙ୍କ ମୁରୁଜରେ 'ଡାକୋଟା' ବିମାନ

**ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା ଚିତ୍ରଶାଳା**

ପୁରୁଣା ଭୁବନେଶ୍ୱର, ୫।୩ (ଡି.ଏନ.ଏ.)

ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ସ୍ଥାନୀୟ ଚିତ୍ରଶିକ୍ଷା ଅନୁଷ୍ଠାନ 'ଚିତ୍ରଶାଳା' ପକ୍ଷରୁ ନିଆରା ଢଙ୍ଗରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଭୁବନେଶ୍ୱର ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ରେ ଥିବା ଚିତ୍ରଶାଳାର କୁନି ଶିଳ୍ପୀମାନେ ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ ଓ ଚିତ୍ରଶାଳାର ପ୍ରତିଷ୍ଠାତା ଚିତ୍ରଶିଳ୍ପୀ ଅନସୂୟା ସାହୁଙ୍କ ତତ୍ତ୍ୱାବଧାନରେ ମୁରୁଜ କଳାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନବ ଉତ୍କଳର ନିର୍ମାତା ବିଜୁ ପଟ୍ଟନାୟକଙ୍କର ସବୁଠୁ ପ୍ରିୟ 'ଡାକୋଟା' ବିମାନର ଚିତ୍ର ଆଙ୍କିଛନ୍ତି।




ବିଜୁବାବୁଙ୍କ ବୀରତ୍ୱ ଓ ସାହସିକତା ଅପୂର୍ବ ନିଦର୍ଶନର ପ୍ରତୀକ ଥିଲା ଡାକୋଟା ବିମାନ। ବହୁଚର୍ଚ୍ଚିତ ଘଟଣାବଳୀ ଓ ବୀରତ୍ୱର ଗାଥା ବହନ କରୁଥିବା ଏହି ବିମାନକୁ ମୁରୁଜରେ ଆଙ୍କି ଚିତ୍ରଶିଳ୍ପୀମାନେ ବିଜୁବାବୁଙ୍କ ସ୍ମୃତି ଅବଗାହନ କରିଥିଲେ। ଡାକୋଟା ବିମାନ ଦ୍ୱାରା ବିଜୁବାବୁ ଇଣ୍ଡୋନେସିଆର ତତ୍କାଳୀନ ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଶତ୍ରୁ କବଳରୁ ରକ୍ଷା କରିଥିଲେ। ଅନେକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ନିଜ ଜୀବନକୁ ବାଜି ଲଗାଇ ଅନେକ ଅାଧାଧ କାର୍ଯ୍ୟକୁ ହାସଲ କରିଥିଲେ ଏହି ବିମାନରେ। ଆୟୋଜିତ ଶ୍ରଦ୍ଧାଞ୍ଜଳି ଓ ଚିତ୍ରକଳା କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶାନ୍ତ ସାହୁ ଯୋଗଦେଇ ଶିଳ୍ପୀଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିସହ ଦୁଃସାହସୀ ଓ ଦକ୍ଷ ପାଇଲଟ ବିଜୁବାବୁଙ୍କ ପ୍ରିୟ ଡାକୋଟା ବିମାନ ଓଡ଼ିଶାର ଯୁବ ବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148,
7894447131, 9337021532,
7894447167, 7894447165

BUSINESS

ASTROLOGY

INDUS TOWER LTD
କୌଣସୀ ଖର୍ଚ୍ଚ ନାହିଁ
ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 60,000,00/-, ଭଡା 50,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
8882906098

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

FINANCE

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୯୦,୦୦୦/-, ଆଡଭାନ୍ସ - ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ। ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ।- **ସତ୍ୟସାଇ ବାବା**



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଅନ୍ନପୂର୍ଣ୍ଣା ଟିମ ପକ୍ଷରୁ 'ଓ୍ୱ ହାରମୋନି', ନ୍ୟୁ ମାରିଅନ, ପୂର୍ବାହ୍ନ ୧୦ଟା।
- ୟୁରୋ ସ୍ମାର୍ଟ ପ୍ଲେ ସ୍କୁଲ ପକ୍ଷରୁ ହୋଲି ସଚେତନତା କାର୍ଯ୍ୟକ୍ରମ, ସ୍କୁଲ ପରିସର, ରଥଦାଣ୍ଡ, ରାମେଶ୍ୱରପାଟଣା, ପୁରୁଣା ଭୁବନେଶ୍ୱର, ପୂର୍ବାହ୍ନ ୧୦ଟା।
- ପରିଚୟ ଫାଉଣ୍ଡେଶନ ପକ୍ଷରୁ ଆର୍ଯ୍ୟ ଆୱାର୍ଡସ୍, ହୋଟେଲ କ୍ରାଉନ, ପୂର୍ବାହ୍ନ ୧୦ଟା।
- ଏନ୍‌ଏଚଆରଡି ନେଟ୍‌ୱର୍କ ପକ୍ଷରୁ ଜାତୀୟ ଏଚ୍‌ଆର କନକ୍ଲେଭ, ମେ ଫେୟାର କନଭେନଶନ, ପୂର୍ବାହ୍ନ ୧୦ଟା।
- କଳିଙ୍ଗ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ପୁସ୍ତକ 'ଡେୟାରଡେଭିଲ ଡେମୋକ୍ରାଟ' ଉଦ୍‌ଘାଟନ ସମାରୋହ, ଚାଣକ୍ୟ, ସ୍ୱସ୍ତି ପ୍ରିମିୟମ, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩, ଅପରାହ୍ନ ୨ଟା।
- ସୁଧନ୍ୟା ପତ୍ରିକାର ୩୪ତମ ସ୍ୱନକ୍ଷତ୍ର ଉତ୍ସବ, ରୋଟାରୀ ଭବନ, ୟୁନିଟ-୯, ଅପରାହ୍ନ ୫ଟା ୩୦।
- ଓଡ଼ିଶା ୱିମେନ ଏକ୍ସିଲେନ୍ସ ଆୱାର୍ଡ, ସୂଚନା ଭବନ, ସନ୍ଧ୍ୟା ୬ଟା।

**କଟକ**
- ଓଡ଼ିଶା ପୋଲିସ ଆନୁକୂଲ୍ୟରେ 'ପୋଲିସରେ ମହିଳା' ଶୀର୍ଷକ ଦିନିକିଆ ସମ୍ମିଳନୀ, ଓଏସ୍‌ଏପି ଷଷ୍ଠ ବାଟାଲିୟନ, ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସେବା ସପ୍ତାହ, ଶହୀଦ ଭବନ, ପୂବାହ୍ନ ୧୦ଟା ୩୦।
- ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ବାରବାଟୀ ଷ୍ଟାଡିୟମ, ଅପରାହ୍ନ ୫ଟା।
- ଲୋକ ସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ସ୍ମୃତି ସଭା, ଗାନ୍ଧୀଭବନ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**
- ଅଷ୍ଟପ୍ରହରୀ ନାମଯଜ୍ଞର ନଗରକୀର୍ତ୍ତନ, ରଣସିଂହ ସାହି, ବାଲିଅନ୍ତା, ସକାଳ ୯ଟା।

# ରଙ୍ଗ ଉତ୍ସବକୁ ଫିଙ୍କା କରିବ କରୋନା

**ଭୁବନେଶ୍ୱର,୫।୩(ବ୍ୟୁରୋ)**

ଦିନ କେଇଟା ପରେ ରଙ୍ଗ ଓ ଭାଇଚାରାର ପର୍ବ ହୋଲି। ଫଗୁ ଓ ଫଗୁଣର ଏହି ଉତ୍ସବକୁ ସ୍ୱାଗତ କରିବାକୁ ଲୋକେ ପ୍ରସ୍ତୁତ ହେଉଥିବାବେଳେ ଡରାଇ ଦେଇଛି କରୋନା। ଗୋଟିଏ ସ୍ଥାନରେ ଏକାଠି ହୋଇ ହୋଲି ନ ଖେଳିବାକୁ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ଜନସାଧାରଣଙ୍କୁ ଅନୁରୋଧ କରିଥିବାବେଳେ ଏପଟେ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିଭଳି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ମଧ୍ୟ କଟକଣା ଜାରି କରାଯାଇଛି। ତେବେ ଏହାମଧ୍ୟରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ହୋଲି ଉତ୍ସବ ପାଳନକୁ ନେଇ ଆଶଙ୍କା ଦେଖାଦେଇଛି। ଅନେକେ ହୋଲି ନ ଖେଳିବାକୁ ଚିନ୍ତା କରୁଥିବାରୁ ଏଥର ରଙ୍ଗର ଉତ୍ସବ ଫିକା ପଡ଼ିଯିବ ବୋଲି କୁହାଯାଉଛି।



### ଚାଇନା ପିଚ୍‌କାରି, ମୁଖା ଉଭାନ

ହୋଲିକୁ ଆଉମାତ୍ର ୩ଦିନ ବାକି ରହିଥିବାବେଳେ ଏପର୍ଯ୍ୟନ୍ତ ବଜାରରେ ରଙ୍ଗର ପସରା ଦେଖିବାକୁ ମିଳୁନି। ରାସ୍ତାକଡ଼ରେ ରଙ୍ଗ ଦୋକାନ କରିବାକୁ ବିଏମ୍‌ସି ରୋକ ଲଗାଇଥିବାବେଳେ ଲୋକଙ୍କ ମନରେ କରୋନା ଭୟ ଘାରିବାରେ ଲାଗିଛି। ସେହିଭଳି କମ୍ ସଂଖ୍ୟକ ଦୋକାନ ଖୋଲିଥିଲେ ମଧ୍ୟ ଅଧିକାଂଶ ବ୍ୟବସାୟୀଙ୍କ ପାଖରେ ରଙ୍ଗ ଅବିର ରହିଛି। ପିଚ୍‌କାରୀ, ଟୋପି, ମୁଖା ଆଦି ଦେଖିବାକୁ ମିଳୁନି। ଏସବୁ ସାମଗ୍ରୀ ଚାଇନାରୁ ଆମଦାନୀ ହୋଇଥାଏ। ଚାଇନାରେ ମୃତ୍ୟୁର ବିଭୀଷିକା ରଚିଥିବା କରୋନା ଯୋଗୁ ଉକ୍ତ ସାମଗ୍ରୀ ଆମଦାନୀ ଉପରେ କଟକଣା ଲାଗିଛି। ତେଣୁ ପୂର୍ବରୁ ଯେତିକି ମହଜୁଦ ରହିଛି ତାହାକୁ ବହୁ ଚଢ଼ା ଦରରେ ବ୍ୟବସାୟୀମାନେ ବିକ୍ରି କରୁଛନ୍ତି। ରଙ୍ଗ ବ୍ୟବସାୟୀ ଦେବରାଜ ବେହେରା କହିଛନ୍ତି, ହୋଲି ଓ ଦୀପାବଳିରେ ଅଧିକାଂଶ ସାମଗ୍ରୀ ଚାଇନାରୁ ଆସିଥାଏ। ହେଲେ କରୋନା ପାଇଁ ସେସବୁ ସାମଗ୍ରୀ ଆଉ ଆସୁନାହିଁ। ହୋଲ୍‌ସେଲରମାନେ ରଖିଥିବା ସେସବୁ ସାମଗ୍ରୀ ଉପରେ ୧୫ରୁ ୨୦ ପ୍ରତିଶତ ମୂଲ୍ୟବୃଦ୍ଧି କରିଥିବାରୁ ଆମଭଳି ଖୁଚୁରା ବେପାରୀମାନେ ତାହାକୁ ଆଣି ବିକିବା କଷ୍ଟକର ହେବ।

### ମାସ୍କ ପିନ୍ଧି ହୋଲି ଖେଳିବେ ଲୋକେ

କରୋନା ଭୟାବହତାକୁ ଦୃଷ୍ଟିରେ ରଖି ଜନଗହଳିପୂର୍ଣ୍ଣ ସ୍ଥାନଠାରୁ ଦୂରେଇ ରହିବାକୁ ଓ ମାସ୍କ ପିନ୍ଧିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଏଭଳିସ୍ଥଳେ ବଡ଼ ବଡ଼ ହୋଲି ଇଭେଣ୍ଟର ଆୟୋଜନ କରୁଥିବା ସଂସ୍ଥା ତଥା ଅନୁଷ୍ଠାନ ଚିନ୍ତାରେ ପଡ଼ିଛନ୍ତି। ଟିକେଟ ବିକ୍ରି ସହ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ଶେଷ ମୁହୂର୍ତ୍ତରେ କରୋନା ସବୁକିଛି ବିଗାଡ଼ି ଦେଇଛି। ହେଲେ ଏବେ ଲୋକେ ହୋଲି ଖେଳିବାକୁ ଡରିବା ସହ ବୁକିଂ ବାତିଲ୍ କରିବାକୁ ଚାହୁଁଛନ୍ତି। ପ୍ରତିବର୍ଷ ଭୁବନେଶ୍ୱରରେ 'ହର୍ବାଲ୍ ହୋଲି' ଉତ୍ସବର ଆୟୋଜନ କରୁଥିବା ଅଭିନେତ୍ରୀ ତଥା ମଡେଲ ସ୍ୱପ୍ନ ପତି କୁହନ୍ତି, ପବ୍ଲିକ୍ ଗ୍ୟାଦରିଂ ନ ହେଲେ ତ ହୋଲି ଖେଳି ହେବନି। ତେଣୁ ଏଥିଲାଗି ଆମେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ମାସ୍କ ଦେବୁ। କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ଲାଗି ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରି ହୋଲି ଉତ୍ସବର ଆୟୋଜନ କରିବୁ ବୋଲି ସେ କହିଛନ୍ତି। ଓଡ଼ିଆ ଫିଲ୍ମ ଅଭିନେତା ସବ୍ୟସାଚୀ ମିଶ୍ର ଓ ବାବୁଶାନ୍ ମହାନ୍ତି ଏହି ଉତ୍ସବରେ ଯୋଗଦେଉଥିବା ବେଳେ ଏଥିରେ ଏସିଡ୍ ଆକ୍ରମଣ ପୀଡ଼ିତା ଏବଂ ଦିବ୍ୟାଙ୍ଗମାନଙ୍କୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯିବ।

### ରଙ୍ଗରୁ ବ୍ୟାପିବନି କରୋନା

ହୋଲି ରଙ୍ଗରୁ କରୋନା ବ୍ୟାପିବନି କିମ୍ବା ମେଡ୍ ଇନ୍ ଚାଇନା ପିଚ୍‌କାରୀରୁ କରୋନା ଭୂତାଣୁ ବାହାରିବନି। ଗତ କିଛିଦିନ ହେଲା ସୋସିଆଲ୍ ମିଡ଼ିଆରେ ଭାଇରାଲ ହୋଇଥିବା ମେସେଜ୍ ସମ୍ପୂର୍ଣ୍ଣଭାବେ ମିଥ୍ୟା ବୋଲି ବିଶେଷଜ୍ଞମାନେ କହିଛନ୍ତି। ପ୍ରଥମତଃ ଏବେ ଚାଇନାରୁ କୌଣସି ସାମଗ୍ରୀ ଆମଦାନୀ ହେଉନି। ଭାରତୀୟ ବଜାରରେ ଯାହା ବି ହୋଲି ସାମଗ୍ରୀ ବିକ୍ରି ହେଉଛି ତାହା ଭାରତରେ ପ୍ରସ୍ତୁତ କିମ୍ବା ପୂର୍ବବର୍ଷରେ ମହଜୁଦ ରହିଥିବା ଚାଇନା ସାମଗ୍ରୀ। ଦ୍ୱିତୀୟତଃ କୌଣସି ଭାଇରସ୍ ପିଚ୍‌କାରୀ ଓ ପାଣି ଭିତରେ ଏତେଦିନ ବଞ୍ଚି ରହିପାରିବ ନାହିଁ। ତେଣୁ ଏହାକୁ ନେଇ ଭୟଭୀତ ନ ହେବାର କାରଣ ନାହିଁ। ଅଯଥାରେ ଭୁଲ୍ ତଥ୍ୟ ଉପରେ ଭରସା ନ କରିବାକୁ ପରାମର୍ଶ ଦିଆଯାଇଛି। ଘରେ ରହି ପରସ୍ପରକୁ ଅବିର ବୋଳି କିମ୍ବା ହର୍ବାଲ ହୋଲି ଖେଳି ଏଥର ରଙ୍ଗର ପର୍ବରେ ମଜା ନେବାରେ କୌଣସି ଅସୁବିଧା ନାହିଁ ବୋଲି କୁହାଯାଇଛି।

–ରିପୋର୍ଟ: ସସ୍ମିତା ପାଇକରାୟ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସନାତନ



ଶୁଭସ୍ମିତା



ଅବୀର



ମୁକେଶ



ଆଲୋକ



ଗୋପାଳ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ଆଜିଠାରୁ ଜାତୀୟ ମହିଳା ୱେଲ୍ଡିଂ ଲିଗ୍

**ଭୁବନେଶ୍ୱର,୫।୩(ବ୍ୟୁରୋ)**

- ୪୦ ଶିକ୍ଷାନୁଷ୍ଠାନରୁ ଭାଗନେବେ ୨୦୦ରୁ ଊର୍ଦ୍ଧ୍ୱ ମହିଳା ୱେଲ୍ଡର
- ପ୍ରଦର୍ଶିତ ହେବ ଅତ୍ୟାଧୁନିକ ୱେଲ୍ଡିଂ ଟେକ୍ନୋଲୋଜି
- ୱାର୍ଲଡ ସ୍କିଲ୍ ଫର୍ମାଟରେ ଦକ୍ଷତା ଦେଖାଇବେ ପ୍ରତିଯୋଗୀ

ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି ଓ ଫ୍ରୋନିଅସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ 'ନ୍ୟାଶନାଲ ୱେଲ୍ଡିଂ ଲିଗ୍ ଅଫ୍ ୱିମେନ୍ ଷ୍ଟୁଡେଣ୍ଟସ' ବା ଜାତୀୟ ମହିଳା ୱେଲ୍ଡିଂ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏହି ୩ଦିନିଆ ମେଗା ଇଭେଣ୍ଟ ୟୁନିଭର୍ସିଟିର ଆଡ୍‌ଭାନ୍ସ ୱେଲ୍ଡିଂ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ପରିସରରେ ୬ ତାରିଖରୁ ଆରମ୍ଭ ହେବ। ୱେଲ୍ଡିଂ ଭଳି ଏକ ପୁରୁଷ ପ୍ରାଧାନ୍ୟ କ୍ଷେତ୍ର ପ୍ରତି ମହିଳାଙ୍କୁ ଆକର୍ଷିତ କରିବାକୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱେଲ୍ଡିଂ ସହଯୋଗରେ ଏହାକୁ ୱାର୍ଲଡ ସ୍କିଲ୍ ଫର୍ମାଟରେ ଆୟୋଜନ କରାଯିବ। ଶିକ୍ଷାନୁଷ୍ଠାନ, ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଶିଳ୍ପାନୁଷ୍ଠାନ ଆଦି କ୍ଷେତ୍ରରୁ ମହିଳାମାନେ ଗୋଟିଏ ଛାତତଳେ ଏକାଠି ହେବେ। ଦେଶର ୪୦ ଅଗ୍ରଣୀ ଶିକ୍ଷାନୁଷ୍ଠାନରୁ ୨୦୦ରୁ ଊର୍ଦ୍ଧ୍ୱ ମହିଳା ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ମହିଳା ୱେଲ୍ଡରଙ୍କ ପ୍ରାକ୍ଟିକାଲ ଦକ୍ଷତାର ପରୀକ୍ଷା କରାଯିବ। ଏହାସହ ଅତ୍ୟାଧୁନିକ ୱେଲ୍ଡିଂ ଟେକ୍ନୋଲୋଜି ଏବଂ ଆଡ୍‌ଭାନ୍ସ ଉପକରଣର ବ୍ୟବହାର ପ୍ରମୁଖ ଆକର୍ଷଣ ରହିବ। ବିଶ୍ୱ ସ୍ତରର ୱେଲ୍ଡିଂ ବିଶେଷଜ୍ଞମାନେ ପ୍ରତିଯୋଗୀଙ୍କୁ ପ୍ରଶିକ୍ଷଣ ଦେବେ। ଶେଷ ଦିବସରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି ସହ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ମେଡାଲ ପ୍ରଦାନ କରାଯିବ। ଏହାସହ ୫ ମେଡାଲିଅନ୍ ଅଫ୍ ଏକ୍ସଲେନ୍ସ ପ୍ରଦାନ କରାଯିବ। ସେହିଭଳି ଶ୍ରେଷ୍ଠ ବିବେଚିତ ଶିକ୍ଷାନୁଷ୍ଠାନକୁ ଚଳିତବର୍ଷ ଲାଗି ଚାମ୍ପିୟନ ଟ୍ରଫି ପ୍ରଦାନ କରାଯିବ।

ଗୁରୁବାର ସ୍ଥାନୀୟ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି ସଭାପତି ସଞ୍ଜୀବ କୁମାର ରାଉତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭାରତର ମ୍ୟାନୁଫ୍ୟାକ୍‌ଚରିଂ ସେକ୍ଟରରେ ମହିଳାଙ୍କ ଉପସ୍ଥିତି କମ୍ ଥିବାବେଳେ ଆମେ ଏଥିପ୍ରତି ଅଧିକରୁ ଅଧିକ ମହିଳା ତଥା ଛାତ୍ରୀଙ୍କୁ ଆକୃଷ୍ଟ କରିବାର ପ୍ରୟାସ କରୁଛୁ। ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଆୟୋଜିତ ହେଉଥିବା ଏହି ୱେଲ୍ଡିଂ ଲିଗ୍‌ରେ ଓଡ଼ିଶାରୁ ସର୍ବାଧିକ ୭୦ଜଣ ଛାତ୍ରୀ ଅଂଶଗ୍ରହଣ କରିବେ ବୋଲି ସେ କହିଛନ୍ତି। ଫ୍ରୋନିଅସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ବିଶ୍ୱନାଥ କାମତ୍ କହିଛନ୍ତି, ଭାରତରେ ଏବେ ପ୍ରତିବର୍ଷ ୨୦ ହଜାର ୱେଲ୍ଡରଙ୍କ ଅଭାବ ପରିଲକ୍ଷିତ ହେଉଛି। ମହିଳାଙ୍କ ଯୋଗଦାନ ଦ୍ୱାରା ଏହି ଅଭାବ ପୂରଣ ହେବ। ପ୍ରତି କ୍ଷେତ୍ରରେ ୱେଲ୍ଡିଂର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହୁଥିବା ବେଳେ କେନ୍ଦ୍ର ସରକାରଙ୍କ ମେକ୍ ଇନ୍ ଇଣ୍ଡିଆରେ ୱେଲ୍ଡିଂ ଏକ ପ୍ରମୁଖ ଅଂଶ। ତେଣୁ ରାଜ୍ୟର ଅଧିକରୁ ଅଧିକ ମହିଳା ଏଥିରେ ନିଜ ଭବିଷ୍ୟତ ଗଢିବା ଆବଶ୍ୟକ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ୟୁନିଭର୍ସିଟି କୁଳପତି ପ୍ରଫେସର ଭବେଶ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।




'କରୋନା ପାଇଁ ଆତଙ୍କିତ ନ ହୋଇ ସଚେତନ ଓ ସତର୍କ ରହିବା'ର ବାର୍ତ୍ତା ନେଇ ଗୁରୁବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକାକଳା।

# '୫-ଟି' ବିଜୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି: ମୁଖ୍ୟମନ୍ତ୍ରୀ

### ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର,୫।୩(ବ୍ୟୁରୋ)**




ଉତ୍କଳ ପ୍ରସଙ୍ଗର ସ୍ୱତନ୍ତ୍ର ସଂଖ୍ୟାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**'ବିଂଶ ଶତାବ୍ଦୀର ବିସ୍ମୟ ବିଜୁବାବୁ'**

ଓଡିଶା ଏବଂ ଓଡିଆ ସବୁଥିରେ ଆଗରେ ରହିବା ଲକ୍ଷ୍ୟ ନେଇ ବିଜୁବାବୁ କାମ କରୁଥିଲେ। ସଂଗ୍ରାମ ହିଁ ଥିଲା ତାଙ୍କ ଜୀବନର ସବୁଠୁ ବଡ଼ ପରିଚୟ। ସେ କ୍ଷମତାରେ ବେଶିଦିନ ନ ଥିଲେ ବି ସବୁବେଳେ ଲୋକଙ୍କ ସାଥିରେ ଥିଲେ। ବିଜୁବାବୁଙ୍କ ଆଦର୍ଶ ଓ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବା ପାଇଁ ଆମେ କାମ କରିଚାଲିଛୁ ଓ ଆଗକୁ ମଧ୍ୟ କରିବୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଗୁରୁବାର ସୂଚନା ଭବନଠାରେ ଆୟୋଜିତ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ବିଜୁବାବୁ ତାଙ୍କ ସମୟଠାରୁ ବହୁ ଆଗରେ ଥିଲେ। ସେ ସର୍ବଦା ବ୍ୟବସ୍ଥା ଓ ଲୋକଙ୍କ ଅବସ୍ଥାରେ ଦ୍ରୁତ ପରିବର୍ତ୍ତନ ଚାହୁଁଥିଲେ। ଆମର '୫-ଟି' କାର୍ଯ୍ୟକ୍ରମ ବିଜୁବାବୁଙ୍କ ସେହି ଚିନ୍ତାଧାରା ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡିଶାବାସୀଙ୍କ ଆଶୀର୍ବାଦରେ ଆମ ସରକାର ୨୦ବର୍ଷ ପୂର୍ଣ୍ଣ କରିପାରିଛି। ଲୋକଙ୍କ ସ୍ୱାର୍ଥ ଓ ହକ୍‌କୁ ଆମେ ସବୁବେଳେ ଆଗରେ ରଖିଛୁ। 'ମୋ ସରକାର' କାର୍ଯ୍ୟକ୍ରମ ଲୋକଙ୍କୁ ମାଲିକ କରିପାରିଛି ଏବଂ ବିଜୁ ବାବୁଙ୍କ ଭାଷାରେ ଗଣତନ୍ତ୍ରରେ ଲୋକମାନେ ହିଁ ସର୍ବାଗ୍ରେ ବୋଲି ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୀବନୀ ସଂପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ପରେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ସମ୍ମାନିତ ଅତିଥିଭାବେ ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଲେ, ବିଜୁବାବୁ ଏକାଧାରରେ ଜଣେ ଦକ୍ଷ ପାଇଲଟ୍, ସ୍ୱାଧୀନତା ସଂଗ୍ରାମୀ, ରାଜନୀତିଜ୍ଞ, ରାଷ୍ଟ୍ରନାୟକ, ଜନନାୟକ ଥିଲେ। ଓଡିଶାକୁ ବିଶ୍ୱର ଏକ ନମ୍ବର ରାଜ୍ୟରେ ପରିଣତ କରିପାରିଲେ ତାହାହିଁ ତାଙ୍କପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମନ୍ତ୍ରୀ ଦାସ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ବିଜ୍ଞାନ ଓ କାରିଗରି, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଓଡିଶାରେ ଶିଳ୍ପର ଅଭିବୃଦ୍ଧି, ପାରାଦୀପ ବନ୍ଦର ପ୍ରତିଷ୍ଠା, ମିଗ୍ କାରଖାନା, ମହିଳା ସଶକ୍ତୀକରଣ, ପଞ୍ଚାୟତିରାଜ ବ୍ୟବସ୍ଥା ଭଳି ବିଜୁବାବୁଙ୍କ ବଳିଷ୍ଠ ଅବଦାନକୁ ରାଜ୍ୟବାସୀ ଭୁଲି ପାରିବେ ନାହିଁ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡିଶା ରିଭ୍ୟୁ ଏବଂ ଉତ୍କଳ ପ୍ରସଙ୍ଗର ସଂପାଦକ ଡ. ଲେନିନ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ସଂଜୟ କୁମାର ସିଂ ସ୍ୱାଗତ ଭାଷଣ ଦେଇ ବିଜୁବାବୁଙ୍କୁ ବିଂଶ ଶତାବ୍ଦୀର ବିସ୍ମୟ ବୋଲି ଅଭିହିତ କରିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ପର୍ଯ୍ୟବସିତ ଉତ୍କଳ ପ୍ରସଙ୍ଗର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ବିଭାଗୀୟ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ସୂଚନା ଅଧିକାରୀ ଦୀପ୍ତିମୟୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଉତ୍ତର କୋରିଆରେ ଲୋକଙ୍କର ସ୍ୱାଧୀନତା ବୋଲି କିଛି ନାହିଁ। ତା ସାଙ୍ଗକୁ ନାନା ପ୍ରକାର କଟକଣା ଲୋକଙ୍କ ଜୀବନକୁ ଦୁର୍ବିଷହ କରି ପକାଇଛି। ଲାଲ ରଙ୍ଗର ଲିପ୍‌ଷ୍ଟିକ ଲଗାଇବା ମନା। ସେଠାରେ ଲାଲ ରଙ୍ଗର ଲିପ୍‌ଷ୍ଟିକ ଲଗାଇବା ଅପରାଧ। ଏଠାରେ ମୁଦି ଓ ବ୍ରେସ୍‌ଲେଟ ଲଗାଇବାକୁ ମଧ୍ୟ ବାରଣ କରାଯାଇଛି।

-ନାରା କାଙ୍ଗ୍ ନାକ୍, ଉତ୍ତର କୋରିଆ ଅଭିନେତ୍ରୀ

# ନମନୀୟ କଂକ୍ରିଟ୍






**କୁଇନ୍ସଲ୍ୟାଣ୍ଡ:** କଂକ୍ରିଟ ଲୁହା ଭଳି ଶକ୍ତ। ଏକଥା ଊଣା ଅଧିକେ ପ୍ରାୟ ସମସ୍ତେ ଜାଣିଛେ। ହେଲେ କେବେ ଶୁଣିଛନ୍ତି କି ନମନୀୟ କଂକ୍ରିଟ ବିଷୟରେ! କଥାଟା ଶୁଣିବାକୁ ନୂଆ ଲାଗୁଥାଇପାରେ। ହେଲେ ଏପରି ଭୂମିକମ୍ପ ପ୍ରତିରୋଧୀ ନମନୀୟ କଂକ୍ରିଟ୍ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି ଅଷ୍ଟ୍ରେଲିୟାର ବିଶେଷଜ୍ଞମାନେ। ସ୍ୱିନବର୍ଗ ୟୁନିଭର୍ସିଟିର ବୈଜ୍ଞାନିକମାନେ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ନିର୍ଗତ କୋଇଲା ପାଉଁଶରୁ ନମନୀୟ ତଥା ଇକୋ ଫ୍ରେଣ୍ଡଲୀ କଂକ୍ରିଟ ପ୍ରସ୍ତୁତ କରିଛନ୍ତି। ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କଂକ୍ରିଟର ନମନୀୟ ଗୁଣ ଧନଜୀବନ ସୁରକ୍ଷା କରିବାରେ ସହାୟକ ହେବ। ଏହାଦ୍ୱାରା କୋଠାରେ ଫାଟ ଆସିବା ଆଶଙ୍କାକୁ ଅନେକାଂଶରେ ଏଡ଼ାଇ ଦିଆଯାଇପାରିବ। ଜାପାନ, ନ୍ୟୁଜିଲାଣ୍ଡ ଭଳି ଭୂମିକମ୍ପ ପ୍ରଭାବିତ ଦେଶରେ ଏହି କଂକ୍ରିଟ୍ ବେଶ୍ ଉପାଦେୟ ସାବ୍ୟସ୍ତ ହେବ ବୋଲି ଏହାକୁ ପ୍ରସ୍ତୁତ କରିଥିବା ବୈଜ୍ଞାନିକମାନେ ଦାବି କରିଛନ୍ତି। କୁଇନ୍ସଲ୍ୟାଣ୍ଡ ବିଶେଷଜ୍ଞମାନେ ଗ୍ଲେଡ୍‌ଷ୍ଟୋନ ଥର୍ମାଲ ପାୱାର ଷ୍ଟେଶନରୁ ନିର୍ଗମନ ହେଉଥିବା ପାଉଁଶରୁ ଇଲାଷ୍ଟିକ୍ ଭଳି ନମନୀୟ ହୋଇପାରୁଥିବା କଂକ୍ରିଟ୍‌ର ଭିଡିଓ ଜାରି କରିଛନ୍ତି। ଏହାର ନାମ ରଖାଯାଇଛି 'ଇଞ୍ଜିନିୟର୍ସ ଜିଓପଲିମର କମ୍ପୋଜିଟ'। ସାଧାରଣତଃ ଅତ୍ୟଧିକ ଓଜନ ପଡ଼ିଲେ କିମ୍ବା କମ୍ପନ ସୃଷ୍ଟି ହେଲେ ସାଧାରଣ କଂକ୍ରିଟ ଭାଙ୍ଗି ଯାଇଥାଏ। ହେଲେ ନମନୀୟତା ଯୋଗୁ ଇକୋ ଫ୍ରେଣ୍ଡଲୀ କଂକ୍ରିଟ କୋଠାର କ୍ଷତି ହେବାକୁ ଦେଇ ନ ଥାଏ। ଲ୍ୟାବ୍‌ରେ ପ୍ରସ୍ତୁତ କରାଯାଇଥିବା ଏହି ସ୍ୱତନ୍ତ୍ର କଂକ୍ରିଟ୍ ସାଧାରଣ କଂକ୍ରିଟ୍‌ଠାରୁ ୪୦୦ ଗୁଣ ବେଶି ନମନୀୟ। ବଡ଼ବଡ଼ କୋଠା, ବ୍ରିଜ, ସୁଡ଼ଙ୍ଗ ନିର୍ମାଣ ସମୟରେ ଏହି କଂକ୍ରିଟ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଏହାର ନମନୀୟ ଗୁଣ ନିର୍ମାଣକୁ ଦୀର୍ଘସ୍ଥାୟୀ କରିବ। ବୈଜ୍ଞାନିକମାନେ ଆହୁରି ମଧ୍ୟ କହିଛନ୍ତି, ସାଧାରଣ କଂକ୍ରିଟ୍ ନିର୍ମାଣ ସମୟରେ ଅତ୍ୟଧିକ ତାପରେ ଚୂନପଥରକୁ ଗରମ କରି ମିଶ୍ରଣ କରାଯାଇଥାଏ। ଏହା ମାତ୍ରାଧିକ କାର୍ବନ ଡାଇଅକ୍ସାଇଡ ଛାଡ଼ିଥାଏ। ହେଲେ କୋଇଲା ପାଉଁଶରୁ ନିର୍ମିତ କଂକ୍ରିଟରେ ଏହି ପ୍ରକ୍ରିୟା ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ଶେଷ ହୋଇଯାଇଥାଏ। ଏହାର ନିର୍ମାଣରେ ୩୬% କମ୍ ଶକ୍ତି ଖର୍ଚ୍ଚ ହୋଇଥାଏ। ସେହିପରି ୭୬% କମ୍ କାର୍ବନ ଡାଇଅକ୍ସାଇଡ ବାହାରିଥାଏ। ପତଳାରୁ ପତଳା ନିର୍ମାଣରେ ମଧ୍ୟ ଏହା ଫାଟ ହେବାକୁ ଦେଇ ନ ଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ରିଲାକ୍ସ ମୁଡ୍‌ରେ ନେହା କକ୍କର



**ମୁମ୍ବାଇ:** ବଲିଉଡ୍ ଗାୟିକା ନେହା କକ୍କର ଆଜିକାଲି ରିଲାକ୍ସ ମୁଡ୍‌ରେ। ଇଣ୍ଡିଆନ୍ ଆଇଡଲ୍‌ରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ଉଦିତ୍ ନାରାୟଣଙ୍କ ପୁଅ ଆଦିତ୍ୟଙ୍କ ସହ ବିବାହ ଡ୍ରାମା ପରେ ଏବେ ଏକୁଟିଆ ଛୁଟି ମନାଇବାକୁ ବାହାରିଛନ୍ତି। ଏହି ସମୟର କିଛି ଫଟୋ ନେହା ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ଏଥିରେ କ୍ୟାପ୍‌ଶନ ଲେଖିଛନ୍ତି, 'ହାପିଏଷ୍ଟ ଅନ୍ ଭ୍ୟାକେସନ୍'। ଛୁଟିକୁ ନେଇ ବହୁତ ଖୁସି। ଆଉ ଏକ ଫଟୋ ପୋଷ୍ଟ କରି ଲେଖିଛନ୍ତି, ବହୁତ ଭଲ ଦିନ। ଏହି ଫଟୋରେ ନେହା ସତରେ ବହୁତ ଖୁସି ବି ଜଣାପଡୁଛନ୍ତି।

## ମନଭରି ଏକୁଟିଆ ଛୁଟି ମନାଉଛନ୍ତି

ନେହା ଏକା ଏକା ଛୁଟିକୁ ବେଶ୍ ମନଭରି ଉପଭୋଗ କରୁଥିବା ନଜର ଆସିଛନ୍ତି। କିଛିଦିନ ତଳେ ନେହା-ଆଦିତ୍ୟଙ୍କ ବିବାହକୁ ନେଇ ବେଶ୍ ଚର୍ଚ୍ଚା ହେଉଥିଲା। ଇଣ୍ଡିଆନ୍ ଆଇଡଲ୍ ଶୋ'ରେ ନେହା ଜଜ୍ ଭୂମିକାରେ ଥିବାବେଳେ ଆଦିତ୍ୟ ଶୋ'ର ହୋଷ୍ଟ କରୁଥିଲେ। ଏହି ଶୋ'ରେ ହିଁ ଦୁଇଜଣଙ୍କ ବିବାହ କଥା ଉଠିଥିଲା। ଏପରିକି ଉଦିତ୍ ନାରାୟଣ ନେହାଙ୍କୁ ବୋହୂ କରିନେବେ ବୋଲି କହିଥିଲେ। କିନ୍ତୁ ଶେଷରେ ଜଣାପଡ଼ିଥିଲା ଏହାସବୁ ଡ୍ରାମା ଥିଲା।



# କରୋନା ପାଇଁ ସୁରକ୍ଷା କବଚ

**ବେଜିଂ:** କରୋନା ସଂକ୍ରମଣରୁ ଦୂରେଇ ରହିବା ପାଇଁ ଚାଇନାରେ ଏକ ସୁରକ୍ଷା କବଚ ଡିଜାଇନିଂ କରାଯାଇଛି। ଏହାକୁ ଆର୍କିଟେକଚର ଡାୟୋଙ୍ଗ୍ ସନ୍ ପ୍ରସ୍ତୁତ କରିଛନ୍ତି। ଏଥିରେ ୟୁଭି ଲାଇଟ୍ ରହିଛି। ଯାହାକି କବଚର ଆଭ୍ୟନ୍ତରୀଣ ତାପମାତ୍ରାକୁ ୪୦ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସକ୍ଷମ ହୋଇପାରିବ। ବାଦୁଡ଼ି ଡେଣା ଆକାରର ଏହି ସୁରକ୍ଷା କବଚ ବ୍ୟବହାରକାରୀଙ୍କ ଅଧାରୁ ଅଧିକ ଶରୀର ଆବୃତ୍ତ କରିପାରିବ। ଏଥିରେ ଥର୍ମୋପ୍ଲାଷ୍ଟିକ୍ ଷ୍ଟ୍ରେଚେବୁଲ୍ ମ୍ୟାଟେରିଆଲର ଉପଯୋଗ କରାଯାଇଛି। କରୋନା ଭୂତାଣୁ ୨୭ ଡିଗ୍ରୀ ତାପମାତ୍ରାରେ ନଷ୍ଟ ହୋଇଯାଇଥାଏ। ତେଣୁ ସୁରକ୍ଷା କବଚ ଭିତରର ତାପମାତ୍ରା ଦ୍ୱାରା ବ୍ୟବହାରକାରୀ ସଂକ୍ରମଣରୁ ଦୂରେଇ ରହିପାରିବେ ବୋଲି ଡାୟୋଙ୍ଗ୍ ସନ୍ କହିଛନ୍ତି।

## ସେଲୁନ୍‌ରେ ବି କରୋନା ଭୟ

# ୪ ଫୁଟ ଦୂରରୁ କଟାଯାଉଛି କେଶ

**ବେଜିଂ:** ଚାଇନାରେ କରୋନା ସଂକ୍ରମଣଙ୍କ ସଂଖ୍ୟା ବଢ଼ିବା ସହିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ବିଶ୍ୱର ପ୍ରାୟ ୮୦ ଦେଶ ଏହି ରୋଗରେ ଏବେ କବଳିତ। ମୃତ୍ୟୁସଂଖ୍ୟା ୩ ହଜାର ଟପିସାରିଥିବା ବେଳେ ୯୦ ହଜାର ସଂକ୍ରମଣର ଶିକାର ହେଲେଣି। ତେଣୁ ସୁରକ୍ଷା ଦୃଷ୍ଟିରୁ ବେଜିଂରେ ଥିବା ସେଲୁନ୍‌ରେ ୪ ଫୁଟ ଦୂରରୁ କେଶ କଟାଯାଉଛି। ଗ୍ରାହକମାନଙ୍କଠାରୁ ସୁରକ୍ଷିତ ଦୂରତାରେ ରହି ସେଲୁନ କର୍ମଚାରୀ କେଶ କାଟୁଥିବାର ଫଟୋ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଚାଇନାର ହେନାନ ପ୍ରଦେଶରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଉହାନ ପ୍ରଦେଶ କରୋନା ସଂକ୍ରମଣ ଯୋଗୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଠାରେ ଲୋକଙ୍କୁ ବାହାରକୁ ନଯିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେବେ କରୋନା ସଂକ୍ରମଣ ଭୟରେ ଅନ୍ୟ ପ୍ରଦେଶରେ ମଧ୍ୟ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି।







# ଭୋଟର ପରିଚୟପତ୍ରରେ କୁକୁର ଫଟୋ

**କୋଲକାତା :** ଭୋଟର ପରିଚୟ ପତ୍ରରେ ସମ୍ପୃକ୍ତ ଭୋଟରଙ୍କ ଫଟୋ ରହିଥାଏ। ତେବେ ପଶ୍ଚିମବଙ୍ଗରେ ଜଣେ ଲୋକଙ୍କ ଭୋଟର ପରିଚୟ ପତ୍ରରେ ତାଙ୍କ ନିଜ ଫଟୋ ସ୍ଥାନରେ କୁକୁର ଫଟୋ ରହିଛି। ଏନେଇ ସେ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମୁର୍ଶିଦାବାଦ୍ ଜିଲାର ରାମନଗର ଗାଁରେ ବାସ କରୁଥିବା ୬୪ ବର୍ଷ ବୟସ୍କ ସୁନୀଲ କର୍ମାକରଙ୍କର ଭୋଟର ପରିଚୟ ପତ୍ରରେ ତାଙ୍କ ଫଟୋ ବଦଳରେ କୁକୁର ଫଟୋ ରହିଛି। ଭୋଟର ପରିଚୟ ପତ୍ରରେ କିଛି ଭୁଲ ଥିବାରୁ ସେ ଏହାକୁ ସୁଧାରିବା ପାଇଁ ଆବେଦନ କରିଥିଲେ। ତେବେ ନୂଆ ଭୋଟର ପରିଚୟ ପତ୍ରରେ ତାଙ୍କ ଫଟୋ ନ ଥିବା ସୁନୀଲ କହିଛନ୍ତି। ତାଙ୍କୁ ଅପମାନିତ କରାଯାଇଥିବାରୁ ସେ ଏନେଇ ମାନହାନି ମକଦମା କରିବେ ବୋଲି ନିର୍ବାଚନ କମିଶନଙ୍କ ନିକଟରେ ପ୍ରକାଶ କରିଛନ୍ତି।

# ବଜାରରେ ପଦ୍ମାବତୀ ଲୁକ୍‌ର କଣ୍ଢେଇ

## ଭାଇରାଲ ହେଉଛି ଫଟୋ

**ବମ୍ବେ:** ଚଳଚ୍ଚିତ୍ର 'ପଦ୍ମାବତ୍'ରେ ରାଣୀ ଭୂମିକାରେ ନଜର ଆସିଥିଲେ ଅଭିନେତ୍ରୀ ଦୀପିକା ପାଦୁକୋନ। ମହାରାୱଲ ରତନ ସିଂଙ୍କ ସ୍ତ୍ରୀ ପଦ୍ମାବତୀଙ୍କ ରୂପରେ ବେଶ୍ ଭାଇରାଲ ହୋଇଥିଲା ତାଙ୍କ ଲୁକ୍। ଏବେ ଏହି ଲୁକ୍‌ର କିଛି କଣ୍ଢେଇ ବଜାରକୁ ଆସିଛି। ସୋସିଆଲ ମିଡିଆରେ ଦୀପିକାଙ୍କ ଡଲ୍ ଭର୍ସନ ଭାଇରାଲ ମଧ୍ୟ ହେଉଛି। ଚିକ୍‌ମିକ୍ ପରିଧାନ ସାଙ୍ଗକୁ ଚୁଡ଼ି ଦେଖିଲେ ପଦ୍ମାବତୀର ଅବିକଳ ନକଲ ଭଳି ଏଗୁଡ଼ିକ ଲାଗୁଥିବା ଚର୍ଚ୍ଚା ହେଉଛି। ଫିଲ୍ମ ପଦ୍ମାବତ୍‌ର ନିର୍ଦ୍ଦେଶନା ଦେଇଥିଲେ ଲୋକପ୍ରିୟ ନିର୍ଦ୍ଦେଶକ ସଞ୍ଜୟ ଲୀଲା ବନ୍‌ଶାଲୀ।



ରିଲିଜ ପୂର୍ବରୁ ଏହା ବିବାଦକୁ ଆସିଥିଲା। ପ୍ରମୁଖ ଭୂମିକାରେ ଶାହିଦ କପୁର ଏବଂ ରଣବୀର ସିଂହଙ୍କୁ ଦେଖିବାକୁ ମିଳିଥିଲା। ରିଲିଜ ପରେ ଦର୍ଶକେ ଏହାକୁ ବେଶ୍ ପସନ୍ଦ କରିବା ପରେ ଫିଲ୍ମଟି ସୁପରହିଟ୍ ହୋଇଥିଲା। ଆଗାମୀ ଦିନରେ ଦୀପିକା ଚଳଚ୍ଚିତ୍ର '୮୩'ରେ ନଜର ଆସିବେ।

# ଦିନସାରା ହ୍ୱିଲ୍ ଚେୟାରରେ ୧୦ ଆଇନ ପ୍ରଣେତା

**ୱାଶିଂଟନ:** ହ୍ୱିଲ୍ ଚେୟାରରେ ବସି ରହି ଦିବ୍ୟାଙ୍ଗଙ୍କ ଅନୁଭୂତି କିଭଳି ହୋଇଥାଏ ତାହା ଜଣାଇବା ପାଇଁ ଆମେରିକାର ଜଣେ ଛାତ୍ର ଏକ ନିଆରା ପଦକ୍ଷେପ ନେଇଛନ୍ତି। ସ୍ଥାନୀୟ ଟେନେସି ରାଜ୍ୟର ଲେବନାନ ସହରରେ ବାସ କରୁଥିବା ଅଷ୍ଟମଶ୍ରେଣୀ ଛାତ୍ର ଏଲେକ୍ସ୍ ଜନସନ ୧୦ ଜଣ ବିଧାୟକଙ୍କୁ ଦିନସାରା ହ୍ୱିଲ ଚେୟାରରେ ବସି ରହିବା ଲାଗି ଚ୍ୟାଲେଞ୍ଜ୍ କରିଥିଲେ। ଏହା ପରେ ବିଧାୟକମାନେ ଏହାକୁ ସ୍ୱୀକାର କରି ଦିନସାରା ହ୍ୱିଲ ଚେୟାରରେ ବସି ରହି ନିଜନିଜର କାମ କରିଛନ୍ତି। ଫ୍ରେଣ୍ଡଶିପ୍ ଖ୍ରୀଷ୍ଟିଆନ୍ ସ୍କୁଲରେ ପଢୁଥିବା ଏଲେକ୍ସ୍ ଦିବ୍ୟାଙ୍ଗଙ୍କ ଅସୁବିଧା ସମ୍ପର୍କରେ ଅବଗତ କରାଇବା ଲାଗି ଏଭଳି କରିଥିବା କହିଛନ୍ତି। ବିଧାୟକମାନେ ଆଗାମୀ ଦିନରେ ଦିବ୍ୟାଙ୍ଗଙ୍କ ଲାଗି ଉପଯୋଗୀ ଆଇନ ପ୍ରଣୟନ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିବା ଆଶା ନେଇ ଏଲେକ୍ସ୍ ' ସ୍ପେଣ୍ଡ ଏ ଡେ ଇନ୍ ମାଇଁ ହ୍ୱିଲସ୍' ନାମକ ଏହି ଚ୍ୟାଲେଞ୍ଜ୍ ଦେଇଥିଲେ। ଆଲେକ୍ସ୍‌ଙ୍କ ୨ ବର୍ଷଁର ହୋଇଥିବା ବେଳେ ସେ ହ୍ୱିଲ ଚେୟାରର ବ୍ୟବହାର ଆରମ୍ଭ କରିଥିଲେ।



## ଫରେଷ୍ଟରଙ୍କୁ ମାଡ଼, ୨ ଅଟକ

**ଚୌଦ୍ୱାର,୫।୩(ଡି.ଏନ୍.ଏ.):** ବୈରୀ ରେଞ୍ଜ ଅଧୀନ ମଙ୍ଗରାଜପୁର ଫରେଷ୍ଟର ମାଣିକ ମୁଣ୍ଡାଙ୍କୁ ଦୁଇଜଣ ଫରେଷ୍ଟ ସ୍କ୍ୱାଡ୍ କର୍ମଚାରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଫରେଷ୍ଟରଙ୍କ ଅଭିଯୋଗକ୍ରମେ ଚୌଦ୍ୱାର ପୋଲିସ ମାମଲା (ନଂ. ୧୧୮/୨୦)ରୁଜୁକରି ଦୁଇ କର୍ମଚାରୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଗୁରୁବାର ଅପରାହ୍ନରେ ଫରେଷ୍ଟ ସ୍କ୍ୱାଡ୍ ଦୁଇ କର୍ମଚାରୀ ମଦ୍ୟପାନ କରି କାର୍ଯ୍ୟାଳୟରେ ହଟ୍ଟଗୋଳ କରୁଥିଲେ। କାର୍ଯ୍ୟାଳୟରେ ଏଭଳି ନ କରିବା ପାଇଁ ଫରେଷ୍ଟର ମୁଣ୍ଡା ଉଭୟଙ୍କୁ ବାରଣ କରିଥିଲେ। ଏଥିରେ ଉଭୟ ଉତ୍ତକ୍ଷିପ୍ତ ହୋଇ ମୁଣ୍ଡାଙ୍କୁ ମାଡ଼ ମାରିଥିଲେ।

# ରାଜଧାନୀରେ ସକ୍ରିୟ ହେଲେଣି ଦେହ ଦଲାଲ








- ଆଉ ଜଣେ ଦଲାଲଙ୍କୁ ଧରିଲା ଏସ୍‌ଟିଏଫ୍
- ୨ ବଙ୍ଗୀୟ ଯୁବତୀ ଉଦ୍ଧାର, ବୁଲେଟ୍ ଜବତ

ଭୁବନେଶ୍ୱର,୫।୩(ବ୍ୟୁରୋ)

ରାଜଧାନୀରେ କମିଶନରେଟ ପୋଲିସ ଦେହ ବ୍ୟବସାୟୀ ରୋକିବାକୁ ନେଇ ପ୍ରାଣପଣେ ଉଦ୍ୟମ ଚଳାଇଛି। ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ଚଢ଼ାଉ କରିବା ସହ ଅନେକ ଦଲାଲ ଏବଂ ବେପାରୀଙ୍କୁ ଧରିବାରେ ସକ୍ଷମ ମଧ୍ୟ ହୋଇଛି। ତଥାପି କେତେଜଣ ଦଲାଲ ଏଥିରୁ ନିବୃତ୍ତ ନ ରହି ନୂଆ ଉପାୟ ଖୋଜି ବେପାର ଚଳାଇଛନ୍ତି। ଏଭଳି ଜଣେ ଦଲାଲ ଗୁରୁବାର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ଗ୍ରାହକଙ୍କୁ ବଙ୍ଗୀୟ ଯୁବତୀ ଯୋଗାଇବା ସମୟରେ ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ହାତରେ ଧରାପଡିଛନ୍ତି। ଗିରଫ ଦଲାଲ ଜଣଙ୍କ ହେଲେ ଚନ୍ଦକା ଥାନା ମଳିପଡା, ଗୋଠପାଟଣା ଅଞ୍ଚଳର ପ୍ରଶାନ୍ତ କୁମାର ପ୍ରଧାନ ଓରଫ ବୁଲୁ (୩୨)। ତାଙ୍କ ବିରୋଧରେ ଏସ୍‌ଟିଏଫ କେସ୍ ନଂ-୭/୨୦ ଦଫା ୪/୫ ଆଇଟିପି ଆକ୍ଟ ଏବଂ ୩୭୦(୩), ୪୬୭,୪୭୧,୧୨୦(ବି)୩୪ ଲଗାଇ କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ବୁଲେଟ (ଓଡି-୩୩-ଜେଡ୍-୭୭୪୮) ଜବତ କରିବା ସହ ଦୁଇ ବଙ୍ଗୀୟ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ତେବେ ଏହି କାର୍ଯ୍ୟରେ ପୂର୍ବରୁ ଗିରଫ ହୋଇଥିବା ପଞ୍ଚାନନ ପାଢୀ ଏବଂ ତାଙ୍କ ସ୍ତ୍ରୀ ପ୍ରୀତିଙ୍କ ଅଧୀନରେ କାର୍ଯ୍ୟ କରନ୍ତି ବୋଲି ବୁଲୁ ସ୍ୱୀକାର କରିଛନ୍ତି। ଏହି ମାମଲାରେ ଏସ୍‌ଟିଏଫ ୬ ଦଲାଲ ଗିରଫ କରିବା ସହ ୧୧ଜଣ ଯୁବତୀଙ୍କୁ ଉଦ୍ଧାର କଲାଣି।

### ପୁଣି ସହରମୁହାଁ ଦେହଜୀବୀ, ଦଲାଲ

ଏସ୍‌ଟିଏଫ୍ ବାଂଲାଦେଶୀ ଯୁବତୀ ଚାଲାଣ ମାମଲାରେ ଅଞ୍ଜଳି ଏବଂ ଇବ୍ରାହିମ୍‌କୁ ଗିରଫ କରିବା ପରେ ଦେହ ଦଲାଲ ଓ ଦେହଜୀବୀଙ୍କ ମଧ୍ୟରେ ଛନକା ପଶିଥିଲା। ତେଣୁ ସେମାନେ ରାଜଧାନୀ ଛାଡି ଅନ୍ୟତ୍ର ଫେରାର ହୋଇଯାଇଥିଲେ। ସମସ୍ତ ଦେହଜୀବୀ ନିଜର ଧନ୍ଦା ବନ୍ଦ କରି ରାଜଧାନୀ ଛାଡି ଦେଇଥିଲେ। ହେଲେ ମାମଲା ଥମିଯିବା ପରେ ପୁଣି ଏବେ ସକ୍ରିୟ ହୋଇ ଉଠିଛନ୍ତି ଦେହ ଦଲାଲ। ସେମାନେ ରାଜଧାନୀ ଛାଡ଼ିଥିବା ରୂପଜୀବୀଙ୍କୁ ପୁଣି ସହରକୁ ଆଣି ଦେହ ବ୍ୟବସାୟରେ ଲଗାଉଛନ୍ତି।

### ୨ ୱେବ୍‌ସାଇଟ୍‌ରେ ବୁକ୍ ହେଉଥିଲା ଗ୍ରାହକ

ଏହି ରାକେଟରେ ଥିବା ଦେହ ଦଲାଲ ଦୁଇଟି ୱେବ୍ ସାଇଟ୍ ଖୋଲିଛନ୍ତି। ଏହି ୱେବ୍ ସାଇଟ ଦ୍ୱାରା ଗ୍ରାହକ ବୁକ୍ ହୋଇଥାଏ। ୱେବ୍ ସାଇଟ୍‌ରେ ଦେହଜୀବୀଙ୍କ ଫଟୋ ଦିଆଯିବା ସହ ଫଟୋ ତଳେ ଯୁବତୀଙ୍କର ରେଟ୍ ଲେଖାଯାଇଥାଏ। ଗ୍ରାହକ ନିଜ ଇଚ୍ଛାମୁତାବକ ଯୁବତୀ ଚୟନ କରିବା ପରେ ଉକ୍ତ ୱେବ୍ ସାଇଟରେ ନିଜର ଫୋନ୍ ନମ୍ବର ଦେଇ ବୁକ୍ କରିଥାନ୍ତି। ଏହାପରେ ଦଲାଲ ସେହି ଫୋନ୍ ନମ୍ବର ଆଧାରରେ ଗ୍ରାହକଙ୍କ ସହ ଯୋଗାଯୋଗ କରନ୍ତି। ଗ୍ରାହକ କହିଥିବା ସମୟ ଏବଂ ସ୍ଥାନ ଅନୁସାରେ ଦଲାଲ ଯୁବତୀଙ୍କୁ ପଠାଉଥିଲେ। ଏ ନେଇ ଏସ୍‌ଟିଏଫ୍ ଏହି ଦୁଇଟି ୱେବ୍ ସାଇଟ୍ ଚିହ୍ନଟ କରିବା ପରେ ଏହାକୁ ବନ୍ଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରୁଥିବା ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି।

### ଦେହ ବେପାର ପାଇଁ ଅଫିସ

ୱେବ୍ ସାଇଟ୍ ଖୋଲିବା ସହ ଦଲାଲମାନେ ଏକ ଅଫିସ ଖୋଲିଥିଲେ। ସେହି ଅଫିସରେ ଜଣେ ଯୁବତୀଙ୍କୁ ରଖି ଗ୍ରାହକଙ୍କୁ ଫୋନ୍ କରିବା ପାଇଁ କହିଥାନ୍ତି। ସେମାନଙ୍କୁ ଅନ୍‌ଲାଇନରେ ଗ୍ରାହକଙ୍କ ନମ୍ବର ମିଳିବା ତାଙ୍କ ସହ ଅଫିସରେ ଥିବା ଯୁବତୀ ଯୋଗାଯୋଗ କରନ୍ତି। ଦେହଜୀବୀଙ୍କ ବିଷୟରେ କହିବା ସହ ତାଙ୍କର ଦାମ ବିଷୟରେ ଜଣାଇଥାନ୍ତି। କେତେ ଦିନ ପାଇଁ ନେବ ବୋଲି ଏହି ଯୁବତୀ ଜଣଙ୍କ ପଚାରିଥାନ୍ତି। ଏପରିକି ପେଡ୍ ଗାର୍ଲଫ୍ରେଣ୍ଡ ମିଳିବ ବୋଲି କହିଥାନ୍ତି। ଏହି ଅଫିସରେ ଥିବା ଯୁବତୀ ଗ୍ରାହକଙ୍କୁ ଠିକ୍ କରିବା ପରେ ଦଲାଲଙ୍କୁ ତାଙ୍କ ନମ୍ବର ଦେଇ ଦିଅନ୍ତି। ଗ୍ରାହକ କହିବା ସ୍ଥାନରେ ଯୁବତୀଙ୍କୁ ଘରୋଇ ଟ୍ୟାକ୍ସିରେ ପଠାଇଥାନ୍ତି।

### କିଭଳି ଧରାପଡ଼ିଲେ ବୁଲୁ

ମାମଲା ଥମିଯିବା ଭାବି ଫେରାର ଥିବା ବୁଲୁ ଦୁଇ ସପ୍ତାହ ହେବ ରାଜଧାନୀକୁ ଆସି ପୁଣି ଯୁବତୀଙ୍କୁ ଆଣି ଦେହ ବେପାର କରୁଥିଲେ। ଏପରିକି ତାଙ୍କ ଉପରେ ଏସ୍‌ଟିଏଫ୍‌ର ନଜର ନ ଥିବା ସେ ଭାବିଥିଲେ। ସବୁଥର ଭଳି ଯୋଗାଡ଼ ହୋଇଥିବା ଗ୍ରାହକ ନିକଟକୁ ଦୁଇ ଯୁବତୀଙ୍କୁ ନେଇ ବୁଲୁ ଏକ ଘରୋଇ ଟ୍ୟାକ୍ସିରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟକୁ ଯାଇଥିଲେ। ହେଲେ ପୂର୍ବରୁ ଏସ୍‌ଟିଏଫ୍ ତାଙ୍କ ଉପରେ କଡ଼ା ନଜର ରଖିଥିଲା। ସେ ଗ୍ରାହକଙ୍କୁ ଯୁବତୀ ଦେବା ସମୟରେ ଏସ୍‌ଟିଏଫର ଏକ ଟିମ୍ ଚଢ଼ାଉ କରି ବୁଲୁଙ୍କୁ ଗିରଫ କରିଥିଲା।

### ଅନ୍‌ଲାଇନ୍‌ରେ ହୁଏ ଟ୍ରାଞ୍ଜାକ୍ସନ୍

ଦଲାଲମାନେ ଏବେ ଅନ୍‌ଲାଇନରେ ଗ୍ରାହକଙ୍କ ଠାରୁ ଟଙ୍କା ସଂଗ୍ରହ କରନ୍ତି। ଏପରିକି ୱେବ୍ ସାଇଟ୍‌ରୁ ମିଳିଥିବା ଗ୍ରାହକ ଠିକ ହେବା ପରେ ତାଙ୍କୁ ଅନ୍‌ଲାଇନରେ ଅଧା ଟଙ୍କା ପୈଠ କରିବାକୁ କହିଥାନ୍ତି। ଯୁବତୀଙ୍କୁ ନେବା ସମୟରେ ବାକି ଟଙ୍କା ଦଲାଲଙ୍କ ହାତରେ ଦେଇଥାନ୍ତି। ଏହାସହ ଦଲାଲ ଖୋଲିଥିବା ଅଫିସରେ ଥିବା ଯୁବତୀ ଗ୍ରାହକ ଠିକ୍‌କରିବା ପରେ ତାଙ୍କୁ ଗୁଗୁଲ ପେ, କିମ୍ବା ଅନ୍ୟ ଅନ୍‌ଲାଇନ୍ ମାଧ୍ୟମରେ ଅଧା ଟଙ୍କା ପୈଠ କରିବାକୁ କହିଥାନ୍ତି।



ଇଣ୍ଟରଭିୟୁ ଟାଇମ୍ସ ପକ୍ଷରୁ ଆୟୋଜିତ ଷ୍ଟେଟ ବିଜିନେସ୍ ଲିଡରଶିପ ଆୱାର୍ଡସରେ ଯୋଗଦେଇଥିବା ଅତିଥିମାନେ ବିଜୁ ପଟ୍ଟନାୟକଙ୍କ ପୁସ୍ତକ 'ଗ୍ଲାଡିଆଟର ୱାରିୟର' ଉନ୍ମୋଚନ କରୁଛନ୍ତି।

## ପାର୍କିଂକୁ ନେଇ ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୫।୩(ବ୍ୟୁରୋ)

ଗାଡି ପାର୍କିଂକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ନୂଆପଲ୍ଲୀ ଥାନା ପୋଲିସ ଜଣେ ବାଇକ୍ ଚାଳକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୟାଗଡ ଜିଲାର ରାଜେନ୍ଦ୍ର ନାୟକ(୩୦)। ସେ ସାଲିଆସାହି ଏକାମ୍ରବିହାରରେ ରୁହନ୍ତି। ରାଜେନ୍ଦ୍ରଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡା ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେହିଭଳି ଆକ୍ରମଣ ଘଟଣାରେ ଫେରାର ଥିବା ୩ ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ନୂଆପଲ୍ଲୀ ଥାନା ନିକଟ ଆଇଡି ମାର୍କେଟରେ ରହିଥିବା ଶୋରୁମ ସମ୍ମୁଖରେ ବାଇକ୍ ପାର୍କିଂ କରିଥିଲେ ରାଜେନ୍ଦ୍ର କୁମାର ନାୟକ। ପରେ ରାଜେନ୍ଦ୍ର ଜିନିଷପତ୍ର କିଣାକିଣି କରି ବାଇକ୍ ନେବାକୁ ଆସିବା ବେଳେ ପାର୍କିଂ ଫି କାଟିଥିବା ନୂଆପଲ୍ଲୀ ଗଉଡସାହିର ରାଜେଶ କୁମାର ଦାସ(୩୨) ଟଙ୍କା ମାଗିଥିଲେ। ରାଜେନ୍ଦ୍ର ପାର୍କିଂ ଟଙ୍କା ଦେବାକୁ ମନା କରିବାରୁ ଦୁହିଁଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ରାଜେନ୍ଦ୍ର ତାଙ୍କର ୩ ଜଣ ସାଙ୍ଗଙ୍କୁ ଡାକି ଘଟଣାସ୍ଥଳରେ ପୁଣି ପହଞ୍ଚି ଏକ ଲୁହା ରଡରେ ପାର୍କିଂ କର୍ମଚାରୀ ରାଜେଶଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ରାଜେଶ ଗୁରୁତର ହୋଇପଡିଥିଲେ। ଥାନାରେ ରାଜେଶ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୩/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତ ରାଜେନ୍ଦ୍ରଙ୍କୁ ଗିରଫ କରିଛି। ତାଙ୍କର ୩ ସାଙ୍ଗ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଡିସିପିଙ୍କ କାର୍ଯ୍ୟାଳୟ ଘେରିଲେ ମୃତକଙ୍କ ପରିବାର

ଭୁବନେଶ୍ୱର,୫।୩(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ଶ୍ରୀବିହାରରେ ପୁରୀ ଜିଲା ଗଡରୋଡଙ୍ଗ ଗ୍ରାମର ଡ୍ରାଇଭର ସୁନୀଲ ସେଠୀଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ଉକ୍ତ ଘଟଣାକୁ ୩ ମାସ ବିତିଯାଇଥିଲେ ବି ପୋଲିସ କୌଣସି ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ଏହାର ପ୍ରତିବାଦରେ ଗୁରୁବାର ମୃତ ସୁନିଲଙ୍କ ପରିବାର ଲୋକ ଓ ଗ୍ରାମବାସୀ ଡିସିପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ଡିସିପି ଅନୁପ ସାହୁଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରାଥମିକ ସ୍ତରରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ପରେ ପରିବାରଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଚୁପ ବସିଛି। ଯେଉଁମାନେ ସେନ୍ଦହ ଘେରକୁ ଅସିଥିଲେ ସେମାନଙ୍କୁ ପୋଲିସ ପଚରାଉଚରା କରି ଛାଡି ଦେଉଛି। ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପ ଥିବାରୁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ ବୋଲି ପରିବାରଲୋକେ ଅଭିଯୋଗ କରିଛନ୍ତି।

## ଭୁଜାଲି ଚୋଟରେ ଛାତ୍ର ଗୁରୁତର

ଭୁବନେଶ୍ୱର,୫।୩(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆରସି ଭିଲେଜ ସାଇମନ୍ଦିର ନିକଟରେ ଗୁରୁବାର ରାତିରେ ଯୁକ୍ତ ୨ ଛାତ୍ର ଅନନ୍ତ ମହାନ୍ତିଙ୍କୁ ଭୁଜାଲିରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅନନ୍ତ ସାଲିଆସାହିରେ ରହୁଥିବା ବେଳେ ସେ ଆଇଆରସି ଭିଲେଜ ନିକଟରେ ଟ୍ୟୁଶନ ହେଉଥିଲେ। ରାତି ପ୍ରାୟ ୮ଟାରେ ସେ ଟ୍ୟୁଶନରୁ ଫେରୁଥିବା ବେଳେ ସେହି ବାଟ ଦେଇ ଏକ ବାଇକ୍‌ରେ ଦୁଇ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଯାଉଥିଲେ। ଯୁବକଦ୍ୱୟ ତାଙ୍କୁ ଗାଳିଗୁଲଜ କରୁଥିବା ଭାବି ଅନନ୍ତ ସେମାନଙ୍କୁ ପାଟି କରିଥିଲେ। ପରେ ଯୁବକଦ୍ୱୟ ବାଇକ ଅଟକାଇ ଅନନ୍ତଙ୍କୁ କ'ଣ କହିଲୁ ବୋଲି ପଚାରି ପାଟିତୁଣ୍ଡ କରିଥିଲେ। ଯୁବକଦ୍ୱୟ ଅନ୍ୟ ଜଣଙ୍କୁ ଫୋନ୍ କରି ଡାକିଥିଲେ। ଉକ୍ତ ଯୁବକ ଘଟଣାସ୍ଥଳରେ ପହଞ୍ଚି ଅନନ୍ତଙ୍କୁ ଭୁଜାଲିରେ ଆକ୍ରମଣ କରିବା ପରେ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଅନନ୍ତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅନନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ନୟାପଲ୍ଲୀ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## 'କାରୁବାକୀ ସ୍ପିକ୍ସ' ଲୋକାର୍ପିତ


ମହିଳାଙ୍କ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା କାରୁବାକୀ ସ୍ପିକ୍ସର କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୫।୩

ପଞ୍ଚାୟତିରାଜ ଦିବସ ଅବସରରେ ଗୁରୁବାର ମହିଳା ସଶକ୍ତୀକରଣର ଆଉ ଏକ ଫର୍ଦ୍ଦ ଯୋଡ଼ିହୋଇଛି। ମହିଳା କୈନ୍ଦ୍ରିକ ଏକ ୱେବମିଡିଆ ପୋର୍ଟାଲ୍ କାରୁବାକୀ ସ୍ପିକ୍ସ.କମ ମଞ୍ଚେଶ୍ୱରସ୍ଥିତ ଏହାର କାର୍ଯ୍ୟାଳୟ ପରିସରରେ ଲୋକାର୍ପିତ ହୋଇଛି। ଏଥିରେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଲୋକାର୍ପିତ କରିଥିଲେ। ଗଣମାଧ୍ୟମରେ ମହିଳାଙ୍କ ସ୍ୱର ଅଧିକ ମାତ୍ରାରେ ପହଞ୍ଚାଇବାର ଯେଉଁ ଉଦ୍ୟମ କାରୁବାକୀ ସ୍ପିକ୍ସ ଆରମ୍ଭ କରିଛି ସେଥିପାଇଁ ସେ ଏହାର ପ୍ରତିଷ୍ଠାତା ଗାୟତ୍ରୀ ମହାପାତ୍ର ଓ ସହ ପ୍ରତିଷ୍ଠାତା ସୁଜାତା ସିଂହ ଓ ସମଗ୍ର ଟିମକୁ ଶୁଭେଚ୍ଛା ଜଣାଇଛନ୍ତି। ବରିଷ୍ଠ ଆଇନ ବିଶେଷଜ୍ଞ ଡ. ବିକାଶ ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ସ୍ୱର ଶୁଣାଇବା ପାଇଁ ଏହା ଏକ ନିଆରା ଉଦ୍ୟମ ବୋଲି କହିଥିଲେ।

## ଯୁବତୀଙ୍କୁ ପୁରୁଷ ପିସିଆର କର୍ମଚାରୀ ଉଠାଇବାରୁ ଉତ୍ତେଜନା

ଭୁବନେଶ୍ୱର,୫।୩(ବ୍ୟୁରୋ)

ନୟାପଲ୍ଲୀ ଥାନା ଜୟଦେବ ବିହାର ଛକ ନିକଟରେ ଗୁରୁବାର ଜଣେ ଯୁବତୀ ରାସ୍ତାରେ ଗଡୁଥିବା ଦେଖିବାକୁ ମିଳିଥିଲା। ଫଳରେ ଏକାଧିକ ଲୋକ ଏକତ୍ରିତ ହୋଇଯିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଖବରପାଇ ନୟାପଲ୍ଲୀ ଥାନା ପିସିଆର ଭ୍ୟାନ୍ ପହଞ୍ଚି ତାଙ୍କୁ ଉଦ୍ଧାର କରି ଭ୍ୟାନ୍‌ରେ ବସାଇଥିଲା। ହେଲେ ବିନା ମହିଳା ପୋଲିସରେ କିଭଳି ପୁରୁଷ ପୋଲିସ ଉଠାଇ ନେଲା ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି ସମୟରେ କେତେଜଣ ଯୁବକ ମୋବାଇଲ ଫୋନରେ ଭିଡିଓ ସୁଟିଂ କରୁଥିବା ବେଳେ ପିସିଆର କର୍ମଚାରୀ ଯୁବତୀଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଅନ୍ୟ ଏକ ପିସିଆର ଭ୍ୟାନ୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଯୁବତୀଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ଏହାପରେ ଯୁବତୀଙ୍କ ପରିବାର ଲୋକଙ୍କୁ ପୋଲିସ ଜଣାଇବା ପରେ ତାଙ୍କର ଭାଇ ଆସି ଯୁବତୀଙ୍କୁ ନେଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଏ ନେଇ ନୟାପଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କୁହନ୍ତି, ଯୁବତୀଙ୍କ ଘର ଯାଜପୁର ହୋଇଥିବା ବେଳେ ସେ ଭୁବନେଶ୍ୱର ଆସିଥିଲେ। ଜୟଦେବ ବିହାର ଛକ ନିକଟରେ ତାଙ୍କୁ ଫିଟ୍‌ସ ମାରିଥିଲା। ମହିଳା ପୋଲିସକୁ ଅପେକ୍ଷା କରିବା ବଦଳରେ ପିସିଆର ଭ୍ୟାନରେ ଥିବା ପୁରୁଷ କର୍ମଚାରୀ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେବାକୁ ଚେଷ୍ଟା କରିଥିଲେ, ଏହାବ୍ୟତୀତ ଅନ୍ୟକିଛି ଘଟଣା ନାହିଁ।

## ଦୁଇ ସ୍ଥାନରେ ବିଜୁ ଜୟନ୍ତୀ ପାଳିତ

ବାଲିପାଟଣା,୫।୩(ଡି.ଏନ୍.ଏ.)

ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜୟନ୍ତୀ ବାଲିପାଟଣାସ୍ଥିତ ଗିରିଙ୍ଗେଶ୍ୱରୀ ପୀଠରେ ପାଳିତ ହୋଇଯାଇଛି। ବାଲିପାଟଣା ବ୍ଲକର ଯୁବ ନେତା ବାବୁନି ନାୟକଙ୍କ ସଭାପତିତ୍ୱରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଏକଦା ବିଜୁବାବୁଙ୍କ ସହିତ ମୋର ବ୍ୟକ୍ତିଗତ ସମ୍ପର୍କ ଥିଲା। ଏବେ ମୁଁ ବିଜେଡିର ବିଧାୟକ ଭାବେ କାର୍ଯ୍ୟ କରୁଛି। ତାଙ୍କ ସ୍ୱପ୍ନକୁ ସାକାର କରିବାକୁ ତାଙ୍କ ଫୁଲ ବଗିଚା କୁହାଯାଉଥିବା ଜୟଦେବ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ପାଇଁ ସେବା କରିବି। କୌଣସି ବିରୋଧ ଓ ବିବାଦକୁ ଭ୍ରୂକ୍ଷେପ ନ କରି ଶାନ୍ତିଭାବେ କାମ କରିବାକୁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। କୁଶ ପାତ୍ର, ଜିଲା ପରିଷଦ ଉପାଧ୍ୟକ୍ଷା ସୁମିତ୍ରା ରାଉତରାୟ, ଭାଗୀ ପାତ୍ର, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର ଓ ଶରତ ପଟ୍ଟନାୟକଙ୍କ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସେହିପରି ଆମ ସଙ୍ଗଠନ ସଭାପତି କମଳ କୁମାର ପାତ୍ର ବାଲିପାଟଣାସ୍ଥିତ ଗୋପବନ୍ଧୁଙ୍କ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ବାଲିପାଟଣା ଛକଠାରୁ କର୍ମୀଙ୍କ ସହିତ ଏକ ବାଇକ ଶୋଭାଯାତ୍ରାରେ ବାହାରି ବାଲିପାଟଣା ହାଟ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଖମଙ୍ଗ ଛକଦେଇ ବ୍ରାହ୍ମଣ ଷଡଙ୍ଗୀଠାରେ ପହଞ୍ଚି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ। ଦୁଇ ସ୍ଥାନରେ ବିଜୁ ଜୟନ୍ତୀ ପାଳନକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

## ବିତିଲା ୨୪ ଘଣ୍ଟା, ଅଭିଯୁକ୍ତଙ୍କ ପତ୍ତା ପାଉନି ପୋଲିସ

ଭୁବନେଶ୍ୱର, ୫।୩ (ବ୍ୟୁରୋ)

**ଜଙ୍ଗଲ ଭ୍ୟୁ ରେଷ୍ଟୁରାଣ୍ଟରେ ଗୁଳି ଫୁଟିବା ଘଟଣା**

- ହାର୍ଡଡିସ୍କରେ ନାହିଁ ଘଟଣା ସମୟର ଅନେକ ଫୁଟେଜ
- ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଛି

ବାରଙ୍ଗ କାଟେଣି ଛକସ୍ଥିତ ଜଙ୍ଗଲ ଭ୍ୟୁ ରେଷ୍ଟୁରାଣ୍ଟରେ ଗୁଳିକାଣ୍ଡରେ ବୁଧବାର ରାଜଧାନୀର ଏକ ମ୍ୟାନେଜମେଣ୍ଟ କଲେଜର ଛାତ୍ର ଅସିମ୍ କାଲ୍‌ସ ଗୁରୁତର ହୋଇଥିଲେ। ଘଟଣାକୁ ୨୪ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କ ପତ୍ତା ପାଇପାରି ନ ଥିବା ଜଣାପଡିଛି। ଜବତ ହୋଇଥିବା ସିସିଟିଭି ହାର୍ଡ ଡିସ୍କରେ ଘଟଣା ସମୟର ଅନେକ ଫୁଟେଜ ନ ଥିବାରୁ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଗୁରୁବାର ଲକ୍ଷ୍ନୌରେ ରହୁଥିବା ପରିବାରଲୋକେ ଭୁବନେଶ୍ୱରରେ ପହଞ୍ଚି ଅସିମଙ୍କୁ ଭେଟିଥିଲେ। ଅସିମଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିଥିବା ଡାକ୍ତରଙ୍କଠାରୁ ଜାଣିବା ପରିବାର ଲୋକେ ଆଶ୍ୱସ୍ତ ହୋଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ସୂଚନାଥାଉ କି, ବୁଧବାର ଶେଷ ସେମିଷ୍ଟର ପରୀକ୍ଷା ସରିବା ପରେ ମଧ୍ୟାହ୍ନରେ ଅସିମ ସାଙ୍ଗମାନଙ୍କ ସହ ଜଙ୍ଗଲ ଭ୍ୟୁ ରେଷ୍ଟୁରାଣ୍ଟକୁ ଖାଇବା ପାଇଁ ଯାଇଥିଲେ। ଏହାପୂର୍ବରୁ ବିଲ୍‌କୁ ନେଇ ୩ଜଣ ଦୁର୍ବୃତ୍ତଙ୍କ ସହ ରେଷ୍ଟୁରାଣ୍ଟ ମାଲିକ ଓ କର୍ମଚାରୀଙ୍କ ଝଗଡ଼ା ହୋଇଥିଲା। ଦୁର୍ବୃତ୍ତମାନେ ପାଟିତୁଣ୍ଡ କରିବା ପରେ ଧମକ ଦେଇ କାର୍‌ରେ ଚାଲିଯାଇଥିଲେ। କିଛି ସମୟ ପରେ ଏକ ବାଇକରେ ୩ ଜଣ ମୁଖାଧାରୀ ଯୁବକ ସେଠାରେ ପହଞ୍ଚି ମାଲିକଙ୍କ କ୍ୟାଶ୍ କାଉଣ୍ଟର ନିକଟରେ ଠିଆ ହୋଇ ଫାଙ୍କା ଗୁଳି ଚାଳନା କରିଥିଲେ। ଗୁଳି ଶବ୍ଦ ଶୁଣି ରେଷ୍ଟରାଣ୍ଟରେ ଖାଉଥିବା ଅସିମଙ୍କ ସମେତ ଅନ୍ୟମାନେ ଭୟରେ ଏଣେତେଣେ ଦୌଡ଼ିଥିଲେ। ଏହି ସମୟରେ ଏକ ଗୁଳି ଅସିମଙ୍କ ପିଠିରେ ବାଜିଥିଲା। ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ି ଚିତ୍କାର କରୁଥିବାବେଳେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଖବର ପାଇ ଚନ୍ଦକା ଥାନା ପୋଲିସ ପହଞ୍ଚି ଅସିମଙ୍କୁ ଏକ ଘରୋଇ ହସ୍ପିଟାଲକୁ ପଠାଇଥିଲା। ଏ ନେଇ ବୁଧବାର ରାତିରେ ରେଷ୍ଟୁରାଣ୍ଟ ମାଲିକ ପ୍ରଶାନ୍ତ ରାଉତରାୟଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୧/୨୦)ରୁଜୁ କରି ତଦନ୍ତ ଚଳାଇଛି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ କୁହନ୍ତି, ଗୁଳିକାଣ୍ଡ ଘଟଣା ପୂର୍ବରୁ ଝଡବର୍ଷାରେ ରେଷ୍ଟୁରାଣ୍ଟରେ ଲାଗିଥିବା ସିସି କ୍ୟାମେରା ତାର ଛିଡ଼ିଯାଇଥବାରୁ ଅବଶ୍ୟକ ଫୁଟେଜ ହସ୍ତଗତ ହୋଇପାରିନାହିଁ। ଏହାଦ୍ୱାରା ତଦନ୍ତରେ ବାଧା ସୃଷ୍ଟି କରିବା ସହ ଅପରାଧୀଙ୍କୁ ଚିହ୍ନଟ କରିବାରେ ସମସ୍ୟା ହେଉଛି। ରେଷ୍ଟୁରାଣ୍ଟ ନିକଟରେ ଥିବା ଅନ୍ୟ ସିସି କ୍ୟାମେରାକୁ ଯାଞ୍ଚ କରାଯାଉଛି। ଖୁବ୍ ଶୀଘ୍ର ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପୂର୍ବତନ ବିଜେଡି କାଉନ୍‌ସିଲର ପିକଙ୍କ ସମେତ ୩ ଗିରଫ

■ପାରା ଗୁଳିକାଣ୍ଡ

**ପୁରୀ ଅଫିସ, ୫।୩ :** ବହୁ ଚର୍ଚ୍ଚିତ ସଞ୍ଜୟ ବେହେରା ଓରଫ ପାରା ଗୁଳିକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ କୁମ୍ଭାରପଡ଼ା ପୋଲିସ ଗୁରୁବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୂର୍ବତନ ବିଜେଡି କାଉନସିଲର ତଥା ନବକଳେବର ରୋଡ୍ ମାଟିଆପଡ଼ା ଛକ ଅଞ୍ଚଳର ବାସିନ୍ଦା ପ୍ରଦୀପ୍ତ ନାୟକ(୪୫) ଓରଫ ପିକ, ରଘୁପତିନଗରର ମିଲନ ମିଶ୍ର (୩୨), ଫ୍ରେଣ୍ଡସ କ୍ଲବ ଲେନ୍‌ର ଆକୁନ ପରିଡ଼ା ଓରଫ ବାବିନା (୩୬)। ପୋଲିସ ମିଲନ ଓ ଆକୁନଙ୍କଠାରୁ ଦୁଇଟି ବନ୍ଧୁକ ଜବତ କରିଛି।

### ପଟିଆବନ୍ଧରେ ଲାଗିଲା ସୋଲାର ଲାଇଟ

**ବାରଙ୍ଗ,୫।୩(ଡି.ଏନ.ଏ.):** ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ରାଜଧାନୀ ଉପକଣ୍ଠ ମରିଚିଆଠାରେ ପଟିଆବନ୍ଧ ରାସ୍ତାର ଆଲୋକୀକରଣର ଶୁଭାରମ୍ଭ ଗୁରୁବାର ହୋଇଯାଇଛି। ଏହାକୁ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଛନ୍ତି। ମରଚିଆଠାରୁ ମଞ୍ଚେଶ୍ୱର ପର୍ଯ୍ୟନ୍ତ ଥିବା ପଟିଆବନ୍ଧରେ ପ୍ରତି ୧୦୦ମିଟର ଦୂରତାରେ ଲାଗିବ ସୋଲାର ଲାଇଟ। ୫୦ଲକ୍ଷ ଟଙ୍କାର ବ୍ୟୟବରାଦରେ ଏହି କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ୧୫ଦିନ ମଧ୍ୟରେ କାର୍ଯ୍ୟ ସରିବାର ଯୋଜନା ରହିଛି ବୋଲି ସ୍ଥାନୀୟ ବିଧାୟକ କହିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ମରଚିଆଠରେ ଗୋଟିଏ ସୋଲାର ଲାଇଟ ଲଗାଯାଇ ଏହାର ଶୁଭାରମ୍ଭ ହୋଇଯାଇଛି।

### କର୍ପୋରେଶନ ବ୍ୟାଙ୍କର ସିଏସ୍‌ଆର୍ ପଦକ୍ଷେପ

**ଭୁବନେଶ୍ୱର,୫।୩ :**କର୍ପୋରେଶନ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଶା ନିକେତନ ଲେପ୍ରସି କେନ୍ଦ୍ରଠାରେ ୪୫ ଜଣ ରୋଗୀଙ୍କୁ ଆଶାବାଡି ପ୍ରଦାନ କରାଯାଇଛି। ଇନ୍‌ଷ୍ଟିଚ୍ୟୁଟ ଇନଚାର୍ଜ ବ୍ରଦର ଓସ୍କାର ଟେଟେ ଏହାକୁ ନେଇ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ବ୍ୟାଙ୍କର ଏହି ଅନୁଷ୍ଠାନକୁ ୱାଟର ପ୍ୟୁରିଫାୟର, ଏଲ୍‌ଇଡି ସମେତ ଅନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା।

### ପଞ୍ଚାୟତିରାଜ ଦିବସ ପାଳିତ

**ବାଲିଅନ୍ତା,୫।୩(ଡି.ଏନ.ଏ.):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ଓ ବେଣ୍ଟପୁର ପଞ୍ଚାୟତ ପକ୍ଷରୁ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଭିଙ୍ଗାରପୁର ପଞ୍ଚାୟତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ସରପଞ୍ଚ ଜୟଶ୍ରୀ ନାୟକ ଅଧକ୍ଷତା କରିଥିଲେ। ଏଥିରେ ବିଶିଷ୍ଟ ଶିକ୍ଷାବିତ ବଟକୃଷ୍ଣ ପଣ୍ଡା, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ବାରିକ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ଜେନା ମାନସ ନାୟକ, ନଳିନୀ ପଣ୍ଡା ବାରିକ ଓ ହରିହର କରଣ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବେଣ୍ଟପୁର ପଞ୍ଚାୟତରେ ପଞ୍ଚାୟତିରାଜ ଦିବସରେ ସରପଞ୍ଚ ମୁରଲୀଧର ସାହୁ ଓ ସମିତିସଭ୍ୟ ତୈଲୋକ୍ୟ ମଙ୍ଗରାଜଙ୍କ ସମେତ ସମସ୍ତ ୱାର୍ଡସଭ୍ୟା ସଭ୍ୟ ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସ୍ମୃତିଚାରଣ କରିଥିଲେ।

### ବିଜୁବାବୁଙ୍କ ଜୟନ୍ତୀ ପାଳନ

ବାଲିଅନ୍ତା,୫।୩(ଡି.ଏନ.ଏ.)- ବାଲିଅନ୍ତା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବ୍ରାହ୍ମଣୀ ଷଡ଼ଙ୍ଗୀ ମୌଜାର ଦେଢ଼ୋଲ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ଚନ୍ଦନ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଆସି ଦେଢ଼ୋଲ ଛକରେ ପହଞ୍ଚିଥିଲେ। ସେଠାରେ ଏକ ସଭା କରାଯାଇ ବିଜୁବାବୁ ଜୀବନୀ ସମ୍ପର୍କରେ ସମସ୍ତେ ମତବ୍ୟକ୍ତ କରିଥିଲେ। ଏଥିରେ ବାଲିଅନ୍ତା ବ୍ଲକ ଅଧକ୍ଷା ସୁଚିତ୍ରା ଜେନାମୟୀ, ଉପାଧକ୍ଷା ଦୀପସ ସ୍ୱାଇଁ ସମେତ ବହୁ ନିର୍ବାଚନ ପ୍ରତିନିଧି ଓ ଦଳୀୟ କର୍ମୀ ଯୋଗଦେଇ ବିଜୁବାବୁଙ୍କ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହାପୂର୍ବରୁ ସକାଳ ୬ଟାରେ ସ୍ଥାନୀୟ ସରପଞ୍ଚ ମୂରଲୀଧର ସାହୁ, ସମିତିସଭ୍ୟ ତୈଲୋକ୍ୟ ମଙ୍ଗରାଜ, ଭାଗ୍ୟଲକ୍ଷ୍ମୀ ମିଶ୍ର, କମଳାକାନ୍ତ ପାତ୍ର ଓ କୁଶ ପାତ୍ର ପ୍ରମୁଖ ଆସି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୬ ମାର୍ଚ୍ଚ, ୨୦୨୦



# ଲେଡି ସେହ୍ୱାଗ୍

**ନିର୍ଭୀକ ତଥା ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀ ଯୋଗୁ ଚଳିତ ଟି୨୦ ବିଶ୍ୱକପ୍‌ରେ ୧୬ ବର୍ଷୀୟା ଭାରତୀୟ ଓପନର ଶେଫାଳି ବର୍ମା ସବୁଠାରୁ ଚର୍ଚ୍ଚିତ ମହିଳା କ୍ରିକେଟର ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତ ଫାଇନାଲରେ ପ୍ରବେଶ କରିଛି। ଯଥାର୍ଥରେ ତାଙ୍କୁ ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କ ସହ ତୁଳନା କରାଯାଉଛି...**

ଭାରତୀୟ ମହିଳା କ୍ରିକେଟ ଦଳର ଡାହାଣହାତୀ ଓପନର ଶେଫାଳି ବର୍ମାଙ୍କୁ ଏବେ ପୂର୍ବତନ କ୍ରିକେଟର ତଥା ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କ ସହିତ ତୁଳନା କରାଯାଉଛି। ସେହ୍ୱାଗଙ୍କ ଭଳି ଇନିଂସ ଓପନ କରିବା ସହ ସେ ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଷ୍ଟ୍ରେଲିଆରେ ଚାଲିଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ବିଶ୍ୱକପ୍‌ରେ ସେ ବିସ୍ଫୋରକ ବ୍ୟାଟିଂ କରି ଦ୍ରୁତ ଗତିରେ ରନସଂଗ୍ରହ କରିବା ସହ ଭାରତକୁ ଫାଇନାଲରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ବ୍ୟାଟିଂ କଲାବେଳେ ତାଙ୍କ ନିର୍ଭୀକ ଆଚରଣ ଓ ଭାବ ଭଙ୍ଗୀ କ୍ରିକେଟ ପ୍ରଶଂସକଙ୍କୁ ସେହ୍ୱାଗଙ୍କ କଥା ମନେ ପକାଇଦେଉଛି। ମାତ୍ର ୧୬ ବର୍ଷରେ ସେ ଆଶାତୀତ ସଫଳତା ହାସଲ କରିଛନ୍ତି। ବାଲାନ୍ସ ଓ ଟେକ୍‌ନିକ୍ ସହ ସେ ବଲ୍‌କୁ ବ୍ୟାଟ୍‌ର ଠିକ୍ ମଝିରେ ମାରିବାକୁ ପ୍ରୟାସ କରିବାରେ ସଫଳ ହେଉଛନ୍ତି। ଯଦି ସେ ତାଙ୍କର ବାକି ଥିବା ତ୍ରୁଟି ସୁଧାରି ସଫଳ ହୁଅନ୍ତି ତେବେ ସେ ଭବିଷ୍ୟତରେ ଭାରତୀୟ ମହିଳା କ୍ରିକେଟ ପାଇଁ ଏକ ବଡ଼ ସମ୍ଭାବନା ସୃଷ୍ଟି କରିପାରିବେ। ସେହ୍ୱାଗଙ୍କ ଭଳି କିଏ ବୋଲିଂ କରୁଛି, ପିଚ୍‌ର କଣ୍ଡିଶନ କ'ଣ, ମ୍ୟାଚ୍ କେଉଁ ମୋଡରେ ରହିଛି ସେକଥା ସେ ଚିନ୍ତା କରି ନ ଥାନ୍ତି ଓ ନିଜସ୍ୱ ଶୈଳୀରେ ବ୍ୟାଟିଂ କରିଥାନ୍ତି। ଟିମ୍ ମ୍ୟାନେଜମେଣ୍ଟ ମଧ୍ୟ ତାଙ୍କୁ ଅଭୟ ଦେଇଛି ଓ ନିଜ ଷ୍ଟାଇଲ୍‌ରେ ବ୍ୟାଟିଂ କରିବା ପାଇଁ ପ୍ରୋତ୍ସାହିତ କରିଛି।

ହରିୟାଣାର ରୋହତକରେ ଜନ୍ମିତ ଶେଫାଳି ବ୍ୟାଟିଂ କଲାବେଳେ ଆକ୍ରମଣତାକୁ ଗୁରୁତ୍ୱ ଦେଇଥାନ୍ତି। କ୍ରିକେଟ ଆଇକନ ସଚିନ ତେନ୍ଦୁଲକରଙ୍କୁ ଆଦର୍ଶ ମାନୁଥିବା ଶେଫାଳିଙ୍କୁ କିନ୍ତୁ ସେହ୍ୱାଗଙ୍କ ସହ ତୁଳନା କରାଯାଉଛି। ୨୦୧୩ରେ ସଚିନ୍ ତାଙ୍କ ଅନ୍ତିମ ରଣଜୀ ମ୍ୟାଚ୍ ଖେଳିବାକୁ ରୋହତକ ଆସିଥିଲେ। ଶେଫାଳି ସେଠାରେ ସଚିନଙ୍କୁ ଦେଖିଥିଲେ ବୋଲି ତାଙ୍କ ପିତା ସଞ୍ଜୀବ ବର୍ମା କହିଛନ୍ତି। ଏହାପରଠାର ସଚିନଙ୍କ ଭଳି ଖେଳିବା ସହ ନାମ କମାଇବା ପାଇଁ ଶେଫାଳିଙ୍କ ମୁଣ୍ଡରେ ଭୂତ ସବାର ହୋଇଥିଲା। ଏହା ଦେଖି ସଞ୍ଜୀବ ତାଙ୍କୁ ରୋହତକର ଶ୍ରୀରାମ ନାରାୟଣ କ୍ରିକେଟ ଏକାଡେମୀରେ ସାମିଲ କରିଥିଲେ। ସଞ୍ଜୀବ ଏକ ଜୁଏଲେରୀ ଦୋକାନ ଚଳାଇଥାନ୍ତି। ୩ ଭାଇଭଉଣୀଙ୍କ ମଧ୍ୟ ଶେଫାଳି ମଝିଆ। ବଡ଼ ଭାଇ ସାହିଲ ଓ ସାନ ଭଉଣୀ ନେନ୍‌ସୀ ମଧ୍ୟ ଶ୍ରୀରାମ ନାରାୟଣ କ୍ରିକେଟ ଏକାଡେମୀରେ କୋଚିଂ ନେଉଛନ୍ତି। ନେଟ୍ସରେ ଶେଫାଳି କଠିନ ପରିଶ୍ରମ କରିଥାନ୍ତି ବୋଲି ତାଙ୍କ କୋଚ୍ ଅଶ୍ୱିନୀ କୁମାର କହିଛନ୍ତି। ପୁଅ ହେଉ କିମ୍ବା ଝିଅ ସେ ସମସ୍ତଙ୍କ ସହିତ ଗ୍ରାଉଣ୍ଡରେ ଅଭ୍ୟାସ କରିଥାନ୍ତି। ସେ ରଣଜୀ ଖେଳାଳିଙ୍କ ସହିତ ଅଧିକ ଅଭ୍ୟାସ କରିଥାନ୍ତି। ଆଶିଷ ହୁଡା, ଅଜିତ ଚହଲ, ଅମନ କୁମାର, ଟିନୁ କୁଣ୍ଡୁ, ଅମିତ ରାଣା, ମୋହିତ ସେଠୀଙ୍କ ଭଳି କ୍ରିକେଟରଙ୍କ ସହ ଶେଫାଳି ଅଭ୍ୟାସ କରିଛନ୍ତି। ସେ ଉଇକେଟକିପିଂ କରିବାକୁ ମଧ୍ୟ ଭଲ ପାଇଥାନ୍ତି। ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ଶେଫାଳି ୧୬୧ ରନ ସଂଗ୍ରହ କରିଛନ୍ତି। ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ଯଥାକ୍ରମେ ୪୭ ଓ ୪୬ ରନ ସଂଗ୍ରହ କରିଥିଲେ। ଏଥି ସହିତ ସେ ଟି୨୦ ର୍‍ୟାଙ୍କିଂଗ୍‌ର ଶୀର୍ଷ ସ୍ଥାନ ମଧ୍ୟ ହାସଲ କରିଛନ୍ତି। ମିଥାଲି ରାଜଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ଭାବେ ଟି୨୦ରେ ୧ ନମ୍ବର ସ୍ଥାନ ହାସଲ କରିଛନ୍ତି। ବର୍ଷା ଯୋଗୁ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ବାତିଲ ହେବା ଫଳରେ ଭାରତ ଗ୍ରୁପ୍ ପର୍ଯ୍ୟାୟର ସଫଳତା ପାଇଁ ଫାଇନାଲ ଟିକେଟ ହାସଲ କରିଛି। ଶେଫାଳି ଏବେ ଫାଇନାଲରେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବେ। ଶେଫାଳି ଏପର୍ଯ୍ୟନ୍ତ ୧୮ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୨୮.୫୨ ରନ ହାରରେ ୪୮୫ ରନ ସଂଗ୍ରହ କରିଛନ୍ତି। ୭୩ ତାଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଛି। ସର୍ବକନିଷ୍ଠ ଭାରତୀୟ ମହିଳା ଖେଳାଳିଭାବେ ସେ ଟି୨୦ ଖେଳିଥିଲେ। ମାତ୍ର ୧୬ ବର୍ଷରେ ପଦାର୍ପଣ କରିଥିବାରୁ ତାଙ୍କ ସମ୍ମୁଖରେ ଲମ୍ବା ତଥା ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ଯଥାର୍ଥରେ ତାଙ୍କୁ ପ୍ରଶଂସକମାନେ ଲେଡି ସେହ୍ୱାଗ ବୋଲି କହିବା ଆରମ୍ଭ କଲେଣି।


ଶେଫାଳି

## କରୋନା

ଚାଇନା ସହ ସାରା ଦେଶ ଆତଙ୍କିତ
ଭୟଙ୍କର ଭାଇରସ
କରୋନା ପାଇଁକି ଟୋକିଓ ଅଲିମ୍ପିକ୍ସ
ଘୁଞ୍ଚିପାରେ ଅବସୋସ
ଆଇପିଏଲ୍‌ର ରସ
ପାଇକି ପଟେଲ କହେ ଶଙ୍କା ନାହିଁ
ଦେଶ ପଛେ ଯାଉ ନାଶ ।୧।

ଆଇପିଏଲ ଚାମ୍ପିୟନ ରାଶି ହ୍ରାସ
କୋଡିଏରୁ ଦଶ କୋଟି
ଛ କୋଟି ପଚିଶି ଲକ୍ଷ ସେକେଣ୍ଡକୁ
ବିସିସିଆଇ ଭେଟି
ଟଙ୍କା ଏଠି ଗୋଡି ମାଟି
ଏ ଯୋଜନା ନୁହେଁ ଜନହିତକର
ମାଲାମାଲ ବଡ଼ ପାର୍ଟି।୨।

ଇଟାଲୀ, ଇରାନ, ଦକ୍ଷିଣ କୋରିଆ
ନାଗରିକ ଭିଜା ରଦ୍ଦ
ଭାଇରାଲ ହୁଏ ହବନି କରୋନା
ପିଉଥିଲେ ଡେଲି ମଦ
ମଣିଷ ବନିଛି ଗଧ
କରୋନା ଆଗରେ ହାରିଛି ବିଜ୍ଞାନ
ହାରିଛି ଖେଳାଳି ପଦ।୩।

*–ସୁବାସ ଚନ୍ଦ୍ର ପ୍ରଧାନ*

**ମାତ୍ର ଏକ ବର୍ଷ ହୋଇଥିବା ବେଳେ ଯାଆଁଳା ଭଉଣୀ ଆରତି ଓ ଜ୍ୟୋତି ସୁଇମିଂ ପୁଲ୍‌ରେ ଖେଳିବା ଆରମ୍ଭ କରିଥିଲେ। ୪ ବର୍ଷରେ ଦୁଇ ଭଉଣୀ ସମୁଦ୍ରରେ ୧ଘଣ୍ଟା ଓ ୩୦ ମିନିଟ ପହଁରି ୩୫ କିଲୋମିଟର (ଗେଟ୍ ୱେ ଅଫ୍ ଇଣ୍ଡିଆରୁ ଅଲିବାଗ) ସନ୍ତରଣ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୋଲିସ ବିଭାଗରେ ଚାକିରି କରୁଥିବା ପିତା ବାଜିରାଓ ପାଟିଲ ଜଣେ ପୂର୍ବତନ ଜାତୀୟ ସନ୍ତରଣକାରୀ। ଅଲିମ୍ପିକ୍ସ ପଦକ ହାସଲ କରି ପିତାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବାର ଲକ୍ଷ୍ୟରେ ଅଛନ୍ତି ଦୁଇ ଭଉଣୀ ...**

# ସୁଇମିଂ ଟୁଇନ୍


ଆରତି ଓ ଜ୍ୟୋତି

ସନ୍ତରଣରେ ମୁମ୍ବାଇ ବିଶ୍ୱବିଦ୍ୟାଳୟର ଦୁଇ ଯାଆଁଳା ଭଉଣୀ ଆରତି ଓ ଜ୍ୟୋତି ପାଟିଲ ଦେଶ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି। ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଚମକ ଦେଖାଇଥିବା ଏହି ଦୁଇ ଭଉଣୀ ସଦ୍ୟ ସମାପ୍ତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଦମ୍‌ଦାର ପ୍ରଦର୍ଶନ କରି ଏକାଧିକ ପଦକ ହାସଲ କରିଛନ୍ତି। ଉଭୟ ମୁମ୍ବାଇ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ଏହି ମେଗା ଇଭେଣ୍ଟରେ ଆରତି ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ଜ୍ୟୋତି ୩ଟି ସ୍ୱର୍ଣ୍ଣ ଓ ୩ଟି ବ୍ରୋଞ୍ଜ୍ ପଦକ ଜିତି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ମୁମ୍ବାଇ ୟୁନିଭର୍ସିଟି ସନ୍ତରଣ ପ୍ରତିଯୋଗିତାରେ ମୋଟ ଉପରେ ସେକେଣ୍ଡ ରନର୍ସଅପ୍ ବିବେଚିତ ହୋଇଛି। ନିଜ ପ୍ରଦର୍ଶନ ନେଇ ଆରତି ଓ ଜ୍ୟୋତି ବେଶ୍ ଖୁସି ଜାହିର କରିଛନ୍ତି। ଏବେ ଆଗକୁ କେତୋଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବାକୁ ଦୁହେଁ ଇଚ୍ଛା ଜାହିର କରିଛନ୍ତି। ଏଥିପାଇଁ ଆଗକୁ ଆହୁରି କଠିନ ପରିଶ୍ରମ କରିବାକୁ ହେବ ବୋଲି ଦୁଇଜଣ କହିଛନ୍ତି। କିଛି ଦିନ ତଳେ ପଞ୍ଜାବରେ ଅନୁଷ୍ଠିତ ନ୍ୟାଶନାଲ ୟୁନିଭର୍ସିଟି ଗେମ୍ସରେ ଆମେ ଭଲ ପ୍ରଦର୍ଶନ କରିଥିଲୁ। ଏହି ପ୍ରତିଯୋଗିତାରେ ୨ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଥିଲେ ଆରତି। ଏଥିରେ ମୁମ୍ବାଇ ୟୁନିଭର୍ସିଟିକୁ ଓଭରଅଲ ଚାମ୍ପିୟନ୍ସ ଟ୍ରଫି ମିଳିଥିଲା। ଆଗକୁ ସିନିୟର ନ୍ୟାଶନାଲ ସନ୍ତରଣ ପ୍ରତିଯୋଗିତା ଓ ଗୋଆରେ ନ୍ୟାଶନାଲ ଗେମ୍ସ ଆୟୋଜନ ହେବାର ଅଛି। ଏଥିରେ ଆହୁରି ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛୁ। ତେବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ଓ ପଦକ ଜିତିବା ଆମର ସବୁଠାରୁ ବଡ଼ ଲକ୍ଷ୍ୟ ବୋଲି ଆରତି କହିଛନ୍ତି।

ଭୁବନେଶ୍ୱରରେ ଏହି ମେଗା ଇଭେଣ୍ଟ ସଫଳତାର ସହ ଅତି ସୁନ୍ଦର ଭାବେ ଆୟୋଜନ କରାଯାଇଛି। ଏଠାକାର ଭିତ୍ତିଭୂମି, ପରିବେଶ ଓ ସୁବିଧାସୁଯୋଗ ବିଶ୍ୱସ୍ତରୀୟ। ପ୍ରଥମଥର ପାଇଁ ଭୁବନେଶ୍ୱର ଆସିଛୁ। ଏଭଳି ପରିବେଶ ମିଳିବ ବୋଲି ଭାବି ନ ଥିଲୁ। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଭାରତ ସରକାରଙ୍କର ଏକ ସଫଳ ପ୍ରୟାସ ଓ ଏହା ଆଗକୁ କାମରେ ଆସିବ। ଏହା ଦ୍ୱାରା ବହୁ ଯୁବ ଖେଳାଳି ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଆଗକୁ ବହୁ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି ହେବେ ବୋଲି ଆରତି କହିଛନ୍ତି।

ମାତ୍ର ୧ ବର୍ଷରୁ ସୁଇମିଂ ପୁଲରେ ଖେଳିବା ଆରମ୍ଭ କରିଥିଲେ ଦୁଇ ଭଉଣୀ। ପିତା ବାଜିରାଓ ପାଟିଲ ଜଣେ ପୂର୍ବତନ ଜାତୀୟ ସନ୍ତରଣକାରୀ। ପିତା ବାଜିରାଓ ହେଉଛନ୍ତି ଆମ ପାଇଁ ସବୁକିଛି। ସେ ଆମର କୋଚ୍, ଟ୍ରେନର, ଗାଇଡ୍। ତାଙ୍କ ତତ୍ତ୍ୱାବଧାନରେ ସନ୍ତରଣରେ ଜୁନିୟରସ୍ତରରେ ସଫଳତା ପାଇଛୁ। ଦୁଇ ଝିଅଙ୍କ ମାଧ୍ୟମରେ ବାଜିରାଓ ତାଙ୍କ ସ୍ୱପ୍ନ ସାକାର କରିବାକୁ ପ୍ରୟାସ କରିଆସୁଛନ୍ତି। ପରିବାର ଚଳାଇବା ପାଇଁ ବାଜିରାଓ ପୋଲିସ ବିଭାଗରେ ଚାକିରି କରିଥିଲେ। ଫଳରେ ସେ ସନ୍ତରଣରେ କ୍ୟାରିୟରକୁ ଆଗକୁ ବଢାଇପାରି ନ ଥିଲେ କି ଜଣେ ପେସାଦାର ସନ୍ତରଣକାରୀ ହୋଇପାରି ନ ଥିଲେ।

ଆମକୁ ଯେତେବେଳେ ୧ ବର୍ଷ ହୋଇଥିଲା କିଭଳି ପହଁରିବାକୁ ହେବ ପିତା ଆମକୁ ଶିଖାଇଥିଲେ। ଏହାପରଠାରୁ ଆମେ ପଛକୁ ଫେରି ଚାହିଁନାହୁଁ। ପଦକ ଲକ୍ଷ୍ୟ ଆମେ କେବେ ବି ରଖିନାହୁଁ। କେବଳ ଟାଇମିଂରେ ଉନ୍ନତି ଆଣିବାକୁ ସବୁବେଳେ ପ୍ରୟାସ କରିଥାଉ। ମାତ୍ର ୪ବର୍ଷରେ ଦୁଇ ଭଉଣୀ ସମୁଦ୍ରରେ ୧ ଘଣ୍ଟା ଓ ୩୦ ମିନିଟ ପହଁରି ୩୫ କିଲୋମିଟର ସନ୍ତରଣ କରିଥିଲେ। ଦୁଇ ଭଉଣୀ ଗେଟ୍ ୱେ ଅଫ୍ ଇଣ୍ଡିଆରୁ ଅଲିବାଗ ପର୍ଯ୍ୟନ୍ତ ପହଁରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଏକ ନୂଆ ରେକର୍ଡ ସାବ୍ୟସ୍ତ ହୋଇଥିଲା। ସେତେବେଳେ ଦୁଇ ଝିଅ ଅଧିକ କିଛି ସଫଳତା ପାଇବେ ଓ ନାମ କରିବେ ବୋଲି ବାଜିରାଓ ହୃଦୟଙ୍ଗମ କରିଥିଲେ। ଏହାପରେ ସେ ଦୁଇଜଣଙ୍କୁ କଠିନ ପରିଶ୍ରମ ତଥା ଟ୍ରେନିଂ ଦେବାକୁ ଉତ୍ସାହିତ କରିଥିଲେ।

ଆରତୀ ଓ ଜ୍ୟୋତି ୨୦୧୫ ଓ ୨୦୧୪ରେ ଯଥାକ୍ରମେ ପ୍ରଥମ ଜାତୀୟ ପଦକ ହାସଲ କରିଥିଲେ। ପୁଣେରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଜ୍ୟୋତି ୨୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସ୍ୱର୍ଣ୍ଣ ଓ ୧୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ଏଥିରେ ଆରତି ଅଂଶଗ୍ରହଣ କରି ନ ଥିଲେ ମଧ୍ୟ ଭଉଣୀ ଜ୍ୟୋତିଙ୍କ ସଫଳତାରେ ବେଶ୍ ଆନନ୍ଦିତ ଥିଲେ। ୨୦୧୬ରେ ଦୁଇ ଭଉଣୀ ସାଉଥ୍ ଏସିଆନ ଗେମ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ ହେଁ ପଦକ ଜିତିପାରି ନ ଥିଲେ ମଧ୍ୟ ଅନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିଥିଲେ। ବାପା ହେଉଛନ୍ତି ଆମର ଆଦର୍ଶ ଓ ତାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ଆମର ସବୁଠାରୁ ବଡ଼ ଲକ୍ଷ୍ୟ ବୋଲି ଦୁଇ ଭଉଣୀ କହିଛନ୍ତି।

### ସଂକ୍ଷେପରେ ..

ନାମ: ଆରତି ଓ ଜ୍ୟୋତି ପାଟିଲ (ଯାଆଁଳା ଭଉଣୀ)
ପିତା: ବାଜିରାଓ ପାଟିଲ (କନ୍‌ଷ୍ଟେବଲ, ମୁମ୍ବାଇ ପୋଲିସ)
ବୟସ: ୨୨ ବର୍ଷ
ପଢ଼ା: ମୁମ୍ବାଇ ବିଶ୍ୱବିଦ୍ୟାଳୟ
ହୋମ ଟାଉନ: ମୁମ୍ବାଇ
ପ୍ରଥମ ଜାତୀୟ ପଦକ: ୨୦୧୪ (ଆରତି) ୨୦୧୫ (ଜ୍ୟୋତି)

**ପ୍ରସ୍ତୁତି : ରଞ୍ଜନ କୁମାର ରାୟ**

# ଦକ୍ଷିଣ ଆଫ୍ରିକାର ଭାରତ ଗସ୍ତ

**ନ୍ୟୁଜିଲାଣ୍ଡ ଗସ୍ତର ବିପର୍ଯ୍ୟୟ ପରେ ଭାରତ ଘରୋଇ ପରିବେଶରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳିବାକୁ ଯାଉଛି। ଏହି ସିରିଜ ଜିତି ଭାରତ ପରାଜୟ ଗ୍ଲାନି ଭୁଲିବା ସହ ଆତ୍ମବିଶ୍ୱାସ ଫେରିପାଇବାକୁ ପ୍ରୟାସ କରିବ...**


**ନିର୍ମଳ କୁମାର ମିଶ୍ର**

ଟିମ୍ ଇଣ୍ଡିଆର ଅଧିନାୟକ ବିରାଟ କୋହଲିଙ୍କ ପାଇଁ ନ୍ୟୁଜିଲାଣ୍ଡ ଗସ୍ତ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ଟି୨୦ ସିରିଜର ସଫଳତା ପରେ ଭାରତ ଏକଦିବସୀୟ ଏବଂ ଟେଷ୍ଟ ସିରିଜରେ ହ୍ୱାଇଟ୍ ୱାଶ୍‌ର ସମ୍ମୁଖୀନ ହୋଇଥିଲା। ଏପରି ପରାଜୟ ଭାରତର କ୍ରୀଡାପ୍ରେମୀ, ଚୟନକର୍ତ୍ତା ଏବଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଚିନ୍ତାରେ ପକାଇଛି। ଏକଦିବସୀୟ ସିରିଜ ୩–୦ ପରାଜୟ ଏବଂ ଟେଷ୍ଟ ସିରିଜ ୨–୦ରେ ହାରିବା ପୁନର୍ବାର ଟିମ୍‌ଇଣ୍ଡିଆର ଗେମ ପ୍ଲାନକୁ ବିଫଳ ସାବ୍ୟସ୍ତ କରିଛି। ଯଦିଓ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ପାଇଁ ୩୬୦ ରେଟିଂ ପଏଣ୍ଟ ସହ ଟିମ୍ ଇଣ୍ଡିଆ ଆଗରେ ରହିଛି ତଥାପି ଇଂଲଣ୍ଡ ସହ ଖେଳାଯିବାକୁ ଥିବା ୫ଟି ଟେଷ୍ଟମ୍ୟାଚ ଉପରେ ସମସ୍ତଙ୍କର ନଜର ରହିଛି। ସର୍ବୋପରି ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କ ଖରାପ୍ ବ୍ୟାଟିଂ ପାଇଁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡିଛି। କୋହଲି ୨ଟି ଟେଷ୍ଟ ମ୍ୟାଚର ୪ଟି ଇନିଂସରେ ମାତ୍ର ୩୮ରନ୍ (୯.୫ ଆଭରେଜ) ସଂଗ୍ରହ କରିଛନ୍ତି। ନବାଗତମାନଙ୍କ ମଧ୍ୟରେ ପୃଥୀ ଶ, ହନୁମା ବିହାରୀ ଏବଂ ମୟଙ୍କ ଅଗ୍ରୱାଲ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଯଶପ୍ରୀତ ବୁମରା, ମହମ୍ମଦ ସାମି ଏବଂ ଉମେଶ ଯାଦବଙ୍କ ବୋଲିଂ ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇ ନ ଥିଲା।

ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଦକ୍ଷିଣ ଆଫ୍ରିକା ଦଳ ୩ଟି ଏକଦିବସୀୟ ମ୍ୟାଚ ଖେଳିବା ପାଇଁ ଭାରତ ଗସ୍ତରେ ଆସୁଛି। ଚଳିତ ମାସ ୧୨ତାରିଖରୁ ଏହି ସିରିଜ ଆରମ୍ଭ ହୋଇ ମାର୍ଚ୍ଚ ୧୮ତାରିଖ ପର୍ଯ୍ୟନ୍ତ ଖେଳାଯିବ। ପ୍ରଥମ ଏକଦିବସୀୟ ମ୍ୟାଚ ହିମାଚଳ ପ୍ରଦେଶର ଧର୍ମଶାଳା ଷ୍ଟାଡିୟମ୍‌ରେ ମାର୍ଚ୍ଚ ୧୨ତାରିଖରେ ଖେଳାଯିବାକୁ ଥିବା ବେଳେ, ଦ୍ୱିତୀୟ ଏକଦିବସୀୟ ମ୍ୟାଚ ମାର୍ଚ୍ଚ ୧୫ତାରିଖରେ ଲକ୍ଷ୍ନୌର ଅଟଳ ବିହାରୀ ବାଜପେୟୀ ଷ୍ଟାଡିୟମ୍ ଏବଂ ୩ୟ ମ୍ୟାଚ ମାର୍ଚ୍ଚ ୧୮ତାରିଖରେ କୋଲକାତାର ଇଡେନ୍ ଗାର୍ଡେନ୍‌ଠାରେ ଖେଳାଯିବ।

ହାର୍ଦ୍ଦିକ ପାଣ୍ଡ୍ୟା, ଭୁବନେଶ୍ୱର କୁମାର ଏବଂ ଶିଖର ଧାୱନ ଦଳକୁ ପ୍ରତ୍ୟାବର୍ତ୍ତନ କରିବାର ବେଶ୍ ସମ୍ଭାବନା ରହିଛି। ମନୀଷ ପାଣ୍ଡେ, ଶାର୍ଦ୍ଦୁଳ ଠାକୁର ସୁଯୋଗ ପାଇବା ସମ୍ଭାବନା ରହିଛି।

ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ଦ୍ୱିପାକ୍ଷିକ ଏକଦିବସୀୟ ସିରିଜ ୧୯୯୧ ମସିହାରୁ ଆରମ୍ଭ ହୋଇଥିବା ବେଳେ ଭାରତ ମୋଟ ୧୦ଟି ସିରିଜ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟ ୧୦ଟି ସିରିଜ ବିଜୟୀ ହୋଇଛି। ଗୋଟିଏ ସିରିଜ ଡ୍ର'ରେ ସମାପ୍ତ ହୋଇଛି। କୌଣସି ଫଳାଫଳ ମିଳିପାରି ନାହିଁ। ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ସାଉଥ ଆଫ୍ରିକାର ସର୍ବାଧିକ ସ୍କୋର ଭାରତ ବିପକ୍ଷରେ ୪୩୮ ରହିଥିବା ବେଳେ ଟିମ୍ ଇଣ୍ଡିଆର ୪୦୧ ରହିଛି। ସାଉଥ ଆଫ୍ରିକା ୯ଥର ୩୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ବେଳେ ଭାରତ ୭ଥର ୩୦୦ରୁ ଅଧିକ ରନ୍ ସଂଗ୍ରହ କରିଛି।

ସେହିପରି ବ୍ୟାଟିରେ ଅଧିନାୟକ ବିରାଟ କୋହଲି ୨୦୧୦–୧୯ ମଧ୍ୟରେ ୨୭ଟି ମ୍ୟାଚ ଖେଳି ୧୨୮୭ ରନ୍ ସଂଗ୍ରହ କରିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକା ଡେଭିଡ୍ ମିଲର ୧୯ ମ୍ୟାଚରୁ ୩୩୨ ରନ୍ କରିଛନ୍ତି।

ସେହିପରି ବୋଲିଂରେ ବର୍ତ୍ତମାନର ଖେଳାଳିମାନଙ୍କ ମଧ୍ୟରେ ଭାରତ ପକ୍ଷରୁ କୁଳଦୀପ ଯାଦବ, ୟୁଜଭେନ୍ଦ୍ର ଚହଲ ସ୍ପିନରେ ଏବଂ ଭୁବନେଶ୍ୱର କୁମାର ଏବଂ ଯଶପ୍ରୀତ ବୁମରା ବେଶ୍ ସଫଳତା ପାଇଛନ୍ତି। ଚହଲ ୨୦ଟି ଉଇକେଟ ନେଇଥିବା ବେଳେ କୁଳଦୀପ ୧୮ଟି ଏବଂ ଭୁବନେଶ୍ୱର କୁମାର ୧୫ଟି ଉଇକେଟ ହାସଲ କରିଛନ୍ତି।

### ଦିନିକିଆ ସିରିଜ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ୧୨ ମାର୍ଚ୍ଚ | ପ୍ରଥମ ଦିନିକିଆ | ଧର୍ମଶାଳା | ଅପରାହ୍ନ ୧.୩୦ |
| ୧୫ ମାର୍ଚ୍ଚ | ଦ୍ୱିତୀୟ ଦିନିକିଆ | ଲକ୍ଷ୍ନୌ | ଅପରାହ୍ନ ୧.୩୦ |
| ୧୮ ମାର୍ଚ୍ଚ | ତୃତୀୟ ଦିନିକିଆ | କୋଲକାତା | ଅପରାହ୍ନ ୧.୩୦ |


ବିରାଟ କୋହଲି


କ୍ୱିଣ୍ଟନ ଡିକକ୍

ଏଥି ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ପାଇଁ ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡ ଉଇକେଟକିପର ବ୍ୟାଟସମ୍ୟାନ କ୍ୱିଣ୍ଟନ ଡି କକ୍‌ଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଦଳ ଘୋଷଣା କରିଛି। ଅଭିଜ୍ଞ ଫାଫ୍ ଡୁପ୍ଲେସି ଏବଂ ରାସି ଭାନଡେର ଡସେନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଦକ୍ଷିଣ ଆଫ୍ରିକା ଦଳ ବେଶ୍ ସନ୍ତୁଳିତ ଜଣାପଡୁଛି। ଭାରତୀୟ ଦଳ ବିରାଟ କୋହଲିଙ୍କ ନେତୃତ୍ୱରେ ପଡିଆକୁ ଓହ୍ଲାଇବ। ରୋହିତ ଶର୍ମା, ଆଘାତ ସମସ୍ୟା ଯୋଗୁ ବାଦ ପଡିଥିବା ୧୯୯୧–୯୨ରେ ୨–୧ରେ ଟିମ୍ ଇଣ୍ଡିଆ ଏବଂ ଶେଷ ୨୦୧୭–୧୮ରେ ଖେଳାଯାଇଥିବା ୬ଟି ଏକଦିବସୀୟ ମ୍ୟାଚ ସିରିଜରେ ଟିମ୍ ଇଣ୍ଡିଆ ୫–୧ରେ ସିରିଜ ବିଜୟୀ ହୋଇଛି। ଉଭୟ ଦେଶ ମଧ୍ୟରେ ଏପର୍ଯ୍ୟନ୍ତ ୮୫ଟି ଏକଦିବସୀୟ ମ୍ୟାଚ ଖେଳାଯାଇଥିବା ବେଳେ ଟିମ୍ ଇଣ୍ଡିଆ ୩୫ଟି ମ୍ୟାଚ ଜିତି ପଛରେ ରହିଥିବା ବେଳେ ସାଉଥ ଆଫ୍ରିକା ୪୬ଟି ମ୍ୟାଚ ଜିତିଛି। ସେଥି ମଧ୍ୟରୁ ୨ଟି ମ୍ୟାଚ ଖେଳାଯାଇ ନ ଥିବାବେଳେ ୩ଟି ମ୍ୟାଚ ବାତିଲ ହୋଇଛି। ଗୋଟିଏ ମ୍ୟାଚରୁ ସଂଗ୍ରହ କରିଥିବା ବେଳେ ତାଙ୍କର ସର୍ବାଧିକ ସ୍କୋର ୧୬୦ରନ୍ ନଟ୍ ଆଉଟ୍ ରହିଛି ସେଥିମଧ୍ୟରେ ୪ଟି ଶତକ ଏବଂ ୬ଟି ଅର୍ଦ୍ଧଶତକ ରହିଛି। ରୋହିତ ଶର୍ମା ୨୫ ମ୍ୟାଚରୁ ୭୬୬ ରନ୍ (ସର୍ବାଧିକ ୧୫୦) ୩ଟି ଶତକ ଏବଂ ୨ଟି ଅର୍ଦ୍ଧଶତକ ରହିଛି। ସାଉଥ ଆଫ୍ରିକା ପକ୍ଷରୁ କ୍ୱିଣ୍ଟନ ଡିକକ, ଫାଫ୍ ଡୁପ୍ଲେସି, ଡେଭିଡ୍ ମିଲର ବ୍ୟାଟିଂରେ ବେଶ୍ ସଫଳତା ପାଇଛନ୍ତି। ଡିକକ୍ ୧୩ଟି ମ୍ୟାଚରୁ ୭୮୪ରନ୍ (୫ଟି ଶତକ), ଡୁପ୍ଲେସି ୧୪ମ୍ୟାଚରୁ ୬୧୬ ରନ୍ (୨ଟି ଶତକ, ୫ଟି ଅର୍ଦ୍ଧଶତକ) ଏବଂ ପକ୍ଷରୁ କାଗିସୋ ରାବାଡା ୧୫ଟି ଉଇକେଟ ନେଇ ଆଗରେ ରହିଛନ୍ତି। ଦିନିକିଆ ର୍‍ୟାଙ୍କିଂଗ୍‌ରେ ଭାରତ ୧୧୮ ପଏଣ୍ଟ ସହ ୨ୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୧୧୨ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡରେ ବିଫଳତା ପରେ ଭାରତ ପ୍ରତ୍ୟାବର୍ତ୍ତନ କରିବାର ଆଶା କରାଯାଉଛି। ଏହି ସିରିଜ ଭାରତ ପାଇଁ ଆତ୍ମସମ୍ମାନର ପ୍ରଶ୍ନ ସୃଷ୍ଟି କରିଛି। ଭାରତକୁ ହରାଇବା ଦକ୍ଷିଣ ଆଫ୍ରିକା ପାଇଁ ବେଶ୍ କଷ୍ଟ କର ହେବ।



ଭାରତ ଉପରେ କରୋନା ପ୍ରଭାବକୁ ନିରନ୍ତର ଭିତ୍ତିରେ କେନ୍ଦ୍ରୀୟ ବ୍ୟାଙ୍କ ଧ୍ୟାନରେ ରଖିଥିବା ବେଳେ ଉଚିତ ପଦକ୍ଷେପ ଗ୍ରହଣ କରିବ। **–ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର**



ଭାରତରେ କ୍ରିପ୍ଟୋକରେନ୍ସି ବ୍ୟବହାର ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଅନୁମତି ଉପରେ କେନ୍ଦ୍ର ସରକାର ବିଭିନ୍ନ ଦିଗକୁ ବିଚାର କରିବେ। **–ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ**

## ସଂକ୍ଷେପରେ

### ହୁଡ୍‌କୋ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫-୩: କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ହୁଡ୍‌କୋ ପକ୍ଷରୁ ଚଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ଓଡିଶାରେ ୩୯୭.୪୮ କୋଟି ଟଙ୍କା ସହାୟତା ମଞ୍ଜୁର କରାଯାଇଛି। ୪ଟି ପ୍ରକଳ୍ପ ଲାଗି ଏହି ଅର୍ଥ ମଞ୍ଜୁର କରାଯାଇଥିବା ହୁଡ୍‌କୋ ପକ୍ଷରୁ ସୂଚନା ରହିଛି। ଫନୀ ସମୟରେ ପ୍ରଭାବିତ ହୋଇଥିବା ପୁରୀର ୫୦ ଗ୍ରାମର ମତ୍ସ୍ୟଜୀବୀ ପରିବାରଗୁଡ଼ିକୁ ହୁଡ୍‌କୋ ପକ୍ଷରୁ ଡଙ୍ଗାଗୁଡ଼ିକର ମରାମତି ଲାଗି ସହାୟତା ଯୋଗାଇ ଦିଆଯାଇଛି। ଗଜପତି ଏବଂ ମାଲକାନଗିରି ଜିଲାରେ ୨ଟି ପ୍ରକଳ୍ପକୁ ଏହା ଅନୁମୋଦନ ପ୍ରଦାନ କରିଛି। ଗଜପତିରେ ୭ଟି ଆଦର୍ଶ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ ସ୍ଥାପନ ନେଇ ଏହା କାର୍ଯ୍ୟ କରୁଛି। ଆମ୍ବୁଲାନ୍ସ ପରିବହନ ସେବାକୁ ମଜଭୁତ କରିବା ନିମନ୍ତେ ୪ଟି ଆମ୍ବୁଲାନ୍ସ କ୍ରୟ ନେଇ ଏହି ଯୋଜନା ହାତକୁ ନେଇଛି। ଏହା ଦ୍ୱାରା ମାଲକାନଗିରିର ୭ଟି ବ୍ଲକର ଲୋକମାନେ ଉପକୃତ ହୋଇପାରିବେ। ଏହାବାଦ ସମ୍ବଲପୁର ଜିଲାର ୧୦ଟି ସ୍କୁଲରେ ସ୍ମାର୍ଟ କ୍ଲାସରୁମ ପ୍ରତିଷ୍ଠା ଲକ୍ଷ୍ୟ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଶୀଘ୍ର କାର୍ଯ୍ୟକ୍ଷମ ହେବ ଏନ୍‌ଟିପିସି ଦର୍ଲିପାଲି ୨ୟ ୟୁନିଟ




ଭୁବନେଶ୍ୱର,୫–୩

ଦେଶର ସର୍ବବୃହତ୍ ଶକ୍ତି ଉତ୍ପାଦନକାରୀ କମ୍ପାନୀ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ ଲିମିଟେଡ(ଏନ୍‌ଟିପିସି) ଓଡ଼ିଶାର ସୁନ୍ଦରଗଡ ଜିଲା ଦର୍ଲିପାଲିରେ ସ୍ଥାପନ ହୋଇଥିବା ଏହାର ପ୍ରଥମ ୮୦୦ ମେଗାୱାଟ କ୍ଷମତା ବିଶିଷ୍ଟ ୟୁନିଟକୁ ଚଳିତ ମାସ ପହିଲାରେ ଶୁଭାରମ୍ଭ କରିଛି। କମ୍ପାନୀ ଏହାର ସୁପର ପାୱାର ଥର୍ମାଲ ଷ୍ଟେଶନର ୮୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଦ୍ୱିତୀୟ ୟୁନିଟକୁ ଆସନ୍ତା ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସ ସୁଦ୍ଧା କାର୍ଯ୍ୟକ୍ଷମ କରାଇବାକୁ ଲକ୍ଷ୍ୟ ରଖିଥିବା ଗୁରୁବାର ସୂଚନା ଦେଇଛି। ଆଗାମୀ ୬ ମାସ ମଧ୍ୟରେ ଏହି ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଏନ୍‌ଟିପିସିର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ( ଇଷ୍ଟର୍ନ ରିଜିୟନ–୨) ସଞ୍ଜୀବ କିଶୋର କହିଛନ୍ତି ଯେ, ଦର୍ଲିପାଲିରୁ ଉତ୍ପାଦନ ହେବାକୁ ଥିବା ବିଦ୍ୟୁତ ଶକ୍ତି ମଧ୍ୟରୁ ୪୭୦ ମେଗାୱାଟ ଶକ୍ତି ଓଡିଶା ପାଇବ। ତ୍ରିପୁରା, ଆସାମ ଏବଂ ମେଘାଳୟ ଭଳି ରାଜ୍ୟ ସହ କମ୍ପାନୀ ବିକ୍ରି ଚୁକ୍ତିରେ ସାମିଲ ହୋଇଛି। ଏହାବାଦ ବିହାର ଏବଂ ଛତିଶଗଡ ଭଳି ରାଜ୍ୟକୁ ମଧ୍ୟ କିଛି ପରିମାଣର ବିଦ୍ୟୁତ ଯୋଗାଣ ନେଇ ଲକ୍ଷ୍ୟ ରଖାଯାଇଛି।

ରାଜ୍ୟରେ ଏନ୍‌ଟିପିସି ପାୱାର ପ୍ଲାଣ୍ଟ ଇଷ୍ଟର୍ନ ରିଜିୟନ ୨ରେ ଆସୁଥିବା ବେଳେ ଏଗୁଡିକର ହାରାହାରି ପ୍ଲାଣ୍ଟ ଲୋଡ ଫାକ୍ଟର (ପିଏଲ୍‌ଏଫ୍) ୭୫% ରହିଛି। ସାରା ଦେଶରେ ଏହି ହାର ୬୬.୧୩% ରହିଛି। ଦେଶର ସବୁ ଶକ୍ତି ପ୍ଲାଣ୍ଟଗୁଡିକର ହାରାହାରି ପିଏଲ୍‌ଏଫ୍ ୫୫.୮୪% ରହିଛି। କୋଇଲା ଯୋଗାଣରେ ବାଧା ଏବଂ ଶକ୍ତି ଚାହିଦା କମିଲେ ଥର୍ମାଲ ପାୱାର ପ୍ଲାଣ୍ଟଗୁଡିକର ଲୋଡ୍ କମିଥାଏ। ଏହାବାଦ ଜଳ ବିଦ୍ୟୁତ୍ ଶକ୍ତି ଏବଂ ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନ ବୃଦ୍ଧି ଏ ଦିଗରେ ଏକ ମଧ୍ୟ ଏକ କାରକ ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏନ୍‌ଟିପିସି ଇଷ୍ଟର୍ନ ରିଜିୟନ–୨ର ଇନଷ୍ଟାଲ କ୍ଷମତା ୫୦୨୦ ମେଗାୱାଟ ରହିଛି। ଏହା ମଧ୍ୟରେ ତାଳଚେର ଥର୍ମାଲ ପାୱାର ଷ୍ଟେଶନ(୪୬୦ ମେଗାୱାଟ), ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେଶନ(୩୦୦୦ ମେଗାୱାଟ), କଣିହା ସୋଲାର ପାୱାର ପ୍ଲାଣ୍ଟ (୧୦ ମେଗାୱାଟ), ଦର୍ଲିପାଲି ସୁପର ପାୱାର ଷ୍ଟେଶନ (୮୦୦) ମେଗାୱାଟ ଏବଂ ଆସାମର ବଙ୍ଗାଇଗାଉଁରେ ୩ ୟୁନିଟ (୭୫୦ ମେଗାୱାଟ ) ସାମିଲ ରହିଛି। ସାରା ଦେଶରେ ଏନ୍‌ଟିପିସିର ୨୪ କୋଇଲା ଭିତ୍ତିକ ପାୱାର ଷ୍ଟେଶନ ରହିଛି। ଏଗୁଡିକର ମୋଟ ଉତ୍ପାଦନ କ୍ଷମତା ପ୍ରାୟ ୫୮,୧୫୬ ମେଗାୱାଟ ହେବ। ଏହାବାଦ କମ୍ପାନୀର ଗୋଟିଏ ଜଳବିଦ୍ୟୁତ ପ୍ଲାଣ୍ଟ ଏବଂ ୧୧ ସୋଲାର ପ୍ଲାଣ୍ଟ ସାମିଲ ରହିଛି।

### ତାଳଚେର ଥର୍ମାଲଠାରେ ଆସିବ ୨ ନୂଆ ୟୁନିଟ

ତାଳଚେର ଥର୍ମାଲ ପାୱାର ଷ୍ଟେଶନଠାରେ ଏନ୍‌ଟିପିସିର ୨ ନୂଆ ୟୁନିଟ ସ୍ଥାପନ କରାଯିବ। ଏଥିରେ ୭,୬୭୮.୪୬ କୋଟି ଟଙ୍କା ନିବେଶ ହେବ। ଏହି ୟୁନିଟଗୁଡିକର କ୍ଷମତା ୧୩୨୦ ମେଗାୱାଟ ରହିବ। ରାଜ୍ୟ ସରକାର ଏଥି ଲାଗି ମଞ୍ଜୁରି ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ଆଉ ୩ ୟୁନିଟ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ଏନ୍‌ଟିପିସି ଆଉ ୨ ହଜାର ମେଗାୱାଟ କ୍ଷମତା ଶକ୍ତି ଉତ୍ପାଦନ ଯୋଡିବ। ପୂର୍ବର ଯୋଜନା ଅନୁସାରେ ତାଳଚେରଠାରେ ୯୭୮୫ କୋଟି ଟଙ୍କା ନିବେଶରେ ୨ ୟୁନିଟ ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଥିଲା।

# ଭାରତ ମସଲାକୁ ଟାଇମ୍ସ ବିଜ୍‌ନେସ ଆୱାର୍ଡ




ଭୁବନେଶ୍ୱର,୫–୩

ଭାରତ ମସଲାକୁ ଟାଇମ୍ସ ବିଜ୍‌ନେସ ଆୱାର୍ଡ–୨୦୨୦ ପ୍ରଦାନ କରାଯାଇଛି। ନିକଟରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତ ମସଲାର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡାଙ୍କୁ ଟାଇମ୍ସ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଛି। ମସଲା ଜଗତରେ ଓଡ଼ିଶାକୁ ତାଙ୍କର ଅବଦାନ, ଜୀବନବ୍ୟାପୀ ସଂଗ୍ରାମ, ମସଲାର ଗୁଣବତ୍ତା ଲାଗି ନିରନ୍ତର ପ୍ରଚେଷ୍ଟା ଓ ଗ୍ରାହକ ସନ୍ତୁଷ୍ଟି ସେବା ପ୍ରଦାନ ପାଇଁ ପ୍ରତିବଦ୍ଧତା ଲାଗି ଏଭଳି ସମ୍ମାନ ପ୍ରଦାନ କରାଯାଇଥିବା ଭାରତ ମସଲା ପକ୍ଷରୁ ସୂଚନା ଦିଆଯାଇଛି।

# ସେବା ଯୋଗାଣକୁ ଦୃଢ଼ କରୁଛି ଫେଡେରାଲ ବ୍ୟାଙ୍କ: ଏମ୍‌ଡି

ଭୁବନେଶ୍ୱର,୫–୩

ଫେଡେରୋଲ ବ୍ୟାଙ୍କ ସାରା ଦେଶରେ ୧୨୬୦ ଶାଖା ଏବଂ ଓଡିଶାରେ ୨୬ ଶାଖା ସହ ସେବା ଯୋଗାଇ ଦେଉଛି। ଗୁରୁବାର ଭୁବନେଶ୍ୱରରେ ଏକ ନୂଆ ଶାଖା ବ୍ୟାଙ୍କ ଶୁଭାରମ୍ଭ କରିଛି। ବ୍ୟାଙ୍କ ସର୍ବଦା ଗୁଣବତ୍ତା ସେବା ଯୋଗାଣ ଦିଗରେ ଧ୍ୟାନ କେନ୍ଦ୍ରିତ କରିଛି। ଅନାଦାୟ ଋଣ ଏବଂ ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବେଳେ ବିଭିନ୍ନ ଚ୍ୟାନେଲରେ ସେବା ଯୋଗାଣ ଧାରା ଦୃଢ କରୁଥିବା ଏହାର ଏମ୍‌ଡି ତଥା ସିଇଓ ଶ୍ୟାମ ଶ୍ରୀନିବାସନ ସୂଚନା ଦେଇଛନ୍ତି।

ବ୍ୟାଙ୍କର ନୂଆ ଶାଖା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ଋଣ ଅଭିବୃଦ୍ଧି ୧୩% ରହିଛି। ଏହି ସମୟରେ ସାରା ଦେଶର ଋଣ ଅଭିବୃଦ୍ଧି ୬ ରୁ ୭% ରହିଛି। ଏହାବାଦ ବ୍ୟାଙ୍କର ଜମା ଅଭିବୃଦ୍ଧି ୧୭% ରହିଛି। ଗତ କିଛି ବର୍ଷ ଧରି ବ୍ୟାଙ୍କ ବଜାର ତୁଳନାରେ ପ୍ରାୟ ୨ ଗୁଣ ଅଭିବୃଦ୍ଧି ହାସଲ କରିଛି। ଏହା ଦ୍ୱାରା ବଜାରରେ ଏକ ପ୍ରମୁଖ ପ୍ଲେୟର ଭାବେ ନିଜକୁ ପ୍ରତିପାଦିତ କରାଇବାକୁ ସକ୍ଷମ ହୋଇଥିବା ସେ ମତ ରଖିଛନ୍ତି।


ଶ୍ୟାମ ଶ୍ରୀନିବାସନ

ବ୍ୟାଙ୍କର କାର୍ଯ୍ୟଧାରା ଉପରେ ସେ ମତ ରଖି କହିଛନ୍ତି, ଏହି ସମୟରେ ବ୍ୟାଙ୍କର ମୋଟ ଏନ୍‌ପିଏ ୨.୯୯% ରହିଛି। ଗ୍ରାହକଙ୍କ ସ୍ଥାନୀୟ ଆବଶ୍ୟକତାକୁ ବିଚାର କରି ସେବା ଯୋଗାଣ ଦେଉଛି। ଗ୍ରାହକ କିଭଳି ଉନ୍ନତ ସେବା ଏବଂ ପ୍ରଫେଶନାଲ ଅଭିଜ୍ଞତା ପାଇବେ ତାକୁ ବିଚାର କରାଯାଇଛି। ସାରା ଦେଶରେ ସେବା ଯୋଗାଣ ଧାରାକୁ ଆହୁରି ଉନ୍ନତ କରିବାକୁ ପ୍ରଚେଷ୍ଟା ଜାରି ରହିଛି। ସର୍ବଦା ଲୋକଙ୍କ ନିକଟକୁ ଯାଇ ସେବା ଯୋଗାଇଦେବା ଉପରେ ବିଚାର କରାଯାଉଛି। ଟେକ୍ନୋଲୋଜି ଆଧାରରେ କଲିକତାରେ 'ଫେଡ୍ ଇଷ୍ଟ ଷ୍ଟୁଡିଓ' ସେବା ପରୀକ୍ଷଣ ଭିତ୍ତିରେ ଆରମ୍ଭ କରାଯାଇଛି। ଏଥିରେ ଗ୍ରାହକମାନେ ଡିଜିଟାଲ ଭାବେ ୨୪ ଘଣ୍ଟିଆ ବ୍ୟାଙ୍କିଙ୍ଗ୍‌ର ସମସ୍ତ ସେବା ପାଇପାରିବେ। ବ୍ୟାଙ୍କ ରିଟେଲ ବର୍ଗରେ ୨୦% ଏବଂ ଏମ୍‌ଏସ୍‌ଏମ୍‌ଇ ବର୍ଗରେ ୨୦%ରୁ ଉର୍ଦ୍ଧ୍ୱ ଅଭିବୃଦ୍ଧି କରୁଛି। ଏବେ ମଧ୍ୟ ଭାରତର ଅନେକ ସ୍ଥାନରେ ବ୍ୟାଙ୍କ ସେବା ପହଞ୍ଚି ନ ଥିବା ଯୋଗୁ ଏଠାରେ ସୁଯୋଗ ରହିଥିବା ସେ ସ୍ପଷ୍ଟ କରିଛନ୍ତି। ଏହାବାଦ ବ୍ୟାଙ୍କର ଯୋଗାଣ ଚ୍ୟାନେଲ ଉପରେ ସେ ମତ ରଖି କହିଛନ୍ତି ଯେ, ବ୍ୟାଙ୍କର କ୍ୟାପିଟାଲ ଆଡିକ୍ୱେସି ୧୪%ରୁ ଉର୍ଦ୍ଧ୍ୱ ରହିଛି। ସମ୍ପ୍ରସାରଣ ଧାରାକୁ ତ୍ୱରାନ୍ୱିତ କରାଯିବାକୁ ଥିବା ବେଳେ ସବୁଠାରେ ସେବା ଯୋଗାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। 'ବ୍ରାଞ୍ଚ ଲାଇଟ ଡିଷ୍ଟ୍ରିବ୍ୟୁଶନ ହେଭି' ଆଧାରରେ ସେବା ଯୋଗାଣ କରାଯିବ। ଏହା ମଧ୍ୟରେ ଡିଜିଟାଲ, ରିଲେଶନଶିପ ମ୍ୟାନେଜର,ଟେକ୍ନୋଲୋଜି, ଶାଖା ସ୍ତରୀୟ, ପାର୍ଟନରଶିପ, ଥାର୍ଡ ପାର୍ଟି ଆସୋସିଏଶନ, ବିଜନେସ କରେସପଣ୍ଡେଣ୍ଟ, ଆଉଟବଣ୍ଡ, କଲ୍‌ଇନ୍ ସାମିଲ ରହିଛି। ବ୍ୟାଙ୍କ ଦେଶ ମଧ୍ୟକୁ ରେମିଟାନ୍ସ କ୍ଷେତ୍ରରେ ଏକ ପ୍ରମୁଖ ପାର୍ଟନର ହୋଇପାରିଛି। ଏହି କ୍ଷେତ୍ରରେ ବ୍ୟାଙ୍କର ଅଂଶ ୧୫ରୁ ୧୬% ରହିଛି। ଘରୋଇ ବଜାରରେ ଦେଶରେ ବିପୁଳ ସୁଯୋଗ ରହିଥିବାରୁ ବ୍ୟାଙ୍କ ମିଶ୍ରଣ ଦ୍ୱାରା ଘରୋଇ ବ୍ୟାଙ୍କ ପ୍ରଭାବିତ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ହୋଣ୍ଡାର ନୂଆ ଆଫ୍ରିକା ଟ୍ୱିନ୍ ଆଡ୍‌ଭେଞ୍ଚର ସ୍ପୋର୍ଟସ୍

ଭୁବନେଶ୍ୱର,୫–୩



ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୨୦୨୦ ଆଫ୍ରିକା ଟ୍ୱିନ୍ ଆଡ୍‌ଭେଞ୍ଚର ସ୍ପୋର୍ଟସ୍ ବାଇକ୍‌ର ବିଏସ୍–୬ ମଡେଲ୍‌କୁ ଉନ୍ମୋଚନ କରାଯାଇଛି। ୨୦୨୦ ଡାକାର ରାଲିର ବିଶ୍ୱ ଚାମ୍ପିୟନ୍ ରିକି ବ୍ରାବେକ୍‌ଙ୍କ ଦ୍ୱାରା ଗୁରୁବାର ଏହି ବାଇକ୍‌ର ଉଭୟ ମାନୁଆଲ ଓ ଡିସିଟି ଟ୍ରାନ୍ସମିସନ୍ ଭାରିଆଣ୍ଟ ଶୁଭାରମ୍ଭ ହୋଇଛି। ବ୍ରାବେକ୍‌ଙ୍କ ଏହା ହେଉଛି ପ୍ରଥମ ଭାରତ ଗସ୍ତ। ସେ ଗତ ଜାନୁୟାରୀରେ ପ୍ରଥମ ଆମେରିକୀୟ ଚାଳକ ଭାବେ ଡାକାର ରାଲି ଜିତିବାର ସୌଭାଗ୍ୟ ହାସଲ କରିଛନ୍ତି।

ଆଫ୍ରିକା ଟ୍ୱିନ୍‌ର ବିଏସ୍–୬ ମଡେଲ୍ ସଂକ୍ରାନ୍ତରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ମିନୁରୋ କାଟୋ କହିଛନ୍ତି ଯେ, ପ୍ରିମିୟମ ମୋଟରସାଇକେଲ୍ ବ୍ୟବସାୟରେ ହୋଣ୍ଡା ବିଏସ୍–୬ ଯୁଗ ଆରମ୍ଭ କରିଛି। ବିଶ୍ୱ ଚାମ୍ପିୟନ୍ ରିକି ବ୍ରାବେକ୍‌ଙ୍କୁ ଭାରତକୁ ଆଣି ଆମେ ବହୁତ ଖୁସି। ଆମର ବିଶ୍ୱାସ ରହିଛି ଯେ ୨୦୨୦ ଆଫ୍ରିକା ଟ୍ୱିନ୍ ରୋମାଞ୍ଚକୁ ପରବର୍ତ୍ତୀ ସ୍ତରକୁ ନେବ। ୨୦୨୦ ଆଫ୍ରିକା ଟ୍ୱିନ୍ ଆଡ୍‌ଭେଞ୍ଚର ସ୍ପୋର୍ଟସ୍‌ର ବିଏସ୍–୬ ମଡେଲ୍‌ର ଏକ୍ସ ଶୋ'ରୁମ୍ ଦାମ୍ ୧୫.୩୫ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି।

# ୨୭ରେ ବ୍ୟାଙ୍କ ଧର୍ମଘଟ

ନୂଆଦିଲ୍ଲୀ,୫–୩

ବ୍ୟାଙ୍କ ମିଶ୍ରଣକୁ ବିରୋଧ କରି ଦେଶର ବ୍ୟାଙ୍କ ସଂଘଗୁଡିକ ଚଳିତ ମାସ ୨୭ରେ ଧର୍ମଘଟ ଡାକରା ଦେଇଛନ୍ତି। ଏହି ସଂଘଗୁଡିକ ମଧ୍ୟରେ ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ (ଏଆଇବିଇଏ) ଏବଂ ଅଲ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ଏଆଇବିଓଏ) ରହିଛି। ଦେଶର ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଇ ୪ ବଡ ବ୍ୟାଙ୍କ ଗଠନ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ମଞ୍ଜୁରୀ ମିଳିଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ବ୍ୟାଙ୍କ ସଂଘଗୁଡିକ ୧୧ ମାର୍ଚ୍ଚରୁ ୩ ଦିନିଆ ଧର୍ମଘଟକୁ ପ୍ରତ୍ୟାହାର କରିଥିଲେ। ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ (ଆଇବିଏ) ସହ ବେତନ ସଂଶୋଧନ ଆଲୋଚନା ବିଫଳ ହେବା ଯୋଗୁ ସଂଘଗୁଡିକ ଧର୍ମଘଟକୁ ଓହ୍ଲାଇଛନ୍ତି।

**DISTRICT EDUCATION OFFICE, GANJAM, BRAHMAPUR**

Ph.: 0680-2233350 (O), E-mail: deoganjam11@gmail.com

L. No. 4625/MDM Dtd. 03.03.2020

**SHORT TENDER CALL NOTICE FOR ENGAGEMENT OF SEPARATE TRANSPORTING AGENTS UNDER MDM FEEDING PROGRAMME OF BRAHMAPUR/BHANJANAGAR/CHATRAPUR SUD-DIVISION OF GANJAM DISTIRCT FOR THE YEAR 2020-21**

Sealed tenders in prescribed format under two bid system are invited from intending Registered Firms/Authorized Licensed Transport Contractor/ Agents having valid TIN, PAN, GST Registration & Clearance Certificate for undertaking transportation of rice under MDM feeding programme in Brahmapur/Bhanjanagar/Chatrapur Sub-Division of Ganjam district for the year 2020-21. The tender paper (bid documents) containing detailed specification with terms and conditions can be obtained by downloading from the Ganjam distirct website **https://ganjam.nic.in**. The cost of tender paper is Rs.10,000/- which is to be deposited in shape of D.D. in favour of District Education Officer, Ganjam and enclosed in the technical bid of the tender. Last date and time for receipt of tender paper is **23.03.2020 at 3.00 P.M.** and will be opened on **24.03.2020 at 11.00 A.M.** in the Collectorate, Ganjam, Chatrapur. The quotations must be sent **through Registered Post/Speed Post only** addressed to District Education Officer, Ganjam, Brahmapur, PIN - 760005, Dist. Ganjam. Sending of quotations through couriers or by hand is not allowed. This office will not be responsible for any postal delay. The tender paper should be submitted in sealed cover super-scribing as **"TENDER FOR UNDERTAKING TRANSPORTATION WORK UNDER MDM FEEDING PROGRAMME IN BRAHMAPUR/ BHANJANAGAR/CHATRAPUR SUB-DIVISION OF GANJAM DISTRICT 2020-21".**

The authority reserves the right to reject any or all the tenders without assigning any reason thereof.

**Sd./- Collector, Ganjam**

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, SUBARNAPUR**

ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ସୁବର୍ଣ୍ଣପୁର

**TENDER CALL NOTICE**

**Advt. No.1395** **Date: 05.03.2020**

Sealed tender documents are invited from Agency / Firms / Company / Organization / Trust etc. for **Outsourcing of housekeeping & Cleaning Services under NIRMAL** of Subarnapur District. The details are available in the District website : **www.subarnapur.nic.in**. The bidders may also attend the pre bid meeting on dated **12.03.2020 at 11.30 A.M.** The eligible bidders may submit their tender papers on or before **19.03.2020 till 5 P.M.** through Registered Post / Speed Post only to the undersigned. The tender documents will be opened on the next day i.e. **20.03.2020 at 11.30 P.M.** in the DTU of the undersigned in presence / absence of the bidders. The undersigned reserves the right to accept or reject any or all the tender without assigning any reason thereof. Undersigned will not be responsible for any postal delay.

**Sd./- Chief District Medical & Public Health Officer, Subarnapur**

**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ତେଲ ଜଳସେଚନ ବିଭାଜନ, ସୋନପୁର**

**ସର୍ବସାଧାରଣ ନୋଟିସ୍**

ତେଲ ଜଳସେଚନ ବିଭାଗ, ଓଡ଼ିଶା ତଥା ସୋନପୁର ଜଳସେଚନ ବିଭାଜନ ସୁବର୍ଣ୍ଣପୁର ଅଧୀନସ୍ଥ ରୁଗୁଡ଼ିପାଲି ଡିଷ୍ଟ୍ରିବ୍ୟୁଟାରୀ କେନାଲ ଅନ୍ତର୍ଗତ ତେଲ ଜଳସେଚନ (ସମ୍ପ୍ରସାରଣ) ଯୋଜନାରେ ନିର୍ମାଣାଧୀନ ରୁଗୁଡ଼ିପାଲି ଡିଷ୍ଟ୍ରିବ୍ୟୁଟାରୀ କେନାଲ ପାଇଁ ଜମି ଅଧିଗ୍ରହଣ ଦ୍ୱିପାକ୍ଷିକ ରାଜିନାମା ଭିତ୍ତିରେ ସିଧାସଳଖ କ୍ରୟ କରାଯିବ।

ଏଣୁ ଆପଣଙ୍କୁ ଅନୁରୋଧ କରାଯାଉଛି କି, ଏହି ଜମିର ବିକ୍ରି କବଲା କରିବା ପାଇଁ ଆବଶ୍ୟକ ପଡୁଥିବା ନିମ୍ନ ପ୍ରଦତ୍ତ ଦଲିଲଗୁଡ଼ିକ ନିର୍ବାହୀ ଯନ୍ତ୍ରୀ, ତେଲ ଜଳସେଚନ ବିଭାଜନ, ସୋନପୁରଙ୍କ କାର୍ଯ୍ୟାଳୟରେ ତା୧୫।୦୩।୨୦୨୦ ସୁଦ୍ଧା ଦାଖଲ କରିବେ ଏବଂ ପଞ୍ଜୀକରଣ ଦିନ ଉପସ୍ଥିତ ରହିବେ।

**ନିର୍ବାହୀ ଯନ୍ତ୍ରୀ, ତେଲ ଜଳସେଚନ ବିଭାଜନ, ସୋନପୁର**

ରୁଗୁଡ଼ିପାଲି ଡିଷ୍ଟ୍ରିବ୍ୟୁଟାରୀ କେନାଲ ପାଇଁ ଦରକାର ହେଉଥିବା ପଣ୍ଡକିଟାଲ ମୌଜା ଏବଂ ଗୋବିନ୍ଦପୁର ଗ୍ରାମ ତାଲିକାଭୁକ୍ତ

| କ୍ର. ନଂ. | ପ୍ରଜାର ନାମ | ଖାତା ନଂ. | ପ୍ଲଟ୍‌ର ନାମ | ମୋଟ ରକବା | କିସମ | ମାର୍କ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ମୌଜା– ପଣ୍ଡକିଟାଲ | | | | | | | |
| 1 | ନରସିଂହ ଭୋଇ, ପି– ନିରାକାର ଭୋଇ, ଜା– ଗଉଡ଼ | 65 | 1095<br>1070<br>1066 | 0.900<br>0.300<br>0.080 | ବେର୍ଣ୍ଣାପାଣି–3<br>ମାଳ ପାଣି–4<br>ବେର୍ଣ୍ଣା ସାଧାରଣ–2 | 0.260<br>0.200<br>0.050 | |
| ମୌଜା– ଗୋବିନ୍ଦପୁର | | | | | | | |
| 1 | ଯଶୋଦା ଗୁରୁ, ସ୍ୱା: ଦ୍ୱାରୁ ଗୁରୁ, ଜା: ସହରା | 19 | 465 | 0.630 | ଆଟ ସାଧାରଣ | 0.110 | |
| 2 | ବେଣୁ ମଲ୍ଲିକ, ପି: କଲିଆ ମଲ୍ଲିକ, ଜା: କେଉଟ | 36 | 578 | 1.150 | ଆଟ ସାଧାରଣ | 0.080 | |
| 3 | ଯୋଗେଶ୍ୱର ହାତୀ, ପି: ବିଦ୍ୟାଧର ହାତୀ, ଜା: ଗଉଡ଼ | 63/32 | 500 | 0.310 | ବେର୍ଣ୍ଣା ପାଣି | 0.040 | |
| 4 | ହର ହାତୀ, ଚକ୍ର ହାତୀ, ବଂଇଶି ହାତୀ, ପି: ସତ୍ୟ ହାତୀ, ମୁକ୍ତା ଭୋଇ, ପି: ସୁନାଧର ହାତୀ, ଜା: ଗଉଡ଼ | 57 | 503<br>519<br>557<br>556 | 0.150<br>0.850<br>1.540<br>0.270 | ବେର୍ଣ୍ଣା ସାଧାରଣ<br>ଆଟ ସାଧାରଣ<br>ଆଟ ସାଧାରଣ<br>ବାହାଲ ସାଧାରଣ | 0.060<br>0.160<br>0.450<br>0.100 | |
| 5 | ସୌମିତ୍ରୀ ହାତୀ, ପି: ଗୋପାଳ ହାତୀ, ବିଶ୍ୱାମିତ୍ର ହାତୀ, ପି: ଗୋପାଳ ହାତୀ, ଲକ୍ଷ୍ମୀ କଠାର, ସ୍ୱା: ଅଇଁଠୁ କଠାର, ବା: ଖଲିଆପାଲି, ଥାନା: ବିନିକା, ମେର ବରଗର୍ତ୍ତୀ, ସ୍ୱା: ଯୁଗିନ୍ଦ୍ର ବରଗର୍ତ୍ତୀ, ବା: ଶାର୍ଗୁଣାମୁଣ୍ଡା, ଥାନା: ସୋନପୁର, ଶୁକ ହାତୀ, ସ୍ୱା: ହଲୁ ହାତୀ, ବାବାଜି ହାତୀ, ପି: ହଲୁ ହାତୀ, ବା: ଗୋବିନ୍ଦପୁର, ଉକିଆ ଶାଣ୍ଢ, ସ୍ୱା: ଛେଲିଆ ଶାଣ୍ଢ, ବା: କଉଡ଼ିଆ ମୁଣ୍ଡା, ଜାହ୍ନବୀ କୁଦେଇ, ସ୍ୱା: କାହ୍ନୁ କୁଦେଇ, ବା: ଖଲିଆପାଲି, ପବିତ୍ର ହାତୀ, ପି: ଜିବରଧନ ହାତୀ, ବା: ଗୋବିନ୍ଦପୁର, କୋଇଲି ପୋଢ଼, ସ୍ୱା: କଲଦାର ପୋଢ଼, ବା: ସାନଫବସି, ଥାନା: ସୋନପୁର, ଜା: ଗଉଡ଼ | 26 | 507<br>506<br>520<br>561 | 0.640<br>2.060<br>0.900<br>0.420 | ବେର୍ଣ୍ଣା ସାଧାରଣ<br>ବେର୍ଣ୍ଣା ସାଧାରଣ<br>ଆଟ ସାଧାରଣ<br>ବାହାଲ ସାଧାରଣ | 0.500<br>0.050<br>0.730<br>0.200 | |
| 6 | କପିଲ ଥପା, ଦୁତିଆ ଥପା, ପି: ସମାରୁ ଥପା, ଜା: ଗଉଡ଼ | 13 | 521<br>525<br>593 | 4.270<br>2.620<br>1.980 | ଆଟ ସାଧାରଣ<br>ଆଟ ସାଧାରଣ<br>ଆଟ ସାଧାରଣ | 0.180<br>0.150<br>0.200 | |
| 7 | ବଂଶି ହାତୀ, ଚକ୍ର ହାତୀ, ପି: ସତ୍ୟ ହାତୀ, ଜା: ଗଉଡ଼ | 54 | 560 | 0.900 | ବାହାଲ ସାଧାରଣ | 0.100 | |
| 8 | ଜୟୀ ନେଗି, ପି: ସଂକୀର୍ତ୍ତନ ନେଗି, ଜା: ସେନାପତି | 50 | 598 | 4.000 | ଆଟ ସାଧାରଣ | 0.300 | |
| 9 | ଲଳିତା ମଟାରି, ସ୍ୱା: ରଘୁବୀର ମଟାରି, ଜା: ଗଉଡ଼ | 63/61 | 606 | 2.320 | ଆଟ ସାଧାରଣ | 0.350 | |
| 10 | ସୁମନ୍ତମଣି ଭୋଇ, ପି: ସିତାରାମ ଭୋଇ, ଜା: ଗଣ୍ଡ, ବା: ସୋନପୁର, ବିବେକାନନ୍ଦ ନଗର | 63/35 | 605<br>525 | 5.300<br>2.814 | ଆଟ ସାଧାରଣ<br>ଆଟ ସାଧାରଣ | 0.500<br>0.150 | |

**ସ୍ୱା./– ନିର୍ବାହୀ ଯନ୍ତ୍ରୀ, ତେଲ ଜଳସେଚନ ବିଭାଜନ, ସୋନପୁର**

**ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**

**ବିଜ୍ଞାପନ**

ଏତଦ୍ୱାରା ପରିଷଦ ଅଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚଳିତ ୨୦୨୦–୨୧ ଆର୍ଥିକ ବର୍ଷ ସକାଶେ ଦୁଇ ଚକିଆ ମଟର ଯାନ ପାର୍କିଙ୍ଗ ଉପଲକ୍ଷେ ପରିଷଦର ପୁରଣା ପି.ଏଲ.ଏନ. ପାତ୍ର କ୍ୱାର୍ଟରଠାରେ ନିର୍ମାଣ କରାଯାଇଥିବା ପାର୍କିଙ୍ଗ ସ୍ଥଳଟିରେ ଦୁଇ ଚକିଆ ଯାନ ପାର୍କିଙ୍ଗ କରିଥିବା ବ୍ୟକ୍ତିଙ୍କଠାରୁ ମାହାସୁଲ ଆଦାୟ କରିବା ନିମନ୍ତେ ନିର୍ଦ୍ଧାରିତ ହୋଇଅଛି। ଏଣୁ ଯେଉଁ ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ଅଛନ୍ତି ସେମାନେ ଟ.୧,୦୦୦.୦୦ଙ୍କା ଦେଇ ଫର୍ମ ଆଜିଠାରୁ ଅର୍ଥାତ ତା୦୫।୦୩।୨୦୨୦ରିଖ ୧୦.୩୦ଘଣ୍ଟାଠାରୁ ତା.୧୬।୦୩।୨୦୨୦ରିଖ ଦିନ ଘ.୧.୩୦ଣ୍ଟା ସୁଦ୍ଧା କିଣି ସେଥିରେ ଆବେଦନ କରିଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ଟେଣ୍ଡର ପେପର ଉକ୍ତଦିନ ଅପରାହ୍ନ ୫.୦୦ଘଣ୍ଟା ସୁଦ୍ଧା (Speed Post/Registered Post) ମାଧ୍ୟମରେ ପରିଷଦରେ ପହଞ୍ଚିବା ଜରୁରି ଅଟେ। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ଟେଣ୍ଡର ଗ୍ରହଣୀୟ ହେବ ନାହିଁ। ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତା'ହେଲେ ପୁଣି ସାନି ଟେଣ୍ଡର ଆହ୍ୱାନ କରାଯିବ। ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌରପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି। ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ। ଦାଖଲ ହୋଇଥିବା ଟେଣ୍ଡର ପେପରଗୁଡିକ ତା୧୭।୦୩।୨୦୨୦ରିଖ ଅପରାହ୍ନ ୪.୦୦ଘଣ୍ଟା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାତା/କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ।

**ସୈରାତର ବିବରଣୀ**

| କ୍ରମିକ ନଂ. | ସୈରାତର ନାମ | ନିଲାମ କାର୍ଯ୍ୟକାଳ | ଅବଧାରିତ ମୂଲ୍ୟ | ଅମାନତ ରାଶି | ଟେଣ୍ଡର ପେପର ମୂଲ୍ୟ |
|---|---|---|---|---|---|
| ୧ | ଦୁଇ ଚକିଆ ମୋଟର ଯାନ | ୦୧।୦୪।୨୦୨୦ ଠାରୁ ୩୧।୦୩।୨୦୨୧ | ଟ.୧,୯୨,୫୦୦/– | ଟ.୧୦,୦୦୦/– | ଟ.୧,୦୦୦/– |

**ସଂଗ୍ରହ କରିବା ଦର ଚାର୍ଟ**

୧. ଗୋଟିଏ ଦିନକୁ ଦୁଇ ଚକିଆ ମୋଟର ଯାନ – ୫/–ଟଙ୍କା

**ମୂଲ୍ୟାଙ୍କ ସର୍ତ୍ତାବଳୀ**

୧. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତି ବିଶେଷ ଏବଂ ଯେଉଁ ବ୍ୟକ୍ତିଙ୍କ ଉପରେ ପରିଷଦ ପାଉଣା ବାକିଥିବ ନିଲାମରେ ଭାଗ ନେଇପାରିବେ ନାହିଁ।
୨. ଟେଣ୍ଡର ପେପର ସହିତ ଆବଶ୍ୟକୀୟ ଅମାନତ ଟଙ୍କା (ପାରଳାଖେମୁଣ୍ଡି ସହରରେ ଥିବା ଯେ କୌଣସି ଜାତୀୟ ବ୍ୟାଙ୍କ) ଡ୍ରାଫ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ, ପାରଳାଖେମୁଣ୍ଡିଙ୍କ ନାମରେ କରି ଦାଖଲ କରିବେ। ଅସଫଳ ନିଲାମଧାରୀଙ୍କୁ ବ୍ୟାଙ୍କ ଡ୍ରାଫ୍ଟ ଫେରସ୍ତ ଦିଆଯିବ।
୩. ପୂର୍ବରୁ ଯେଉଁ ବ୍ୟକ୍ତି ମୂଲ୍ୟାଙ୍କ ସର୍ତ୍ତକୁ ଭଙ୍ଗ କରିଥିବେ ସେ ମଧ୍ୟ ମୂଲ୍ୟାଙ୍କରେ ଅଂଶ ଗ୍ରହଣ କରିପାରିବେ ନାହିଁ।
୪. ସର୍ବୋଚ୍ଚ ମୂଲ୍ୟାଙ୍କ ସିଦ୍ଧ କରିବାପାଇଁ ପରିଷଦ ବାଧ୍ୟ ନୁହନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ମୂଲ୍ୟାଙ୍କ ରଦ୍ଦ କରିପାରିବେ ଏବଂ ଏହା ଉପରେ ଭବିଷ୍ୟତରେ କୌଣସି ଅଦାଲତର ଆଶ୍ରୟ ନେଇ ପାରିବେ ନାହିଁ।
୫. ମୂଲ୍ୟାଙ୍କ ସିଦ୍ଧ ହେବା ବ୍ୟକ୍ତି କାର୍ଯ୍ୟାଳୟ ଆଦେଶ ପାଇବା ପରେ ମୂଲ୍ୟାଙ୍କ ମାସୁଲ, ଯେଉଁ ବକ୍ତିମାନଙ୍କ ଦ୍ୱାରା ଆଦାୟ କରିବେ, ସେମାନଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା କାର୍ଯ୍ୟାଳୟରେ ଦାଖଲ କରିବେ।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ପାରଳାଖେମୁଣ୍ଡି**

**ତହସିଲଦାର ଗଁଦିଆଙ୍କ କାର୍ଯ୍ୟାଳୟ**

ସଂଖ୍ୟା.817 ତାରିଖ.29.02.2020

**ଲଘୁ ଖଣିଜ ସକାଶେ ଲିଜ୍ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଗଁଦିଆ ତହସିଲ, ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡିକର ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ (From the year 2020–21 to 2024–25) ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ପାଇଁ ତହସିଲଦାର, ଗଁଦିଆଙ୍କ ଦ୍ୱାରା ତା୨୦।୦୩।୨୦୨୦, ୨୭।୦୩।୨୦୨୦ ଓ ତା୦୪।୦୪।୨୦୨୦ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ନିଲାମ କରାଯିବ।

ସୈରାତ ଉସ୍ଥ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ **www.dhenkanal.nic.in** ରେ ଉପଲବ୍ଧ ହେବ।

ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି।

ଲିଜ ଗ୍ରହଣ କରିବାପାଇଁ ଦରଖାସ୍ତଗୁଡିକରେ ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିଲାମ ତାରିଖର ପୂର୍ବଦିନ ଯଥା ତା୧୯।୦୩।୨୦୨୦, ୨୬।୦୩।୨୦୨୦ ଓ ତା୦୩।୦୪।୨୦୨୦ ତାରିଖ, ଅପରାହ୍ନ ୫ଘଣ୍ଟା ୩୦ମିନିଟ୍ ପର୍ଯ୍ୟନ୍ତ ଗହଣ କରାଯିବ। ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡିକ ଗ୍ରହଣଯୋଗ୍ୟ ହେବନାହିଁ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି।

**ସ୍ୱା./- ତହସିଲଦାର, ଗଁଦିଆ**

> ମାରାତ୍ମକ କରୋନା ଭାଇରସ୍ ପାଇଁ ଆଥଲେଟ୍‌ମାନେ ଅନ୍ୟମାନଙ୍କ ସହ କରମର୍ଦ୍ଦନ ଏବଂ ଲୋକମାନଙ୍କ ସହିତ ମିଳାମିଶାରୁ ଦୂରେଇ ରହିବା ଉଚିତ ।
> –କିରେନ ରିଜିଜୁ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ



> ବର୍ଷାଯୋଗୁ ବିନା ସେମିଫାଇନାଲରେ ଭାରତ ଗ୍ରୁପ୍‌ର ଶୀର୍ଷ ଦଳ ହିସାବରେ ଟି୨୦ ବିଶ୍ୱକପ୍ ଫାଇନାଲକୁ ଉନ୍ନୀତ ହୋଇଛି। ଏହି ନିୟମ ବଦଳିବା ଦରକାର ।
> –ହିଥର ନାଇଟ୍, ଇଂଲଣ୍ଡ ମହିଳା କ୍ରିକେଟ ଅଧିନାୟିକା



## ସଂକ୍ଷେପରେ

### ଦ୍ୟୁତୀ, ପ୍ରମୋଦ ପୁରସ୍କୃତ

ଭୁବନେଶ୍ୱର, ୫।୩(କ୍ରୀଡ଼ା ପ୍ରତିନିଧି): ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦ୍ୟୁତୀ ଚାନ୍ଦ ଓ ପାରା ସ୍ପୋର୍ଟ୍ସ ତାରକା ପ୍ରମୋଦ ଭଗତଙ୍କୁ ଗୁରୁବାର ଟାଇମ୍ସ ଅଫ୍ ଇଣ୍ଡିଆ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦ୍ୟୁତୀ 'ମହିଳା ଆଥଲେଟ୍ ଅଫ ଦି ଇୟର' ଓ ପ୍ରେମୋଦ 'ପୁରୁଷ ପାରା ଆଥଲେଟ୍ ଅଫ୍ ଦି ଇୟର'ଭାବେ ପୁରସ୍କୃତ ହୋଇଛନ୍ତି। ବିଶ୍ୱ ଚାମ୍ପିୟନ ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ 'ସ୍ପୋର୍ଟ୍ସ ପର୍ସନ ଅଫ ଦି ଇୟର' ପୁରସ୍କାର ପାଇଛନ୍ତି। ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୁଟିଆଙ୍କୁ 'ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ' ଏବଂ ତିନିଥର ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ହକି କିମ୍ବଦନ୍ତୀ ବଲବୀର ସିଂ ସିନିୟରଙ୍କୁ 'ଆଇକନ ଅଫ ଦି ସେଞ୍ଚୁରି' ପୁରସ୍କାର ପ୍ରଦାନ କରାଯାଇଛି। ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ 'ମେଣ୍ଟର ଅଫ ଦି ଇୟର', ପୂର୍ବତନ ଶୁଟର ଯଶପାଲ ରାଣା 'କୋଚ୍ ଅଫ ଦି ଇୟର', ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ହକି ଦଳ 'ଟିମ୍ ଅଫ ଦି ଇୟର', ଅଲିମ୍ପିକ୍ ମେଡାଲିଷ୍ଟ ବକ୍ସର ବିଜେନ୍ଦର ସିଂ 'ୟୁଥ୍ ଆଇକନ୍ ଅଫ ଦି ଇୟର', ରୋହିତ ଶର୍ମା 'କ୍ରିକେଟର ଅଫ ଦି ଇୟର' ପୁରସ୍କାର ପାଇଛନ୍ତି।

### ଭାରତୀୟ ମହିଳା ଦଳକୁ ଶୁଭେଚ୍ଛା ଜଣାଇଲେ କୋହଲି

ନୂଆଦିଲ୍ଲୀ,୫।୩(ପି.ଟି.)- ଭାରତୀୟ ମହିଳା କ୍ରିକେଟ ଦଳ ପ୍ରଥମ ଥର ପାଇଁ ଟି୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଏହି ଅବସରରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଛନ୍ତି ଭାରତୀୟ ପୁରୁଷ ଦଳର ଅଧିନାୟକ ବିରାଟ କୋହଲି। ଫାଇନାଲରେ ପ୍ରବେଶ କରିଥିବାରୁ ଭାରତୀୟ ମହିଳା ଦଳକୁ ଶୁଭେଚ୍ଛା। ଆମେ ତୁମ ପାଇଁ ଗର୍ବିତ। ଫାଇନାଲ ପାଇଁ ଶୁଭକାମନା ବୋଲି କୋହଲି ଟୁଇଟ୍ କରିଛନ୍ତି। କୋହଲିଙ୍କ ଭଳି ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ, ଭିଭିଏସ୍ ଲକ୍ଷ୍ମଣ, ପୂର୍ବତନ ମହିଳା ଦଳର ଅଧିନାୟିକା ମିଥାଲି ରାଜ, ଝୁଲନ ଗୋସ୍ୱାମୀ ଟୁଇଟ ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି ।

### ଏସିଆନ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ
### କ୍ୱାର୍ଟରରେ ଆଶିଷ

ଅମ୍ମନ (ଜୋର୍ଡାନ), ୫।୩ (ପି.ଟି.)- ବକ୍ସର ଆଶିଷ କୁମାର (୭୫ କିଗ୍ରା) ଏଠାରେ ଚାଲିଥିବା ଏସିଆନ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏସିଆନ ରୌପ୍ୟ ପଦକ ବିଜେତା ଆଶିଷ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ୫-୦ରେ କିର୍ଗିଜସ୍ତାନର ଓମୁରବେକ ବେକଝିଗିଟ୍‌ଙ୍କୁ ପରାସ୍ତ କରିଛନ୍ତି। କ୍ୱାର୍ଟରରେ ଇଣ୍ଡୋନେସିଆର ମାଇକେଲ ରୋବର୍ଡଙ୍କ ସହ ଆଶିଷଙ୍କ ମୁକାବିଲା ହେବ। ଯଦି ଆଶିଷ ସେମିଫାଇନାଲରେ ପ୍ରବେଶ କରିବାରେ ସଫଳ ହୁଅନ୍ତି ତେବେ ଆସନ୍ତା ଟୋକିଓ ଅଲିମ୍ପିକ୍ସକୁ ଟିକେଟ୍ ହାସଲ କରିବେ। ପୂର୍ବରୁ ବୁଧବାର ବକ୍ସର ସିମରନଜିତ୍ କୌର (୬୦ କିଗ୍ରା), ସାକ୍ଷୀ ଚୌଧୁରୀ (୫୭ କିଗ୍ରା) ମଧ୍ୟ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିସାରିଛନ୍ତି।

# ଭାରତ-ଅଷ୍ଟ୍ରେଲିଆ ଫାଇନାଲ



ଫାଇନାଲରେ ପ୍ରବେଶ କରିବା ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଦଳ।

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**

### ମ୍ୟାଚ୍ ଦେଖିବାକୁ ଆସିଥିଲେ ହରମନପ୍ରୀତଙ୍କ ମାତାପିତା

ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତ ମହିଳା ଟି୨୦ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ତାଙ୍କ ମାତାପିତା ସେମିଫାଇନାଲ ମ୍ୟାଚ୍ ଦେଖିବାକୁ ଆସିଥିଲେ। ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ମାତାପିତା ମ୍ୟାଚ୍ ଦେଖିବାକୁ ଆସିଥିବାରୁ ହରମନପ୍ରୀତ ବେଶ୍ ଖୁସି ଜାହିର କରିଛନ୍ତି। ତେବେ ଦୁର୍ଭାଗ୍ୟବଶତଃ ବର୍ଷା ଯୋଗୁ ଏହି ନିର୍ଣ୍ଣାୟକ ତଥା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ବାତିଲ ହୋଇଥିଲା ଓ ସେମାନେ ମ୍ୟାଚ୍ ଦେଖିପାରି ନ ଥିଲେ। ଏବେ ଫାଇନାଲ ମ୍ୟାଚ୍ ଦେଖିବାକୁ ତାଙ୍କ ମାତାପିତା ଅଷ୍ଟ୍ରେଲିଆରେ ରହିବେ। ରବିବାର ହରମନପ୍ରୀତଙ୍କ ୩୧ତମ ଜନ୍ମଦିବସରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଫାଇନାଲରେ ଆମେ ବିଜୟୀ ହେବା ପାଇଁ ଶତପ୍ରତିଶତ ଚେଷ୍ଟା କରିବୁ। ବିଜୟୀ ହେଲେ ଇତିହାସ ସୃଷ୍ଟି କରିବୁ ବୋଲି ସେ କହିଛନ୍ତି।

**ସିଡ୍‌ନୀ, ୫।୩(ପି.ଟି.)**

ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ଟି୨୦ ବିଶ୍ୱକପ୍‌ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଏହି ମେଗା ଇଭେଣ୍ଟର ସପ୍ତମ ସଂସ୍କରଣର ଟାଇଟଲ ପାଇଁ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଭାରତ ଆସନ୍ତା ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପରସ୍ପରକୁ ଭେଟିବେ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ୍ ଖେଳାଯିବ। ବିଶ୍ୱକପ୍ ଇତିହାସରେ ଭାରତ ପ୍ରଥମଥର ପାଇଁ ଫାଇନାଲକୁ ଉଠିଛି। ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଫଳରେ ଗ୍ରୁପ୍ ଏ'ରେ ୪ଟି ମ୍ୟାଚ୍ ଜିତି ଶୀର୍ଷରେ ରହିଥିବାରୁ ଭାରତ ଫାଇନାଲକୁ ଉଠିଥିଲା। ଅନ୍ୟପଟେ ଇଂଲଣ୍ଡ ୩ଟି ବିଜୟ ଓ ଗୋଟିଏ ପରାଜୟ ସହ ଗ୍ରୁପ୍ ବି'ର ଦ୍ୱିତୀୟ ସ୍ଥାନରେ ରହିଥିବାରୁ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛି। ନିରାଶ ଇଂଲଣ୍ଡ ଖେଳାଳିଙ୍କ ଆଖିରେ ଲୁହ ଆସିଯାଇଥିଲା। ସେହିପରି ଏହି ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ତେବେ ଡକ୍‌ୱର୍ଥ ଲୁଇସ୍ ନିୟମରେ ଅଷ୍ଟ୍ରେଲିଆ ୫ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲ ଟିକେଟ ହାସଲ କରିଛି।

ବର୍ଷା ଯୋଗୁ ପ୍ରଥମ ସେମି

#### ଇଂଲଣ୍ଡ ନିରାଶ

ଲଗାତର ବର୍ଷା କାରଣରୁ ପ୍ରଥମ ସେମିଫାଇନାଲ ବାତିଲ ହେବା ଫଳରେ ଗତଥରର ରନର୍ସଅପ୍ ଇଂଲଣ୍ଡକୁ ନିରାଶ ହେବାକୁ ପଡ଼ିଛି। ବର୍ଷା ଓ ଓଦା ଆଉଟଫିଲ୍ଡ କାରଣରୁ ଟସ୍ ପଡ଼ିବାରେ ବିଳମ୍ବ ହୋଇଥିଲା। ସ୍ଥିତିରେ ଉନ୍ନତି ନ ହେବାରୁ ଶେଷରେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଥିଲା। ଟସ୍ ପଡ଼ିପାରି ନ ଥିବା ବେଳେ ଗୋଟିଏ ହେଲେ ବି ବଲ୍ ବୋଲିଂ ସମ୍ଭବ ହୋଇ ନ ଥିଲା। ଇଂଲଣ୍ଡ ଅଧିନାୟିକା ହିଦର ନାଇଟ୍ ଏଥିରେ ନୈରାଶ୍ୟ ଜାହିର କରିଛନ୍ତି। ସେମିଫାଇନାଲ ପାଇଁ ରିଜର୍ଭ ଡେ'ର ବ୍ୟବସ୍ଥା ରହିବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହେବା ଆମ ପାଇଁ ମହଙ୍ଗା ସାବ୍ୟସ୍ତ ହେଲା। ବିଜୟ ସହ ଟୁର୍ନାମେଣ୍ଟ ଆରମ୍ଭ କରି ନ ଥିବାରୁ ଆମକୁ ମୂଲ୍ୟ ଦେବାକୁ ହେଲା ବୋଲି ସେ କହିଛନ୍ତି। ସେହିପରି ଭାରତ ଫାଇନାଲକୁ ଉଠିଥିଲେ ମଧ୍ୟ ଅଧିନାୟିକା ହରମନପ୍ରୀତ କୌର ନିର୍ଣ୍ଣାୟକ ତଥା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପାଇଁ ରିଜର୍ଭ ଡେ ରଖିବା ଉଚିତ ବୋଲି କହିଛନ୍ତି। ଗତ ୬ଟି ସଂସ୍କରଣରେ ଭାରତ କେବି ବି ଫାଇନାଲରେ ପ୍ରବେଶ କରିପାରି ନ ଥିଲା। ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇବା ପରେ ଭାରତ ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କାକୁ ପରାସ୍ତ କରି ୮ ପଏଣ୍ଟ ହାସଲ କରି ଗ୍ରୁପ୍ ଟପ୍ପର ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା।

## ଅଷ୍ଟ୍ରେଲିଆ କ୍ରମାଗତ ଷଷ୍ଠ



ଉଇକେଟ ହାସଲ ପରେ ଅଷ୍ଟ୍ରେଲିଆ ଖେଳାଳି ଖୁସି ମନାଉଛନ୍ତି।

ପୂର୍ବରୁ ୪ଥର ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ କ୍ରମାଗତ ଷଷ୍ଠଥର ପାଇଁ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ବର୍ଷାବାଧାପ୍ରାପ୍ତ ଦ୍ୱିତୀୟ ସେମିରେ ଅଷ୍ଟ୍ରେଲିଆ ନିଜର ଅଭିଜ୍ଞତା ବଳରେ ଡକ୍‌ୱର୍ଥ ଲୁଇସ୍ ନିୟମରେ ଲଢୁଆ ଦଳ ଦକ୍ଷିଣ ଆଫ୍ରିକାକୁ ହରାଇ ଟାଇଟଲ ମୁକାବିଲା ଖେଳିବାକୁ ଯୋଗ୍ୟତା ହାସଲ କରିଛି। ପ୍ରଥମ ସେମି ଭଳି ଦ୍ୱିତୀୟ ସେମି ମଧ୍ୟ ବର୍ଷା ଯୋଗୁ ବାତିଲ ହେବା ସମ୍ଭାବନା ଦେଖା ଦେଇଥିଲା। ମ୍ୟାଚ୍ ବାତିଲ ହୋଇଥିଲେ ଦକ୍ଷିଣ ଆଫ୍ରିକା ଫାଇନାଲରେ ପ୍ରବେଶ କରିଥାନ୍ତି। କିନ୍ତୁ କଥା ସେପରି ହୋଇ ନ ଥିଲା।

ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଅଷ୍ଟ୍ରେଲିଆ ତରଫରୁ ଅଧିନାୟିକା ମେଗ୍ ଲାନିଂ ୪୯ ବଲରୁ ୪ ଚୌକା ଓ ୧ ଛକା ସହ ଅପରାଜିତ ୪୯ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଅଲିସା ହିଲି ୧୮, ବେଥ ମୁନି ୨୮, ରାଚେଲ ହେନ୍ସ ୧୭ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ନାଡିନ ଡି କ୍ଲେର୍କ ସର୍ବାଧିକ ୩ଉଇକେଟ ଅକ୍ତିଆର କରିଥିଲେ।

ଇଂନିସ ବ୍ରେକ୍ ପରେ ବର୍ଷା ଆରମ୍ଭ ହୋଇଥିଲା ଓ ଖେଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୧୩ ଓଭରରେ ପରିବର୍ତ୍ତିତ ୯୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୫ ଉଇକେଟ ହରାଇ ୯୨ ରନରେ ସୀମିତ ରହିବା ସହ ପରାସ୍ତ ହେବା ସହ ଫାଇନାଲ ଟିକେଟରୁ ବଞ୍ଚିତ ହୋଇଥିଲା। ଲଉରା ବୋଲବାର୍ଟ ୪୧ ରନକରି ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନ ଲୁସ୍ ୨୧, ଲିଜେଲି ଲି ୧୦, ଅଧିନାୟିକା ଡେନ ଭାନ ନିଏକେର୍କ ୧୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମେଗାନ ସ୍କଟ ୨, ଜେସ ଜୋନାସିନ, ସୋଫି ମୋଲିନେଉକ୍ସ ଓ ଡେଲିସା କିମିନ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୩୪/୫ (ଲାନିଂ- ୪୯*, ମୁନି- ୨୮, ହିଲି- ୧୮, ହେନ୍ସ- ୧୭, କ୍ଲେର୍କ- ୩/୧୯, ଖାକା-୧/ ୨୯, ଏମ୍ଲାବା-୧/୧୮ )। ଦକ୍ଷିଣ ଆଫ୍ରିକା ୧୩ ଓଭରରେ ୯୨/୫ (ବୋଲବାର୍ଟ- ୪୧*, ଲୁସ- ୨୧, ନିଏକେର୍କ-୧୨, ଲି-୧୦, ସ୍କଟ-୨/୧୭, ଜୋନାସିନ- ୧/୨୮, ମୋଲିନେଉକ୍ସ- ୧/୧୬, କିମିନ୍ସ- ୧/୧୬)।

## ବେସରକାରୀ, ସର୍ବସାଧାରଣ କାର୍ଯ୍ୟକ୍ରମରେ ଯୋଗଦାନରେ ଆଥଲେଟଙ୍କୁ ମନା

**ନୂଆଦିଲ୍ଲୀ, ୫।୩ (ପି.ଟି.)**

କରୋନା ଭାଇରସରୁ ନିଜକୁ ସୁରକ୍ଷିତ ରଖିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଗାଇଲାଇନ୍‌କୁ କଡ଼ାକଡ଼ି ମାନିବା ଲାଗି ଭାରତୀୟ ଆଥ୍‌ଲେଟିକ୍ସ ମହାସଂଘ (ଏଏଫ୍‌ଆଇ) ଏହାର ଆଥଲେଟମାନଙ୍କୁ ପରାମର୍ଶ ଦେଇଛି। ଏପରିକି ବେସରକାରୀ ଉତ୍ସବ ଓ ସର୍ବସାଧାରଣ କାର୍ଯ୍ୟକ୍ରମରେ ଯୋଗଦାନ ନ କରିବା ଲାଗି ମଧ୍ୟ ସେମାନଙ୍କୁ ନିର୍ଦ୍ଦେଶ ଦେଇଛି। ଚାଇନଜି ସହର ଉହାନରେ ସୃଷ୍ଟି କରୋନା ଭାଇରସ ଏବେ ବିଶ୍ୱର ୬୬ଟି ଦେଶକୁ ବ୍ୟାପିଛି। ଏଥିରେ ୮୮,୦୦୦ ଲୋକ ସଂକ୍ରମିତ ହୋଇ ସାରିଥିବାବେଳେ ପାଖାପାଖି ୩,୦୦୦ ଲୋକଙ୍କ ପ୍ରାଣହାନି ଘଟିଲାଣି। ଦେଶରେ କରୋନା ଭାଇରସରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲଗିଥିବାରୁ ଏହାକୁ ଦୃଷ୍ଟିରେ ରଖି ଗୁରୁବାର ଏଠାରେ ଏଏଫ୍‌ଆଇ କାର୍ଯ୍ୟାଳୟରେ ସଭାପତି ଆଡିଲ ଜେ. ସୁମାରିୱାଲାଙ୍କ ଅଧ୍ୟକ୍ଷତାରେ ଏଏଫ୍‌ଆଇର ଏକ ବୈଠକ ବସିଥିଲା। ଏଥିରେ ଏଏଫ୍‌ଆଇ ପ୍ଲାନିଂ କମିଟି ଚେୟାରମ୍ୟାନ ଲଳିତ କେ. ଭାନୋଟ୍, କୋଷାଧ୍ୟକ୍ଷ ପ୍ରଦୀପ କେ. ଶ୍ରୀବାସ୍ତବ ଏବଂ ଦିଲ୍ଲୀ ଆଥଲେଟିକ୍ସ ଆସୋସିଏଶନ ସମ୍ପାଦକ ସନ୍ଦୀପ ମେହେଟ୍ଟା ମଧ୍ୟ ଯୋଗଦାନ କରିଥିଲେ। ବିଭିନ୍ନ କ୍ୟାମ୍ପରେ ଯୋଗ ଦେଇଥିବା ଆଥଲେଟ, କୋଚ୍ ଏବଂ ସହାୟକ ଷ୍ଟାଫ୍‌ମାନଙ୍କର ନିଜ ତରଫରୁ ବାଧ୍ୟତାମୂଳକ ଡାକ୍ତରୀ ପରୀକ୍ଷା କରାଯିବ।

## ଗୋପୀନାଥଦେବ ଏକାଦଶ ଚାମ୍ପିୟନ

**ଭୁବନେଶ୍ୱର, ୫।୩(କ୍ରୀଡ଼ା ପ୍ରତିନିଧି)**



ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**ରସୁଲଗଡ଼ ପ୍ରିମିୟର ଲିଗ୍**

ରସୁଲଗଡ଼ ପ୍ରିମିୟର ଲିଗ୍‌ର ୫ମ ସଂସ୍କରଣ ଗୁରୁବାର ଶେଷ ହୋଇଛି। ଫାଇନାଲରେ ବ୍ରହ୍ମେଶ୍ୱରକୁ ୧୭ ରନରେ ହରାଇ ଗୋପୀନାଥଦେବ ଏକାଦଶ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଗୋପୀନାଥଦେବ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୧୩ ରନ କରିଥିଲା। ମନୋଜ ସାହୁ ସର୍ବାଧିକ ୩୯ ରନ କରିଥିବାବେଳେ ପ୍ରତିପକ୍ଷ ଦଳର ରାକେଶ ବଳିୟାର ସିଂ ୪ଟି ଉଇକେଟ ନେଇଥିଲେ। ଜବାବରେ ବ୍ରହ୍ମେଶ୍ୱର ଏକାଦଶ ୧୨ ଓଭରରେ ୭ ଉଇକେଟ ହରାଇ ୯୬ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ କ୍ରାନ୍ତି ଖଟୁଆ ସର୍ବାଧିକ ୩୮ ରନ କରିଥିଲେ। ମନୋଜ ସାହୁ ମ୍ୟାନ ଅଫ ଦି ଫାଇନାଲ, ସରୋଜ ପ୍ରଧାନ ମ୍ୟାନ ଅଫ ଦି ସିରିଜ ଓ ଶ୍ରେଷ୍ଠ ବୋଲର, କ୍ରାନ୍ତି ଖଟୁଆ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପୁରସ୍କାର ପାଇଥିଲେ। ଅମ୍ପାୟର ଶ୍ରୀଧର ବଳିୟାରସିଂ ଓ ଉମାକାନ୍ତ ଜଗଦେବ ମ୍ୟାଚ ପରିଚାଳନା କରିଥିଲେ। ରଜତ ଜଗଦେବ ମ୍ୟାଚ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ସ୍ନେହାଶିଷ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ମହିଳା, ପୁରୁଷ ବର୍ଗରେ ସୁନ୍ଦରଗଡ଼ ଚାମ୍ପିୟନ

**କଟକ ଅଫିସ,୫।୩**



ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୁଟିଆଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

**ଏସ୍‌ଡିସି କପ୍ ୨୦୨୦**

ରାଜ୍ୟ ସରକାରଙ୍କ ସ୍ପେଶାଲ ଡେଭଲପମେଣ୍ଟ କାଉନସିଲ(ଏସ୍‌ଡିସି) ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏସ୍‌ଡିସି କପ୍-୨୦୨୦ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବାରବାଟୀ ଷ୍ଟାଡିୟମରେ ଉଭୟ ପୁରୁଷ ଓ ମହିଳା ବର୍ଗର ଫାଇନାଲ ଖେଳାଯାଇଥିଲା। ଏଥିରେ ସୁନ୍ଦରଗଡ଼ ଉଭୟ ବର୍ଗରେ ଚାମ୍ପିୟନ ହୋଇଛି।

ମହିଳା ବର୍ଗର ଫାଇନାଲରେ ସୁନ୍ଦରଗଡ଼ ୨-୦ ଗୋଲରେ ରାଇରଙ୍ଗପୁରକୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧର ୩୭ତମ ମିନିଟରେ ଅଞ୍ଜଳି ବରୁଆ ଓ ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟରେ ରଜନୀ ହାଁସଦା ସୁନ୍ଦରଗଡ଼ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପୁରୁଷ ବର୍ଗର ଫାଇନାଲ ମୁକାବିଲା ସୁନ୍ଦରଗଡ଼ ଓ ବାରିପଦା ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍‌କୁ ସୁନ୍ଦରଗଡ଼ ୪-୧ ଗୋଲରେ ଜିତିଛି। ପ୍ରଥମାର୍ଦ୍ଧର ୬ଷ୍ଠ ମିନିଟରେ କିଶୋର ଖାଡ଼ିଆ ସୁନ୍ଦରଗଡ଼ ନିମନ୍ତେ ପ୍ରଥମ ଗୋଲ ଦେଇଥିଲେ। ପରେ ମୁକେଶ ମିଞ୍ଜ ୩୦ତମ ମିନିଟରେ ଓ ମହେଶ ପ୍ରଧାନ ୪୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେବା ଫଳରେ ପ୍ରଥମାର୍ଦ୍ଧର ଖେଳରେ ସୁନ୍ଦରଗଡ଼ ୩-୦ରେ ଅଗ୍ରଣୀ ନେଇଥିଲା। ଦ୍ୱିତୀୟାର୍ଦ୍ଧର ୫୪ତମ ମିନିଟରେ ଗୋଟିଏ ଗୋଲ ସୁଝିଥିଲା ବାରିପଦା। ଦୁର୍ଗା ପ୍ରସାଦ ନାୟକ ଏହି ଗୋଲ ସ୍କୋର କରିଥିଲେ। ୬୦ତମ ମିନିଟରେ ସୁନ୍ଦରଗଡ଼ର କିଶୋର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବା ସହିତ ଦଳକୁ ୪-୧ରେ ଅଗ୍ରଣୀ କରାଇଥିଲେ। ଅବଶିଷ୍ଟ ସମୟରେ କୌଣସି ଗୋଲ ନ ହେବାରୁ ସୁନ୍ଦରଗଡ଼ ବିଜୟ ହାସଲ କରିଛି। ପୁରୁଷ ବର୍ଗରେ ମୋହନ ମାଝୀ ଓ ମହିଳା ବର୍ଗରେ ମୁନିକା ମିଞ୍ଜ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ପୁରୁଷ ବର୍ଗରେ କିଶୋର ଖାଡ଼ିଆ ଓ ମହିଳା ବର୍ଗରେ ଡିଗି ମାଝୀ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି, ପୁରୁଷ ବର୍ଗରେ ଭଗରାଇ ହେମ୍ବ୍ରମ ଓ ମହିଳା ବର୍ଗରେ ଜ୍ୟୋତ୍ସ୍ନା ଟପ୍ପୋ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଭାରତୀୟ ଫୁଟବଲ ଦଳର ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୁଟିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ, ପଛୁଆବର୍ଗ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା, ଏସ୍‌ଡିସି ଉପଦେଷ୍ଟା ସୁଜିତ କୁମାର, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ।

## ରୋନାଲ୍ଡିନୋ ଗିରଫ

**ନୂଆଦିଲ୍ଲୀ, ୫।୩**



ବ୍ରାଜିଲର କିମ୍ବଦନ୍ତୀ ଫୁଟବଲର ରୋନାଲ୍ଡିନୋ ପାରାଗୁଏରେ ଗିରଫ ହୋଇଛନ୍ତି। ପାରାଗୁଏରେ ପ୍ରବେଶ କରିବା ଲାଗି ସେ ଫେକ ଡକ୍ୟୁମେଣ୍ଟ ବ୍ୟବହାର କରିଛନ୍ତି। ୨୦୦୨ରେ ବ୍ରାଜିଲକୁ ଫିଫା ବିଶ୍ୱକପ୍ ଚାମ୍ପିୟନ କରାଇଥିବା ୩୯ ବର୍ଷୀୟ ରୋନାଲ୍ଡିନୋ ଓ ତାଙ୍କ ଭାଇ ରବର୍ଟୋଙ୍କୁ ରିଜର୍ଟ ୟାଚ୍ ଓ ଗଲ୍ଫ କ୍ଲବ ପାରାଗୁଏଠାରେ ବୁଧବାର ରାତିରେ ପଚରାଉଚରା କରାଯାଇଛି। ଏ ନେଇ ପାରାଗୁଏର ମିନିଷ୍ଟ୍ରି ଅଫ୍ ଇଣ୍ଟେରିଅର ପକ୍ଷରୁ ସ୍ପଷ୍ଟ କରିଛି। ସେମାନଙ୍କ ହୋଟେଲ ରୁମରେ ମିଳିଥିବା ପାସପୋର୍ଟରେ ରୋନାଲ୍ଡିନୋ ଓ ରବର୍ଟୋ ପାରାଗୁଏର ନାଗରିକ ବୋଲି ଦର୍ଶାଯାଇଛି। ରୋନାଲ୍ଡିନୋଙ୍କୁ ଏକ କାସିନୋ ମାଲିକ ନେଲସନ ବେଲୋଟି ଆମନ୍ତ୍ରଣ କରିଥିବା ଗୁରୁବାର ସକାଳେ ପାରଗୁଏ ପୋଲିସ ଏକ ବିବୃତି ପ୍ରକାଶ କରିଛି। ତାଙ୍କ ନିକଟରେ ବ୍ରାଜିଲ ପାସପୋର୍ଟ ନ ଥିଲା। ଏହାର କାରଣ ତାଙ୍କୁ ୨୦୧୮ରେ ପରିବେଶକୁ ଦୂଷିତ କରିବା ଲାଗି ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥିଲା। ୨୦୧୫ରେ ଲେକ ଗୁଆଇବାଠାରେ ସେ ବିନା ଲାଇସେନ୍ସରେ ସ୍ଥାୟୀ ସଂରକ୍ଷଣ ଅଞ୍ଚଳରେ ମାଛ ଧରିବା ଲାଗି ଜାଲ ବିଛାଇଥିଲେ। ଏଥିଯୋଗୁ ୨୦୧୮ ନଭେମ୍ବରରେ ତାଙ୍କୁ ୮.୫ ନିୟୁତ ଡଲାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଥିଲେ ବ୍ରାଜିଲର ସୁପେରିଅର କୋର୍ଟ। କିନ୍ତୁ ଅର୍ଥ ଦାଖଲ କରି ନ ଥିଲେ। ଏଣୁ କୋର୍ଟ ରୋନାଲ୍ଡିନୋ ଓ ରବର୍ଟୋଙ୍କୁ ଦେଶ ଛାଡ଼ି ବାହାରକୁ ଯାଇ ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏଥିଯୋଗୁ ସେମାନଙ୍କ ନିକଟରେ ବ୍ରାଜିଲ ପାସପୋର୍ଟ ନାହିଁ। ସେ ବାଲୋନ ଡି'ଅର ପୁରସ୍କାର ଜିତିବା ସହ ସେହିବର୍ଷ ଓ ୨୦୦୪ ରେ ଶ୍ରେଷ୍ଠ ଫିଫା ଖେଳାଳି ପୁରସ୍କାର ପାଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୬, ୨୦୨୦



## ସଂକ୍ଷେପରେ

> ମାଞ୍ଚେଷ୍ଟର ୟୁନାଇଟେଡ୍ ଶୀର୍ଷକୁ ଫେରିବା ଲାଗି ଆଉ ଦୁଇରୁ ତିନିବର୍ଷ ସମୟ ଲାଗିବ। ଏଥିପାଇଁ ଧୈର୍ଯ୍ୟ ଅବଲମ୍ବନ କରିବାକୁ ପଡ଼ିବ ।
> –ୱେନ୍ ରୁନି, ମାଞ୍ଚେଷ୍ଟର ୟୁନାଇଟେଡ୍‌ର ରେକର୍ଡ ଗୋଲ ସ୍କୋରର



> ଭାରତୀୟ କ୍ରିକେଟ ପାଇଁ କାର୍ଯ୍ୟକରିବା ଲାଗି ମୋତେ ଆଉଥରେ ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେକରୁଛି ।
> –ସୁନୀଲ ଜୋଷୀ, ନବନିଯୁକ୍ତ ଚୟନ କମିଟି ମୁଖ୍ୟ



### ଅଧିନାୟକ ପଦ ଛାଡ଼ିଲେ ମୋର୍ତାଜା

ସିଏହେଟ୍, ୫।୩ (ଏଏଫ୍‌ପି)- ବରିଷ୍ଠ ବାଂଲାଦେଶ ଦ୍ରୁତ ବୋଲର ମାଶ୍ରାଫି ମୋର୍ତାଜା ଗୁରୁବାର ଦିନିକିଆ ଅଧିନାୟକ ପଦ ଛାଡ଼ିଛନ୍ତି। ଶୁକ୍ରବାର ଜିମ୍ବାୱେ ବିପକ୍ଷରେ ଖେଳାଯିବାକୁ ଥିବା ଅନ୍ତିମ ଦିନିକିଆ ଅଧିନାୟକ ଭାବେ ମୋର ଶେଷ ମ୍ୟାଚ୍ ହେବ। ତେବେ ଜଣେ ଖେଳାଳି ଭାବେ ମନୋନୟନ ପାଇଁ ଉପଲବ୍ଧ ରହିବି। କିନ୍ତୁ ୨୦୨୩ ବିଶ୍ୱକପ୍ ପୂର୍ବରୁ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ରହିଥିବାରୁ ଚୟନକର୍ତ୍ତାମାନେ ଚାପରେ ରହିଛନ୍ତି ବୋଲି ବାଂଲାଦେଶ ପାର୍ଲାମେଣ୍ଟର ଜଣେ ସଦସ୍ୟ ଥିବା ୩୬ ବର୍ଷୀୟ ଏହି ଡାହାଣହାତୀ ବୋଲର କହିଛନ୍ତି। ଏତେ ବର୍ଷ ଧରି ମୋ ଉପରେ ଭରସା କରିଥିବାରୁ ବାଂଲାଦେଶ କ୍ରିକେଟ୍ ବୋର୍ଡକୁ ଧନ୍ୟବାଦ ଦେବି। ଯଦି ମୋତେ ଭବିଷ୍ୟତରେ ସୁଯୋଗ ମିଳେ ତେବେ ଖେଳାଳି ଭାବେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି ବୋଲି ମୋର୍ତାଜା କହିଛନ୍ତି। ଏଥିସହିତ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଅନ୍ତ ଘଟିଛି ବୋଲି ଚର୍ଚ୍ଚା ହେଉଛି।

### ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରୁ ଓହରିଲେ ଭାରତୀୟ ଖେଳାଳି

ନୂଆଦିଲ୍ଲୀ, ୫।୩ (ପି.ଟି.)-କରୋନା ଭାଇରସ୍ ସଂକ୍ରମଣ ଆଶଙ୍କାରେ ଭାରତର କେତେଜଣ ବ୍ୟାଡମିଣ୍ଟନ ଖେଳାଳି ଆସନ୍ତା ସପ୍ତାହରେ ହେବାକୁଥିବା ଅଲ୍ ଇଂଲଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରୁ ଓହରିଯାଇଛନ୍ତି। ମାର୍ଚ୍ଚ ୧୧ରୁ ଆରମ୍ଭ ହେବାକୁଥିବା ସମ୍ମାନଜନକ ପ୍ରତିଯୋଗିତା ସିଜନର ପ୍ରଥମ ୱାର୍ଲ୍ଡ ଟୁର୍ ସୁପର ୧୦୦୦ ଟୁର୍ନାମେଣ୍ଟ। ଏହାକୁ ଟୋକିଓ ଅଲିମ୍ପିକ୍ସ ୨୦୨୦ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଭାବେ ବିବେଚନା କରାଯାଏ। ଭାରତୀୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ବାଇ)ର ସମ୍ପାଦକ ଅଜୟ ସିଂଘାଣିଆଙ୍କ ସୂଚନା ଅନୁସାରେ ଟପ୍ ଡବଲ୍ସ ଯୋଡ଼ି ଚିରାଗ ଶେଟ୍ଟି ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ, ମନୁ ଅତ୍ରୀ ଓ ବି. ସୁମିତ ରେଡ୍ଡୀ, ଏଚ୍.ଏସ. ପ୍ରଣୟ, ସମୀର ବର୍ମା ଏବଂ ସୌରଭ ବର୍ମା ପ୍ରମୁଖ ଏହି ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ତେବେ ସାଇନା ନେହ୍ୱାଲ, ପି. ଭି. ସିନ୍ଧୁ, କିଡାମ୍ବି ଶ୍ରୀକାନ୍ତ, ଅଶ୍ୱିନ ପୋନ୍ନାପ୍ପା ଓ ଏନ. ସିକ୍କି ରେଡ୍ଡୀ ଏବଂ ପ୍ରଣବ ଜେରି ଚୋପ୍ରା ପ୍ରମୁଖ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ।

### ଅଲିମ୍ପିକ ଉଦ୍‌ଘାଟନୀ ଉତ୍ସବ ମହିଳା, ପୁରୁଷ ପ୍ରତିଯୋଗୀ ପତାକା ଧରିପାରିବେ

ଲାଉସାନେ, ୫।୩ (ଏଏଫ୍‌ପି) ଟୋକିଓ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବର ମାର୍ଚ୍ଚପାଷ୍ଟରେ ଜଣେ ମହିଳା ଏବଂ ଜଣେ ପୁରୁଷ ପ୍ରତିଯୋଗୀ ସେମାନଙ୍କ ଦେଶର ଜାତୀୟ ପତାକା ବହନ କରିପାରିବେ। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଏଥିଲାଗି ଅନୁମତି ପ୍ରଦାନ କରିଛି। ନିୟମରେ ପରିବର୍ତ୍ତନ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଏଣିକି ଜାତୀୟ ଅଲିମ୍ପିକ କମିଟିଗୁଡ଼ିକ ଦ୍ୱାରା ମନୋନୀତ ଜଣେ ମହିଳା ଓ ପୁରୁଷ ଆଥଲେଟ ମିଳିତ ଭାବେ ପତାକା ବାହକ ହୋଇ ପାରିବେ। ସମସ୍ତ ଜାତୀୟ ଅଲିମ୍ପିକ କମିଟିଗୁଡ଼ିକ ଏହାର ସୁଯୋଗ ନେବା ଉଚିତ୍ ବୋଲି ଆଇଓସି କହିଛି। ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଟୋକିଓ ଅଲିମ୍ପିକ୍ସ ଅନୁଷ୍ଠିତ ହେବ। ଅଲିମ୍ପିକ ଗେମ୍ସ ଇତିହାସରେ ପ୍ରଥମଥର ମହିଳା ଓ ପୁରୁଷ ପ୍ରତିଯୋଗୀଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଇଛି। ଅର୍ଥାତ ଏଥର ମୋଟ ପ୍ରତିଯୋଗୀଙ୍କ ମଧ୍ୟରେ ୪୮.୮ ପ୍ରତିଶତ ହେଉଛନ୍ତି ମହିଳା।

### ଚେସ୍ ପ୍ରଶିକ୍ଷଣ ଶିବିର ୧୧ରୁ

କଟକ ଅଫିସ,୫।୩- ବାଦାମବାଡ଼ି ବରାଳ ଲେନ୍‌ସ୍ଥିତ ଏସ୍‌ଆର୍ ଚେସ୍ ସେଣ୍ଟରରେ ଆସନ୍ତା ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଚେସ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ପ୍ରତିଦିନ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଶିବିର ଚାଲିବ। ସାଢ଼େ ୪ ବର୍ଷରୁ ଉର୍ଦ୍ଧ୍ୱ ଇଚ୍ଛୁକ ଶିକ୍ଷାର୍ଥୀ ୪୦୦ ଟଙ୍କା ପ୍ରବେଶ ଫି' ଦେଇ ଶିବିରରେ ଅଂଶଗ୍ରହଣ କରିପାରିବେ। ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରିବିଗ୍‌ନର, ବିଗ୍‌ନର ଓ ଇଣ୍ଟରମିଡିଏଟ୍ ଭଳି ୩ଟି ବିଭାଗରେ ବିଭକ୍ତ କରାଯିବ। ବରିଷ୍ଠ ପ୍ରଶିକ୍ଷକଙ୍କ ଦ୍ୱାରା ଚେସ୍‌ର ମୌଳିକ ଜ୍ଞାନ, କୌଶଳପୂର୍ଣ୍ଣ ଚାଲ୍ ଚଳାଇବା ଆଦି ଶିକ୍ଷା ଦିଆଯିବ ବୋଲି ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରଶିକ୍ଷଣ ଶିବିର ସମ୍ପର୍କରେ ଅଧିକ ତଥ୍ୟ ନିମନ୍ତେ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି।

# ଓଡ଼ିଶା ପୁରୁଷ ହକି ଦଳ ଚାମ୍ପିୟନ



ପୁରୁଷ ହକି ଚାମ୍ପିୟନ ଓଡ଼ିଶା ଦଳ।

## ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ା

ଭୁବନେଶ୍ୱର, ୫।୩(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ବନ ବିଭାଗ କ୍ରୀଡ଼ାର ବୁଧବାର ତୃତୀୟ ଦିବସରେ ଓଡ଼ିଶା ୧ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରିଛି। ପୁରୁଷ ହକି ଫାଇନାଲରେ ତାମିଲନାଡୁକୁ ହରାଇ ଓଡ଼ିଶା ଚାମ୍ପିୟନ ହେବା ସହ ସ୍ୱର୍ଣ୍ଣ ପଦକ ଜିତିଛି। ଶଟ୍‌ପୁଟ୍( ପୁରୁଷ ଓପନ)ରେ ଗୌତମ ପ୍ରଧାନ ଓ ଭାଟେରାନ ପୁରୁଷ ଜାଭେଲିନ୍ ଥ୍ରୋରେ ଇନ୍ଦୁଲତା ଭଞ୍ଜ ରୌପ୍ୟ ପଦକ ଲାଭ କରିଛନ୍ତି। ତୃତୀୟ ଦିବସ ଶେଷରେ ଛତିଶଗଡ଼କୁ ପଛରେ ପକାଇ କର୍ଣାଟକ ପଦକ ତାଲିକାର ଶୀର୍ଷକୁ ଉନ୍ନୀତ ହୋଇଛି। ତୃତୀୟ ଦିବସରେ ୨୦ ପଦକ ପାଇବା ସହ କର୍ଣାଟକ ପଦକ ସଂଖ୍ୟା ୩୮ (୧୭+୧୩+୮)ରେ ପହଞ୍ଚିଥିବାବେଳେ ଛତିଶଗଡ଼ ୩୪ (୧୫+୧୩+୬) ଓ କେରଳ ୩୩ (୧୦+୯+୧୪) ପଦକ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶା ମୋଟ ୭ (୧+୩+୩) ପଦକ ପାଇଛି।

# ସେକ୍ରେଟାରିଏଟ କପ୍ କ୍ରିକେଟ ଉଦ୍‌ଯାପିତ



ସେକ୍ରେଟାରିଏଟ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଅବସରରେ ଗୁରୁବାର ଶ୍ରେଷ୍ଠ କ୍ରୀଡ଼ା ସଙ୍ଗଠକ ଭାବେ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୫।୩(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସଚିବାଳୟ କର୍ମଚାରୀ କ୍ରୀଡ଼ାସଂଘ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃ ବିଭାଗୀୟ ସେକ୍ରେଟାରିଏଟ କପ୍ କ୍ରିକେଟ ଗୁରୁବାର ଉଦ୍‌ଯାପିତ ହୋଇଛି। ୟୁନିଟ-୬ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ହରାଇ ଯୋଜନା ଓ ସଂଯୋଜନା ବିଭାଗ ଚାମ୍ପିୟନ ହୋଇଛି। ଯୋଜନା ଓ ସଂଯୋଜନା ବିଭାଗର ଦେବ ପ୍ରସାଦ ପତି ମ୍ୟାନ ଅଫ ଦି ମ୍ୟାଚ ଓ ଟୁର୍ନାମେଣ୍ଟ ପୁରସ୍କାର ଲାଭ କରିଥିଲେ। ଏହି ଅବସରରେ ସଚିବାଳୟର ମହିଳାମାନଙ୍କୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ ମଧ୍ୟ କରାଯାଇଥିଲା। ଏଥିରେ ମିତଲ ୱାରିୟର୍ସକୁ ସୁପର ଟାଇଟନ୍ସ ପରାସ୍ତ କରିଥିଲା। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ଶାସନ ସଚିବ ଦିଲୀପ ରାଉତରାୟ ମୁଖ୍ୟ ଅତିଥି, ଅର୍ଥ ବିଭାଗ ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ ପ୍ରଦୀପ୍ତ କୁମାର ନନ୍ଦ, ଉପ ଶାସନ ସଚିବ ଚିତ୍ତରଞ୍ଜନ ହୋତା, ଡିଜିଏମ ପି. କେ. ଦାସ ଏବଂ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ରୀଡ଼ା ସଂଘର ସଭାପତି ଦେବୀଦତ୍ତ ମିଶ୍ର, ସାଧାରଣ ସମ୍ପାଦକ ହର ପ୍ରସାଦ ବିଶ୍ୱାଳ ଏବଂ କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ସ୍ଥଗିତ ରହିପାରେ ବିଶ୍ୱକପ୍ କ୍ୱାଲିଫାୟର୍ସ

ଜୁରିଚ୍, ୫।୩

ମାରାତ୍ମକ କରୋନା ଭାଇରସ୍ ବିପଦ କ୍ରୀଡ଼ା ଜଗତ ଉପରେ ପ୍ରଭାବ ପକାଇବାରେ ଲାଗିଛି। ଏଥିପାଇଁ ଅନେକ ଟୁର୍ନାମେଣ୍ଟ ବାତିଲ ହୋଇଥିବାବେଳେ ଆଉ କେତେକ ପ୍ରତିଯୋଗିତାକୁ ସ୍ଥଗିତ ରଖିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଆଥଲେଟ୍‌ଙ୍କ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି ହୋଇଛି। ଏହି କ୍ରମରେ ଚଳିତମାସ ୨୬ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଭାରତ-କାତାର ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ସ୍ଥଗିତ ରହିବା ସମ୍ଭାବନା ବଢ଼ି ଯାଇଛି। ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା ପକ୍ଷରୁ ଗୁରୁବାର ପ୍ରତିଷେଧକମୂଳକ ବ୍ୟବସ୍ଥା ସ୍ୱରୂପ ୨୦୨୨ ବିଶ୍ୱକପ୍ ଏବଂ ୨୦୨୩ ଏସିଆନ କପ୍ ପାଇଁ ଆଗକୁ ଖେଳାଯିବାକୁ ଥିବା ସମସ୍ତ କ୍ୱାଲିଫାୟର୍ସ ମ୍ୟାଚକୁ ସ୍ଥଗିତ ରଖିବା ଲାଗି ପ୍ରସ୍ତାବ ଦିଆ ଯାଇଛି। ତନ୍ମଧ୍ୟରେ କାତାର ବିପକ୍ଷରେ ଭାରତ ଖେଳିବାକୁ ଥିବା ହୋମ୍ ଗେମ୍ (କଳିଙ୍ଗ ଷ୍ଟାଡିୟମ) ରହିଛି। ବିଶ୍ୱ ଫୁଟ୍‌ବଲ ପରିଚାଳନା ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଫିଫା ଏବଂ ଏସିଆନ ଫୁଟ୍‌ବଲ କନଫେଡେରେଶନ(ଏଏଫ୍‌ସି) ମଧ୍ୟରେ ଏକ ବୈଠକ ବସିଥିଲା। ଏଥିରେ ଏସିଆରେ ଫୁଟ୍‌ବଲ କାର୍ଯ୍ୟକଳାପକୁ ନେଇ ଆଲୋଚନା ହୋଇଥିଲା। କ୍ୱାଲିଫାୟର୍ସ ମ୍ୟାଚ ସ୍ଥଗିତ ରଖିବା ପାଇଁ ଫିଫା ପକ୍ଷରୁ ପ୍ରସ୍ତାବ ଦିଆ ଯାଇଥିବାରୁ ଏହା ଶତପ୍ରତିଶତ କାର୍ଯ୍ୟକାରୀ ହେବା ସମ୍ଭାବନା ରହିଛି।

ଫୁଟ୍‌ବଲ ସହିତ ସମ୍ପୃକ୍ତଥିବା ସମସ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଉଭୟ ଫିଫା ଓ ଏଏଫ୍‌ସି ଗୁରୁତ୍ୱ ଦିଅନ୍ତି ବୋଲି ଫିଫା ତରଫରୁ ପ୍ରକାଶିତ ଏକ ଇସ୍ତାହାରରେ କୁହାଯାଇଛି। ଆଗକୁଥିବା କ୍ୱାଲିଫାଇଙ୍ଗ ମ୍ୟାଚଗୁଡ଼ିକୁ ସ୍ଥଗିତ ରଖିବା ଲାଗି ସମ୍ପୃକ୍ତ ସଦସ୍ୟ ଆସୋସିଏଶନଗୁଡ଼ିକର ମତାମତ ଲୋଡାଯାଇଛି। ଏପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ଜିତିପାରି ନ ଥିବାରୁ ଭାରତ ଯଦିଓ ବିଶ୍ୱକପ୍ ଦୌଡ଼ରେ ନାହିଁ ତେବେ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟରେ ମାର୍ଚ୍ଚ ୨୬ରେ ଭୁବନେଶ୍ୱରରେ କାତାରକୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଦଳ ପରେ ଜୁନ୍‌ରେ ବାଂଲାଦେଶ ଏବଂ ଆଫଗାନିସ୍ତାନ ସହ ମୁକାବିଲା କରିବ। ସୂଚନାଯୋଗ୍ୟ, ଓମାନ ବିପକ୍ଷରେ ଭାରତ ଏହାର ପ୍ରଥମ ବିଶ୍ୱକପ୍ କ୍ୱାଲିଫାଇଙ୍ଗ ମ୍ୟାଚ ହାରିଯାଇଥିଲା। କିନ୍ତୁ ଦେଶ ବାହାରେ ଏସିଆନ ଚାମ୍ପିୟନ କାତାର ବିପକ୍ଷ ମ୍ୟାଚ ଗୋଲ ଶୂନ୍ୟ ଡ୍ର ରଖି ସମ୍ଭାବନା ଉଜ୍ଜୀବିତ ରଖିଥିଲା। ପରେ ଦଳ ବାଂଲାଦେଶ ଓ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ ଶେଷ ମୁହୂର୍ତ୍ତରେ ଡ୍ର ରଖିଥିଲା। ବିଦେଶରେ ଓମାନ ବିପକ୍ଷ ମ୍ୟାଚ ୧-୦ ଗୋଲରେ ପରାଜିତ ହେବା ଦ୍ୱାରା ଭାରତ ବିଶ୍ୱକପ୍ ଯୋଗ୍ୟତା ହାସଲ ଦୌଡ଼ରୁ ବାଦ୍ ପଡ଼ିଥିଲା। ଦଳ ବର୍ତ୍ତମାନ ୨୦୨୩ ଏସିଆ କପ୍ ପାଇଁ ଯୋଗ୍ୟତା ହାସଲ କରିବାକୁ ଚାହୁଁଛି। ଉକ୍ତ ବୈଠକରେ ଆହୁରି ମଧ୍ୟ କୋରିଆ ରିପବ୍ଲିକ ଏବଂ ଚାଇନା ମଧ୍ୟରେ ଖେଳାଯିବାକୁଥିବା ମହିଳା ଅଲିମ୍ପିକ ପ୍ଲେ-ଅଫ୍ ଏବଂ ୨୦୨୦ରେ ତୁର୍କମେନିସ୍ତାନରେ ହେବାକୁଥିବା ଏଏଫ୍‌ସି ଫୁଟ୍‌ସାଲ ଚାମ୍ପିୟନଶିପ୍ ସମ୍ପର୍କରେ ଆଲୋଚନା ହୋଇଥିଲା।

## ସ୍ୱତନ୍ତ୍ର ରେକର୍ଡ ଅଧିକାରୀ ପୋଲାର୍ଡ

ପାଲିକେଲ,୫।୩

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର କିରନ ପୋଲାର୍ଡ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ବିଶ୍ୱର ପ୍ରଥମ କ୍ରିକେଟର ଭାବେ ସେ ୫୦୦ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଏଥିସହ କ୍ରିକେଟର ସବୁଠୁ ଛୋଟ ଫର୍ମାଟରେ ୧୦ ହଜାର ରନ୍ ପୂରଣ କରିବାରେ ବିଶ୍ୱର ସେ ଦ୍ୱିତୀୟ ବ୍ୟାଟ୍ସମ୍ୟାନ ହୋଇପାରିଛନ୍ତି। ଅଧିନାୟକ ପୋଲାର୍ଡ ଏହି ମ୍ୟାଚ୍ ପୂର୍ବରୁ ଉଭୟ ଅନ୍ତର୍ଜାତୀୟ ଓ ଫ୍ରାଞ୍ଚାଇଜ ଭିତ୍ତିକ କ୍ରିକେଟରେ ମୋଟ ୯,୯୬୬ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ସେ ୧୫ ବଲରେ ୩୪ ରନ୍ କରି ନିଜ ଦେଶର ବିସ୍ଫୋରକ ଓପନର କ୍ରିସ ଗେଲଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଗେଲ ଟି୨୦ ଫର୍ମାଟରେ ସର୍ବାଧିକ ୧୩,୨୯୬ ରନ୍ କରିଛନ୍ତି। ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ବ୍ୟତୀତ ୩୨ ବର୍ଷୀୟ ଖେଳାଳି ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ବାଂଲାଦେଶ, ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନରେ ଫ୍ରାଞ୍ଚାଇଜ ଭିତ୍ତିକ କ୍ରିକେଟ ଖେଳନ୍ତି। ଏହି ଅବସରରେ ଗେଲ ଟୁଇଟ୍ କରି ପୋଲାର୍ଡଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କଳିଙ୍ଗରେ ତୃତୀୟ ପର୍ଯ୍ୟାୟ ମ୍ୟାଚ

ନୂଆଦିଲ୍ଲୀ, ୫।୩

ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ଏବଂ ହକି ଇଣ୍ଡିଆ ଆନୁକୂଲ୍ୟରେ ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍(୨୧ ବର୍ଷରୁ କମ୍)ର ପ୍ରଥମ ସଂସ୍କରଣ ଚଳିତ ବର୍ଷ ମାର୍ଚ୍ଚରୁ ନଭେମ୍ବର ମଧ୍ୟରେ ଅନୁଷ୍ଠିତ ହେବ। ଏହା ୩ଟି ପର୍ଯ୍ୟାୟରେ ଭିନ୍ନଭିନ୍ନ ଭେନ୍ୟୁରେ ଆୟୋଜିତ ହେବ। ଏହି କ୍ରମରେ ଲିଗ୍‌ର ତୃତୀୟ ପର୍ଯ୍ୟାୟ ନଭେମ୍ବର ୨୨ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ୨୩ରୁ ୨୯ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜୁଲାଇ ୧୩ରୁ ୧୯ ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ହେବ।

"ଖେଲୋ ଇଣ୍ଡିଆ ସ୍କିମ୍‌ରେ ବିଭିନ୍ନ କ୍ରୀଡ଼ା ପାଇଁ ପ୍ରତିଭା ଅନୁସନ୍ଧାନ ଲାଗି ପ୍ଲାଟଫର୍ମ ପ୍ରସ୍ତୁତ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମହିଳା ହକି ଲିଗ୍ ଏହାର ଏକ ଅଂଶବିଶେଷ। ବର୍ତ୍ତମାନ ଭାରତରେ ସୀମିତ ସଂଖ୍ୟାରେ ଜାତୀୟ ସ୍ତରୀୟ ମହିଳା ହକି ଟୁର୍ନାମେଣ୍ଟ ହେଉଛି। ତେଣୁ ଆମେ ଏପରି ଏକ ଲିଗ୍ ପାଇଁ ନିଷ୍ପତ୍ତି ନେଇଛୁ। ଏହାଦ୍ୱାରା ୨୧ ବର୍ଷରୁ କମ୍ ବର୍ଗରେ ଅଧିକରୁ ଅଧିକ ପ୍ରତିଭା ସାମ୍ନାକୁ ଆସିପାରିବେ" ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ ପ୍ରକାଶ କରିଛନ୍ତି।

ଲିଗ୍‌ର ପ୍ରଥମ ସଂସ୍କରଣରେ ୧୪ଟି ଦଳ ଅଂଶଗ୍ରହଣ କରିବେ। ପ୍ରଥମେ ଯେଉଁ ଦଳ ଗୁଡ଼ିକ ଆସି ନାମ ପଞ୍ଜୀକରଣ କରିବେ ସେଗୁଡ଼ିକୁ ଅଗ୍ରାଧିକାର ଦିଆଯିବ। ତେବେ ଏଥିରେ ଭାଗ ନେବା ପାଇଁ ନିୟମାବଳୀ ରହିଛି। ସେହି ଆଧାରରେ ଦଳଗୁଡ଼ିକୁ ନିଆଯିବ। ୧୪ଟି ଦଳକୁ ୨ଟି ପୁଲ୍‌ରେ ବିଭକ୍ତ କରାଯିବ। ପ୍ରତି ପୁଲ୍‌ରେ ୭ଟି ଲେଖାଏ ଦଳ ରହିବେ। ତେଣୁ ପ୍ରଥମ ପର୍ଯ୍ୟାୟ ଲିଗ୍‌ରେ ୭ଟି ଓ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍‌ରେ ୭ଟି ଦଳ ଭାଗନେବେ। ଉଭୟ ପର୍ଯ୍ୟାୟରେ ଦଳ ଗୁଡ଼ିକ ରାଉଣ୍ଡ ରବିନ ଫର୍ମାଟରେ ୬ଟି ଲେଖାଏ ମ୍ୟାଚ ଖେଳିବା ସୁଯୋଗ ପାଇବେ। ପ୍ରଥମ ୨ ପର୍ଯ୍ୟାୟ ପରେ ବିଭିନ୍ନ ଦଳଗୁଡ଼ିକର ର୍‍ୟାଙ୍କିଙ୍ଗ୍ ଭିତ୍ତିରେ କ୍ଲାସିଫିକେଶନ ମ୍ୟାଚ ତୃତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଶେଷରେ ଚାମ୍ପିୟନ ନିର୍ଦ୍ଧାରଣ ପାଇଁ ଫାଇନାଲ ମ୍ୟାଚ ସହ ଲିଗ୍ ଶେଷ ହେବ। ଏଥିରେ ହକି ଇଣ୍ଡିଆ ସହ ଅନୁବନ୍ଧିତ ବିଭିନ୍ନ ଏକାଡେମୀ ଓ ପବ୍ଲିକ୍ ସେକ୍ଟର ୟୁନିଟ(ପିଏସୟୁ) ଭାଗ ନେଇପାରିବେ। ୨୦୦୦ ଜାନୁୟାରୀ ୧ ପରେ ଜନ୍ମଗ୍ରହଣ କରିଥିବା ପିଲାମାନେ ଏଥିରେ ଭାଗ ନେଇପାରିବେ। ୧୪ଟି ଯାକ ଦଳରେ ୧୮ ଜଣ ଲେଖାଏ ଖେଳାଳି ଏବଂ ୪ ସପୋର୍ଟ ଷ୍ଟାଫ୍(ମୁଖ୍ୟ କୋଚ୍, ଟିମ୍ ମ୍ୟାନେଜର, ଡାକ୍ତର ଓ ଫିଜିଓ) ରହିବେ।

"ଦେଶରେ ହକିର ଉନ୍ନତି ପାଇଁ ହକି ଇଣ୍ଡିଆ ପ୍ରତିଶ୍ରୁତିବଦ୍ଧ। ସାଇ ପକ୍ଷରୁ ନିଆଯାଇଥିବା ନୂଆ ପଦକ୍ଷେପ ଦ୍ୱାରା ଦେଶର ୨୧ ବର୍ଷରୁ କମ୍ ମହିଳା ଖେଳାଳିମାନେ ଖେଲୋ ଇଣ୍ଡିଆ ସ୍କିମ୍‌ରେ ବର୍ଷସାରା ଉଚ୍ଚସ୍ତରରେ ମ୍ୟାଚ ଖେଳିବା ସୁଯୋଗ ପାଇପାରିବେ। ଏହି ଲିଗ୍‌ରେ ଗୋଟିଏ ସିଜନରେ ପ୍ରତି ଦଳ ଅତିକମ୍‌ରେ ୧୫ଟି ମ୍ୟାଚ ଖେଳିବାର ସୁଯୋଗ ପାଇବ। ଏହାଦ୍ୱାରା ହକି ଇଣ୍ଡିଆ ସହ ଅନୁବନ୍ଧିତ ବିଭିନ୍ନ ଏକାଡେମୀ ଓ ପବ୍ଲିକ୍ ସେକ୍ଟର ୟୁନିଟ (ପିଏସୟୁ)ର ଖେଳାଳିମାନେ ସେମାନଙ୍କ ପ୍ରତିଭା ଦେଖାଇ ପାରିବେ। ଏହାଦ୍ୱାରା ଭବିଷ୍ୟତରେ ସେମାନେ ଭାରତୀୟ ଦଳ ଗଠନ ପ୍ରକ୍ରିୟାରେ ମଧ୍ୟ ସାମିଲ ହୋଇ ପାରିବେ" ବୋଲି ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ପ୍ରକାଶ କରିଛନ୍ତି।

## ହାରିକା ମିଳିତ ଅଗ୍ରଣୀ

ଲାଉସାନେ, ୫।୩ (ପି.ଟି.)

ଚଳିତ ଫିଡେ ମହିଳା ଚେସ୍ ଗ୍ରାଁ.ପ୍ରି.ର ତୃତୀୟ ରାଉଣ୍ଡରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଦ୍ରୋଣାଭାଲି ହାରିକା ବିଶ୍ୱ ଚାମ୍ପିୟନ ଜୁ ୱେନ୍‌ଜୁନ୍‌ଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଏଥିସହିତ ସେ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ୩ ରାଉଣ୍ଡ ଖେଳ ପରେ ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ହାରିକା ଓ ଅନ୍ୟ ୪ଜଣଙ୍କ ସମାନ ୨ ପଏଣ୍ଟ ଲେଖାଏଁ ଅର୍ଜନ କରିଛନ୍ତି। ଧଳା ଦାନରେ ଖେଳିଥିବା ଭାରତୀୟ ଖେଳାଳି ୫୪ ମୁଭ୍‌ରେ ବିଶ୍ୱର ୩ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଚାଇନିଜ ଖେଳାଳିଙ୍କୁ ହରାଇ ଦେଇଥିଲେ। ୨ ପଏଣ୍ଟ ଅର୍ଜନ କରିଥିବା ଅନ୍ୟ ଖେଳାଳିମାନେ ହେଲେ ରୁଷିଆର ଅଲିନା କାସ୍‌ଲିନ୍ସକାୟା ଓ ଆଲେକ୍‌ଜାଣ୍ଡ୍ରା ଗୋରିୟାଚ୍‌କିନା, ୟୁକ୍ରେନର ଆନ୍ନା ମୁଜିଚୁକ୍ ଏବଂ ଜର୍ଜିଆର ନାନା ଡିଜାଗ୍‌ନିଡ୍ଜେ। ବୁଧବାର ଖେଳାଯାଇଥିବା ୬ଟି ଗେମ୍‌ରୁ ୩ଟି ନିର୍ଣ୍ଣାୟକ ହୋଇଥିଲା। ହାରିକାଙ୍କ ବ୍ୟତୀତ କାସ୍‌ଲିନ୍ସକାୟା ଓ ମୁଜିଚୁକ୍ ସେମାନଙ୍କ ଗେମ୍‌ରେ ବିଜୟୀ ହୋଇଥିଲେ। ୨୯ ବର୍ଷୀୟା ହାରିକା ଚତୁର୍ଥ ରାଉଣ୍ଡରେ ଡିଜାଗ୍‌ନିଡ୍ଜେଙ୍କୁ ଭେଟିବେ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ, ଓକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ କ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786



# ସାମସଦ୍, ରଶ୍ମିରଞ୍ଜନ ବିଜେତା

## ବିଜୁ ପଟ୍ଟନାୟକ ମିନି ମାରାଥନ

ଭୁବନେଶ୍ୱର, ୫।୩(ବ୍ୟୁରୋ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳ ୭ଟାରେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ବିଜୁ ପଟ୍ଟନାୟକ ପାର୍କ (ଫରେଷ୍ଟ ପାର୍କ) ନିକଟରୁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପାଖାପାଖି ୩୦୦୦ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଏହି ମିନି ମାରାଥନ ବିଜୁ ପଟ୍ଟନାୟକ ପାର୍କରୁ ବାହାରି ଶିଶୁଭବନ ଛକ, ରାଜମହଲ ଛକ, ଏଜି ଛକ, ରାଜଭବନ ଛକ, ପାୱାର ହାଉସ୍ ଛକ ଦେଇ କଳିଙ୍ଗ ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ୧୫ରୁ ୧୮ ବର୍ଷ ବାଳିକାବାଳକ, ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଏବଂ ୫୦ ବର୍ଷରୁ ଉର୍ଦ୍ଧ୍ୱ ଭେଟେରାନ୍ ମହିଳା ଓ ପୁରୁଷ ବର୍ଗରେ ଅନୁଷ୍ଠିତ ମୋଟ ୬ଟି ବର୍ଗର ଶ୍ରେଷ୍ଠ ୫ ଜଣ ପ୍ରତିଯୋଗୀଙ୍କୁ ମୋଟ ୧ ଲକ୍ଷ ୫୮ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ବାବଦରେ ପ୍ରଦାନ କରାଯାଇଥିଲା। ୧୮ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ବର୍ଗରେ ରଶ୍ମି ରଞ୍ଜନ ନାୟକ ଏବଂ ମହିଳା ବର୍ଗରେ ସାମ୍‌ସଦ୍ ଆରା ବେଗମ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ୧୫ରୁ ୧୮ ବର୍ଷ ବାଳକ ବର୍ଗରେ ରାଜେନ୍ଦ୍ର କୁମାର ବିନ୍ଦ ଓ ବାଳିକା ବର୍ଗରେ ଇତିଶ୍ରୀ ମହାନ୍ତ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏହି ଅବସରରେ ଦ୍ୱିତୀୟ ଓ ତୃତୀୟରେ ଥିବା ପ୍ରତିଯୋଗୀଙ୍କୁ ପ୍ରଥମ ପ୍ରତିଯୋଗୀଙ୍କ ସହ ଅର୍ଥ ପୁରସ୍କାର ଚେକ୍ ଆକାରରେ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ଭେଟେରାନ୍ ବର୍ଗରେ ଏ. ବାବା ଓ ମହିଳା ବର୍ଗରେ ଡଲି ମହାନ୍ତି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ମନ୍ତ୍ରୀ ବେହେରା ଏବଂ ବିଭାଗୀୟ ଶାସନ ସଚିବ ବିଶାଳ ଦେବ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।



ଜଣେ କୃତୀ ମହିଳା ପ୍ରତିଯୋଗୀଙ୍କୁ କ୍ରୀଡ଼ା ସଚିବ ବିଶାଳ ଦେବ ଓ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପୁରସ୍କୃତ କରୁଛନ୍ତି।

ମନେ ପଡ଼ନ୍ତି

୨୦ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଦୁର୍ଯ୍ୟୋଧନ ବେହେରା
ଲକ୍ଷ୍ମୀବଜାର, ଢେଙ୍କାନାଳ ଭୂତପୂର୍ବ ଶାଖା ପରିଚାଳକ, ଏସ୍‌ବିଆଇ ବଇଣ୍ଡା ଶାଖା
ଆବିର୍ଭାବ: ୧୬।୦୪।୧୯୪୫
ତିରୋଧାନ: ୦୬।୦୩।୨୦୦୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମମାନଙ୍କର ଚିର ପାଥେୟ ହେଉ। ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା। ପତ୍ନୀ: ଇଲା, ପରିବାର ଏବଂ ଆତ୍ମୀୟସ୍ୱଜନ।
ଧ-୬୬୮୪୫

୧୮ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କ୍ଷେତ୍ରମଣୀ ପଟ୍ଟନାୟକ
ଆବିର୍ଭାବ: ୧୩।୧୦।୧୯୩୨
ତିରୋଧାନ: ୨୬।୦୩।୨୦୦୨
ବୋଉ ତୋର ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ଯେଉଁଠି ଅଛୁ ଭଲରେ ଥାଅ, ସ୍ନେହଭରା ଆଖିରେ ଚାହିଁଥାଅ।
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୭୦୧୫

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



୰ ଇଂ.କେଦାରନାଥ ମିଶ୍ର
ପ୍ଲଟ୍ ନଂ.ଏ/୧୦୨, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ : ୨୬.୧୧.୧୯୪୦
ତିରୋଧାନ : ୨୬.୦୨.୨୦୧୮
ଆପଣଙ୍କ ନୀତି, ଆଦର୍ଶ ଓ ପ୍ରେରଣା ଆମମାନଙ୍କ ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ସ୍ତ୍ରୀ-ଶୈଳବାଳା ମିଶ୍ର, ପୁତ୍ର-ଶୁଭେନ୍ଦ୍ର ମିଶ୍ର, କନ୍ୟା-ସଂଘମିତ୍ରା ମିଶ୍ର, ନାତି-ସତ୍ୟଜିତ୍ ଦାଶ, ନାତୁଣୀ-ଶାଶ୍ୱତୀ ମିଶ୍ର
ଧ-୧୭୦୨୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୬/୨୦୨୦ Bhubaneswar, Friday, March 6/2020

# ୨ ରୋଗୀ ପାଇଲେ ନୂଆ ଜୀବନ

## ଏସ୍‌ସିବି ମେଡିକାଲରେ ଦ୍ୱିତୀୟ କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ

କଟକ ଅଫିସ,୫।୩

ବିଶ୍ୱ ଚିକିତ୍ସା କ୍ଷେତ୍ରରେ ଆଉ ଏକ ସଫଳତା ନିଜ ନାଁରେ ଯୋଡିଛି ଏସ୍‌ସିବି ମେଡିକାଲ। ଜଣେ ମୃତ ମହିଳାଙ୍କ ଶରୀରରୁ କିଡ୍‌ନୀ ବାହାର କରି ଅନ୍ୟ ୨ ଜଣଙ୍କ ଶରୀରରେ ପ୍ରତିରୋପଣ କରିବାରେ ଗୁରୁବାର ସଫଳ ହୋଇଛି ଏସ୍‌ସିବି ମେଡିକାଲ। ଡାକ୍ତରୀ ଭାଷାରେ ଏହାକୁ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ବୋଲି କୁହାଯାଏ। ବୁଧବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଗୁରୁବାର ଶେଷ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ରାଜଲକ୍ଷ୍ମୀ ଦାସ(୪୬) ଦୁର୍ଘଟଣାରେ ଗୁରୁତର ହେବା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ଡାକ୍ତରମାନେ ତାଙ୍କୁ ମସ୍ତିଷ୍କ ମୃତ(ବ୍ରେନ୍ ଡେଡ୍) ଘୋଷଣା କରିଥିଲେ। ଗତ ଦିନର ଦୁଇଟି ଅଙ୍ଗଦାନ ଘଟଣାରେ ପ୍ରଭାବିତ ହୋଇ ରାଜଲକ୍ଷ୍ମୀଙ୍କ ପରିବାରବର୍ଗ ମଧ୍ୟ ତାଙ୍କର କିଡ୍‌ନୀ ଦାନ ପାଇଁ ସମ୍ମତି ପ୍ରକାଶ କରିଥିଲେ। ପରେ ଉକ୍ତ ଘରୋଇ ହସ୍ପିଟାଲ ପକ୍ଷରୁ ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ୍‌ର ନେଫ୍ରୋଲୋଜି(କିଡ୍‌ନୀରୋଗ) ବିଭାଗର ମୁଖ୍ୟ ତଥା ସାଟୋର ନୋଡାଲ୍ ଅଧିକାରୀ ପ୍ରଫେସର ଡା. ଚିତ୍ତରଞ୍ଜନ କରଙ୍କୁ ଯୋଗାଯୋଗ କରାଯାଇଥିଲା। ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଗୁରୁବାର ଭୋର୍‌ରେ ଉକ୍ତ ଘରୋଇ ହସ୍ପିଟାଲରେ ପହଞ୍ଚିଥିଲା। ରାଜଲକ୍ଷ୍ମୀଙ୍କ ଶରୀରରୁ

### ୭ ଘଣ୍ଟାର ପରିଶ୍ରମ ସଫଳ ହେଲା

ଦୁଇଟି କିଡ୍‌ନୀ ବାହାର କରିବା ପାଇଁ ସକାଳ ସାଢେ ୬ଟାରୁ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ଅସ୍ତ୍ରୋପଚାର କରାଯାଇଥିଲା। ସେଠାରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ରାଜଲକ୍ଷ୍ମୀଙ୍କ ଦୁଇଟି କିଡ୍‌ନୀକୁ କଟକ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ଏହା ପୂର୍ବରୁ ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତିରୋପଣ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। କିଡ୍‌ନୀ ଗ୍ରହଣ କରିବାକୁ ଥିବା ଦୁଇଜଣ ରୋଗୀ କାମାକ୍ଷାନଗରର ରତ୍ନାକର ମହାନ୍ତି(୫୭) ଏବଂ ମୟୂରଭଞ୍ଜର ରୀତାରାଣୀ ମହନ୍ତ(୪୬)ଙ୍କୁ ଅପରେଶନ ଥିଏଟରକୁ ନିଆଯାଇଥିଲା। ଦୁଇଟି କିଡ୍‌ନୀ ପ୍ରତିରୋପଣ ପାଇଁ ୧୧ଜଣ ଡାକ୍ତରଙ୍କୁ ନେଇ ଦୁଇଟି ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇଥିଲା। ନେଫ୍ରୋଲୋଜି ବିଭାଗର ମୁଖ୍ୟ ଡା. କର ଗୋଟିଏ ଦଳର ନେତୃତ୍ୱ ଓ ଡା. ହୋତା ଅନ୍ୟ ଦଳର ନେତୃତ୍ୱ ନେଇଥିଲେ। ସକାଳ ସାଢେ ୯ଟାରେ ପ୍ରତିରୋପଣ ପାଇଁ ଅସ୍ତ୍ରୋପଚାର ଆରମ୍ଭ ହୋଇ ଅପରାହ୍ନ ୧ଟା ୨୦ମିନିଟ୍‌ରେ ଶେଷ ହୋଇଥିଲା।

ରତ୍ନାକର ଏବଂ ରୀତାରାଣୀ ଦୁଇବର୍ଷ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ବଞ୍ଚିବା ପାଇଁ ସାହାରା ଥିଲା ଡାଏଲିସିସ୍। ସପ୍ତାହକୁ ଦୁଇଦିନ ଡାଏଲିସିସ୍ ହେଉଥିଲା। ତଥାପି ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁ ନ ଥିଲା। ଉଭୟଙ୍କ ପରିବାର ଲୋକେ ଏଥିରେ ଚିନ୍ତିତ ହୋଇ ଦିନ କାଟୁଥିଲେ। ଏଭଳି ଏକ ସମୟରେ ସେମାନଙ୍କୁ ନୂଆ ଜୀବନ ଦେଇଛନ୍ତି ରାଜଲକ୍ଷ୍ମୀ। ପ୍ରତିରୋପଣ ଅସ୍ତ୍ରୋପଚାର ସଫଳ ହେବା ନେଇ ଡାକ୍ତରମାନେ ଘୋଷଣା

### ଅଙ୍ଗଦାନ ପାଇଁ ଆଗ୍ରହ ଦେଖାଇଲେ ଗ୍ରହଣକାରୀଙ୍କ ପରିବାରବର୍ଗ

କରିବା ପରେ ନିଜ ଖୁସିକୁ ଉଭୟ ପରିବାରର ସଦସ୍ୟମାନେ ରୋକିପାରି ନ ଥିଲେ। ଲୁହଭିଜା ଆଖିରେ ରାଜଲକ୍ଷ୍ମୀଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଆତ୍ମାର ସଦ୍‌ଗତି କାମନା କରିଥିଲେ। ରାଜଲକ୍ଷ୍ମୀ ଓ ତାଙ୍କ ପରିବାର ସଦସ୍ୟଙ୍କ ନିଷ୍ପତ୍ତି ଯୋଗୁ ରତ୍ନାକର ଓ ରୀତାରାଣୀଙ୍କ ପୁନର୍ଜନ୍ମ ହୋଇଛି। ଭବିଷ୍ୟତରେ ଯଦି ଆମ ସହ କୌଣସି ପ୍ରକାର ଅଘଟଣ ଘଟେ, ତେବେ ଆମେ ମଧ୍ୟ ଅଙ୍ଗଦାନ କରିବୁ ବୋଲି ରତ୍ନାକର ଏବଂ ରୀତାରାଣୀଙ୍କ ପରିବାର ଲୋକେ କହିଛନ୍ତି।

### ପ୍ରଥମେ ପ୍ରିୟଙ୍କା, ପରେ ସୁଚିତ୍ରା ଓ ଏବେ ରାଜଲକ୍ଷ୍ମୀ

ଓଡ଼ିଶାରେ ପ୍ରଥମ କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ ଗତ ଫେବୃୟାରୀ ୪ ତାରିଖରେ ହୋଇଥିଲା। ଦାତା ଥିଲେ ଗଞ୍ଜାମ ଜିଲା ଦିଗପହଣ୍ଡିର ପ୍ରିୟଙ୍କାରାଣୀ ପାତ୍ର। ତାଙ୍କର ଦୁଇଟି କିଡ୍‌ନୀ ଦୁଇ ଜଣଙ୍କୁ ନୂଆ ଜୀବନ ଦେଇଥିଲା। ସେହିଭଳି ଗତ ୨୬ତାରିଖରେ ଭୁବନେଶ୍ୱରର ସୁଚିତ୍ରା ଦାସଙ୍କୁ ଡାକ୍ତର ବ୍ରେନ୍‌ଡେଡ୍ ଘୋଷଣା କରିବା ପରେ ତାଙ୍କର କିଡ୍‌ନୀକୁ ଅନ୍ୟ ଦୁଇଜଣଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା। ଗୁରୁବାର ରାଜଲକ୍ଷ୍ମୀଙ୍କ ଦୁଇଟି କିଡ୍‌ନୀକୁ ମଧ୍ୟ ୨ ଜଣଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି।

## ସଂକ୍ଷେପରେ

### ଶନିବାର ହାଇକୋର୍ଟରେ ବସିବ ସ୍ୱତନ୍ତ୍ର ବେଞ୍ଚ

କଟକ ଅଫିସ,୫।୩: ମାମଲା ବୋଝ ହ୍ରାସ କରିବା ଲକ୍ଷ୍ୟରେ ଆସନ୍ତା ଶନିବାର ଛୁଟି ଥିଲେ ମଧ୍ୟ ହାଇକୋର୍ଟରେ ବସିବ ସ୍ୱତନ୍ତ୍ର ବେଞ୍ଚ। ଏଥିରେ ଜେଲ୍ କ୍ରିମିନାଲ ଅପିଲ୍‌ଗୁଡ଼ିକର ଶୁଣାଣି କରାଯିବ। ବିଶେଷକରି ନିମ୍ନ ଅଦାଲତ ଦ୍ୱାରା ଦଣ୍ଡିତ ହୋଇ ୧୦ବର୍ଷରୁ ଅଧିକ ସମୟ ଜେଲ୍‌ରେ ଥିବା ଅଭିଯୁକ୍ତଙ୍କ ଆବେଦନଗୁଡ଼ିକର ଶୁଣାଣି ହେବ। ଜଷ୍ଟିସ୍ ଏସ୍.କେ. ସାହୁ ଓ ଜଷ୍ଟିସ୍ ବିଭୁପ୍ରସାଦ ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାଗୁଡିକର ଶୁଣାଣି କରିବ। ପୁରୁଣା ଜେଲ୍ କ୍ରିମିନାଲ୍ ଅପିଲ୍‌ଗୁଡ଼ିକର ଶୁଣାଣି ପାଇଁ ଆସନ୍ତା ଶନିବାର ଏଭଳି ସ୍ୱତନ୍ତ୍ର ବେଞ୍ଚ ବସିବ ବୋଲି ହାଇକୋର୍ଟ ପକ୍ଷରୁ ସୂଚନା ମିଳିଛି।

### ଆଜି ମହିଳା ପୋଲିସ ସମ୍ମିଳନୀ

କଟକ ଅଫିସ,୫।୩: ଓଡ଼ିଶା ପୋଲିସ ଆନୁକୂଲ୍ୟରେ ‘ପୋଲିସରେ ମହିଳା’ ଶୀର୍ଷକ ଦିନିକିଆ ସମ୍ମିଳନୀ ଶୁକ୍ରବାର ଓଏସ୍‌ଏପି ଷଷ୍ଠ ବାଟାଲିୟନଠାରେ ଅନୁଷ୍ଠିତ ହେବ। ମହିଳା ପୋଲିସ ଅଧିକାରୀ ଓ କର୍ମଚାରୀ କର୍ମକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଲିଙ୍ଗଗତ ସମସ୍ୟା ଓ ତା’ର ସମାଧାନ ଉପରେ ଏହି ସମ୍ମିଳନୀରେ ଆଲୋଚନା କରାଯିବ। ରାଜ୍ୟ ପୋଲିସର ଶହେରୁ ଅଧିକ ମହିଳା ଅଧିକାରୀ ଓ କର୍ମଚାରୀ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ। ରାଜ୍ୟ ପୋଲିସ ଦ୍ୱାରା ମହିଳା ପୋଲିସଙ୍କ ବିଭିନ୍ନ ସେବା ଓ କଲ୍ୟାଣ ପ୍ରସଙ୍ଗକୁ ନେଇ ଏପରି ଏକ ନିର୍ଦ୍ଦିଷ୍ଟ ରାଜ୍ୟସ୍ତରୀୟ ମହିଳା ପୋଲିସ ସମ୍ମିଳନୀ ଆୟୋଜନ କରିବାରେ ଓଡ଼ିଶା ହେଉଛି ଦେଶର ପ୍ରଥମ। ଏହି ସମ୍ମିଳନୀରେ ଡିଜିପି ଅଭୟ ମୁଖ୍ୟଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ପୋଲିସର ଅନେକ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାରଙ୍ଗ,୫।୩(ଡି.ଏନ.ଏ.): ଭୁବନେଶ୍ୱର ନୂଆ ରେଳଷ୍ଟେଶନର ବିଶିକାଣ୍ଡିପଟଣା ଗ୍ରାମପାଖ ରେଳଧାରଣାରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ମୃତଦେହକୁ ମଞ୍ଚେଶ୍ୱର ଜିଆରପି ପୋଲିସ ଉଦ୍ଧାର କରିଛି। ମୃତକ ଯୁବକର ପରିଚୟ ମିଳିପାରି ନାହିଁ। ଯୁବକ ଜଣକ କଳାରଙ୍ଗର ଫୁଲଶାର୍ଟ ଓ ଧୂସରରଙ୍ଗର ଫୁଲପ୍ୟାଣ୍ଟ ପିନ୍ଧିଥିବାବେଳେ ବୟସ ପାଖାପାଖି ୨୨ବର୍ଷ ହେବ। ଗତ ଦୁଇଦିନ ହେବ ଏହି ଷ୍ଟେଶନ ନିକଟରେ ଯୁବକ ଜଣକ ବୁଲି ହାନ୍ଦିରେ କଥାବାର୍ତ୍ତା କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ମୁଣ୍ଡଗଣ୍ଡି ଅଲଗା ହୋଇ ସକାଳେ ମୃତଦେହଟି ରେଳଧାରଣାର କଡ଼ରେ ପଡିଥିବା ଦେଖି ଲୋକେ ପୋଲିସକୁ ଜଣାଇଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଚୋରା ବନ୍ଧୁକ ଜବତ, ଯୁବକ ଗିରଫ



ବେଗୁନିଆ,୫।୩ (ଡି.ଏନ.ଏ.)

ଚୋରା ବନ୍ଧୁକ କାରବାର ଓ ଗ୍ରାମରେ ଲୋକଙ୍କୁ ବନ୍ଧୁକ ଦେଖାଇ ଅନେକ ସମୟରେ ଭୟଭୀତ କରାଉଥିବା ଅଭିଯୋଗରେ ବେଗୁନିଆ ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୭ଟି ଅଫୁଟା ଗୁଳି ଉଦ୍ଧାର କରାଯାଇଛି। ଗିରଫ ଯୁବକ ହେଲେ ଏହି ଥାନା ଅଧୀନ ସିମାପଲ୍ଲୀ ଗ୍ରାମର ଦିଲୀପ କୁମାର ସାହୁ। ପୋଲିସ ସୂଚନା ଅନୁସାରେ, ଦିଲୀପ ଦୀର୍ଘଦିନ ହେଲା ବାହାରୁ ଚୋରା ବନ୍ଧୁକ ଆଣି ବିକ୍ରି କରୁଥିଲେ। ଅନେକ ସମୟରେ ଦିଲୀପ ଗାଁରେ ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରାଇବା ସହ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଖବରପାଇ ପୋଲିସ୍ ଦିଲୀପଙ୍କୁ ଗିରଫ କରିଥିଲା। ଥାନାରେ ନଂ. ୫୩/୨୦ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ଗାଡ଼ି ଧକ୍କାରେ ଯୁବକ ମୃତ

ଭୁବନେଶ୍ୱର,୫।୩ (ବ୍ୟୁରୋ): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଆରଟିଓ-୨ ଅଫିସ ସମ୍ମୁଖରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶୈଳଶ୍ରୀବିହାରର ଶୁଭ୍ରାଂଶୁ ଶେଖର ସାହୁ(୨୭)। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଶୁଭ୍ରାଂଶୁ ବୁଧବାର ବିଳମ୍ବିତ ରାତିରେ କଟକରୁ ନନ୍ଦନକାନନ ଦେଇ ବାଇକରେ ଫେରୁଥିଲେ। ଆରଟିଓ-୨ ଅଫିସ ସମ୍ମୁଖରେ ତାଙ୍କୁ କୌଣସି ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ସେହି ବାଟଦେଇ ଯାଉଥିବା କେତେଜଣ ଲୋକ ଏହାଦେଖି ପୋଲିସକୁ ଖବର ଦେଇଥିଲେ।



ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ରଥଖଳାରେ ରଥକାଠ ଅନୁକୂଳ କରାଯାଉଛି।

## ରଥଖଳାରେ ରଥକାଠ ଅନୁକୂଳ ସମ୍ପନ୍ନ

ପୁରୁଣା ଭୁବନେଶ୍ୱର, ୫। ୩ (ଡି.ଏନ.ଏ.)

### ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ଗୁରୁବାର ମନ୍ଦିର ସନ୍ନିକଟ ରଥଖଳାରେ ରଥକାଠ ଅନୁକୂଳ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ପ୍ରାତଃରୁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତି ଆଳତି, ଅବକାଶ, ସର୍ବସାଧାରଣ ଦର୍ଶନ, ପରେ ମାଘ ସ୍ନାନ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ, ଠାକୁରାଣୀଙ୍କ ଖଇଦହି ବଲ୍ଲଭ ଶେଷ ହେବା ପରେ ମନ୍ଦିରରୁ ସ୍ୱତନ୍ତ୍ର ଶୋଭାଯାତ୍ରାରେ ଶ୍ରୀଲିଙ୍ଗରାଜଙ୍କ ମହାପ୍ରସାଦ ରଥଖଳାକୁ ନିଆଯାଇଥିଲା। ପାଳିଆ ସେବକଙ୍କ ଉପସ୍ଥିତିରେ ପୂଜାପଣ୍ଡା ସେବାୟତ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରି ରଥକାଠ ପୂଜା କରିଥିଲେ। ଆଳତି ପରେ ସର୍ଦ୍ଦାରୀ ମହାରଣା, ବଟକୃଷ୍ଣ ମହାରଣା, ସୋମନାଥ ମହାରଣାଙ୍କ ଉପସ୍ଥିତିରେ କେଦାରନାଥ ମହାରଣା, ଜଗନ୍ନାଥ ମହାରଣା ଏବଂ ବାବାଜୀ ମହାରଣା କାଠରେ କୁରାଢି ଲଗାଇ ଅନୁକୂଳ ସମ୍ପନ୍ନ କରିଥିଲେ। ଏହା ପରେ ଠାକୁରଙ୍କ ସକାଳ ଧୂପ ହୋଇ ଅନ୍ୟାନ୍ୟ ନୀତି ହୋଇଥିଲା।

## ମଥୁରାରେ ଅଦିନିଆ ରଥଯାତ୍ରା ଚର୍ଚ୍ଚା

ପୁରୀ ଅଫିସ, ୫।୩

### ତାଗିଦ୍ ସତ୍ତ୍ୱେ ସୁଧୁରୁନି ଇସ୍କନ

ବାରମ୍ବାର ତାଗିଦ ସତ୍ତ୍ୱେ ସୁଧୁରୁନି ଇସ୍କନ। ପୂର୍ବରୁ ମୁମ୍ବାଇରେ ଅଦିନିଆ ରଥଯାତ୍ରା କରି ତୀବ୍ର ବିରୋଧର ଶିକାର ହୋଇଥିବା ଇସ୍କନ ବୁଲେଇ ବଙ୍କେଇ ପୁଣି ଅସମୟରେ ରଥଯାତ୍ରା କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ସୋସିଆଲ ମିଡ଼ିଆରେ ଘୂରି ବୁଲୁଥିବା ଇସ୍କନର ଫ୍ଲେକ୍ସ ଏବେ ଏହି ବିବାଦ ଛିଡ଼ା କରିଛି। ଏହି ଫ୍ଲେକ୍ସରେ ହରେକ୍ରିଷ୍ଣ ଫେଷ୍ଟିଭାଲ ଲେଖାଯାଇଥିବାବେଳେ ଏହା ପଛକୁ ଏକ ଛୋଟ ପୋଷ୍ଟରରେ ରଥଯାତ୍ରା ଉଲ୍ଲେଖ କରାଯାଇଛି। ଏହାକୁ ନେଇ ଶ୍ରୀମନ୍ଦିର ସେବାୟତ, ଭକ୍ତ, ବୁଦ୍ଧିଜୀବୀ, ଗବେଷକ, ମଠ ମହନ୍ତ, ଜଗନ୍ନାଥପ୍ରେମୀ ସମସ୍ତେ ଇସ୍କନକୁ କଡ଼ା ସମାଲୋଚନା କରିଛନ୍ତି।

ସୋସିଆଲ ମିଡ଼ିଆରେ ବୁଲୁଥିବା ଫ୍ଲେକ୍ସରେ ଉତ୍ତରପ୍ରଦେଶ ମଥୁରାର ମୁକୁନ୍ଦ ବିହାରରେ ଆସନ୍ତା ୧୮ ତାରିଖ ଅପରାହ୍ନରେ ହରେକ୍ରିଷ୍ଣ ଫେଷ୍ଟିଭାଲ ହେବ ବୋଲି ଲେଖାଯାଇଛି। ଏହି ଅବସରରେ ଗ୍ରାଣ୍ଡ ଶୋଭାଯାତ୍ରା କରାଯିବ। ଏକ ମନ୍ଦିର ସମ୍ମୁଖରେ ଫ୍ଲେକ୍ସ ଲାଗିଥିବା ସ୍ଥାନର ଠିକ୍ ପଛରେ ଅନ୍ୟ ପୋଷ୍ଟରରେ ଜଗନ୍ନାଥଙ୍କ ଚିତ୍ର ଥାଇ ରଥଯାତ୍ରା ଉଲ୍ଲେଖ ଅଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିରେ ନନ୍ଦିଘୋଷ ରଥର ଫଟୋ ରହିଛି। ଶୋଭାଯାତ୍ରାରେ ଏହି ରଥ ଗଡ଼ିବା ଦ୍ୱାରା ମହାପ୍ରଭୁଙ୍କ ପ୍ରତି ଅବମାନନା ହେବ ବୋଲି କହି ଏହାକୁ ତୀବ୍ର ବିରୋଧ କରିଛନ୍ତି ଶ୍ରୀମନ୍ଦିର ସେବାୟତ ଓ ଭକ୍ତ। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ନିଶ୍ଚିତ ଏହା ଦୁଃଖ ଓ ପରିତାପର ବିଷୟ। ବାରମ୍ବାର ଅଦିନରେ ରଥଯାତ୍ରା ଆୟୋଜନ ବନ୍ଦ ପାଇଁ ଇସ୍କନକୁ କୁହାଯାଉଛି। ଏହାସତ୍ତ୍ୱେ ଏକ ଧର୍ମ ଉପରେ ସେମାନେ ବାରମ୍ବାର କୁଠାରାଘାତ କରିଚାଲିଛନ୍ତି। ଗୋଟିଏ ଧର୍ମକୁ ଦଳି ଚକଟି ଏକ ନୂଆ ଧର୍ମ ସୃଷ୍ଟି କରିବାର ଅଧିକାର ସେମାନଙ୍କୁ ଦେଲା କିଏ। ଅସମୟରେ ରଥଯାତ୍ରାକୁ ବିରୋଧ କରାଯାଉଥିବାରୁ ନାଁ ପରିବର୍ତ୍ତନ କରି ଅଧିକ ଚାଲାକି ଦେଖାଉଛି ଇସ୍କନ। ଏ ନେଇ ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ, ଗଜପତି ମହାରାଜା ଏବଂ ଶଙ୍କରାଚାର୍ଯ୍ୟ ପ୍ରଥମେ ପଦକ୍ଷେପ ନେବା ଦରକାର। ଏଥିରୁ ଇସ୍କନ ଓହରି ଯିବା ଉଚିତ। ଆଉ ଚୁପ୍ ବସିବୁ ନାହିଁ, ଏଣିକି ଇସ୍କନକୁ କଡ଼ା ବିରୋଧ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର ମଧ୍ୟ ବାରମ୍ବାର ଇସ୍କନର ଏଭଳି ଆଚରଣକୁ ନିନ୍ଦା କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟିରେ ଏ ନେଇ ଆଲୋଚନା କରାଯିବା ପରେ ସମସ୍ତେ ଚୁପ୍ ରହିଯାଉଛନ୍ତି। ତେଣୁ ଏହାର ଫାଇଦା ଉଠାଉଛି ଇସ୍କନ। ଏହାକୁ ରୋକିବା ପାଇଁ ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ, ଗଜପତି ମହାରାଜା ଏବଂ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଉଦ୍ୟମ କରିବା ଦରକାର। ନଚେତ୍ ଇସ୍କନ ଏମିତି ମହାପ୍ରଭୁଙ୍କ ପରମ୍ପରାକୁ ବେଖାତିର କରି ଚାଲିଥିବ ବୋଲି ଦାସମହାପାତ୍ର କ୍ଷୋଭର ସହ କହିଛନ୍ତି।

ସୂଚନାଥାଉ କି, ଗତବର୍ଷ ନଭେମ୍ବର ୨୭ରେ ଇସ୍କନ ପଞ୍ଜାବ ଲୁଧିଆନାରେ ରଥଯାତ୍ରା ଆୟୋଜନ ଲାଗି ନିଷ୍ପତ୍ତି ନେଇଥିଲା। ଏ ନେଇ ଓଡ଼ିଶାରେ ତୀବ୍ର ପ୍ରତିବାଦ ଓ ଥାନାରେ ଏତଲା ଦିଆଯିବା ପରେ ଇସ୍କନ ନିଜ ନିଷ୍ପତ୍ତିରୁ ଓହରିଥିଲା। କିନ୍ତୁ ଗତ ଜାନୁୟାରୀ ୩୦ ତାରିଖରେ ମୁମ୍ବାଇରେ ଅଦିନରେ ରଥଯାତ୍ରା କରିଥିଲା ଇସ୍କନ। ମୁମ୍ବାଇ ଦାଦର ଅଞ୍ଚଳରେ ତିନିଠାକୁରଙ୍କୁ ଗୋଟିଏ ରଥରେ ବସାଇ ପୁରୀ ରଥଯାତ୍ରା ଭଳି ଇସ୍କନ ଅନୁଗାମୀମାନେ ରଥ ଟାଣିଥିଲେ। ଏହାପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗବେଷକ ଓ ବୁଦ୍ଧିଜୀବୀଙ୍କ ବୈଠକ ବସିଥିଲା। ଇସ୍କନକୁ ଚିଠି ଲେଖାଯିବ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ଏବେ ପୁଣି ଇସ୍କନ ଅଦିନିଆ ରଥଯାତ୍ରା ଆୟୋଜନ କରୁଥିବା ଚର୍ଚ୍ଚା ହେଉଛି।

## କରୋନାକୁ ନେଇ ଗୁଜବ

### ୭ ତୁଳସୀପତ୍ର ଖାଇବାକୁ ପ୍ରଚାର

ପୁରୀ ଅଫିସ, ୫।୩

କରୋନାକୁ ନେଇ ଆରମ୍ଭ ହୋଇଯାଇଛି ବିଭିନ୍ନ ପ୍ରକାର ଗୁଜବ। ଏହି ପ୍ରାଣଘାତୀ ଭାଇରସ୍ କବଳରୁ କିପରି ରକ୍ଷା ପାଇହେବ ସେଥିଲାଗି ସୋସିଆଲ ମିଡିଆରେ ନାନା ପ୍ରକାର ପୋଷ୍ଟ କରାଯାଉଛି। ତେବେ ଗୁରୁବାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏକ ଗୁଜବ ପ୍ରଚାରିତ ହୋଇଛି। ଶ୍ରୀମନ୍ଦିର ବଡପଣ୍ଡାଙ୍କୁ ଜଗନ୍ନାଥ ମହାପ୍ରଭୁ ସ୍ୱପ୍ନାଦେଶ ଦେଇଛନ୍ତି। ଗୁରୁବାର ରାତି ୯ଟା ମଧ୍ୟରେ ୭ଟି ତୁଳସୀପତ୍ର ଖାଇଦେଲେ କରୋନା ଦ୍ୱାରା ସଂକ୍ରମିତ ହେବାର ଭୟ ରହିବ ନାହିଁ ବୋଲି ଏହି ଗୁଜବ ଏବେ ଜଣଙ୍କ ପାଖରୁ ଅନ୍ୟଜଣଙ୍କ ପାଖକୁ ଯାଉଛି। ଏପରିକି ମୋବାଇଲ ମାଧ୍ୟମରେ ଜିଲାକୁ ଜିଲା ଡେଉଁଛି। ଏହାକୁ ନେଇ ଏକ ଟିକ୍‌ଟକ୍ ମଧ୍ୟ କରାଯାଇ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଜଗତ୍‌ସିଂହପୁର, କଟକ, ପୁରୀ ପ୍ରଭୃତି ଉପକୂଳବର୍ତ୍ତୀ ଜିଲାରେ ଏଭଳି ଗୁଜବକୁ ବି ଅନେକ ବିଶ୍ୱାସ କରି ରାତିରେ ତୁଳସୀପତ୍ର ଖାଇଥିବା ଜଣାପଡ଼ିଛି।

ତେବେ ଶ୍ରୀମନ୍ଦିର ବଡପଣ୍ଡାଙ୍କୁ ଶ୍ରୀଜଗନ୍ନାଥ ସ୍ୱପ୍ନାଦେଶ କରିବା ଯାହା କୁହାଯାଉଛି ତାହା ସମ୍ପୂର୍ଣ୍ଣ ଗୁଜବ। ଏହାକୁ କେହି ବିଶ୍ୱାସ କରନ୍ତୁ ନାହିଁ। ଗୁଜବ ସବୁବେଳେ ଗୁଜବରେ ହିଁ ଶେଷ ହୋଇଥାଏ। କରୋନା ଭାଇରସ୍ ପ୍ରତି ସମସ୍ତେ ସତର୍କ ରହିବା ଉଚିତ। ଡାକ୍ତରଙ୍କ ପରାମର୍ଶକୁ ସମସ୍ତେ ମାନି ଚଳନ୍ତୁ। ସରକାରଙ୍କ ପକ୍ଷରୁ ଯେଉଁ ଆଡଭାଇଜରି ଜାରି କରାଯାଇଛି ତାହାକୁ ଅନୁସରଣ କରିବା ଉଚିତ ବୋଲି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଫରେଷ୍ଟରଙ୍କୁ ମାଡ଼, ୨ ଅଟକ

ଚୌଦ୍ୱାର,୫।୩(ଡି.ଏନ୍.ଏ.): ବୈରୀ ରେଞ୍ଜ ଅଧୀନ ମଙ୍ଗରାଜପୁର ଫରେଷ୍ଟର ମାଣିକ ମୁଣ୍ଡାଙ୍କୁ ଦୁଇଜଣ ଫରେଷ୍ଟ ସ୍କ୍ୱାଡ୍ କର୍ମଚାରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଫରେଷ୍ଟରଙ୍କ ଅଭିଯୋଗକ୍ରମେ ଚୌଦ୍ୱାର ପୋଲିସ ମାମଲା (ନଂ. ୧୧୮/୨୦)ରୁଜୁକରି ଦୁଇ କର୍ମଚାରୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଗୁରୁବାର ଅପରାହ୍ନରେ ଫରେଷ୍ଟ ସ୍କ୍ୱାଡ୍ ଦୁଇ କର୍ମଚାରୀ ମଦ୍ୟପାନ କରି କାର୍ଯ୍ୟାଳୟରେ ହଙ୍ଗାମା କରୁଥିଲେ। କାର୍ଯ୍ୟାଳୟରେ ଏଭଳି ନ କରିବା ପାଇଁ ଫରେଷ୍ଟରଙ୍କ ମୁଣ୍ଡା ଉଭୟଙ୍କୁ ବାରଣ କରିଥିଲେ। ଏଥିରେ ଉଭୟ ଉତ୍‌କ୍ଷିପ୍ତ ହୋଇ ମୁଣ୍ଡାଙ୍କୁ ମାଡ଼ ମାରିଥିଲେ।



## ସଂକ୍ଷେପରେ

### କାଜୁ ବଗିଚାରେ ଦନ୍ତାହାତୀ, ଗ୍ରାମବାସୀ ଭୟଭୀତ

ଡିଗିରିଆ,୫।୩(ଡି.ଏନ୍.ଏ.): ଡିଗିରିଆ ବ୍ଲକର ପୁରୁଣାଡିଗିରିଆ ଗ୍ରାମ ନିକଟ ଉଆସ ମୁଣ୍ଡିଆ କାଜୁ ଓ ଆମ୍ବବଗିଚାକୁ ଏକ ଦନ୍ତାହାତୀ ବୁଧବାର ରାତିରେ ପଶି ଆସିଛି। ଏହାର ଚତୁଃପାର୍ଶ୍ୱରେ ଗାଁ ଗଣ୍ଡା ରହିଥିବାରୁ ଲୋକଙ୍କ ମଧ୍ୟରେ ଭୟରବାତାବରଣ ସୃଷ୍ଟି ହୋଇଛି। ଖବରପାଇ ଡିଗିରିଆ ବନବିଭାଗ କର୍ମଚାରୀ ହାତୀ ଘଉଡ଼ା ସ୍କ୍ୱାଡ୍ ସହ ଘଟଣାସ୍ଥଳରେ ପହଞ୍ଚି ବଗିଚା ଚାରିପାଖକୁ ଘେରାବନ୍ଦୀ କରି ରଖିଛନ୍ତି। ଦନ୍ତାହାତୀ ଗ୍ରାମ ଭିତରେ ପ୍ରବେଶ ନ କରିବା ପାଇଁ ସେଠାରେ ୩୦ରୁ ଊର୍ଦ୍ଧ୍ୱ ବନକର୍ମଚାରୀଙ୍କ ମୁତୟନ କରାଯାଇଛି। ହାତୀଟି ଚନ୍ଦକା ଜଙ୍ଗଲରୁ ମହାନଦୀ ଉତ୍ତର କୂଳଦେଇ ଏଠାକୁ ଚାଲିଆସିଥିବା ଆଶଙ୍କା କରାଯାଉଛି। ସେ କାଜୁ ଜଙ୍ଗଲ ଛାଡ଼ି ପଳାଇଯିବାକୁ ଦିନରେ ୩ ରୁ ୪ ଥର ଉଦ୍ୟମ କରିଥିଲେ ମଧ ଲୋକଙ୍କୁ ଦେଖି ପୁନର୍ବାର ସେଠାରେ ଥିବା ପାହାଡ଼ ଉପରକୁ ଚାଲିଯାଇଛି। ରାତିରେ ହାତୀର ଚଳପ୍ରଚଳ ଅଧିକ ଥିବାରୁ ଏହି ସମୟରେ ତାକୁ ନିରାପଦ ଭାବେ ଜଙ୍ଗଲକୁ ଘଉଡାଇ ଦେବାକୁ ଉଦ୍ୟମ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଆଠଗଡ଼ ରେଞ୍ଜର ଆଇସା ଅକ୍ତର ନିଶା, ଡିଗିରିଆ ବନପାଳ ରାକେଶ କୁମାର ପ୍ରଧାନ ଘଟଣାସ୍ଥଳରେ ଉପସ୍ଥିତ ରହି ହାତୀର ଗତିବିଧି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି।

### ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପଡ଼ିଲାନି ଫୁଲହାର

ବାଙ୍କୀ,୫।୩ (ସ୍ୱ.ପ୍ର.): ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଗୁରୁବାର ରାଜ୍ୟରେ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ବାଙ୍କୀ ଉପଖଣ୍ଡସ୍ଥିତ ଟାଉନ କ୍ଲବ ନିକଟରେ ଥିବା ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପକାଇବା ପାଇଁ ସ୍ଥାନୀୟ ଲୋକେ ଓ ଏନ୍ଏସି କର୍ତ୍ତୃପକ୍ଷ ଭୁଲିଯାଇଛନ୍ତି। ଗତ ୩।୧୦।୧୬ରେ ବିଜୁ ଶତବାର୍ଷିକ ସ୍ମୃତି କମିଟି ଓ ବାଙ୍କୀ ଏନ୍ଏସିର ମିଳିତ ଉଦ୍ୟମରେ ଏହି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ପ୍ରତିମୂର୍ତ୍ତିର ଉନ୍ମୋଚନ କାର୍ଯ୍ୟକ୍ରମରେ ସ୍ମୃତି କମିଟିର



ଆବାହକ ବେଦ ପ୍ରକାଶ ଅଗ୍ରୱାଲା, ତତ୍କାଳୀନ ମନ୍ତ୍ରୀ ଡ.ଦାମୋଦର ରାଉତ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ମନ୍ତ୍ରୀ ପ୍ରତାପ ଜେନା, ତତ୍କାଳୀନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ତତ୍କାଳୀନ ନଗରପାଳ ଅକ୍ଷୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମାତ୍ର ଚଳିତବର୍ଷ ତାଙ୍କ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତି ପ୍ରତି ଧାନ ଦିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ବଢ଼ୁଛି ଏଟିଏମ୍ ଠକେଇ

ବାଙ୍କୀ, ୫।୩ (ସ୍ୱ.ପ୍ର.)

ଯେକୌଣସି ସମୟରେ ବ୍ୟାଙ୍କରୁ ନିଜ ଜମା ଟଙ୍କା ଉଠାଇବା ପାଇଁ ଏଟିଏମ୍‌ର ବ୍ୟବସ୍ଥା ହୋଇଛି। ମାତ୍ର ବାଙ୍କୀ ଉପଖଣ୍ଡରେ ବିଭିନ୍ନ ବ୍ୟାଙ୍କ ଏଟିଏମ୍‌ରେ ଠକେଇ ଯୋଗୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କେତେଜଣ ଜମାକାରୀଙ୍କ ଅଭିଯୋଗ ଅନୁଯାୟୀ, କିଛି ଦୁର୍ବୃତ୍ତ ଏଟିଏମ୍‌ରୁ ଟଙ୍କା ଉଠାଇବା ପାଇଁ ସାହାଯ୍ୟ କରିବା ବାହାନାରେ ଗ୍ରାହକଙ୍କଠାରୁ ଏଟିଏମ୍ କାର୍ଡ ଓ ପିନ୍ ନମ୍ବରନେଇ ସେମାନଙ୍କୁ ନକଲି କାର୍ଡ ପ୍ରଦାନ କରୁଛନ୍ତି। ପରବର୍ତ୍ତୀ ସମୟରେ ଗ୍ରାହକଙ୍କ ବ୍ୟାଙ୍କ ଏକାଉଣ୍ଟରୁ ସବୁ ଟଙ୍କା ଉଠେଇ ନେଉଛନ୍ତି।

ଏଟିଏମ୍‌ର ନିୟମ ଅନୁସାରେ ଜଣେ ବ୍ୟକ୍ତି ଟଙ୍କା ଉଠାଇବା ଅବା ଭର୍ତ୍ତି କରିବା ପରେ ଆଉ ଜଣେ ଭିତରେ ପ୍ରବେଶ କରିବା କଥା। ମାତ୍ର ସୁରକ୍ଷା ଦାୟିତ୍ୱରେ କର୍ମଚାରୀ ଅବା ପୋଲିସ ରହୁ ନ ଥିବାରୁ ଏଟିଏମ୍ ଭିତରେ ଏକସଙ୍ଗେ ଏକାଧିକ ଲୋକ ପ୍ରବେଶ କରୁଛନ୍ତି। ମାତ୍ର ଏବିଷୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପୋଲିସ ନୀରବ ଦ୍ରଷ୍ଟା ସାଜିଛି। ଠକାମୀ ସମ୍ବନ୍ଧରେ କର୍ତ୍ତୃପକ୍ଷଙ୍କୁ ଅବଗତ କଲାପରେବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏନେଇ ଜମାକାରୀଙ୍କ ଜମାରାଶିର ନିରାପତ୍ତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଏ ସମ୍ପର୍କରେ ବ୍ୟାଙ୍କର ଜଣେ ଜମାକାରୀ ସୁରେଶ କୁମାର ଚ୍ୟାଉ ପଟ୍ଟନାୟକ କୁହନ୍ତି, ଏଟିଏମ୍ ଜରିଆରେ ଏବେ ଟଙ୍କା ଜମା କରିବା ଅବା ଉଠାଇବାକୁ ଭୟ ଲାଗୁଛି। ପିନ୍ କାର୍ଡର ଗୋପନ ତଥ୍ୟ ଚୋରି ହୋଇଯିବା ଫଳରେ ଲୋକେ ନିଜ ଜମାଅର୍ଥ ହରାଉଛନ୍ତି। ବିଶେଷ କରି ବରିଷ୍ଠ ନାଗରିକମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସେହିଭଳି ଅନ୍ୟ ଜଣେ ଜମାକାରୀ ସୁନୀତା ପୃଷ୍ଟି କୁହନ୍ତି, ଏହି କିଛି ମାସ ତଳେ ଜାତମୁଣ୍ଡିଆ ଏଟିଏମ୍‌ରେ ସିକ୍ୟୁରିଟି ବ୍ୟବସ୍ଥା ନଥିବାରୁ ଦୁର୍ବୃତ୍ତମାନେ ମେଶିନ୍ ଭାଙ୍ଗି ଦେଇଥିଲେ। ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ସବୁ ଏଟିଏମ୍‌ରେ ସିକ୍ୟୁରିଟି ବ୍ୟବସ୍ଥା କଡାକଡ଼ି କରିବା ଦରକାର ।

ଲୋକଙ୍କ ସମସ୍ୟା ସମ୍ପର୍କରେ ବାଙ୍କୀ ଷ୍ଟେଟ୍ ବ୍ୟାଙ୍କ ଶାଖାର ମୁଖ୍ୟ ଅଧିକାରୀ ପିୟୁଷ ରଞ୍ଜନ ସ୍ୱାଇଁ କୁହନ୍ତି, ଏଏଟିଏମ୍ ସେବା ଥାର୍ଡପାର୍ଟିକମ୍ପାନୀ ଦ୍ୱାରା ପରିଚାଳିତ ହୋଇଥାଏ। ଏହି କମ୍ପାନୀ ବିଭିନ୍ନ ଏଜେନ୍ସି ଦ୍ୱାରା ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିଥାଏ। ଏହାର ସିକ୍ୟୁରିଟି ବ୍ୟବସ୍ଥା ବୀମା କମ୍ପାନୀ ଦ୍ୱାରା ବୀମାଭୁକ୍ତ ହୋଇଛି। ଏଟିଏମ୍‌ରେ ସିକ୍ୟୁରିଟି ଗାର୍ଡ ଦେବା ବ୍ୟାଙ୍କର କ୍ଷମତା ବାହାରେ। ଥାର୍ଡପାର୍ଟି ଦ୍ୱାରା ଯଦି ଉକ୍ତ କର୍ତ୍ତୃପକ୍ଷ ଇଚ୍ଛାପ୍ରକାଶ କରିବେ ତେବେ ସେମାନେ ଦେଇପାରିବେ। ଏ ସମ୍ପର୍କରେ ଉକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି।

### ଏଟିଏମ୍ ବ୍ୟବହାର ସମୟରେ ନେବାକୁ ଥିବା ସତର୍କତା

■ଏଟିଏମ୍ ପିନ୍ ନମ୍ବର ମନେରଖିବା ଆବଶ୍ୟକ। ଏହି ନମ୍ବରକୁ କୋଣସି ସ୍ଥାନରେ ଲେଖିବା ଉଚିତ୍ ନୁହେଁ । ଏପରିକି ବ୍ୟବହାର କରୁଥିବା ଏଟିମ୍ କାର୍ଡରେ ମଧ ପିନ ନମ୍ବର ଲେଖିବା ଠିକ୍ ନୁହେଁ।

■ଟଙ୍କା ଉଠାଇବା ବେଳେ ମେଶିନର ଅତି ନିକଟରେ ରହିବା ଆବଶ୍ୟକ ଯେପରି ବ୍ୟକ୍ତିଙ୍କ ହାତ ଅବା ଟଙ୍କା ଉଠାଇବା ପାଇଁ ଦିଆଯାଇଥିବା ନମ୍ବରଗୁଡିକୁ ଅନ୍ୟ କେହି ଦେଖିପାରିବେ ନାହିଁ।

■ଏହି କାର୍ଡ କେବଳ ନିଜେ ବ୍ୟବହାର କରିବା ଉଚିତ୍। ଏହାକୁ ସାଙ୍ଗ ଅବା ପରିବାର ସଦସ୍ୟଙ୍କୁ ଦିଆଯିବ ଉଚିତ୍ ନୁହେଁ।

■ଟଙ୍କା ଉଠାଣ ବେଳେ ଅଚିହ୍ନାବ୍ୟକ୍ତିଙ୍କ ସାହାଯ୍ୟ ନିଅ ନାହିଁ। ସେମାନଙ୍କୁ ଏଟିମ୍ କାର୍ଡ ଅବା ଉଠାଇଥିବା ଟଙ୍କା ଦିଅ ନାହିଁ।

■ଟଙ୍କା ଉଠାଇବା ପରେ ସେଠାରୁ ଯିବା ପୂର୍ବରୁ କ୍ୟାନସଲ ବଟମ୍ ଚିପିବାକୁ ଭୁଲନ୍ତୁ ନାହିଁ। ଏଥିସହ ମେଶିନ୍‌ରୁ ବାହାରିଥିବା କାରବାର ସ୍ଲିପକୁ ସାଙ୍ଗରେ ନିଅନ୍ତୁ।

■ଦେଖିବା ପରେ ଉକ୍ତ ସ୍ଲିପକୁ ତୁରନ୍ତ ଚିରି ଦିଅନ୍ତୁ

■ଏଟିଏମ୍ ଜରିଆରେ ଚେକ୍ ଅବା ଟଙ୍କା ବ୍ୟାଙ୍କରେ ଭର୍ତ୍ତି କରିବାର କିଛି ଦିନ ଭିତରେ ନିଜର ଜମାରାଶି ପରଖି ନିଅନ୍ତୁ। ଏଥିରେ କୌଣସି ପ୍ରକାର ତ୍ରୁଟି ଥିଲେ ତୁରନ୍ତ ବ୍ୟାଙ୍କରେ ସମ୍ପର୍କ କରନ୍ତୁ।

■ଏଟିଏମ୍ କାର୍ଡ ଚୋରି ହୋଇଗଲେ ଅବା ହଜିଗଲେ ତୁରନ୍ତ ନିଜ ବ୍ୟାଙ୍କରେ ଜଣାଇବା ଆବଶ୍ୟକ

■କୌଣସି କାରଣରୁ ଏଟିଏମ୍ ମେଶିନ୍‌ରୁ କାର୍ଡ ନ ବାହାରିଲେ ନିଜ ବ୍ୟାଙ୍କରେ ତୁରନ୍ତୁ ଜଣାନ୍ତୁ

■ଏଟିଏମ୍‌ରେ ସମସ୍ତ ପ୍ରକ୍ରିୟା ପୂରଣ କରିବା ସତ୍ତ୍ୱେ ଟଙ୍କା ନ ଆସିଲେ ତୁରନ୍ତ ବ୍ୟାଙ୍କରେ ଜଣାନ୍ତୁ।



ନିଶ୍ଚିନ୍ତକୋଇଲିର ଅଧିଷ୍ଠାତ୍ରୀ ଦେବୀ ମା' ବେଲେଶ୍ୱରୀଙ୍କ ପୀଠରୁ ବାହାରିଥିବା ବିମାନ।

## ଦୋଳ ମେଲଣ: ବିମାନରେ ବୁଲିଲେ ଠାକୁର

ନିଶ୍ଚିନ୍ତକୋଇଲି/ସାଲେପୁର, ୫।୩(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଓ ସାଲେପୁରସ୍ଥିତ ବିଭିନ୍ନ ପୂଜାମଣ୍ଡପରେ ଦୋଳ ମେଲଣ ଆରମ୍ଭ ହୋଇଛି। ଗୁରୁବାର ନିଶ୍ଚିନ୍ତକୋଇଲର ଅଧିଷ୍ଠାତ୍ରୀ ଦେବୀ ମା'ବେଲେଶ୍ୱରୀଙ୍କ ମେଲଣ ଉତ୍ସବ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ମା'ଙ୍କ ପୂଜାର୍ଚ୍ଚନା ପରେ ବିମାନକୁ ଶୋଭାଯାତ୍ରାରେ ନିଆଯାଇ ସିଦ୍ଧ ମହାବୀର ଜୀଉଙ୍କ ପ୍ରାଙ୍ଗଣରେ ଆୟୋଜିତ ମେଲଣ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ବିଭିନ୍ନ ଗ୍ରାମରୁ ବିମାନ ନିଆଯାଇ ମେଲଣ ମଣ୍ଡପରେ ଅବସ୍ଥାପିତ କରାଯାଇଥିଲା। ଏହି ଅବସରରେ ଫଗୁ ଅବିର ଦେଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇଥିଲା। ଉତ୍ସବ ପାଳନରେ କ୍ଷୀରୋଦ ପଣ୍ଡା, ନିତ୍ୟନନ୍ଦ ମହାପାତ୍ର, ମକର ପରିଡା, ଭୋବନାନନ୍ଦ ଗାୟା, ବିଚିତ୍ରାନନ୍ଦ ପଣ୍ଡା,ସୁବାସ ଦାସ ଓ ଗୌରିଶଙ୍କର ଦାସ ପ୍ରମୁଖ ସହଯୋଗ କରିଥିଲେ। ରାତିରେ ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ମୁନିସ ମେଲଣ ଅନୁଷ୍ଠିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡାଙ୍କ ତତ୍ତ୍ୱାବଧାନରେ ଏହି ମେଲଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଉତ୍ସବ ପରିଚାଳନାରେ ନିରୋଦ କୁମାର ପଣ୍ଡା, ବ୍ରହ୍ମାନନ୍ଦ ଜେନା, ପରକ୍ଷିତ ରାଉତ ଓ ଅଜୟ ପରିଡା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ସାଲେପୁର ବ୍ଲକ ଅନ୍ତର୍ଗତ ଛାଣିପୁର ଦୋଳ ମେଲଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ମନ୍ଦିରରୁ ରାଧାକୃଷ୍ଣ ମୂର୍ତ୍ତିକୁ ବିମାନରେ ବସାଇ ମେଲଣ ପଡିଆକୁ ନିଆଯାଇଥିଲା। ଏହି ଅବସରରେ ୨୦ରୁ ଊର୍ଦ୍ଧ୍ୱ ବିମାନ ଶୋଭାଯାତ୍ରାରେ ବାହାରି ମେଲଣ ପଡିଆରେ ଏକତ୍ରିତ ହୋଇଥିଲେ। ସେଠାରେ ମେଲଣ କମିଟି ପକ୍ଷରୁ ବିମାନରେ ସ୍ୱତନ୍ତ୍ର ରିତିନୀତିରେ ପୂଜାର୍ଚ୍ଚନା ହୋଇଥିଲା। ସେହିପରି ଭାନେଶ୍ୱରୀ ଦୋଳ ମେଲଣ ଆଡମ୍ବର ସହକାରରେ ପାଳିତ ହୋଇଯାଇଛି। ଏହି ଯାତ୍ରା ଦେଖିବା ପାଇଁ ବହୁ ଦୂରରୁ ଶ୍ରଦ୍ଧାଳୁମାନେ ଆସି ବିମାନଗୁଡ଼ିକୁ ଦର୍ଶନ କରିବା ସହ ଦୋଳ ମେଲଣର ମଜାନେଇଥିଲେ।

## ଆଗାମୀ ବର୍ଷରୁ ଚାଲିବ ଆୟୁର୍ବେଦ, ଏଲୋପାଥିକ ମେଡିକାଲ କଲେଜ




କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ନରାଜ,୫।୩(ଡି.ଏନ୍.ଏ)

### ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୁର୍ବେଦ କର୍ମଶାଳା

କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ରାଜ୍ୟର ବହୁ ଆୟୁର୍ବେଦ କଲେଜର ଏକ କର୍ମଶାଳା ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟର ବହୁ ଆୟୁର୍ବେଦ କଲେଜର ଚିକିତ୍ସକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥିଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ରଜିତା କୁଲକର୍ଣ୍ଣି ଯୋଗଦେଇ ଗୁରୁଦେବଙ୍କ ଆଶୀର୍ବାଦରୁ ଏହି ବିଶ୍ୱବିଦ୍ୟାଳୟ ଏସିଆର ପ୍ରଥମ ଅଷ୍ଟିଓପାଥି ଶିକ୍ଷା ଭାବେ ପରିଚିତ ହୋଇପାରିଛି ବୋଲି କହିଥିଲେ। ଏହି ଅବସରରେ ଆସନ୍ତା ବର୍ଷଠାରୁ ଆରମ୍ଭ ହେବାକୁଥିବା ଆୟୁର୍ବେଦ ଓ ଏଲୋପାଥିକ ଡାକ୍ତରଖାନା ଏବଂ ମେଡିକାଲ କଲେଜ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜୟ କୁମାର ସିଂ, କୁଳସଚିବ ପ୍ରଫେସର ବି.ଆର ଶର୍ମା, କ୍ଲିନିକାଲ ହେଡ ଡି.ପି ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ପି.କେ ପଣ୍ଡା, ପ୍ରଫେସର ବି.ବି ଖୁଣ୍ଟିଆ, ପ୍ରଫେସର ସଞ୍ଜୀବ କୁମାର ଦେ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ପ୍ରଫେସର ଡି ପି ଦାସ ଧନ୍ୟବାଦ ଦେଇଥିଲେ।

## ଟେଣ୍ଟୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

ସାଲେପୁର,୫।୩(ଡି.ଏନ୍.ଏ.)

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଟେଣ୍ଟୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜିଲାସ୍ତରୀୟ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ରୋଗୀସେବା ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସ୍ୱଚ୍ଛ ଓ ନିର୍ମଳ ରଖିଥିବାରୁ ଚଳିତ ବର୍ଷ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କଟକ ସହିଦ୍ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀଶଙ୍କର ଚୟିନୀ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ ଅତିଥିଭାବେ ଯୋଗଦେଇ ଟେଣ୍ଟୋଳ ପ୍ରାଥମିକ ଚିକିତ୍ସାଳୟର ଡାକ୍ତର ଅଭିଷେକ ଦ୍ୱିବେଦୀ ଓ ଆୟୁଷ ଡାକ୍ତର ତାପସୀ ପାଣିଗ୍ରାହୀଙ୍କୁ ୫୦ହଜାର ଟଙ୍କାର ଚେକ୍ ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଟଙ୍କା ଡାକ୍ତରଖାନାର ପରିବେଶ ଓ ସ୍ୱଚ୍ଛତାପାଇଁ ଖର୍ଚ୍ଚ କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ କହିଛନ୍ତି। ସେହିପରି କଟକ ଜିଲାର ଆଉ ୬ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି।

## ଟ୍ରକ୍‌ରୁ ୭୨ କିଲୋ ଗଞ୍ଜେଇ ଜବତ

ଆଠଗଡ, ୫।୩(ସ୍ୱ.ପ୍ର.)

### ୩ ଆନ୍ତଃରାଜ୍ୟ ଗଞ୍ଜେଇ ବ୍ୟବସାୟୀ ଗିରଫ

ଆଠଗଡ଼ ଏନ୍ଏସି ଅନ୍ତର୍ଗତ ଗୋପବନ୍ଧୁଛକ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ମାଲ୍‌ବାହୀ ଟ୍ରକରୁ ୭୨ କିଲୋ ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଆଠଗଡ଼ ପୋଲିସ ୩ ଆନ୍ତଃ ରାଜ୍ୟ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶର ଆଲିଗଡ଼ ଜିଲା ଅନ୍ତର୍ଗତ ସାକ୍ରିୟା ଗ୍ରାମର ଦେବେନ୍ଦ୍ର କୁମାର (୨୩), ବିଶାରା ଗ୍ରାମର ରାଜକୁମାର (୨୯) ଓ ରାକେଶ କୁମାର (୩୬)। ଏନେଇ ଥାନାରେ ମାମଲା (ନଂ.୬୯/୨୦)ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇଦିଆଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଡିଗିରିଆ ଥାନା ଅଞ୍ଚଳରୁ ୩ ବସ୍ତାରେ ଗଞ୍ଜେଇ ଭର୍ତ୍ତି କରି ଦିଲ୍ଲୀକୁ ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ଖବରପାଇ ଆଠଗଡ଼ ପୋଲିସ ସ୍ଥାନୀୟ ଗୋପବନ୍ଧୁଛକରେ ଟ୍ରକଟିକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଗାଡି ଡାଲାରୁ ଗଞ୍ଜେଇ ବସ୍ତା ଜବତ ହୋଇଥିଲା।



ଜବତ ହୋଇଥିବା ଗଞ୍ଜେଇ।

## ୨ ଦିବ୍ୟାଙ୍ଗ ଦମ୍ପତିଙ୍କୁ ମିଳିଲା ପ୍ରଶାସନିକ ପ୍ରୋତ୍ସାହନ

ବାଙ୍କୀ,୫।୩ (ସ୍ୱ.ପ୍ର)– ବାଙ୍କୀ ବ୍ଲକରେ ବିବାହ କରିଥିବା ୨ ଦିବ୍ୟାଙ୍ଗ ଦମ୍ପତିଙ୍କୁ ତହସିଲଦାର ପଦ୍ମଚରଣ ସାହୁ ଗୁରୁବାର ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ସେମାନେ ହେଲେ ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ ବଡବର ପଞ୍ଚାୟତର ପ୍ରଭାକର ବେହେରା (ଦିବ୍ୟାଙ୍ଗ ) ଓ ତାଙ୍କ ସ୍ତ୍ରୀ ଶୈଳ। ସେହିପରି ଅନ୍ୟ ଜଣେ ଦମ୍ପତି ହେଲେ ବାଙ୍କୀ ବ୍ଲକ ଖଜୁରୀପଦା ନୂଆଗାଁ ଗ୍ରାମର କାର୍ତ୍ତିକ ବେହେରା ଓ ତାଙ୍କ ସ୍ତ୍ରୀ ସୁକାନ୍ତି ପ୍ରଧାନ( ଦିବ୍ୟାଙ୍ଗ )। ଉଭୟ ଦମ୍ପତି ଅନୁଦାନ ରାଶି ପାଇବା ପରେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଗାଁ ଲୋକଙ୍କ ହୃଦୟରେ ବିଜୁ ବାବୁ ଅମର

ନିଶ୍ଚିନ୍ତକୋଇଲି/ମାହାଙ୍ଗା/ବାଙ୍କୀ, ୫।୩(ସ୍ୱ.ପ୍ର)

ପ୍ରବାଦ ପୁରୁଷ ତଥା ଓଡିଶାର ମୁକୁଟବିହୀନ ସମ୍ରାଟ ବିଜୁବାବୁଙ୍କ ଜନ୍ମ ଉତ୍ସବ ଓ ପଞ୍ଚାୟତିରାଜ ଦିବସ ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ଅବସରରେ ଗାଁ ଲୋକଙ୍କ ହୃଦୟରେ ବିଜୁ ବାବୁ ଏବେ ବି ଅମର ବୋଲି ମତପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ଅଧକ୍ଷା ସବିତା ଓଝାଙ୍କ ସଭାପତିତ୍ୱରେ ପଞ୍ଚାୟତିରାଜ ଦିବସ ଓ ବିଜୁ ପଟ୍ଟନାୟକଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର, ଏବିଡିଓ ସୁଶାନ୍ତ ରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ନାୟକ, ସହକାରୀ ଯନ୍ତ୍ରୀ ପ୍ରଫୁଲ ସାହୁ ଉପସ୍ଥିତ ଥିଲେ। ଜିପିଓ ଜନ୍ମେଜୟ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମାଜ ସୁରକ୍ଷା ଅଧିକାରୀ ମଧୁସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବାଙ୍କୀ ଉପଖଣ୍ଡରେ ମଧ ବିଜୁ ଜୟନ୍ତୀ ପାଳନ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ପ୍ରଭାତ କୁମାର ସାହୁ ଅଧକ୍ଷତା କରିଥିଲେ। ଏଥିରେ ବାଙ୍କୀ ଏନ୍ଏସିର ପୂର୍ବତନ ନଗରପାଳ ଆଇନଜୀବୀ ନଗେନ୍ କୁମାର ମହାପାତ୍ର, ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ କୁମର ପ୍ରଧାନ, ଖବରଦାତା ଗୌରାଙ୍ଗ ବେହେରା, ବ୍ଲକ ମୁଖ୍ୟ କିରାଣୀ ଚନ୍ଦ୍ରଶେଖର ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ଡମପଡ଼ା ବ୍ଲକ ପରିସରରେ ବିଜୁ ଜୟନ୍ତୀ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ଅଧକ୍ଷ ଶଶାଙ୍କ ଶେଖର ସ୍ୱାଇଁ ଅଧକ୍ଷତା କରିଥିଲେ। ମାହାଙ୍ଗା ବ୍ଲକ ବିଜୁ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ କୁଆଁପାଳସ୍ଥିତ ସଂସଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ସୁରେନ୍ଦ୍ର ସାମଲଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ବ୍ଲକ ଉପାଧକ୍ଷ ବିଜୟ ମହାପାତ୍ର, ସଂସଦ ଉପସଭାପତି ନିରଞ୍ଜନ ବିଶ୍ୱାଳ, ସମ୍ପାଦକ ରବି ଦାସ, ସଂଗଠନ ସମ୍ପାଦକ ଚୈତନ୍ୟ ପାଣି, ପଦ୍ମଚରଣ ଲେଙ୍କା, ସ୍ମୃତିରାଣୀ ବୋଷ, ଶିବ ଘୋଷାଲ, ଅଧାପକ ଅମର ପ୍ରସାଦ ବିଶ୍ୱାଳ , ରାଜେନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ କର, ପ୍ରତାପ ପୃଷ୍ଟି, ବିଷ୍ଣୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସମରେନ୍ଦ୍ର ବୋଷ ଧନ୍ୟବାଦ ଦେଇଥିଲେ। ସେହିପରି ନୁର୍ତ୍ତାଙ୍ଗ ପଞ୍ଚାୟତ, ଜଳେଶ୍ୱରପୁର, ବରାହିପୁର ପଞ୍ଚାୟତରେ ମଧ ଏହି ଦିବସ ପାଳନ କରାଯାଇଥିଲା। କୁଆଁପାଳ ବ୍ଲକ ଛକ,ସମସରପୁରସ୍ଥିତ ଭୋଳିଦାସପୁର ଛକ,ଏରକଣା ବଜାର ସମେତ ଉମର,ନାହାଙ୍ଗ ପ୍ରଭୃତି ସ୍ଥାନରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବାସହ ସ୍ମୃତିଚାରଣ କରାଯାଇଥିଲା।



ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥିମାନେ।

## କଷ୍ଟରେ କଟୁଛି ସାପୁଆକେଳାଙ୍କ ଜୀବନ...

# କଂସର ଘରଣୀ ପଦ୍ମାବତୀ ରାଣୀ...

*ସାହିକୁ ଆସେ ସାପୁଆକେଳା। ତା'ଡମ୍ବରୁ ଶବ୍ଦ ଶୁଣି ଲୋକେ ରୁଣ୍ଡ ହୁଅନ୍ତି। ପେଡ଼ି ପରେ ପେଡ଼ି ଖୋଲିଚାଲେ କେଳା ଓ ସେଥିରୁ ବାହାରନ୍ତି କେତେ ପ୍ରଜାତିର ସାପ। ପିଲାଠୁ ବୁଢ଼ା ଯାଏଁ ସଭିଏଁ ସାପ ଖେଳ ଦେଖିବାକୁ ପସନ୍ଦ କରନ୍ତି। ହେଲେ ଏବେ ସାପ ଖେଳ କ୍ୱଚିତ ଦେଖିବାକୁ ମିଳୁଛି। ତଥାପି ଆଦର କମିନି। ଆଇନ୍‌ର କଟକଣା ଓ ସରକାରୀ ନିୟମ ଏହି କୌଳିକ ବୃତ୍ତିକୁ ବୁଡାଇବାକୁ ବସିଲାଣି। ତଥାପି କିଛି କେଳା ସମ୍ପ୍ରଦାୟ ପେଟପାଟଣା ପାଇଁ ସହରାଭିମୁଖୀ ହେଉଥିବା ଦେଖିବାକୁ ମିଳୁଛି...*

କଟକ ଅଫିସ,୫।୩

'କଂସର ଘରଣୀ ପଦ୍ମାବତୀ ରାଣୀ, ସେ କରିଥିଲେ ଧନ୍ୱନ୍ତରୀ ଓଷା, ଲଖେ ବାର ପଦ୍ମ ଦେବୁରେ କହ୍ନାଇ...'। ଯିଏ ବି ସାପ ଖେଳ ଦେଖିଛନ୍ତି ଉପରୋକ୍ତ ପଙ୍କ୍ତି ନିଶ୍ଚିତ ଶୁଣିଥିବେ। କେଳା ମୁହଁରୁ ଏମିତି କିଛି ଗୀତର ପଦ ଶୁଭୁଥାଏ ଆଉ ସାପ ପେଡ଼ିରୁ ବାହାରି ଫଣା ଖୋଲେ। କଟକ ଖାନ୍‌ନଗରର ଏକ ଦୋକାନ ସମ୍ମୁଖରେ ଜଣେ କେଳା ସାପ ଖେଳ ଦେଖାଉଥିବା ଦୃଶ୍ୟକୁ ଲୋକେ ଉପଭୋଗ କରୁଥାନ୍ତି। ସାପ ଖେଳର ଆଦର ଏବେ ବି ବଞ୍ଚିଛି ବୋଲି ଏଥିରୁ ସ୍ପଷ୍ଟ ଭାବେ ବାରି ହେଉଥିଲା।

ସାପକୁ ବଶ କରିବାର କଳା ଖୁବ୍ କମ୍ ଲୋକ ଜାଣନ୍ତି। କେଳାମାନଙ୍କ ପାଖରେ ଏହି କଳା ଭରପୂର ରହିଥାଏ। ଖାନ୍‌ନଗରରେ ସାପ ଖେଳ ଦେଖାଉଥିବା କେଳା ଜଣଙ୍କ ବୟସ ପ୍ରାୟ ୭୫ ବର୍ଷ ହେବ। ଦୀର୍ଘବର୍ଷ ଧରି ସାପ ଖେଳ ଦେଖାଇ ସେ ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ସମ୍ପୃକ୍ତ କେଳାଙ୍କ କହିବାନୁଯାୟୀ, ଆମ ପୂର୍ବ ପୁରୁଷରୁ ଏହି କୌଳିକ ବୃତ୍ତି ଆପଣେଇଛୁ । ମୋ ସହ ଜଡ଼ିତ ଥିବା ଅନେକ ଲୋକ ଏହି ବୃତ୍ତି ଛାଡ଼ି ସାରିଲେଣି। ସରକାରଙ୍କ ନିୟମକୁ ଡରି କେଳା ସମ୍ପ୍ରଦାୟ ଲୋକେ ଦିନ ମଜୁରିଆ ହୋଇଯାଇଛନ୍ତି। ଯଦି ଏହି ବୃତ୍ତି ଉପରେ କଟକଣା ଲଗାଯାଇଛି, ସେହି ଦୃଷ୍ଟିରୁ ଆମର ଥଇଥାନ ଦିଗରେ ବି ପଦକ୍ଷେପ ନିଆଯିବା ଉଚିତ ବୋଲି ସେ କହିଛନ୍ତି। ସୂଚନାଥାଉ କି, କଟକ ଉପକଣ୍ଠ ସମେତ ଖୋର୍ଦ୍ଧା, ନୟାଗଡ, କେନ୍ଦ୍ରାପଡା ଆଦି ଅଞ୍ଚଳରେ ସାପୁଆକେଳା ରୁହନ୍ତି। ବୁଲି ବୁଲି ଏମାନେ ସାପ ଖେଳ ଦେଖାନ୍ତି। ଖେଳ ଦେଖାଇବାବେଳେ ଲୋକମାନେ ଟଙ୍କା ସମେତ ଖାଦ୍ୟ ସାମଗ୍ରୀ ସେମାନଙ୍କୁ ଦେଇଥାନ୍ତି। ସାପକୁ ମାଛ, ଗେଣ୍ଡା, ଶାମୁକା, ବେଙ୍ଗ ଆଦି ଖାଦ୍ୟ ଭାବେ ଦିଆଯାଏ। ଗୋବର ଏବଂ ମାଟି ଲେପନ କରାଯାଇଥିବା ପେଡିରେ ସାପକୁ ରଖଯାଏ। ନାଗ, ତମ୍ପ, ଅହିରାଜ, ଗୋଖର, ଅଢ଼େଇ କିଆରିଆ ନାଗ, କୋଳଥିଆ ତମ୍ପ ସାପ ପ୍ରାୟତଃ ଏମାନେ ରଖନ୍ତି।



### ବିକ୍ରି କରନ୍ତି ଔଷଧୀୟ ସାମଗ୍ରୀ

କେଳାମାନଙ୍କ ପାଖରେ ଅନେକ ଜଙ୍ଗଲଜାତ ଔଷଧୀୟ ସାମଗ୍ରୀ ମିଳେ। ଚେରମୂଳି କୁହାଯାଉଥିବା ଅନେକ ଆବଶ୍ୟକ ସାମଗ୍ରୀ ଖୁବ୍ କମ୍ ଦରରେ ଏମାନେ ବିକ୍ରି କରନ୍ତି। ପାରମ୍ପରିକ ଚିକିତ୍ସା ପଦ୍ଧତିରେ ବିଶ୍ୱାସ ରଖୁଥିବା କେତେଜଣ ଲୋକ ଏହି ସାମଗ୍ରୀ ସେମାନଙ୍କ ଠାରୁ କିଣନ୍ତି। ଚର୍ମରୋଗ, ଆଣ୍ଠୁଗଣ୍ଠି ବାତ ଆଦି ରୋଗରୁ ଉପଶମ ମିଳୁଥିବା ଚେରମୂଳି ବେଶୀ ବିକ୍ରି ହେଉଛି ବୋଲି ସମ୍ପୃକ୍ତ କେଳା ଜଣକ କହିଥିଲେ। ଏହାଛଡ଼ା ଛୋଟ ପିଲାଙ୍କୁ ଖରାପ ନଜର ନ ଲାଗିବା ପାଇଁ ମଧ ତାଙ୍କ ପାଖରେ ମିଳେ କିଛି ସ୍ୱତନ୍ତ୍ର ଡେଉଁରିଆ।

## ଫରେଷ୍ଟରଙ୍କୁ ମାଡ଼, ୨ ଅଟକ

**ଚୌଦ୍ୱାର,୫ା୩(ଡି.ଏନ୍.ଏ.):** ବୈରୀ ରେଞ୍ଜ ଅଧୀନ ମଙ୍ଗରାଜପୁର ଫରେଷ୍ଟର ମାଣିକ ମୁଣ୍ଡାଙ୍କୁ ଦୁଇଜଣ ଫରେଷ୍ଟ ସ୍କ୍ୱାଡ୍ କର୍ମଚାରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଫରେଷ୍ଟରଙ୍କ ଅଭିଯୋଗକ୍ରମେ ଚୌଦ୍ୱାର ପୋଲିସ ମାମଲା (ନଂ. ୧୧୮/୨୦)ରୁଜୁକରି ଦୁଇ କର୍ମଚାରୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଗୁରୁବାର ଅପରାହ୍ନରେ ଫରେଷ୍ଟ ସ୍କ୍ୱାଡ୍ ଦୁଇ କର୍ମଚାରୀ ମଦ୍ୟପାନ କରି କାର୍ଯ୍ୟାଳୟରେ ହଇଗୋଳ କରୁଥିଲେ। କାର୍ଯ୍ୟାଳୟରେ ଏଭଳି ନ କରିବା ପାଇଁ ଫରେଷ୍ଟର ମୁଣ୍ଡା ଉଭୟଙ୍କୁ ବାରଣ କରିଥିଲେ। ଏଥିରେ ଉଭୟ ଉତ୍କ୍ଷିପ୍ତ ହୋଇ ମୁଣ୍ଡାଙ୍କୁ ମାଡ଼ ମାରିଥିଲେ।

## ସଂକ୍ଷେପରେ

### ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

**କଟକ ସଦର/ନିଆଳି,୫ା୩(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ବିଳାସ ମଲ୍ଲିକ, ରମେଶ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ୪୨ ମୌଜାସ୍ଥିତ ଦେଉଳି ଗ୍ରାମାଞ୍ଚଳ ଷ୍ଟାଡିୟମରେ ଥିବା ବିଜୁଙ୍କ ପ୍ରତିମୂର୍ତ୍ତିରେ ବୀରବର ଲେଙ୍କା, ସନ୍ତୋଷ ପତି, ବିଭୂତି ଭୂଷଣ ପରିଡା, ତପନ ପରିଡା ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ସେହିପରି ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ନିଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଶୋକ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା କଳ୍ପନା ପାଣି, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ସରୋଜ କୁମାର ପ୍ରଧାନ, ସରପଞ୍ଚ ପ୍ରଶାନ୍ତ କୁମାର ସିଂହ,ଏବିଡିଓ ରବୀନ୍ଦ୍ର ଦଳାଇ, ଜିପିଓ ଅଭିଲିପ୍ସା ସ୍ୱାଇଁ ପ୍ରମୁଖ ଯୋଗଦେଇ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅତିଥିଙ୍କ ଦ୍ୱାରା ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଉତ୍ସବରେ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ଓ ନିର୍ବାଚିତ ପ୍ରତିନିଧି ଓ ବହୁ ମହିଳା ଯୋଗଦେଇଥିଲେ।

### ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଅନୁକୂଳ

**ଖୁଣ୍ଟୁଣୀ,୫ା୩(ଡି.ଏନ୍.ଏ.):** ଆଠଗଡ଼ ବ୍ଲକ କୁମାରପୁର ପଞ୍ଚାୟତର ବାସନ୍ତୀ ଦୁର୍ଗାଙ୍କ ମନ୍ଦିର ପରିସରରେ ଆସନ୍ତା ୩୦ ତାରିଖଠାରୁ ୬ଦିନ ବ୍ୟାପୀ ମୃଣ୍ମୟୀ ପ୍ରତିମା ପୂଜାର ୫୦ବର୍ଷ ପୂର୍ତ୍ତି ପାଳନ କରାଯିବ। ଏଥିପାଇଁ କୁମାରପୁର ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି। ଗୁରୁବାର ଫଗୁ ଦଶମୀରୁ ମା’ଙ୍କ ମୃଣ୍ମୟୀ ପ୍ରତିମା ନିମନ୍ତେ ସ୍ଥାନୀୟ ନୂଆ ପୋଖରୀରୁ ମାଟି ଅନୁକୂଳ ପରେ ଏକ ସୁସଜ୍ଜିତ ସବାରିରେ ପୂଜା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ ଶୋଭାଯାତ୍ରାରେ ଆଣି ମନ୍ଦିରସ୍ଥଳରେ ପହଞ୍ଚିଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

**କଟକ ଅଫିସ୍,୫ା୩:** ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ଏବଂ ଜେପିଏମ୍ ରୋଟାରୀ ଆଇ ହସ୍ପିଟାଲ ଆନୁକୂଲ୍ୟରେ ଚକ୍ଷୁ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମେଳନ କକ୍ଷରେ ଅନୁଷ୍ଠିତ ଶିବିରକୁ ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ଉଦ୍‌ଘାଟନ କରିଥିଲେ। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ଆଇନଜୀବୀଙ୍କ ଚକ୍ଷୁ ଚିକିତ୍ସା କରାଯିବା ସହିତ କେତେଜଣ ଆଇନଜୀବୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଶିବିରରେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ଉପସଭାପତି ପିୟୁଷ କୁମାର ମିଶ୍ର, ସମ୍ପାଦକ ସଞ୍ଜୟ କୁମାର ଦାସ, ଯୁଗ୍ମ ସମ୍ପାଦକ ଜଟେଶ୍ୱର ନାୟକ, ସହସମ୍ପାଦକ ପଦ୍ମାଳୟା ମହାପାତ୍ର, ପାଠାଗାର ସମ୍ପାଦକ ସୋମନାଥ ଶତପଥୀ, ଆଲୋକ ସାହୁ, ସୁକାନ୍ତ ଦାସ, ଅନନ୍ୟା ବେହେରା, ପ୍ରଜ୍ଞା ମହାନ୍ତିଙ୍କ ସମେତ ଅନ୍ୟମାନେ ଶିବିର ଆୟୋଜନରେ ସହଯୋଗ କରିଥିଲେ।

### ସଙ୍କଳ୍ପ ଦିବସ ପାଳିତ

**ଚୌଦ୍ୱାର,୫ା୩(ଡି.ଏନ୍.ଏ.):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଦିବସକୁ ଚୌଦ୍ୱାର ଶିଳ୍ପ ସୁରକ୍ଷା କମିଟି ସଙ୍କଳ୍ପ ଦିବସ ଭାବେ ପାଳନ କରିଛି। ଏନେଇ ସୁରକ୍ଷା କମିଟି ପକ୍ଷରୁ ସ୍ଥାନୀୟ ଧୁମାବତୀ ଛକ ନିକଟରେ ଏକ ଜନସମାବେଶ ଆୟୋଜନ କରାଯାଇଥିଲା। ଚୌଦ୍ୱାର ନଗରପାଳିକାର ୪ଟି ୱାର୍ଡ ଓ ୩ଟି ପଞ୍ଚାୟତର ମହିଳା ଏବଂ ଜନସାଧାରଣ ଏକତ୍ରିତ ହୋଇ ବନ୍ଦ କାଗଜ କଳର ପୁନରୁଦ୍ଧାର ପାଇଁ ସରକାରୀ ଉଦାସୀନତାର କଡ଼ା ସମାଲୋଚନା କରିଥିଲେ। ଗତ ୨୦୦୩ରୁ ବନ୍ଦ ପଡିଥିବା ବଲାରପୁର କାଗଜକଳ ସ୍ଥାନରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଦାବି ହୋଇଥିଲା। ଏହି ବନ୍ଦ କାଗଜ କଳର ୫୮୦ଏକର ପରିମିତ ଜମି ଉପରେ ଏକ ବିକଳ୍ପ ଶିଳ୍ପ ପ୍ରତିଷ୍ଠା କରି ଅଞ୍ଚଳବାସୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଥିଲା। ଏକମାସ ମଧ୍ୟରେ ଦାବି ପୂରଣ ନ ହେଲେ ଅଞ୍ଚଳବାସୀଙ୍କ ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ ସହିତ ରାଜରାସ୍ତା ଅବରୋଧ କରାଯିବ ବୋଲି ସୁରକ୍ଷା କମିଟି ସଦସ୍ୟମାନେ ସଙ୍କଳ୍ପ ନେଇଥିଲେ। ପରମ ବିରଞ୍ଚନ ଦାସ, ରମେଶ ଚନ୍ଦ୍ର ନାୟକ, ବର୍ଷାରାଣୀ ପଲେଇ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ଅଜୟ ବେହେରା, ମୀନାକ୍ଷୀ ସ୍ୱାଇଁ, ଯଶୋଦା ସ୍ୱାଇଁଙ୍କ ସମେତ ଶତାଧିକ ଅଞ୍ଚଳବାସୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## କଷ୍ଟରେ କଟୁଛି ସାପୁଆକେଳାଙ୍କ ଜୀବନ...

# କଂସର ଘରଣୀ ପଦ୍ମାବତୀ ରାଣୀ...

*ସାହିକୁ ଆସେ ସାପୁଆକେଳା। ତା’ଡମ୍ବରୁ ଶବ୍ଦ ଶୁଣି ଲୋକେ ରୁଣ୍ଡ ହୁଅନ୍ତି। ପେଡ଼ି ପରେ ପେଡ଼ି ଖୋଲିଚାଲେ କେଳା ଓ ସେଥିରୁ ବାହାରନ୍ତି କେତେ ପ୍ରଜାତିର ସାପ। ପିଲାଠୁ ବୁଢ଼ା ଯାଏଁ ସଭିଁଏ ସାପ ଖେଳ ଦେଖିବାକୁ ପସନ୍ଦ କରନ୍ତି। ହେଲେ ଏବେ ସାପ ଖେଳ କ୍ୱଚିତ ଦେଖିବାକୁ ମିଳୁଛି। ତଥାପି ଆଦର କମିନି। ଆଇନ୍‌ର କଟକଣା ଓ ସରକାରୀ ନିୟମ ଏହି କୌଳିକ ବୃତ୍ତିକୁ ବୁଡାଇବାକୁ ବସିଲାଣି। ତଥାପି କିଛି କେଳା ସମ୍ପ୍ରଦାୟ ପେଟପାଟଣା ପାଇଁ ସହରାଭିମୁଖୀ ହେଉଥିବା ଦେଖିବାକୁ ମିଳୁଛି...*

**କଟକ ଅଫିସ,୫ା୩**

‘କଂସର ଘରଣୀ ପଦ୍ମାବତୀ ରାଣୀ, ସେ କରିଥିଲେ ଧନ୍ୱନ୍ତରୀ ଓଷା, ଲଖେ ବାର ପଦ୍ମ ଦେବୁରେ କହ୍ନାଇ...’। ଯିଏ ବି ସାପ ଖେଳ ଦେଖିଛନ୍ତି ଉପରୋକ୍ତ ପଙ୍କ୍ତି ନିଶ୍ଚିତ ଶୁଣିଥିବେ। କେଳା ମୁହଁରୁ ଏମିତି କିଛି ଗୀତର ପଦ ଶୁଭୁଥାଏ ଆଉ ସାପ ପେଡ଼ିରୁ ବାହାରି ଫଣା ଖୋଲେ। କଟକ ଖାନ୍‌ନଗରର ଏକ ଦୋକାନ ସମ୍ମୁଖରେ ଜଣେ କେଳା ସାପ ଖେଳ ଦେଖାଉଥିବା ଦୃଶ୍ୟକୁ ଲୋକେ ଉପଭୋଗ କରୁଥାନ୍ତି। ସାପ ଖେଳର ଆଦର ଏବେ ବି ବଞ୍ଚିଛି ବୋଲି ଏଥିରୁ ସ୍ପଷ୍ଟ ଭାବେ ବାରି ହେଉଥିଲା।

ସାପକୁ ବଶ କରିବାର କଳା ଖୁବ୍ କମ୍ ଲୋକ ଜାଣନ୍ତି। କେଳାମାନଙ୍କ ପାଖରେ ଏହି କଳା ଭରପୂର ରହିଥାଏ। ଖାନ୍‌ନଗରରେ ସାପ ଖେଳ ଦେଖାଉଥିବା କେଳା ଜଣଙ୍କ ବୟସ ପ୍ରାୟ ୭୫ ବର୍ଷ ହେବ। ଦୀର୍ଘବର୍ଷ ଧରି ସାପ ଖେଳ ଦେଖାଇ ସେ ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ସମ୍ପୃକ୍ତ କେଳାଙ୍କ କହିବାନୁଯାୟୀ, ଆମ ପୂର୍ବ ପୁରୁଷରୁ ଏହି କୌଳିକ ବୃତ୍ତି ଆପଣେଇଛୁ। ମୋ ସହ ଜଡ଼ିତ ଥିବା ଅନେକ ଲୋକ ଏହି ବୃତ୍ତି ଛାଡ଼ି ସାରିଲେଣି। ସରକାରଙ୍କ ନିୟମକୁ ଡରି କେଳା ସମ୍ପ୍ରଦାୟ ଲୋକେ ଦିନ ମଜୁରିଆ ହୋଇଯାଇଛନ୍ତି। ଯଦି ଏହି ବୃତ୍ତି ଉପରେ କଟକଣା ଲଗାଯାଇଛି, ସେହି ଦୃଷ୍ଟିରୁ ଆମର ଥଇଥାନ ଦିଗରେ ବି ପଦକ୍ଷେପ ନିଆଯିବା ଉଚିତ ବୋଲି ସେ କହିଛନ୍ତି। ସୂଚନାଥାଉ କି, କଟକ ଉପକଣ୍ଠ ସମେତ ଖୋର୍ଦ୍ଧା, ନୟାଗଡ, କେନ୍ଦ୍ରାପଡା ଆଦି ଅଞ୍ଚଳରେ ସାପୁଆକେଳା ରୁହନ୍ତି। ବୁଲି ବୁଲି ଏମାନେ ସାପ ଖେଳ ଦେଖାନ୍ତି। ଖେଳ ଦେଖାଇବାବେଳେ ଲୋକମାନେ ଟଙ୍କା ସମେତ ଖାଦ୍ୟ ସାମଗ୍ରୀ ସେମାନଙ୍କୁ ଦେଇଥାନ୍ତି। ସାପକୁ ମାଛ, ଗେଣ୍ଡା, ଶାମୁକା, ବେଙ୍ଗ ଆଦି ଖାଦ୍ୟ ଭାବେ ଦିଆଯାଏ। ଗୋବର ଏବଂ ମାଟି ଲେପନ କରାଯାଇଥିବା ପେଡିରେ ସାପକୁ ରଖାଯାଏ। ନାଗ, ତମ୍ପ, ଅହିରାଜ, ଗୋଖର, ଅଢ଼େଇ କିଆରିଆ ନାଗ, କୋଳଥିଆ ତମ୍ପ ସାପ ପ୍ରାୟତଃ ଏମାନେ ରଖନ୍ତି।

### ବିକ୍ରି କରନ୍ତି ଔଷଧୀୟ ସାମଗ୍ରୀ



କେଳାମାନଙ୍କ ପାଖରେ ଅନେକ ଜଙ୍ଗଲଜାତ ଔଷଧୀୟ ସାମଗ୍ରୀ ମିଳେ। ଚେରମୂଳି କୁହାଯାଉଥିବା ଅନେକ ଆବଶ୍ୟକ ସାମଗ୍ରୀ ଖୁବ୍ କମ୍ ଦରରେ ଏମାନେ ବିକ୍ରି କରନ୍ତି। ପାରମ୍ପରିକ ଚିକିତ୍ସା ପଦ୍ଧତିରେ ବିଶ୍ୱାସ ରଖୁଥିବା କେତେଜଣ ଲୋକ ଏହି ସାମଗ୍ରୀ ସେମାନଙ୍କ ଠାରୁ କିଣନ୍ତି। ଚର୍ମରୋଗ, ଆଣ୍ଠୁଗଣ୍ଠି ବାତ ଆଦି ରୋଗରୁ ଉପଶମ ମିଳୁଥିବା ଚେରମୂଳି ବେଶୀ ବିକ୍ରି ହେଉଛି ବୋଲି ସମ୍ପୃକ୍ତ କେଳା ଜଣକ କହିଥିଲେ। ଏହାଛଡ଼ା ଛୋଟ ପିଲାଙ୍କୁ ଖରାପ ନଜର ନ ଲାଗିବା ପାଇଁ ମଧ୍ୟ ତାଙ୍କ ପାଖରେ ମିଳେ କିଛି ସ୍ୱତନ୍ତ୍ର ଡେଉଁରିଆ।



କଟକ ବାଲୁବଜାରସ୍ଥିତ ଶ୍ୟାମବାବା ମନ୍ଦିରରେ ଶ୍ରୀ ଶ୍ୟାମପ୍ରଭୁଙ୍କ ଫାଲ୍‌ଗୁନ ମହୋତ୍ସବ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି।

## କାର୍ ଧକ୍କାରେ ଯୁବକ ମୃତ

**କଟକ ସଦର,୫ା୩(ଡି.ଏନ୍.ଏ.)**

କଟକ-ପାରାଦୀପ ରାସ୍ତାର ବିରିବାଟୀ ଛକରେ ବୁଧବାର ବିଳମ୍ବିତ ରାତିରେ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶୋରନଗର ଥାନା ଅନ୍ତର୍ଗତ ଥୋରିଆପଡ଼ା ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁ(୩୦)। ଏଥିରେ ଗୁରୁତର କନ୍ଦରପୁର ଥାନା ଅନ୍ତର୍ଗତ ବିରିବାଟୀ ଗ୍ରାମର କିରଣ ମହାନ୍ତି(୨୬)ଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବିରିବାଟୀ ଛକରେ ଥିବା ଏକ ଜଳଖିଆ ଦୋକାନରେ ଗୋବିନ୍ଦ କାର୍ଯ୍ୟ କରନ୍ତି। ରାତିରେ ଛକରେ କିରଣ ଓ ଗୋବିନ୍ଦ କଥା ହେଉଥିବା ବେଳେ ପାରାଦୀପ ପଟୁ ଆସୁଥିବା ଏକ କାର୍(ଓଡି ୦୧ଟି ୦୧୧୧) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଗୋବିନ୍ଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଗୁରୁତର କିରଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ଅନ୍ୟପକ୍ଷରେ କାର ଚାଳକ ସିଆରଆରଆଇ ଫାଣ୍ଡିରେ ଆତ୍ମସମର୍ପଣ କରିଥିବା ଜଣାପଡିଛି।

### ଟ୍ରାଫିକ୍ ପୋଲିସ ମୁତୟନ ଦାବି

ସୂଚନାଥାଉ କି, ଓଏମ୍‌ପି ଛକରୁ କନ୍ଦରପୁର ରାସ୍ତା ଜନଗହଳିପୂର୍ଣ୍ଣ ହୋଇଥିବା ବେଳେ ବିରିବାଟୀ ଛକରେ ଯାନବାହନ ନିୟନ୍ତ୍ରଣ ପାଇଁ ଟ୍ରାଫିକ ପୋଲିସ ମୁତୟନ କରାଯାଇନାହିଁ। ଏଠାରେ ଷ୍ଟପ ବୋର୍ଡ ରଖିବା ପାଇଁ ବଜାର କମିଟି ସଦସ୍ୟ ସୁଶାନ୍ତ କୁମାର ରାଉତ ଓ ରମେଶ ଚନ୍ଦ୍ର ନାୟକ ଦାବି କରିଛନ୍ତି। ବିରିବାଟୀ, ତଅଁରପା, ନିମେଇସାପୁର, ଗତିରାଉତପାଟଣା ଗ୍ରାମବାସୀ ସିଆରଆରଆଇ ଫାଣ୍ଡି ପୋଲିସର ଦୃଷ୍ଟି ଆକର୍ଷଣ କରିବା ସହ ସକାଳ ୭ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଟ୍ରାଫିକ ପୋଲିସ ମୁତୟନ ପାଇଁ ଦାବି କରିଛନ୍ତି।





ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଗୁରୁବାର କଟକ ବାଲିଯାତ୍ରା ତଳପଡିଆରେ ଅନୁଷ୍ଠିତ ଭିତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସ୍ଥଳରେ ଶିଳ୍ପୀ ସିଦ୍ଧାର୍ଥ ଶଙ୍କର ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

## ଗ୍ରାମରକ୍ଷୀଙ୍କୁ ଆକ୍ରମଣ, ଜଣେ ଗିରଫ

**କଟକ ସଦର,୫ା୩(ଡି.ଏନ୍.ଏ.):** ଗ୍ରାମରକ୍ଷୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ କିଶୋରନଗର ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପ୍ରହରାଜପାଟଣା ଗ୍ରାମର ଶମ୍ଭୁ ଭୋଇ। ସୂଚନା ଅନୁଯାୟୀ, ବୁଧବାର ବିଦ୍ୟୁତ୍ ଲାଇନ ତାର କାଟିବାକୁ ନେଇ ଶମ୍ଭୁଙ୍କ ସହିତ ପଡୋଶୀ ଘର ସଦସ୍ୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଖବରପାଇ ଗ୍ରାମରକ୍ଷୀ ବଳଦେବ ମଲ୍ଲିକ ପଚାରିବା ପାଇଁ ଶମ୍ଭୁଙ୍କ ଘରକୁ ଯାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଶମ୍ଭୁ ଗ୍ରାମରକ୍ଷୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏ ନେଇ ଗ୍ରାମରକ୍ଷୀ ମଲ୍ଲିକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୨/୨୦) ରୁଜୁକରି ତଦନ୍ତ ଚଳାଇଥିଲା।

## ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଘାଟିତ

**ଚୌଦ୍ୱାର,୫ା୩(ଡି.ଏନ୍.ଏ.)**

ସ୍ଥାନୀୟ ଇମ୍ଫା କାରଖାନାରେ ୪୯ତମ ଜାତୀୟ ସୁରକ୍ଷା ସପ୍ତାହ ଆୟୋଜିତ ହୋଇଛି। ରାଜ୍ୟ ଶିଳ୍ପ ଓ ବାଷ୍ପିତ ନିର୍ଦ୍ଦେଶାଳୟ ଜୋନ୍-୧ ସହ ନିର୍ଦ୍ଦେଶକ ଚିତ୍ତରଞ୍ଜନ ବେଉରା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଇମ୍ଫା ସାଧାରଣ ପ୍ରଶାସକ ବିନୟ ଅଗ୍ରୱାଲ ଓ ସୁରକ୍ଷା ମୁଖ୍ୟ ଦେବୀ ପ୍ରସାଦ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇ ପ୍ରଯୁକ୍ତି ବିଜ୍ଞାନକୁ ଆପଣେଇଲେ ଶିଳ୍ପ ଓ ସାମାଜିକ କ୍ଷେତ୍ରରେ ସୁରକ୍ଷା ମିଳିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କାରଖାନା ପକ୍ଷରୁ ଆୟୋଜିତ ସୁରକ୍ଷା ସମ୍ପର୍କିତ ପ୍ରଦର୍ଶନୀକୁ ବେଉରା ଉଦ୍‌ଘାଟନ କରିଥିଲେ। ପ୍ରଭାତରେ ଶ୍ରମିକଙ୍କ ଦ୍ୱାରା ସୁରକ୍ଷା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏକ ସପ୍ତାହ ଧରି ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ପ୍ରଶିକ୍ଷଣ, ଗୃହିଣୀଙ୍କୁ ପ୍ରଶିକ୍ଷଣ, ଶିକ୍ଷାନୁଷ୍ଠାନ ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସୁରକ୍ଷା ସପ୍ତାହ ମୁଖ୍ୟ ସଂଯୋଜକ ସାରଦା ପ୍ରସାଦ ରାଓ କହିଛନ୍ତି। ପ୍ରଦ୍ୟୁମ୍ନ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧୀରେନ୍ ନାଥ ଧନ୍ୟବାଦ ଦେଇଥିଲେ।

## ଟୋକନ ନ ମିଳିବାରୁ ଚାଷୀଙ୍କ ଅସନ୍ତୋଷ

**ଚୌଦ୍ୱାର,୫ା୩(ଡି.ଏନ.ଏ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ସେବା ସମବାୟ ସମିତି ଆଗରେ ଗୁରୁବାର ଟୋକନ ପାଇଁ ଚାଷୀଙ୍କ ଭିଡ଼ ଲାଗିଥିଲା। ହେଲେ କାର୍ଯ୍ୟାଳୟରେ ସମବାୟ ସମ୍ପାଦକ ଅନୁପସ୍ଥିତ ଥିବା ଦେଖି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କିଛିଦିନ ତଳେ ଚାଷୀଙ୍କ ମୋବାଇଲ ଫୋନକୁ ୫ତାରିଖରେ ସମବାୟରୁ ଟୋକନ ସଂଗ୍ରହ କରିବାକୁ ମେସେଜ ଆସିଥିଲା। ୬ତାରିଖରେ ଧାନ କ୍ରୟ ପାଇଁ ଯୋଗାଣ ବିଭାଗ ଚାଷୀଙ୍କ ମୋବାଇଲକୁ ମେସେଜରେ ଜଣାଇଥିଲେ। ହେଲେ ଟୋକନ ବଦଳରେ କାର୍ଯ୍ୟାଳୟରେ କୌଣସି କର୍ମଚାରୀ ନ ଥିବା ଦେଖି ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ହୋହଲ୍ଲା କରିଥିଲେ। ତୁରନ୍ତ ସମବାୟ ଟୋକନ ପ୍ରଦାନ କରି ଧାନ କିଣିବାର ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚାଷୀ ନାଗମଣି ମହାନ୍ତି, ହରିହର ନାୟକ, ବସନ୍ତ ନାୟକ, ଭରତ ସାହୁ, ଚକ୍ରଧର ପରିଡା, ଗୀତାଞ୍ଜଳି ମହାନ୍ତି ଓ ଲାବଣ୍ୟ ରାଉତ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ସମବାୟ ସମ୍ପାଦକ ମାୟାଧର ଲେଙ୍କା କୁହନ୍ତି, ମାର୍ଚ୍ଚ ୩୧ପର୍ଯ୍ୟନ୍ତ ସରକାର ଧାନ କିଣିବାର ବ୍ୟବସ୍ଥା କରିଛନ୍ତି। ସମସ୍ତ ଚାଷୀଙ୍କ ଠାରୁ ପର୍ଯ୍ୟାୟକ୍ରମେ ଧାନ କିଣାଯିବ।

## ଆକ୍ରମଣ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୫ା୩**

ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ରୋଭରଷ୍ଟ୍ରିଟ ଅଞ୍ଚଳର କେ. କ୍ରିଷ୍ଣାରାଓ(୧୯)ଙ୍କୁ ଲାଲବାଗ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଗତ ଜାନୁୟାରୀରେ ରୋଭରଷ୍ଟ୍ରିଟ ଅଞ୍ଚଳ ରାସ୍ତାରେ ଆଲୋକ ବାରିକ ନାମକ ଯୁବକ ବାଇକରେ ଯାଉଥିଲେ। ଏହି ସମୟରେ ହଠାତ ଅଜାଣତରେ କ୍ରିଷ୍ଣାରାଓଙ୍କ ବାଇକ ସହ ତାଙ୍କ ବାଇକ ସାମାନ୍ୟ ବାଜି ଯାଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ କ୍ରିଷ୍ଣାରାଓଙ୍କ ସାଙ୍ଗମାନେ ଘଟଣାସ୍ଥଳରେ ପହଞ୍ଚି ଆଲୋକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଆଲୋକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

# ବିଜୁବାବୁ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ

**କଟକ ଅଫିସ, ୫ା୩**

ଜିଲା ପ୍ରଶାସନ ପକ୍ଷରୁ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଜୁ ପଟ୍ଟନାୟକ ଛକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଜୁବାବୁ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ଜିଲାପାଳ କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଆନନ୍ଦ ଭବନଠାରେ ଜିଲାପାଳ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରିବା ସହିତ ମ୍ୟୁଜିୟମ ପରିଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୁପଟ୍ଟନାୟକ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀ।

କଟକ ଜିଲା ବିଜେଡି କାର୍ଯ୍ୟାଳୟଠାରେ ବିଜୁବାବୁଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବିଜୁ ବାବୁ ଜଣେ ସାହସୀ ବୀର ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ସିଂ, ଦେବେନ୍ଦ୍ର ଖୁଣ୍ଟିଆ, ଧର୍ମେଶ ନାୟକ, ସୁବାସ ସିଂ, ସୌମେନ୍ଦ୍ର ଘୋଷ, ଆଶିଷ ସାହୁ, ଜ୍ଞାନେନ୍ଦ୍ର ଗିରିଗୋସ୍ୱାମୀ, ସେକ୍ ରିଆଜଙ୍କ ସମେତ ବହୁ କର୍ମୀ ଓ ନେତା ଭାଗନେଇଥିଲେ। ପ୍ରଫୁଲ୍ଲ ବେହେରା ଧନ୍ୟବାଦ ଦେଇଥିଲେ।

ସାମାଜିକ ଅନୁଷ୍ଠାନ ‘ସମୀଚୀନ’ ଆନୁକୂଲ୍ୟରେ କଟକ ମର୍କତ ନଗରଠାରେ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ, ଲୋପାମୁଦ୍ରା ପାତ୍ର, ସଞ୍ଜୁକ୍ତା ବେହେରା, ରାମଚନ୍ଦ୍ର ଦାସ ଯୋଗଦେଇଥିଲେ। ସୋନାଲୀ ମହାରଣା ଧନ୍ୟବାଦ ଦେଇଥିଲେ।

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ମୁକ୍ତାକାଶ ରଙ୍ଗମଞ୍ଚଠାରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଧାପିକା ଅଧାପକ, କର୍ମଚାରୀ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ତାଙ୍କର ତ୍ୟାଗପୂତ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ନିର୍ମାଣରେ ବ୍ରତୀହେବାକୁ ବିଦ୍ୟାର୍ଥୀମାନେ ସଂକଳ୍ପବଦ୍ଧ ହେବା ସହ ବିଜୁବାବୁଙ୍କୁ ମରଣୋତ୍ତର ‘ଭାରତ ରତ୍ନ’ ପ୍ରଦାନ କରିବାକୁ ଦାବି କରିଥିଲେ।



ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ୍ସ ଆସୋସିଏଶନ ପକ୍ଷରୁ ବିଜୁ ପଟ୍ଟନାୟକ ଛକସ୍ଥିତ ଆନନ୍ଦ ଭବନ ନିକଟରୁ ବାହାରିଥିବା ମିନି ମାରାଥନ।



କଟକ ଏସ୍‌ସିବି ମେଡିକାଲ ପରିସରରେ ରୋଗୀ ସହାୟତା କେନ୍ଦ୍ରକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରୁଛନ୍ତି।



ସଙ୍କୁଚିତ କରିଆଣେ, ସେହିପରି ଅତିଶୟ ଇନ୍ଦ୍ରିୟ ଭୋଗ ବା କାମ ପିପାସା ଜାଗ୍ରତ ହେଲେ ବିଜ୍ଞବ୍ୟକ୍ତି ଆତ୍ମସଂଯମର ଖୋଳ ଭିତରେ ନିଜର ଆତ୍ମରକ୍ଷା କରେ । -ମହାବୀର ଜୈନ



## ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ମେଳଣ ୧୪ରୁ

# ଭକ୍ତଙ୍କ ନିକଟକୁ ଆସିବେ ଠାକୁର

**ଜଟଣୀ,୫।୩(ଡି.ଏନ.ଏ)**

ଓଡ଼ିଶା ପ୍ରସିଦ୍ଧ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥଦେବଙ୍କ ପଞ୍ଚୁଦୋଳ ମେଳଣ ମାର୍ଚ୍ଚ ୧୪ରୁ ଆରମ୍ଭ ହେବ। ଜଟଣୀ ନିକଟବର୍ତ୍ତୀ ପୁରୀ ଜିଲା ଅନ୍ତର୍ଗତ ହରିରାଜପୁର ଗ୍ରାମରେ ଅନୁଷ୍ଠିତ ଏହି ମେଳଣରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଜନସମାଗମ ହୋଇଥାଏ। ୧୪ ତାରିଖ ଜମାଣ ରାତ୍ର ହୋଇଥିବାବେଳେ ୧୭ ତାରିଖ ଠାକୁର ମେଳଣ ଉତ୍ସବ ଅନୁଷ୍ଠିତ ହେବ। ଜନଶ୍ରୁତି ଓ ଐତିହାସିକ ମତ ଅନୁଯାୟୀ ଏହି ମେଳଣ ସାଢ଼େ ୩ ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ। ୮୦ ଏକର ଜମି ଉପରେ ଅନୁଷ୍ଠିତ ଏହି ମେଳଣର ଜମାଣ ରାତ୍ର, ଠାକୁର ମେଳଣ ଉତ୍ସବରେ ୫ ଲକ୍ଷରୁ ଅଧିକ ଜନସମାଗମ ହୋଇଥାଏ।



ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ।

### ଭକ୍ତଙ୍କ ମନସ୍କାମନା ପୂରଣ କରନ୍ତି ଠାକୁର

ଥାନପତି ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମହିମାରୁ ଅନେକ ଦୁରାରୋଗ୍ୟରୁ ମୁକ୍ତି ମିଳିଥାଏ ବୋଲି ପ୍ରବାଦ ରହିଛି। ଏଣୁ ଅନେକ ଭକ୍ତ ମେଳଣ ଉପବାସ କରି ମାନସିକ ପୂରଣ ପାଇଁ ବିଭିନ୍ନ ନୀତିନିୟମ ପାଳନ କରିଥାନ୍ତି। କେତେଜଣ ଭକ୍ତ ଗୁହାରିଆ ମଧ୍ୟ ପଡ଼ିଥାନ୍ତି।

### ପ୍ରିୟ ଭୋଗ ଚୁଡ଼ାଘଷା

ଥାନପତି ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପ୍ରିୟ ଭୋଗ ହେଲା ଚୁଡ଼ାଘଷା। ଏଣୁ ଥାନପତି ମେଳଣ ପଡ଼ିଆକୁ ବାହାରିବା ପୂର୍ବରୁ ଅନ୍ୟ ଭୋଗ ସହ ଚୁଡ଼ାଘଷା ଲାଗି କରାଯାଇଥାଏ।

### କିମ୍ବଦନ୍ତୀ ଅନୁଯାୟୀ

କିମ୍ବଦନ୍ତୀ ଅନୁଯାୟୀ, ହରିରାଜପୁର ଗ୍ରାମର ଗୋବର୍ଦ୍ଧନ ଦାସ ଓ ନିତେଇ ସାହୁ(ଖରୁଡ଼ା) ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ଏକ ପଞ୍ଚୁଦୋଳ ମେଳଣ କରିବାକୁ ମନସ୍ଥ କରିଥିଲେ। ୧୬୩୭ ଖ୍ରୀଷ୍ଟାବ୍ଦ ଠାକୁରଙ୍କ ମନ୍ଦିର ସନ୍ନିକଟ ପଡ଼ିଆରେ ହରିରାଜପୁର ମେଳଣ ଆୟୋଜନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଏଥିପାଇଁ ଗ୍ରାମବାସୀଙ୍କଠାରୁ ମୁଠି ଚାଉଳ ସଂଗ୍ରହ କରାଯାଇ ଏଥିରୁ ବିକ୍ରିଲବ୍ଧ ଅର୍ଥରେ ସେତେବେଳେ ନିକଟ ଗ୍ରାମର ଶ୍ରୀନୀଳକଣ୍ଠେଶ୍ୱର (ଭଁସର), ଶ୍ରୀବାଲୁଙ୍କେଶ୍ୱର (କନ୍ତିଆ), ଶ୍ରୀଗତିଶ୍ୱର (କୁସୁମାଟି) ଓ ସୋମନାଥ ଦେବ (ବୁଢ଼ାପଡ଼ା)ଙ୍କୁ ନିମନ୍ତ୍ରଣ କରି ପ୍ରଥମେ ଏହି ଯାତ୍ରା ଆରମ୍ଭ କରାଯାଇଥିଲା। ଐତିହାସିକ ସ୍ୱର୍ଗତ ଦିବ୍ୟସିଂହ ଚମୁପତି ଲେଖିଥିବା ତାଙ୍କ ପୁସ୍ତକରେ ଏହା ଉଲ୍ଲେଖ କରିଛନ୍ତି।

### ଚଳିତବର୍ଷ ଆକର୍ଷଣ ୪୦୦ ନାମ ସଂକୀର୍ତ୍ତନ ମଣ୍ଡଳୀ

ଚଳିତବର୍ଷ ହରିରାଜପୁର ମେଳଣର ୩ୟ ଦିନ ୧୬ ତାରିଖରେ ୪୦୦ ସଂକୀର୍ତ୍ତନ ମଣ୍ଡଳୀଙ୍କ ସମାବେଶ ହେବ। ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ପରିବେଷଣ ଏଥର ଅନ୍ୟତମ ଆକର୍ଷଣ ହେବ ବୋଲି ମେଳଣ ପରିଚାଳନା ପରିଷଦର ସଂଯୋଜକ ପ୍ରସନ୍ନ ମହାରଥୀ କହିଛନ୍ତି। ଏଥିସହ ଆକର୍ଷଣୀୟ ବାଣ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ବିପଦସଙ୍କୁଳ ବାଣ ଉପରେ କଟକଣା ଲଗାଯାଇଛି। ମେଳଣ ପଡ଼ିଆରେ ଦେଢ଼ ହଜାରରୁ ଅଧିକ ଅସ୍ଥାୟୀ ଦୋକାନ ବଜାର ସ୍ଥାନ ପାଇବ। ଏଥିରେ କୃଷି ସରଞ୍ଜାମ, କାଠ, ବାଉଁଶ, ତାଳପତ୍ର, ଖଜୁରୀ, ମାଟି, ପଥର ଆଦିର ବିଭିନ୍ନ ଘରକରଣା ସାମଗ୍ରୀ ବିକ୍ରିବଟା ହୋଇଥାଏ। ଏଥିସହ ମେଳଣର ବିଭିନ୍ନ ଦିବସରେ ୧୧ଟି ଅନୁଷ୍ଠାନ ହରିରାଜପୁର ମହୋତ୍ସବରେ ପାରମ୍ପରିକ ନୃତ୍ୟ, ଗୀତ, ଭଜନ ଓ ମେଲୋଡ଼ି ପରିବେଷଣ କରିବେ।

### ପାତାଳଫୁଟା ଶିବଲିଙ୍ଗ

ଜଟଣୀ-ପିପିଲି ରାସ୍ତାର ଦକ୍ଷିଣପାର୍ଶ୍ୱରେ ପ୍ରାୟ ଏକ କିମି ଦୂରରେ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ଓ ମେଳଣ ପଡ଼ିଆ ଅବସ୍ଥିତ। ଏହି ଶିବଲିଙ୍ଗ ପାତାଳଫୁଟା ସହ ପଶ୍ଚିମାମୁଖା ହୋଇଥିବାରୁ ଶୈବପୀଠର ମହିମା ଅନନ୍ୟ। ଏଠାରେ ହରିହର ଏକତ୍ର ପୂଜା ପାଉଥିବାରୁ ହରିହର ମନ୍ତ୍ରରେ ତୁଳସୀପତ୍ର ନୈବେଦ୍ୟରେ ଲାଗି କରାଯାଏ। ଠାକୁରଙ୍କ ମୁଖ୍ୟ ଉତ୍ସବ ପଞ୍ଚୁଦୋଳ ମେଳଣ ଦୋଳପୂର୍ଣ୍ଣମୀର ୫ମ ଦିବସର ମଧ୍ୟ ରାତ୍ରିରେ ଅନୁଷ୍ଠିତ ହୋଇଥାଏ।

### ବିରାଟ ପଟୁଆରରେ ଯାଆନ୍ତି ଥାନପତି

ଭଣ୍ଡାରଘରୁ କୋଠଭୋଗ ଆସିବା ପରେ ଥାନପତି ପଶ୍ଚିମାଶମ୍ଭୁ ସୋମନାଥ ଦେବ ଜମାଣ ରାତିରେ ମନ୍ଦିରରୁ ବାହାରିଥାନ୍ତି। ବାହାରିବା ପରେ ବାଟ ଅଗଣାରେ ରହିଥାନ୍ତି। ସେଠାରେ କୋଠଭୋଗ ଲାଗି କରାଯାଇଥାଏ। ପରେ ଠାକୁର ଦୋଳବିମାନକୁ ବିଜେ କରିବା ସହ ପଶ୍ଚିମଦ୍ୱାର ଦେଇ ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ବିଜେ ଯାତ୍ରା କରିଥାନ୍ତି। ପଟୁଆରରେ ବାହାରିବା ସମୟରେ ବାଟରେ ଥିବା ଶ୍ରୀଗୋପାଳଜୀ (ମଠ ଠାକୁର) ଓ ବାଳମୁକୁନ୍ଦଦେବ ପାଲିଙ୍କିରେ ଥାନପତିଙ୍କ ସହ ଏହି ପଟୁଆରରେ ଯାଇଥାନ୍ତି। ଏହି ଅବସରରେ ଆତସବାଜି ପ୍ରଦର୍ଶନ ସହ ରଙ୍ଗବେରଙ୍ଗ କଳରଙ୍ଗ, ବାଦ୍ୟ, ରୋଷଣୀ, ଘଣ୍ଟ ଘଣ୍ଟା, ତୁରୀ, ଶଙ୍ଖନାଦ, ନାଗା ନାଚ, ପଞ୍ଚା ଖେଳ,ସଖି ଓ ରାଜାରାଣୀ ନାଚରେ ଚତୁଃପାର୍ଶ୍ୱ ପ୍ରକମ୍ପିତ ହୋଇଥାଏ। ମେଳଣ ପଡ଼ିଆରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ୮୦ଟି ଠାକୁର ଦୋଳବିମାନରେ ଉପବିଷ୍ଟ ହୋଇଥାନ୍ତି। ୪ ଦିନ ରହଣି ମଧ୍ୟରେ ଦୈନିକ ହଜାର ହଜାର ସଂଖ୍ୟାର ଭକ୍ତ ଠାକୁରମାନଙ୍କୁ ଫଗୁ ସିଞ୍ଚନ କରିବା ସହ ଭୋଗ କରିଥାନ୍ତି। ଜମାଣ ରାତ୍ରିରେ ଚିତ୍ତାକର୍ଷକ ଆତସବାଜି ପ୍ରଦର୍ଶନ ହୋଇଥାଏ। ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରଖ୍ୟାତ ବାଣକାରମାନଙ୍କ ବ୍ୟତୀତ ମାନସିକ ପୂରଣ ହୋଇଥିବା ବହୁ ଭକ୍ତ ଏଠାରେ ରାତିତମାମ ବାଣ ଫୁଟାଇଥାନ୍ତି।

## ପଞ୍ଚାୟତିରାଜ ଦିବସ, ବିଜୁ ଜୟନ୍ତୀ



ଜଟଣୀରେ ଅନୁଷ୍ଠିତ ପଞ୍ଚାୟତିରାଜ ଦିବସରେ ଉପସ୍ଥିତ ନେତା ଓ କର୍ମୀମାନେ ।

**ଜଟଣୀ,୫।୩(ଡି.ଏନ.ଏ.):**

ଜଟଣୀ ବ୍ଲକ ପକ୍ଷରୁ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିଲା। ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ଜୟନ୍ତୀରେ ପାଳିତ ଏହି ଦିବସ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ବିଡିଓ ବାସୁଦେବ ମାହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୀପକ ଜେନା, ସମିତି ସଭ୍ୟ ହରମୋହନ ରାଉତରାୟ, ଉପେନ୍ଦ୍ର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଅମୀୟ ପ୍ରସାଦ ଦଳେଇ ପ୍ରମୁଖ ବିଜୁ ପଟ୍ଟନାୟକଙ୍କ ଅନନ୍ୟ ବ୍ୟକ୍ତିତ୍ୱ ଉପରେ କହିବା ସହ ରାଜ୍ୟ ସରକାରଙ୍କର ବିଭିନ୍ନ ଜନହିତକାରୀ ଯୋଜନା ଉପରେ ସୂଚନା ଦେଇଥିଲେ। ସେହିପରି ପଦନପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସୁକାନ୍ତ ପରିଡାଙ୍କ ପୌରୋହିତ୍ୟରେ ଏହି ଦିବସ ପାଳିତ ହୋଇଥିଲା। ତେବେ ଛଣଘର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସୁନୀଲ କୁମାର ରାଉତରାୟ ଓ କେତେକ ୱାର୍ଡ ସଭ୍ୟାସଭ୍ୟ ଏହି ଦିବସକୁ କଳାଦିବସ ଭାବେ ପାଳନ କରିଥିଲେ। ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ଭକ୍ତିଭୂତ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ କଳାବସ୍ତ୍ର ପରିଧାନ କରି ପଞ୍ଚାୟତ ଦିବସକୁ ବିରୋଧ କରିଥିଲେ। ସରପଞ୍ଚମାନଙ୍କ କ୍ଷମତାକୁ ସରକାର ସଙ୍କୁଚିତ କରିବା ପ୍ରତିବାଦରେ ପଞ୍ଚାୟତ କାର୍ଯ୍ୟାଳୟ ବନ୍ଦ କରି ଏପରି ଭାବେ ବିରୋଧ କରିଥିଲେ।

**ଖୋର୍ଦ୍ଧା ଅଫିସ :** ବାଣପୁର ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଦିବସ ଓ ବିଜୁବାବୁଙ୍କ ଜୟନ୍ତୀ ପଞ୍ଚାୟତ ସମିତିସଭା ଗୃହରେ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ସେଠୀ, ଉପାଧ୍ୟକ୍ଷ ଅଜୟ କୁମାର ରାଉଳ, ଜିପିଓ ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବ୍ଲକର ସମସ୍ତ ଅଧିକାରୀଙ୍କ ସମେତ ମିଶନ ଶକ୍ତିର ସଭ୍ୟା, ମହିଳା ଜୀବିକା ମିଶନ୍‌ର ସଭ୍ୟା, ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ। ବାଣପୁର ବ୍ଲକର କୁମାରାଙ୍ଗ, ଗାଲୁଆ, ତୋରସିଂହ, ଭେଟେଶ୍ୱର, ଆୟତପୁର ଆଦି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ସେହିପରି ଚିଲିକା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ ବିଜୁବାବୁଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ମେଡିକାଲ ଛକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ଐତିହାସିକ ପଲଟଣ ପଡିଆଠାରେ ବିଜୁ ଭବନ ଉଦ୍‌ଘାଟନ କରାଯାଇଥିଲା। ଖୋର୍ଦ୍ଧାର ପ୍ରତିଷ୍ଠିତ ସାହିତ୍ୟ, ସାମାଜିକ ସଙ୍ଗଠନ ‘ଆମରି ସତ୍ୟ’ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଜୟନ୍ତୀ ଉତ୍ସବ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥିମାନେ ଯୋଗ ଦେଇ ବିଜୁ ବାବୁଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ଉଦ୍ୟମରେ ପାରାଦୀପ ବନ୍ଦର, ହାଲ, ରାଉରକେଲା ଇସ୍ପାତ କାରାଖାନା, ରିଜିଓନାଲ କଲେଜ ଆଦି ପ୍ରତିଷ୍ଠା ହୋଇଥିଲା ବୋଲି ମତଦେବା ସହ ଇଣ୍ଡୋନେସିଆର ଭୂମିପୁତ୍ର ଉପାଧି ପାଇଥିଲେ।

**କୃଷ୍ଣପ୍ରସାଦ,(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ ଦିବସ ଓ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ କୃଷ୍ଣପ୍ରସାଦ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବିଡିଓ ଅଭିମନ୍ୟୁ ମାଝି ସଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ସିଡିପିଓ ମନୋରମା ଦେବୀ, ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ମାଝିଙ୍କ ସମେତ ଚିଲିକା ନୂଆପଡା, କୃଷ୍ଣପ୍ରସାଦ, ବୁଦ୍ଧିବର, ସିଆଳ ଆଦି ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ ସମିତିସଭ୍ୟମାନେ ଉପସ୍ଥିତ ରହିଥିଲେ। ସେହିଭଳି ସିଆଣ୍ଡି ପଞ୍ଚାୟତ ପରିସରରେ ସରପଞ୍ଚ ଅନିତା ନାୟକଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା।

**ନିରାକାରପୁର, (ଡି.ଏନ.ଏ.):** ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏକ୍‌ଜିକ୍ୟୁଟିଭ ଅଫିସର ଦାଶରଥୀ ପ୍ରତିହାରୀଙ୍କ ସଭାପତିତ୍ୱରେ ହୋଇଥିଲା। ଅତିଥି ଭାବେ ସରପଞ୍ଚ ହୃଷୀକେଶ ରାଉତରାୟ ଯୋଗଦେଇଥିଲେ। ସେହିପରି ଡ଼ିଆ ପଞ୍ଚାୟତରେ ନୃସିଂହ ଚରଣ ଦଳେଇ ଓ ଛଣଗିରି ପଞ୍ଚାତୟରେ ସରପଞ୍ଚ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ପଞ୍ଚାୟତିରାଜ ଦିବସ ଉପରେ ଆଲୋକପାତ କରାଯାଇଥିଲା।

## ସଂକ୍ଷେପରେ

### ଶିଶୁପୁତ୍ର ସହ ମହିଳାଙ୍କୁ ଅପହରଣ ଅଭିଯୋଗ

କୃଷ୍ଣପ୍ରସାଦ,୫।୩(ଡି.ଏନ.ଏ.)- ପୁରୀଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଜଣେ ବିବାହିତ ମହିଳାଙ୍କୁ ଅପହରଣ କରାଯାଇଥିବା କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ସେନା କର୍ମଚାରୀ ଭାବେ ରାଜ୍ୟ ବାହାରେ କାର୍ଯ୍ୟ କରନ୍ତି। ସେ ଘରକୁ ଛୁଟିରେ ଆସି ୨୦୧୯ ଅକ୍ଟୋବରରେ ନିଜ କର୍ମକ୍ଷେତ୍ରକୁ ଫେରି ଯାଇଥିଲେ। ଏ ମଧ୍ୟରେ ତାଙ୍କ ସ୍ତ୍ରୀ ୨ବର୍ଷ ୫ ମାସର ଶିଶୁପୁତ୍ରକୁ ଧରି ନିଜ ବାପଘର ଗାଁକୁ ଯାଇଥିଲେ। ତା ୧୫।୨।୨୦୨୦ରିଖ ରାତ୍ରିରେ ସମ୍ପୃକ୍ତ ମହିଳା ଓ ଶିଶୁପୁତ୍ର କେଉଁଆଡେ ଚାଲି ଯାଇଥିବା ଜଣାପଡିଥିଲା । ପରିବାରଲୋକମାନେ ବହୁ ଖୋଜା ଖୋଜି କରି ଶେଷରେ ନିରାଶ ହୋଇଥିଲେ । ଅନ୍ୟଉପାୟ ନ ପାଇ ମହିଳାଙ୍କ ବାପା ଘଟଣା ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଖବରପାଇ ସମ୍ପୃକ୍ତ ଯୁବକ ଗାଁକୁ ଫେରି କୃଷ୍ଣପ୍ରସାଦ ଥାନାରେ ମଧ୍ୟ ଜଣାଇଥିଲେ । ସେ ଅଭିଯୋଗ ପତ୍ରରେ ଜଣେ ଯୁବକ କେତେଜଣ ଦୁର୍ବୃତ୍ତଙ୍କୁ ଧରି ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ଅପହରଣ କରି ନେଇଥିବା ଗତ ୨ତାରିଖରେ କୃଷ୍ଣପ୍ରସାଦ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣା ସମଗ୍ର କୃଷ୍ଣପ୍ରସାଦ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ଶ୍ରୀଜଗନ୍ନାଥ ନୂତନ ମନ୍ଦିର ପ୍ରତିଷ୍ଠା ଲାଗି ଆସିଲେ ଚତୁର୍ଦ୍ଧାମୂର୍ତ୍ତି




ଜଟଣୀ,୫।୩(ଡି.ଏନ.ଏ.): ଜଟଣୀ ରାମଚନ୍ଦ୍ରପୁର ମୌଜା ସେସୁ କାର୍ଯ୍ୟାଳୟ ନିକଟରେ ଆସନ୍ତା୨୫ ତାରିଖରେ ଚିନ୍ମୟ ମିଶନ ପକ୍ଷରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହେବ। ଏହି ପରିପ୍ରେକ୍ଷୀରେ ପୁରୀରୁ ନୂତନ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ନିର୍ମାଣ ହୋଇ ଶୋଭାଯାତ୍ରାରେ ଗୁରୁବାର ଏଠାକୁ ଅଣାଯାଇଥିଲା। ଚିନ୍ମୟ ମିଶନର ସ୍ୱାମୀ ଗଙ୍ଗାଧର, ସୀତାକାନ୍ତ ଶତପଥୀ, ଡ. ଅଭୟ ନାୟକ, ଅକ୍ଷୟ ମହାନ୍ତି, ମଧୁସୂଦନ ସାହୁ, କଳିଙ୍ଗ ସାହୁ, ପ୍ରଭାତ କୁମାର ବାହିନୀପତି, ରାଧାରଞ୍ଜନ ଶତପଥୀ ଓ ଅନେକ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ

**ଖୋର୍ଦ୍ଧା ଅଫିସ,୫।୩ :**

ଖୋର୍ଦ୍ଧା ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ଷ୍ଟାଡିୟମଠାରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ ମୁଖ୍ୟଅତିଥି ଭାବେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଜିଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ଜିଲାପାଳ ସିତାଂଶୁ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଜୁବାବୁଙ୍କର ଓଡ଼ିଶାବାସୀଙ୍କ ପ୍ରତି ଥିବା ସ୍ୱପ୍ନକୁ ସାକାର କରାଯାଇଛି। ତେବେ ଓଡ଼ିଶାକୁ ସମୃଦ୍ଧିଶାଳୀ ରାଜ୍ୟ ଭାବେ ଗଢି ତୋଳିବାକୁ ବିଜୁବାବୁଙ୍କ ଆଭିମୁଖ୍ୟ ରହିଥିଲା। ତାହାକୁ ଆଜି ଗ୍ରାମାଞ୍ଚଳର ବିକାଶ ପଥେ ଏବେକାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାକାର କରୁଛନ୍ତି। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ ସ୍ୱାଗତଭାଷଣ ଦେଇଥିଲେ। ଖୋର୍ଦ୍ଧା ବିଡିଓ ପ୍ରଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ, ଖୋର୍ଦ୍ଧା ଜିଲା ପରିଷଦର ସଭ୍ୟା, ସଭ୍ୟ, ପଞ୍ଚାୟତ ପ୍ରତିନିଧି, ବିଭିନ୍ନ କର୍ମକର୍ତ୍ତା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗ ଦେଇଥିଲେ। ଅତିରିକ୍ତ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ବେଗୁନିଆ ବ୍ଲକସ୍ତରୀୟ ପଚାୟତିରାଜ ଦିବସ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସହ ଦଳୀୟ କର୍ମକର୍ତ୍ତା ଓ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ।




ପଞ୍ଚାୟତିରାଜ ଦିବସ ଅବସରରେ ଉପସ୍ଥିତ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପ୍ରଶାନ୍ତ ଜଗଦ୍ଦେବ ଓ ଅନ୍ୟମାନେ ।

## ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନ କରି ଟଙ୍କା ହଡ଼ପ ଉଦ୍ୟମ ଅଭିଯୋଗ

**ଜଟଣୀ,୫।୩(ଡି.ଏନ.ଏ.):**

ଗୋଷ୍ଠୀ କେନ୍ଦ୍ର ପାଇଁ ଅର୍ଥ ମଞ୍ଜୁର ହେଲା। ଏଥିପାଇଁ ଜମି ଚିହ୍ନଟ କରାଗଲା। ହେଲେ ଗୋଷ୍ଠୀ କେନ୍ଦ୍ର କରା ନ ଯାଇ ହୋଇଥିବା ଦର୍ଶାଇ ଅର୍ଥ ଉଠାଇ ନେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି। ଜଟଣୀ ବ୍ଲକ ତରାବୋଇ ପଞ୍ଚାୟତ ୬ ନଂ. ୱାର୍ଡ ଅନ୍ତର୍ଗତ କୋରଙ୍ଗା ତେରଘରିଆରେ ଆମ ଗାଁ ଆମ ବିକାଶ ଯୋଜନାରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଅଢ଼େଇ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିପାଇଁ ଜମିର ବିବରଣୀ ରାଜସ୍ୱ ନିରୀକ୍ଷକ ପ୍ରଦାନ କରିଥିଲେ। ହେଲେ ଚିହ୍ନଟ ହୋଇଥିବା ଜମିରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଇନଥିଲା। ସେଠାରେ ମେଳା ପାଇଁ ଉଦ୍ଦିଷ୍ଟ ଥିବା ଏକ ଘରେ କିଛି ସିମେଣ୍ଟ ଦୋଳି ରଖି ଗୋଷ୍ଠୀ କେନ୍ଦ୍ର ହୋଇଥିବା ଦର୍ଶାଇ ମଞ୍ଜୁର ଅର୍ଥ ବିଲ୍ କରାଇ ନେବା ଚକ୍ରାନ୍ତ କରାଯାଉଛି। ଏହାକୁ ଗ୍ରାମର ସୁରେଶ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବଳିଆରସିଂହ, ମାନସ ବରାଳଙ୍କ ସମେତ ଅନେକ ଗ୍ରାମବାସୀଙ୍କ ଦସ୍ତଖତରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ସରକାରୀ ଅର୍ଥ ହଡ଼ପ ଉଦ୍ୟମ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହ ଚିହ୍ନଟ ଜମି ଉପରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି।

## ଦୁଇ ବସ୍ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ

**ଖୋର୍ଦ୍ଧା ଅଫିସ, ୫।୩:**

ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ବୁଧବାର ଦଶପଲ୍ଲା ଅଞ୍ଚଳରେ ଦୁଇଟି ଏକ୍ସପ୍ରେସ୍ ବସ୍ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଗୋଟିଏ ବସ୍‌ର କର୍ମଚାରୀଙ୍କୁ ଦାଦାଗିରି ଦେଖାଇ ଅନ୍ୟ ବସ୍‌ର କର୍ମଚାରୀ ଓ କେତେଜଣ ଯୁବକ ମିଳିତ ଆକ୍ରମଣ ପୁରୁସାହି ନିକଟରେ କରିଥିଲେ। ତେବେ ଗୋଟିଏ ବସ୍‌ର ମାଲିକ ମନୋଜ କୁମାର ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ପୋଲିସ ନଂ. ୭୪/୨୦ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## କ୍ରିକେଟ: ମକୁନ୍ଦପ୍ରସାଦ, କାଇପଦର ବିଜୟୀ

**ଖୋର୍ଦ୍ଧା ଅଫିସ, ୫।୩:**

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଖେଳପଡିଆଠାରେ ଚାଲିଥିବା ସତ୍ୟପୀର କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ତୃତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ମକୁନ୍ଦପ୍ରସାଦ କ୍ରିକେଟ କ୍ଲବ ୪ ଉଇକେଟ୍‌ରେ ଓ ଦ୍ୱିତୀୟ ମ୍ୟାଚରେ କାଇପଦର କ୍ରିକେଟ କ୍ଲବ ୬ ଉଇକେଟରେ ବିଜୟୀ ହୋଇଥିଲେ। ପ୍ରଥମ ମ୍ୟାଚ୍ ନଫୁଟ କ୍ରିକେଟ୍ କ୍ଲବ ଓ ମକୁନ୍ଦପ୍ରସାଦ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନଫୁଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୨ ରନ୍ ସଂଗ୍ରହ କରିଥିଲା। ଜବାବରେ ମକୁନ୍ଦପ୍ରସାଦ କ୍ରିକେଟ୍ କ୍ଲବ ୧୮.୨ ଓଭରରେ ୬ ଉଇକେଟ୍ ହରାଇ ୧୭୪ ରନ୍ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ କୁମାରବସ୍ତ କ୍ରିକେଟ୍ କ୍ଲବ ଓ କାଇପଦର ସତ୍ୟପୀର କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି କୁମାରବସ୍ତ ଦଳ ୧୮ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୪ ରନ୍ ସଂଗ୍ରହ କରିଥିଲା। ଜବାବରେ ସତ୍ୟପୀର କ୍ରିକେଟ କ୍ଲବ ୧୨.୫ ଓଭରରେ ୪ ଉଇକେଟ୍ ହରାଇ ୧୧୮ ରନ କରି ବିଜୟ ଲାଭ କରିଥିଲା। ତେବେ ମକୁନ୍ଦପ୍ରସାଦ ଦଳର ଖେଳାଳି ସୌମ୍ୟରଞ୍ଜନ ବ୍ୟକ୍ତିଗତ ୩୮ ବଲରେ ୫୮ ରନ୍ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ସତ୍ୟପୀର କ୍ଲବର ଖେଳାଳି କୁଲଦୀପ ପାଇକରାୟ ବ୍ୟକ୍ତିଗତ ୨୮ ବଲରେ ୬୭ ରନ୍ ସଂଗ୍ରହ କରିଥିଲେ। ତାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ବିଜୟ କୁମାର ମାର୍ଥା ଓ ପ୍ରଶାନ୍ତ କୁମାର ମାର୍ଥା ମ୍ୟାଚ ପରିଚାଳନା କରିଥିଲେ। ସୁଶାନ୍ତ ସୁନ୍ଦରାୟ ଓ ସୌମ୍ୟରଞ୍ଜନ ପାଇକରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଝଜ ସାମନ୍ତରାୟ ଓ ପ୍ରକାଶ ସିଂହ ଅତିଥି ଭାବେ ଯୋଗ ଦେଇଥିଲେ।





ଉଭୟ ଦଳର ମ୍ୟାନ ଅଫ ମ୍ୟାଚ ଖେଳାଳି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

## ପଚା ଖାଦ୍ୟ ପରଷୁଛନ୍ତି ହୋଟେଲ, ରେଷ୍ଟୁରାଣ୍ଟ

- ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟଞ୍ଜନ ପ୍ରସ୍ତୁତ
- ବିନା ଲାଇସେନ୍ସରେ ଚାଲିଛି ଖାଦ୍ୟ ବିକ୍ରି

**ଖୋର୍ଦ୍ଧା ଅଫିସ,୫। ୩ :**

ଖୋର୍ଦ୍ଧା ଜିଲାର ସହରଠୁ ଆରମ୍ଭ କରିଗ୍ରାମାଞ୍ଚଳ ବଜାରରେ ଏବେ ଛତୁ ଫୁଟିଲା ଭଳି ଗଢି ଉଠିଛି ହୋଟେଲ ଓ ରେଷ୍ଟୁରାଣ୍ଟ। ଯେଉଁ ବଜାରକୁ ଗଲେ ଦେଖିବାକୁ ମିଳୁଛି ମାଳ ମାଳ ଫାଷ୍ଟଫୁଡ୍ ଦୋକାନ। ଅନେକ ଢାବା, ଜଳଖିଆ ଦୋକାନ, ହୋଟେଲ ଓ ରେଷ୍ଟୁରାଣ୍ଟ ବିନା ଲାଇସେନ୍ସରେ ଚାଲିଛି। ପଚାଶଢା ପରିବା, ଅପମିଶ୍ରିତ ତେଲ, ସୁଜି, ବେସନ, ମଇଦା ଓ ବିଭିନ୍ନ ରାସାୟନିକ ରଙ୍ଗ ମିଶାଇ ପ୍ରସ୍ତୁତ ହେଉଛି ବ୍ୟଞ୍ଜନ। ସେହିପରି ଫାଷ୍ଟଫୁଡ୍ ଦୋକାନଗୁଡିକରେ ମାତ୍ରାଧିକ ଜଙ୍କ୍‌ଫୁଡ୍ , କେମିକାଲ ଓ ପୋଡା ତେଲର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ସହରର ବିଭିନ୍ନ ଗଳିକନ୍ଦି ଓ ରାସ୍ତାକଡରେ ବିକ୍ରି ହେଉଥିବା ଗୁପଚୁପ୍, ଚାଟ୍ ଓ ଦହିବରା ଆଦି ଅସ୍ଥାୟୀ ଖାଦ୍ୟ ପ୍ରସ୍ତୁତ ଦୋକାନ କଥା ନ କହିବା ଭଲ। ବଜାରରେ ରହିଥିବା ଜଳଖିଆ ଦୋକାନ ଓ ହୋଟେଲରେ ପାଟି ସୁଆଦିଆ ଖାଦ୍ୟ ଖାଇ ଅନେକ ଲୋକ ପେଟ ରୋଗକୁ ଆମନ୍ତ୍ରଣ କରୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲା ଖାଦ୍ୟ ସୁରକ୍ଷା ଅଫିସର (ଏଫ୍‌ଏସ୍‌ଓ) ସତ୍ୟଜିତ ପଟ୍ଟେଲ କୁହନ୍ତି, ସମଗ୍ର ଜିଲାର ବିଭିନ୍ନ ସ୍ଥାନରେ ଥିବା ଢାବା, ଜଳଖିଆ ଦୋକାନ ଓ ହୋଟେଲରେ ଚଢାଉ ଜାରି ରହିଛି। ପୂର୍ବ ଅପେକ୍ଷା ଏବେ ଖାଦ୍ୟର ମାନ ପରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି। ଦୁଇମାସ ମଧ୍ୟରେ ୪୦ରୁ ଅଧିକା ଖାଦ୍ୟ ନମୁନା ସଂଗ୍ରହ କରାଯାଇ ଲାବରେଟୋରିକୁ ପଠାଯାଇଛି। ରିପୋର୍ଟ ମିଳିବା ପରେ ସମ୍ପୃକ୍ତ ଢାବା, ହୋଟେଲ, ରେଷ୍ଟୁରାଣ୍ଟ, ଜଳଖିଆ ଦୋକାନୀଙ୍କ ଉପରେ ପଦକ୍ଷେପ ନିଆଯିବ।

### ଆଇନକୁ ନାହିଁ ଖାତିର

୨୦୧୧ରେ ସରକାରଙ୍କ ପକ୍ଷରୁ ଖାଦ୍ୟ ପଦାର୍ଥର ଗୁଣାତ୍ମକମାନ ପରୀକ୍ଷଣ ଓ ଯାଞ୍ଚ ପାଇଁ ଏକ ଆଇନ କାର୍ଯ୍ୟକାରୀ ହୋଇଛି। ବିଷାକ୍ତ ଓ ଅପମିଶ୍ରିତ ଖାଦ୍ୟ ପଦାର୍ଥ ସେବନରୁ ଜନସାଧାରଣଙ୍କୁ ସୁରକ୍ଷା ଓ ବିକ୍ରି ବନ୍ଦ କରିବା ଏହି ଆଇନର ମୂଳ ଲକ୍ଷ୍ୟ। ଏଥିସହ ଯାଞ୍ଚ ଓ ଧରପଗଡ ବେଳେ ଜରିମାନା ଓ ଜେଲଦଣ୍ଡ ଆଦି ବ୍ୟବସ୍ଥା ରହିଛି। ହେଲେ ବିଭାଗ ପକ୍ଷରୁ ଆଇନକୁ କାର୍ଯ୍ୟକାରୀ କରା ନ ଯାଇ ଶୀତଳଭଣ୍ଡାରକୁ ଠେଲି ଦିଆଯାଉଛି। ଅଭିଯୋଗ ହେଲେ ଚଢାଉ ହେଉଛି। ଅପମିଶ୍ରଣ ଖାଦ୍ୟକୁ ଜବତ କରାଯାଉଛି। ତାହାକୁ ପରୀକ୍ଷଣ କରିବାକୁ ଲାବରେଟୋରିକୁ ପଠାଇ ଦିଆଯାଉଛି। ପଦକ୍ଷେପ ସେତିକିରେ ଚାପି ଦିଆଯାଉଛି। ଏଣେ ବିକ୍ରେତାମାନେ ଆଇନକୁ ତିଳେମାତ୍ର ଖାତିର ନ କରି ପୁଣି ସେହି ବିଷାକ୍ତ ଖାଦ୍ୟ ପଦାର୍ଥ ବିକ୍ରିକରି ଚାଲିଛନ୍ତି।

### ମନେପଡ଼ିଲେ କଟକଣା

ସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିବାକୁ ସରକାରୀ ନିୟମ ରହିଛି। ତେବେ ଏହାକୁ ଉଲ୍ଲଙ୍ଘନ କରି ଅଧିକ ଲାଭ ଆଶାରେ ମାଲିକମାନେ ପଚାଶଢା ଓ ଅପମିଶ୍ରଣ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ବିଶେଷକରି ହୋଟେଲ, ରେଷ୍ଟୁରାଣ୍ଟ, ଜଳଖିଆ ଦୋକାନରେ ବାସି ଖାଦ୍ୟ ପଦାର୍ଥ ଲୋକଙ୍କୁ ଦିଆଯାଉଛି। ସେପରି ଗ୍ରୋସରୀ ଓ ଶିଶୁ ଖାଦ୍ୟ ଦୋକାନରେ ସାମଗ୍ରୀର ଏକ୍ସପାଏରୀ ତାରିଖ ଚାଲିଯାଇଥିଲେ ମଧ୍ୟ ତାହାକୁ ବିକ୍ରି କରାଯାଉଛି। ତେବେ ଅଭିଯୋଗ ପରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ମନେପଡିଲେ କଟକଣା କରାଯାଉଛି। ଯଦି ବିଭାଗ ପକ୍ଷରୁ ବାରମ୍ବାର କଟକଣା କରାଯାଆନ୍ତା, ତେବେ ଯାଇ ଏହାକୁ ରୋକାଯାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ହେଉନି ଖାଦ୍ୟର ଗୁଣବତ୍ତା ଯାଞ୍ଚ

ଖୋର୍ଦ୍ଧା ସହରରେ ୧୦ରୁ ଅଧିକ ରେଷ୍ଟୁରାଣ୍ଟ ଓ ୨୫ ରୁ ଊର୍ଦ୍ଧ୍ୱ ଛୋଟ ବଡ ହୋଟେଲ ରହିଛି। ସେହିପରି ଖୋର୍ଦ୍ଧାରୁ ଜଟଣୀ, ଖୋର୍ଦ୍ଧାରୁ ବୋଲଗଡ ଓ ଖୋର୍ଦ୍ଧାରୁ ବାଲୁଗାଁକୁ ଯାଇଥିବା ଜାତୀୟ ରାଜପଥ କଡରେ ମାଳ ମାଳ ଢାବା, ଅସ୍ଥାୟୀ ଦୋକାନ ରହିଛି। ସେହିପରି ବଡ ବଡ ରେଷ୍ଟୁରାଣ୍ଟ, ହୋଟେଲ ଓ ଜଳଖିଆ ଦୋକାନ ଅଛି। ହେଲେ କେତେକ ଦୋକାନ ଅଧିକ ଲାଭ ନିଶାରେ ପଚାଶଢା ଖାଦ୍ୟରେ କେମିକାଲ ଦେଇ ସୁଷମ ଖାଦ୍ୟ କରି ଲୋକଙ୍କୁ ପରଷୁଛନ୍ତି। ଖାଦ୍ୟର ଗୁଣବତ୍ତା ଯାଞ୍ଚ ହେଉନି କି ମାନ ପରୀକ୍ଷଣ କରାଯାଉନାହିଁ। ବିଶେଷକରି ଖୋର୍ଦ୍ଧା ସହର, ଜଙ୍କିଆ, ବେଗୁନିଆ, ବାଘମାରୀ, ସୁନାଖଳା, ବାଣପୁର, ଜଟଣୀ ଆଦି ଅଞ୍ଚଳରେ ମାଳ ମାଳ ଅସ୍ଥାୟୀ ଖାଦ୍ୟ ଦୋକାନରେ ଲୋକେ ଖାଇ ରୋଗକୁ କିଣୁଛନ୍ତି।



ବିପଦର ଆଶଙ୍କା ପାଇଲେ କଇଁଛ ଯେପରି ତା'ର ଖୋଳ ଭିତରେ ନିଜକୁ ସଙ୍କୁଚିତ କରିଆଣେ, ସେହିପରି ଅତିଶୟ ଇନ୍ଦ୍ରିୟ ଭୋଗ ବା କାମ ପିପାସା ଜାଗ୍ରତ ହେଲେ ବିଜ୍ଞବ୍ୟକ୍ତି ଆତ୍ମସଂଯମର ଖୋଳ ଭିତରେ ନିଜର ଆତ୍ମରକ୍ଷା କରେ । -ମହାବୀର ଜୈନ



## ସଂକ୍ଷେପରେ

### ଅଲାରନାଥଙ୍କୁ ଅବିର ଲାଗି

ବ୍ରହ୍ମଗିରି, ୫।୩(ଡି.ଏନ୍.ଏ):ଫଗୁ ଦଶମୀ ଓ ଦୋଳଯାତ୍ରା ଉପଲକ୍ଷେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ବ୍ରହ୍ମଗିରିର ମହାପ୍ରଭୁ ଅଲାରନାଥ ଗୁରୁବାର ଅବିର ଲାଗି ହୋଇଛନ୍ତି । ଏ ନେଇ ମନ୍ଦିର ପରିଚାଳନା କମିଟି ତରଫରୁ ଫଗୁ ଓ ଚଣା ଶାକର ଯୋଗାଇ ଦିଆଯାଇଛି। ସକାଳୁ ମନ୍ଦିର ପହୁଡ଼ ଖୋଲିବା ପରେ ସମସ୍ତ ନୀତିକାନ୍ତି କରାଯାଇଥିଲା। ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା, ଲକ୍ଷ୍ମୀ, ସରସ୍ୱତୀ ଓ ମଦନ ମୋହନ ବିମାନରେ ମନ୍ଦିର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ଅବିର ଲାଗି କରାଯାଇଥିଲା। ଦ୍ୱାଦଶୀଠାରୁ ଶ୍ରୀଜୀଉ ତାଙ୍କର ସେବାୟତ ଗ୍ରାମ ଅଲାରପୁର, ଗୋପ ଓ ବେଣ୍ଟପୁରକୁ ଯାଇ ଚାଟେରୀ ଭୋଗ ଖାଇବେ।

### ଦମ୍ପତିଙ୍କୁ ଡରାଇ ନେଇଗଲେ ମେଣ୍ଢା, ଛେଳି

ସାକ୍ଷୀଗୋପାଳ, ୫।୩(ଡି.ଏନ୍.ଏ/ସ୍ୱ.ପ୍ର.) ସତ୍ୟବାଦୀ ଥାନା ଅଧୀନ କାଦୁଆ ଛକ ଅଞ୍ଚଳରେ ଏକ ଦମ୍ପତିଙ୍କୁ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ଗୁହାଳରୁ ୯ଟି ଛେଳି ଓ ମେଣ୍ଢା ନେଇଯାଇଛନ୍ତି। ସୂଚନା ଅନୁଯାୟୀ, ବିକ୍ରମ ବେହେରା ଓ ତାଙ୍କ ସ୍ତ୍ରୀ ମମତା ବୁଧବାର ରାତିରେ ଶୋଇଥିବାବେଳେ ଏକ ଗାଡ଼ିରେ ୩ଜଣ ଦୁର୍ବୃତ୍ତ ଆସି ତାଙ୍କ କବାଟ ଭାଙ୍ଗି ଗୁହାଳରେ ପଶିଥିଲେ। ପାଖ କୋଠରୀରେ ଶୋଇଥିବା ଏହି ଦମ୍ପତି ଉଠିଯିବାରୁ ତାଙ୍କ ମୁଣ୍ଡରେ ବନ୍ଧୁକ ଓ ଭୁଜାଲି ଲଗାଇ ପାଟି ନ ଖୋଲିବାକୁ ଧମକ ଦେଇଥିଲେ। ଗୁହାଳରୁ ୮ଟି ମେଣ୍ଢା ଓ ଗୋଟିଏ ଛେଳି ନେଇଯାଇଥିଲେ। ଏମାନଙ୍କର ମୂଲ୍ୟ ପ୍ରାୟ ୮୦ହଜାର ଟଙ୍କା ହେବ। ଏ ନେଇ ବିକ୍ରମ ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଭୋଳାନାଥ ମଲ୍ଲିକଙ୍କ ଗୁହାଳରୁ ୨ଟି ଛେଳି ଚୋରି ହୋଇଥିବା ଅଭିଯୋଗ ହୋଇଛି।

### ଦମ୍ପତିଙ୍କୁ ଆକ୍ରମଣ: ୨ ଗିରଫ

ସାକ୍ଷୀଗୋପାଳ, ୫।୩(ଡି.ଏନ୍.ଏ): ନୂଆ ସୋମେଶ୍ୱରପୁର ଗ୍ରାମର ନାରାୟଣ ପ୍ରଧାନ ଓ ତାଙ୍କ ସ୍ତ୍ରୀ ସରୋଜିନୀ ପ୍ରଧାନଙ୍କୁ ଆକ୍ରମଣ ଅଭିଯୋଗରେ ସତ୍ୟବାଦୀ ପୋଲିସ ମନୋଜ କୁମାର ମହାପାତ୍ର ଓ ନିରଞ୍ଜନ ମହାପାତ୍ରଙ୍କୁ ଗୁରୁବାର ଗିରଫ କରିଛି। ନାରାୟଣଙ୍କ ମୁଣ୍ଡ ଫାଟିଥିବାବେଳେ ସରୋଜିନୀଙ୍କ ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଉଭୟ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମନୋଜ ଗାଁ ଦାଣ୍ଡକୁ ଗାଧୁଆ ପାଣି ଛାଡ଼ିବାକୁ ନାରାୟଣ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମନୋଜ ଓ ତାଙ୍କ ପରିବାର ଉତ୍ତ୍ୟକ୍ତ ହୋଇ ଆକ୍ରମଣ କରିଥିଲେ ବୋଲି ସରୋଜିନୀ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ଦେବୀ ପ୍ରସାଦ ଦାସ ଏବଂ ଏସ୍ଆଇ ବସନ୍ତ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ସଂକ୍ରାନ୍ତରେ କେସ ନଂ. ୫୯/୨୦ ରୁଜୁ ହୋଇଛି।

### ପଞ୍ଚାୟତିରାଜ ଦିବସ

କଣାସ/ ପିପିଲି/ ବଲଙ୍ଗା,(ସ୍ୱ.ପ୍ର./ଡି.ଏନ୍.ଏ.) ୫।୩: କଣାସ ବ୍ଲକ କାର୍ଯ୍ୟାଳୟରେ ଗୁରୁବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧକ୍ଷ ରମେଶ ଚନ୍ଦ୍ର ସେଠୀ ଅଧକ୍ଷତା କରିଥିଲେ। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ବିଡିଓ ମଙ୍ଗଳସିଙ୍ଗ୍ ହେମ୍ବ୍ରମ୍, ପଞ୍ଚାୟତ ସମିତି ଉପାଧକ୍ଷା ସସ୍ମିତା ସୁନ୍ଦରାୟ, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣୀ ଖଟେଇ ଯୋଗଦେଇ ବିଜୁବାବୁଙ୍କ ସ୍ୱପ୍ନକୁ ତାଙ୍କ ପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାକାର କରିପାରିଛନ୍ତି ବୋଲି କହିଥିଲେ। ସେହିପରି ବଲଙ୍ଗାର ଶାଇଂଶ ଶାସନ ପଞ୍ଚାୟତ ସଭାଗୃହରେ ସରପଞ୍ଚ ଗୀତାଞ୍ଜଳି ପ୍ରଧାନଙ୍କ ଅଧକ୍ଷତାରେ ହୋଇଥିବାବେଳେ ବଲଙ୍ଗା ପଞ୍ଚାୟତରେ ସରପଞ୍ଚ ଅଜିତ କୁମାର ଦଳେଇଙ୍କ ସଭାପତିତ୍ୱରେ, ରୂପଦେଈପୁର ପଞ୍ଚାୟତରେ ସରପଞ୍ଚ ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିଲା। ପିପିଲି ବ୍ଲକରେ ବିଡିଓ ଗୌରବମୟ ପ୍ରଧାନଙ୍କ ଅଧକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳନ ହୋଇଯାଇଛି। ଏଥିରେ ବ୍ଲକ ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ, ସମିତିସଭ୍ୟ ଧରଣୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରତିଭା ଚୟନ ନେଇ ଅସନ୍ତୋଷ

ପୁରୀ ଅଫିସ,୫।୩: ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଘୋଷିତ ସମ୍ବର୍ଦ୍ଧିତ ସାହିତ୍ୟ ପ୍ରତିଭା ଚୟନକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପୁରୀର ସାହିତ୍ୟିକ ଓ ପାଠକବୃନ୍ଦ। ଏ ନେଇ ସେମାନେ ବୁଧବାର ଏକାଡେମୀ ସଚିବଙ୍କ ନିକଟକୁ ପ୍ରତିବାଦ ପତ୍ର ପଠାଇଛନ୍ତି। ଏଥିରେ ଦର୍ଶାଇଛନ୍ତି ଯେ, ଓଡ଼ିଆ ସାହିତ୍ୟକୁ ଅନେକ ଦୃଷ୍ଟିରୁ ସମୃଦ୍ଧ ଓ ଗର୍ବିତ କରିଥିବା ଏବଂ ଜୀବନର ସାୟାହ୍ନରେ ପହଞ୍ଚିଥିବା ଅନେକ ପ୍ରତିଭାଙ୍କୁ ଅଣଦେଖା କରାଯାଇଛି। କେଉଁ ମାପଦଣ୍ଡ ଆଧାରରେ ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ପତ୍ର ପ୍ରେରକମାନେ ପ୍ରଶ୍ନ କରିଛନ୍ତି।

# ଶ୍ରୀମନ୍ଦିରରେ ଜାଣିଶୁଣି ନୀତି ବିଳମ୍ବ

**କାଟୁନି କଟକଣା**
- ଦୁଇ ସେବାୟତଙ୍କ ମଧ୍ୟରେ ଗଣ୍ଡଗୋଳ
- ୨ ଘଣ୍ଟା ବିଳମ୍ବରେ ବାହାରିଲା ମହାପ୍ରସାଦ
- ରିପୋର୍ଟ ମାଗିଲେ ନୀତି ପ୍ରଶାସକ

ପୁରୀ ଅଫିସ, ୫।୩:

ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରକାର ବିଭ୍ରାଟ କିମ୍ବା ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ। ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିରରେ ନୀତିକାନ୍ତି ଶୃଙ୍ଖଳିତ କରିବା ଲାଗି ଏମିତି ଏକାଧିକ କଟକଣା ଜାରି କରିଛି ମନ୍ଦିର ପ୍ରଶାସନ। ହେଲେ ଏହି କଟକଣା କେତେଜଣ ସେବାୟତଙ୍କୁ କାଟୁ କରୁନାହିଁ। ସେମାନଙ୍କ ମନମାନି ଯୋଗୁ ଠାକୁରଙ୍କ ନୀତିରେ ବିଳମ୍ବ ହେଉଛି, ମହାପ୍ରସାଦ ଡେରିରେ ବାହାରୁଛି। ଫଳରେ ଭକ୍ତମାନେ ଅବଢ଼ା ନ ପାଇ ନିରାଶରେ ଫେରୁଛନ୍ତି। ଧାର୍ଯ୍ୟ ସମୟରେ ଭୋଗମଣ୍ଡପ ଉଠିବା ପାଇଁ ପଦକ୍ଷେପ ନିଆଯାଉଥିବା ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିବା ପରେ ଗୁରୁବାର ପୁଣି ନୀତିରେ ବିଳମ୍ବ ହୋଇଛି। ଦୁଇ ସେବାୟତଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁ ଅପରାହ୍ନରେ ସାଢେ ୩ଟାରେ ବାହାରିଛି ମହାପ୍ରସାଦ। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୁଦଶା ବ୍ରତ ଯୋଗୁ ଗୁରୁବାର ସକାଳୁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ହୋଇଥିଲା। ସକାଳ ଧୂପରେ ଅଧିକ ଭୋଗ ଡୋଳାଯାଉଥିଲା। ଭୋଗ ତୋଳା ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ସୁଆରବଡ଼ୁ ସେବକ ଭିତରେ ପାଣି ପକାଇଥିଲେ। ପାଣି ଛିଟିକି ଜଣେ ସୁଆର ସେବକଙ୍କ ଡାଲିରେ ପଡ଼ିଥିଲା। ଫଳରେ ସମ୍ପୃକ୍ତ ସୁଆର ସେବକ ରାଗିଯାଇ ସୁଆରବଡ଼ୁ ସେବକଙ୍କୁ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସମ୍ପୃକ୍ତ ସୁଆର ସେବକ ସୁଆରବଡ଼ୁ ସେବକଙ୍କୁ ଗାଳି କରିଥିଲେ। ତେଣୁ ସେ ଧରିଥିବା ଗରା ଫୋପାଡି ଦେଇ କିପରି ଭଅଣ୍ଡ ଆଜି ବାହାରିବ କହି ପଳାଇଥିଲେ। ଏଥିଯୋଗୁ ଏହିଠାରୁ ନୀତି ବିଳମ୍ବ ଆରମ୍ଭ ହୋଇଥିଲା। ଉଭୟଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ କଥା ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟରେ ପହଞ୍ଚିଥିଲା। ପରସ୍ପର ନାଁରେ ଥାନାରେ ଅଭିଯୋଗ କରିବେ ବୋଲି ଶୁଣିବାକୁ ମିଳିଥିଲା। ଶେଷରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏଥିରେ ହସ୍ତକ୍ଷେପ କରିଥିଲେ। ଉଭୟଙ୍କୁ ଡାକି ବୁଝାଶୁଝା କରିଥିଲେ। ଆପୋସ ବୁଝାମଣା ପରେ ପୁଣି ନୀତି ଆରମ୍ଭ ହୋଇଥିଲା। ତେବେ ଭୋଗମଣ୍ଡପ ବଢ଼ିବାରେ ପ୍ରାୟ ୨ଘଣ୍ଟା ବିଳମ୍ବ ହୋଇଥିଲା। ଅପରାହ୍ନ ୩ଟା ପରେ ବାହାରିଥିଲା ମହାପ୍ରସାଦ। ଅବଢ଼ା ପାଇବାକୁ ଅପେକ୍ଷା କରିଥିବା ଅନେକ ଭକ୍ତ ଅସନ୍ତୋଷ ବ୍ୟକ୍ତ କରି ଆନନ୍ଦ ବଜାରରୁ ଫେରିଯାଇଥିଲେ।

ନୟାଗଡ଼ ଗଣିଆର ସୁବ୍ରତ ସାହୁ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ବିଶୃଙ୍ଖଳା ସୃଷ୍ଟି କରୁଥିବା ସେବାୟତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଏପରି ଘଟଣା ବାରମ୍ବାର ଘଟୁଛି। ସେହିପରି କଟକର ଛବିଳ ପରିଡ଼ା କହିଛନ୍ତି, ଜାଣିଶୁଣି ଠାକୁରଙ୍କ ନୀତିକାନ୍ତିରେ ବିଭ୍ରାଟ କରାଯାଉଛି। ଏ ଦିଗରେ ଶ୍ରୀମନ୍ଦିର ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ଦରକାର। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଉଭୟଙ୍କୁ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆଧାରରେ ପଦକ୍ଷେପ ଗ୍ରହଣ କରାଯିବ। ଏଣିକି ଯେ କେହି ଠାକୁରଙ୍କ ନୀତିକାନ୍ତିରେ ବିଭ୍ରାଟ କିମ୍ବା ବିଳମ୍ବ କରନ୍ତି ତାଙ୍କ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ।



ବ୍ୟାରିକେଡ୍ ପାଇଁ ଅଟକିଲେ ଠାକୁର: ଗୁରୁବାର ସନ୍ଧ୍ୟାରେ ଦୋଳ ନୀତି ପାଇଁ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କୁ ବିମାନରେ ଜଗନ୍ନାଥ ବଲ୍ଲଭ ମଠକୁ ନିଆଯାଉଥିବା ବେଳେ ବ୍ୟାରିକେଡ୍ ପଡିଥିବାରୁ ରାସ୍ତାରେ ଠାକୁର ଅଟକି ରହିଛନ୍ତି।

# ଦୀପଦାନ ବେଳେ ଠେଲାପେଲା

- ପୁରୀ ଜିଲା ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳନ

ପୁରୀ ଅଫିସ, ୫।୩:

ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ବେଳେ ପୁରୀ ଜିଲା ବିଜେଡିରେ କନ୍ଦଳ ପଦାକୁ ଆସିଛି। ଗୁରୁବାର ସକାଳେ ସିଂହଦ୍ୱାର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ବେଳେ ଦୁଇଜଣ ଆଗଧାଡ଼ିର ନେତୃତ୍ୱଙ୍କ ମଧ୍ୟରେ ଠେଲାପେଲା ହୋଇଛି। ଜଣେ ବରିଷ୍ଠ ନେତୃତ୍ୱ ଆଗରେ ଠିଆ ହୋଇ ଦୀପ ଧରିବା ପାଇଁ ଯାଉଥିବାବେଳେ ତାଙ୍କୁ ଅନ୍ୟଜଣେ ଯୁବ ନେତୃତ୍ୱ ପଛକୁ ଠେଲି ନିଜେ ଆଗରେ ଠିଆ ହୋଇଥିଲେ। ଫଳରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ କଥା କଟାକଟି ଓ ଠେଲାପେଲା ହୋଇଥିଲା। ଅନ୍ୟପକ୍ଷରେ ଏହି ଘଟଣା ନେଇ ବିରୋଧୀଙ୍କ ମହଲରେ ଏକପ୍ରକାର ଉତ୍ସାହ ଖେଳିଯାଇଛି। ଜିଲା ନଗର ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଜିଲାସ୍ତରୀୟ ଦଳୀୟ ନେତା ଓ କର୍ମୀ ସିଂହଦ୍ୱାରରେ ଏକାଠି ହୋଇଥିଲେ। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରି ବିଜୁବାବୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହାପରେ ମେଡିକାଲ ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସୁରେନ୍ଦ୍ର ନାଥ ଦାଶ, ସବ୍ୟସାଚୀ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ଗୌରହରି ପ୍ରଧାନ, ବିଜୟ ମିଶ୍ର, ଘନଶ୍ୟାମ ମର୍ଦ୍ଦରାଜ, ପ୍ରସନ୍ନ ମହାପାତ୍ର, ବଳାରାମ ରେଣ୍ଡୀ, ବିନୋଦିନୀ ଦାଶ ପ୍ରମୁଖ ଏଥିରେ ସାମିଲ ଥିଲେ। ସିଂହଦ୍ୱାରରେ ଦୁଇ ନେତୃତ୍ୱଙ୍କ ମଧ୍ୟରେ ଠେଲାପେଲା ସଂକ୍ରାନ୍ତରେ ନଗର ସଭାପତି ଦାସଙ୍କୁ ପଚାରିବାରେ ସେ ଦେଖିନାହାନ୍ତି, ପଛରେ ଏମିତି କିଛି ହୋଇଥିବା ଶୁଣିବାକୁ ପାଇଥିଲେ ବୋଲି କହିଛନ୍ତି। ସୂଚନାଥାଉ କି, ଗତବର୍ଷ ମଧ୍ୟ ବିଜୁବାବୁଙ୍କ ଜୟନ୍ତୀ ପାଳନ ବେଳେ ଜିଲା ବିଜେଡିରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଦୁଇ ଗୋଷ୍ଠୀ ପୃଥକ୍ ପୃଥକ୍ ଭାବେ ସିଂହଦ୍ୱାରରେ ସମୂହ ଦୀପଦାନ କରିଥିଲେ।



ସିଂହଦ୍ୱାର ସମ୍ମୁଖରେ ବିଜେଡି କର୍ମୀମାନେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦୀପଦାନ କରୁଛନ୍ତି।

# ବିଜୁବାବୁଙ୍କ ପରି ନିର୍ଭୀକ ହେବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ

ପୁରୀ ଅଫିସ, ୫।୩:

ସ୍ଥାନୀୟ ଟାଉନହଲ୍‌ରେ ଗୁରୁବାର ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ବିଜୁବାବୁଙ୍କ ଭଳି ନିର୍ଭୀକ ଓ ନିରପେକ୍ଷ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲାପାଳ ବଲୱନ୍ତ ସିଂ ପଞ୍ଚାୟତିରାଜ ବିଧି ବ୍ୟବସ୍ଥା ଦୃଢ଼ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ସ୍ୱାଧୀନତା ସଂଗ୍ରାମୀ ସୋମନାଥ ପାତ୍ର ଏବଂ ମୁଖ୍ୟବକ୍ତା ଡ. କୈଳାସ ଚନ୍ଦ୍ର ଟିକାୟତରାୟ କହିଥିଲେ, ତୃଣମୂଳସ୍ତରରୁ ବିକାଶ ହେବା ନିମନ୍ତେ ଆନ୍ତ୍ରିକ ପ୍ରୟାସର ଆବଶ୍ୟକତା ରହିଛି। ବିଜୁବାବୁଙ୍କ ନିଷ୍ଠା ଯୋଗୁ ରାଜ୍ୟରେ ଶିଳ୍ପ ବିକାଶ ସାଙ୍ଗକୁ ନୂତନ ଓଡ଼ିଶା ଗଠନ ଲାଗି ମୂଳଦୁଆ ପଡ଼ିଥିଲା। ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ବିଜୁବାବୁଙ୍କ ଜୀବନୀ ଉପରେ ସମ୍ୟକ ସୂଚନା ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ ପଞ୍ଚାୟତିରାଜ ଦିବସ ପାଳନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବିନାରାୟଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ମ୍ୟାନେଜର ପ୍ରଶାନ୍ତ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ। ଗୃହ ନିର୍ମାଣ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିଥିବା ବିଡିଓ ଏବଂ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ, ପଞ୍ଚାୟତ ସମିତି ଅଧକ୍ଷ, ଅଧକ୍ଷ, ଜିଲାସ୍ତରୀୟ ଅଧିକାରୀ, ଜିଲା ପରିଷଦ ସଦସ୍ୟ ଉପସ୍ଥିତ ଥିଲେ।

# ଅର୍ବାନ ହାଟରେ ବିଜୁବାବୁଙ୍କ ସ୍ମୃତିପୀଠ ହେଉ

ପୁରୀ ଅଫିସ, ୫।୩:

ସ୍ୱର୍ଗଦ୍ୱାର ଆଧୁନିକୀକରଣ ଲାଗି ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତିପୀଠକୁ ମଧ୍ୟ ହଟାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ବିଜୁ ବାବୁଙ୍କ ସମାଧି ପୀଠ ନିର୍ମାଣ କରାଯାଇ ନାହିଁ। ଫଳରେ ବିଜୁପ୍ରେମୀ ଏବଂ ବିଜୁ ବାବୁଙ୍କୁ ଭଲ ପାଉଥିବା ଓଡ଼ିଆଙ୍କ ହୃଦୟକୁ ଆଘାତ ଲାଗିଛି। ତୁରନ୍ତ ଅର୍ବାନ ହାଟ ପରିସରରେ ଏହି ମହାନ ଜନନାୟକଙ୍କ ସ୍ମୃତି ପୀଠ ନିର୍ମାଣ କରାଯାଉ। ତାଙ୍କ ସ୍ମୃତି ସ୍ୱରୂପ ଅର୍ବାନ ହାଟକୁ ବିଜୁ ସଂଗ୍ରହାଳୟ ନାମରେ ନାମିତ କରାଯାଉ। ବିଜୁ ବାବୁ ବ୍ୟବହାର କରିଥିବା ଐତିହାସିକ ଡାକୋଟା ବିମାନକୁ ଏଠାରେ ରଖାଯାଉ ବୋଲି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି।





ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଗୁରୁବାର ଦୟାଜ୍ୟୋତି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବସନ୍ତ ଉତ୍ସବରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ପୁରୀ ବାର୍ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ

ପୁରୀ ଅଫିସ, ୫।୩ :

ପୁରୀ ଜିଲା ଓକିଲ ସଂଘର ନିର୍ବାଚନ ଲାଗି ଗୁରୁବାର ପ୍ରାର୍ଥିପତ୍ର ଦାଖଲ କରାଯାଇଛି। ସଭାପତି ପଦବୀ ପାଇଁ ଭଗବାନ ମିଶ୍ର ଓ ପ୍ରେମାନନ୍ଦ ମହାନ୍ତି, ଉପସଭାପତି ଲାଗି ରବିନାରାୟଣ ପ୍ରଧାନ ଓ ଦେବୀ ପ୍ରସାଦ ମିଶ୍ର, ସମ୍ପାଦକ ନିମନ୍ତେ ସାରଦା ପ୍ରସାଦ ସାମଲ, ପ୍ରସନ୍ନ ମିଶ୍ର, ସୁଶାନ୍ତ ମିଶ୍ର ଏବଂ ଆତ୍ମାରଞ୍ଜନ ମହାନ୍ତି ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଯୁଗ୍ମସମ୍ପାଦକ ପଦବୀ ପାଇଁ ବିଭୂଦତ୍ତ ପଟ୍ଟନାୟକ, ପ୍ରତାପ ମହାପାତ୍ର, ନରେଶ ମହାନ୍ତି, ସୁରେଶ ମହାପାତ୍ର, ରତିକାନ୍ତ ପ୍ରତିହାରୀ, ରାମଚନ୍ଦ୍ର ମହାପାତ୍ର ଓ ସଂଗ୍ରାମ କେଶରୀ ଦାଶ ନାମାଙ୍କନ ଦାଖଲ କରିଛନ୍ତି। କାର୍ଯ୍ୟକାରୀ ସଦସ୍ୟ ପଦବୀ ପାଇଁ ଅନିଲ କୁମାର ସାହୁ, ଅଶୋକ ପାଣିଗ୍ରାହୀ, ଭାଗବତ ପଟ୍ଟନାୟକ, ସନ୍ତୋଷ କୁମାର ରାଉତ, ବିଶ୍ୱଜିତ ପ୍ରଧାନ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୬ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ରହିଛି। ଆସନ୍ତା ୭ରେ ପ୍ରାର୍ଥିପତ୍ର ଯାଞ୍ଚ, ୧୨ରେ ପ୍ରାର୍ଥୀଙ୍କ ନାମ ଘୋଷଣା, ୧୩ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ୨୮ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ ଆଇନଜୀବୀ ଶୁଭେନ୍ଦୁ ଦାଶ କହିଛନ୍ତି।

# ବିଜୁ ଜୟନ୍ତୀରେ ଚାହା ବାଣ୍ଟିଲେ ବ୍ରଜ

ପୁରୀ ଅଫିସ, ୫।୩:

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରିବା ସହ ମାଗଣାରେ ଚାହା ବାଣ୍ଟିଛନ୍ତି ପୁରୀର ବ୍ରଜ ସୁନ୍ଦର ନାୟକ। କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଦୁଗ୍ଧରେ ଚାହା ପ୍ରସ୍ତୁତ କରି ସେ ଲୋକଙ୍କୁ ବାଣ୍ଟିଥିଲେ। ଏହି ଅବସରରେ ବିଜେଡି ନଗର ସଭାପତି ଭକ୍ତ ଦାସ, ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ବହୁ ବିଜୁପ୍ରେମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ବସ୍‌ଷ୍ଟାଣ୍ଡ ନିକଟରେ ରହିଛି ବ୍ରଜଙ୍କର ଚାହା ଦୋକାନ। ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ବ୍ରଜ ଗତ କିଛି ବର୍ଷ ହେଲା ବିଜୁବାବୁଙ୍କ ଜୟନ୍ତୀ ପାଳନ କରିବା ସହ ଲୋକଙ୍କୁ ଚାହା ବାଣ୍ଟି ଆସୁଛନ୍ତି।



ଲୋକଙ୍କୁ ଚା' ବାଣ୍ଟୁଛନ୍ତି ବ୍ରଜ ସୁନ୍ଦର ନାୟକ।

# ବିଜୁବାବୁ ଥିଲେ ଅନନ୍ୟ ବ୍ୟକ୍ତିତ୍ୱ

ଗୋପ/କୋଣାର୍କ/ ସାକ୍ଷୀଗୋପାଳ, ୫।୩ (ଡି.ଏନ୍.ଏ):

ବିଜୁ ବାବୁ ଥିଲେ ଆମ ରାଜ୍ୟ ପାଇଁ ଏକ ଅନନ୍ୟ ବ୍ୟକ୍ତିତ୍ୱ। ସେ କେବଳ ଓଡ଼ିଶା ପାଇଁ ନୁହେଁ, ପୂରା ଭାରତବର୍ଷ ପାଇଁ ଚିନ୍ତା କରୁଥିଲେ ବୋଲି ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି। ଗୁରୁବାର ଗୋପ ବ୍ଲକ୍ ପରିସରର ବୈଠକ ଗୃହରେ ଆୟୋଜିତ ପଞ୍ଚାୟତିରାଜ ଦିବସ ଅବସରରେ ବ୍ଲକ୍ ଅଧକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ାଙ୍କ ଅଧକ୍ଷତାରେ ବିଡିଓ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ବଉଲାଙ୍ଗ ସରପଞ୍ଚ କମଳାକାନ୍ତ କୁଅଁର, ସମିତି ସଭ୍ୟ କରୁଣାକର ସାହ ଉପସ୍ଥିତ ରହି ବିଜୁ ବାବୁଙ୍କୁ ଭାରତ ରତ୍ନରେ ଭୂଷିତ କରିବା ଲାଗି ଦାବି କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଜନପ୍ରତିନିଧି ଯୋଗଦେଇଥିଲେ। ସେହିଭଳି ପ୍ରବାଦ ପୁରଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜୟନ୍ତୀ ପାଳନ ଅବସରରେ କାକଟପୁର ବର୍ଷୀୟାନ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ଦ୍ୱାରା କୋଣାର୍କରେ ଏକ ଶୋଭାଯାତ୍ରା କରିଥିଲେ। ଚନ୍ଦ୍ରଭାଗାରେ ପହଞ୍ଚି ସେଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ମନ୍ତ୍ରୀ ନାୟକ ପୁଷ୍ପମାଲ୍ୟ ଦେଇ ସ୍ମୃତିଚାରଣ କରିଥିଲେ। ଏହି ଶୋଭାଯାତ୍ରାରେ ମହିଳା ସଭାନେତ୍ରୀ ପୁଷ୍ପାରାଣି ସ୍ୱାଇଁ, ଯୁବନେତା ସୁଶାନ୍ତ ବେଉରା, କୋଣାର୍କ ନଗର ସଭାପତି ଗୋପାଳଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସାକ୍ଷୀଗୋପାଳରେ ପଞ୍ଚାୟତିରାଜ ପାଳନ ଅବସରରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪ଟି ପଞ୍ଚାୟତର ଶତାଧିକ ମହିଳା ଯୋଗଦେଇ ବିଜୁବାବୁଙ୍କୁ ସ୍ମୃତିଚାରଣ କରିଥିଲେ। ମହିଳାମାନଙ୍କ ନ୍ୟାର୍ଯ୍ୟ ଅଧିକାର ପାଇଁ ବିଜୁବାବୁଙ୍କ ନାମ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇଛି ବୋଲି ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ କହିଛନ୍ତି। ସମ୍ମାନିତ ଅତିଥି ବିଡିଓ ସରୋଜ ଦତ୍ତ, ପ୍ରହ୍ଲାଦ ଘଟୁଆରୀ, କନକଲତା ପଣ୍ଡା, ସ୍ୱାଧୀନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ବିଜେଡି କାଉନସିଲର ପିକଙ୍କ ସମେତ ୩ ଗିରଫ

- ୨ ବନ୍ଧୁକ ଜବତ
- ପାରା ଗୁଳିକାଣ୍ଡ

ପୁରୀ ଅଫିସ, ୫।୩ :



ପୋଲିସ ହାତରେ ଧରାପଡିଥିବା ଅଭିଯୁକ୍ତମାନେ।

ବହୁ ଚର୍ଚ୍ଚିତ ସଞ୍ଜୟ ବେହେରା ଓରଫ ପାରା ଗୁଳିକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ କୁମ୍ଭାରପଡ଼ା ପୋଲିସ ଗୁରୁବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୂର୍ବତନ ବିଜେଡି କାଉନସିଲର ତଥା ନବକଳେବର ରୋଡ୍ ମାଟିଆପଡ଼ା ଛକ ଅଞ୍ଚଳର ବାସିନ୍ଦା ପ୍ରଦୀପ୍ତ ନାୟକ(୪୫) ଓରଫ ପିକ, ରଘୁପତିନଗରର ମିଳନ ମିଶ୍ର (୩୨), ଫ୍ରେଣ୍ଡସ କ୍ଲବ ଲେନ୍‌ର ଆକୁନ ପରିଡ଼ା ଓରଫ ବାବିନା (୩୬)। ପୋଲିସ ମିଳନ ଓ ଆକୁନଙ୍କଠାରୁ ଦୁଇଟି ବନ୍ଧୁକ ଜବତ କରିଛି।

**ଗିରଫ ସଂଖ୍ୟା ୧୧ ଛୁଇଁଲା:**

ଏହି ମାମଲାରେ ପୋଲିସ ପୂର୍ବରୁ ଦୁର୍ଦ୍ଧାନ୍ତ ଅପରାଧୀ ଭାଗୀରଥି ପ୍ରଧାନ ଓରଫ ଭାଗୁଙ୍କ ସମେତ ଜିତେନ୍ଦ୍ର ସାହୁ, ତାପସ ସାମନ୍ତରାୟ ଓରଫ ଅନିଲ, କୁନା ପରିଡା ଓରଫ ବାବୁନି, ପ୍ରମୋଦ ଭୋଳ, ରଞ୍ଜନ ରାଉଳ, ଅର୍ପିତ ପଟ୍ଟନାୟକଙ୍କୁ ଗିରଫ କରିଥିଲା। ଅନ୍ୟତମ ଅଭିଯୁକ୍ତ ରମେଶ ପରିଡ଼ା ଓରଫ ଡେଙ୍ଗାମୁନା ନିମାପଡ଼ା କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏବେ ଆଉ ୩ଜଣଙ୍କୁ ମିଶାଇ ମୋଟ ଗିରଫ ସଂଖ୍ୟା ୧୧ରେ ପହଞ୍ଚିଛି।

**ସିସିଟିଭିରୁ ମିଳିଲା ସୁରାକ :**

ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ଏହି ମାମଲାରେ ସମ୍ପୃକ୍ତ ଥିବା ମିଳନ ଓ ଆକୁନଙ୍କ ସମ୍ପର୍କରେ ଖବର ପାଇ ପୁରୀ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ବାହାର ଜିଲାରୁ ଉଭୟଙ୍କୁ ଗିରଫ କରାଯାଇଥିଲା। ଜେରା ବେଳେ ସେମାନଙ୍କ ବୟାନ ଓ ହସ୍ତଗତ ତଥ୍ୟ ପ୍ରମାଣକୁ ଆଧାର କରି ପ୍ରଦୀପ୍ତ ନାୟକଙ୍କୁ ଗିରଫ କରାଯାଇଥିଲା। ଏହି ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସ ହାତରେ ଲାଗିଥିଲା ଏକ ସିସିଟିଭି ଫୁଟେଜ୍। ଏଥିରୁ ବହୁ ତଥ୍ୟ ପାଇଥିଲା ପୋଲିସ।

**ଘଟଣା ଥିଲା ଏମିତି :**

୨୦୧୮ ଡିସେମ୍ବର ୨୫ ବଡଦିନ ସକାଳ ୮ଟାରେ ଏହି ଗୁଳିକାଣ୍ଡ ଘଟିଥିଲା। ପାରା ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ଠିଆ ହୋଇଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଡେଙ୍ଗା ମୁନା ସହଯୋଗୀ ଜିତେନ୍ଦ୍ର ସାହୁ ଓରଫ ଜିତୁଙ୍କ ସହ ବିପରୀତ ଦିଗରୁ ଏକ ବାଇକରେ ଆସି ତାଙ୍କ ଉପରକୁ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାରାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

**ହତ୍ୟା ମାମଲା ରୁଜୁ ହୋଇଥିଲା:**

ଏ ନେଇ ପାରାଙ୍କ ପରିବାରର ଅଭିଯୋଗ କ୍ରମେ ପୋଲିସ ପ୍ରଥମେ ଆଇପିସି ଦଫା ୧୪୭, ୧୪୮, ୩୦୭, ୩୭୯, ୧୪୯, ୨୫ ଓ ୨୭ ଆର୍ମ୍ସ ଆକ୍ଟରେ କେସ୍ ରୁଜୁ କରିଥିଲା। ପରେ ଆଇପିସି ୩୦୨ ଦଫା ୧୨୦-ବି, ୨୦୧, ୩୪ ଆଇପିସି ଏବଂ ୨୫, ୨୭ ଆର୍ମ୍ସ ଆକ୍ଟ କେସ୍ ନଂ. ୨୮୩/୨୦୧୮ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା।